- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-101 ♦BHUBANESWAR ♦WEDNESDAY ♦4 OCTOBER 2023 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୦୧ ♦ଭୁବନେଶ୍ୱର ♦ବୁଧବାର ♦୪ ଅକ୍ଟୋବର ୨୦୨୩ ♦ପୃଷ୍ଠା-୧୬ ♦ଟ.୬.୦୦




୩ ପଦାର୍ଥ ବିଜ୍ଞାନୀଙ୍କୁ ନୋବେଲ୍ ପୁରସ୍କାର ▶ପୃଷ୍ଠା-୨

### 'ହୋମି ଭାବା କର୍କଟ ଗବେଷଣା ଏବଂ ଅନୁସନ୍ଧାନ କେନ୍ଦ୍ର'ର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

# ଜଟଣୀରେ କର୍କଟ ଚିକିତ୍ସା କେନ୍ଦ୍ର

- ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ; ମିଳିବ ଚିକିତ୍ସା ସୁବିଧା
- ରାଜ୍ୟ ସରକାର ଯୋଗାଇଦେଇଛନ୍ତି ୬୫ ଏକର ଜମି
- ସାଇକ୍ଲୋଟ୍ରନ୍ କେନ୍ଦ୍ର ପାଇଁ ୧୫୦ କୋଟି ଟଙ୍କା ସହାୟତା
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସହ ହେବ ଅନୁବନ୍ଧିତ
- ଯାତାୟାତ ପାଇଁ ବସ୍ ସେବା ଯୋଗାଇବେ ସରକାର
- ବିଏସ୍‌କେୱାଇରେ ପ୍ରତିମାସ ଖର୍ଚ୍ଚ ହେଉଛି ୨୨୫ କୋଟି



■ **ଭୁବନେଶ୍ୱର, ୩।୧୦ (ସମିସ):** ଆସନ୍ତା ୨୦୨୫ ଡିସେମ୍ବର ସୁଦ୍ଧା ନାଇଜର ପରିସରରେ କାର୍ଯ୍ୟକ୍ଷମ ହେବ କ୍ୟାନ୍‌ସର ହସପିଟାଲ। ଏହି ହସ୍ପିଟାଲ୍ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର କର୍କଟପୀଡ଼ିତମାନେ ଚିକିତ୍ସା ପାଇଁ ମୁମ୍ବାଇ କିମ୍ବା ଅନ୍ୟାନ୍ୟ ବଡ ସହରକୁ ନ ଯାଇ ରାଜ୍ୟରେ ଚିକିତ୍ସା ସୁବିଧା ପାଇବେ। କେବଳ ଓଡ଼ିଶା ନୁହେଁ ପଡ଼ୋଶୀ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଓ ଛତିଶଗଡ଼ର କ୍ୟାନସର ରୋଗୀ ମଧ୍ୟ ଉପକୃତ ହେବେ। ମଙ୍ଗଳବାର ଭୁବନେଶ୍ୱର ନିକଟସ୍ଥ ଜଟଣୀସ୍ଥିତ ନାଇଜର କ୍ୟାମ୍ପସରେ 'ହୋମି ଭାବା କର୍କଟ ଗବେଷଣା ଏବଂ ଅନୁସନ୍ଧାନ କେନ୍ଦ୍ର'ର ଭିତ୍ତିପ୍ରସ୍ତର ସ୍ଥାପନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି।

୨୦୦ ଶଯ୍ୟା ବିଶିଷ୍ଟ ଏହି ଗବେଷଣା ଓ ଅନୁସନ୍ଧାନ କେନ୍ଦ୍ର ବିଶ୍ୱର ଏକ ପ୍ରମୁଖ ଚିକିତ୍ସାଳୟ ଭାବେ ଓଡ଼ିଶା ଲୋକଙ୍କ ପାଇଁ କର୍କଟ ଚିକିତ୍ସା କ୍ଷେତ୍ରରେ ସହାୟକ ହେବ ଉଲ୍ଲେଖ କରି ଆର୍ଥିକ ଏବଂ ମାନସିକ ଦୁଃଖରୁ ବହୁ ପରିମାଣରେ ରକ୍ଷା କରିବ ବୋଲି ଆଶା ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ସରକାର, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ ଟାଟା ମେମୋରିଆଲ୍ କେନ୍ଦ୍ର ସହାୟତା ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇବା ସହ ରାଜ୍ୟ ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ହସ୍ପିଟାଲକୁ ଯିବା ଆସିବା ପାଇଁ ସ୍ୱତନ୍ତ୍ର ଓ ଚଉଡ଼ା ରାସ୍ତା ସହିତ ମୋ ବସ୍ ସେବା ଯୋଗାଇ ଦିଆଯିବ। ଏହା ସହିତ କର୍କଟ ହସ୍ପିଟାଲର ପାଇଁ ଏକ ଉତ୍ସର୍ଗୀକୃତ ଦମକଳ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାର ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଏହି ଡାକ୍ତରଖାନାକୁ ଅନୁବନ୍ଧିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୁନିଶ୍ଚିତ କରିଛନ୍ତି। ହସ୍ପିଟାଲ ପରିସରରେ ଏକ ଆହାର କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ▶ପୃଷ୍ଠା-୯

## ଯାଜପୁର ମେଡିକାଲ କଲେଜ ଶଯ୍ୟାସଂଖ୍ୟା ୪୨୦କୁ ବୃଦ୍ଧି

■ **ଯାଜପୁର/ଭୁବନେଶ୍ୱର, ୩।୧୦ (ସମିସ):** ଆସନ୍ତା ବର୍ଷ ଜୁନ୍ ମାସରେ ଯାଜପୁରର ଯଯାତିକେଶରୀ ମେଡିକାଲ କଲେଜ ଓ ହସ୍‌ପିଟାଲରେ ପ୍ରଥମ ବ୍ୟାଚ୍ ପାଇଁ ନାମଲେଖା ଆରମ୍ଭ ହେବ। ଏହି ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଭିତ୍ତିଭୂମିକୁ ସୁଦୃଢ଼ କରୁଛନ୍ତି ରାଜ୍ୟ ସରକାର। ସରକାର ଆଜି ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଶଯ୍ୟା ସଂଖ୍ୟା ୩୩୦ରୁ ୪୨୦କୁ ବୃଦ୍ଧି କରିଛନ୍ତି। ଏହି ଶଯ୍ୟା ବୃଦ୍ଧି ପୂର୍ବରୁ ନୂତନ ବିଲ୍ଡିଂ କାମ ଶେଷ ପର୍ଯ୍ୟାୟରେ ▶ପୃଷ୍ଠା-୯

**ଝାରସୁଗୁଡ଼ାରେ ସୁପରସ୍ପେଶାଲିଟି କ୍ୟାନସର୍ ହସ୍ପିଟାଲ**

### ▶▶ ଦିନକ ପୂର୍ବରୁ ସରିଲା ବିଧାନସଭା

# ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ପାରିତ

■ **ଭୁବନେଶ୍ୱର, ୩।୧୦(ସମିସ):** ନିର୍ଦ୍ଧାରିତ କାର୍ଯ୍ୟଦିବସର ଗୋଟିଏ ଦିନ ପୂର୍ବରୁ ଶେଷ ହୋଇଛି ଷୋଡ଼ଶ ବିଧାନସଭାର ତ୍ରୟୋଦଶ ଅଧିବେଶନ। କ୍ରମାଗତ ସପ୍ତମ ଦିନ ମଧ୍ୟ ବିଜେପି ବିଧାୟକମାନେ ହଟ୍ଟଗୋଳ କରି ଆଜି ଗୃହ ଅଚଳ କରିଛନ୍ତି। ବିଜେପିର ହଟ୍ଟଗୋଳ, ପାଟିତୁଣ୍ଡ ମଧ୍ୟରେ ଅର୍ଥମନ୍ତ୍ରୀ ଆଗତ କରିଥିବା ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ପାରିତ ହୋଇଛି। ବିଧେୟକ ପାରିତ ହେବା ପରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଗୃହକୁ ମୁଲତବୀ କରିବାକୁ ପ୍ରସ୍ତାବ ଆଣିଥିଲେ। ଅଧିବେଶନରେ ଆଉ କୌଣସି ସରକାରୀ କାର୍ଯ୍ୟ ବାକି ନଥିବାରୁ ଗୃହ ମୁଲତବୀ ପାଇଁ ସେ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ଏହାକୁ ସରକାରୀ ଦଳର ବିଧାୟକ ଶଶିଭୂଷଣ ବେହେରା ଓ ଅମର ପ୍ରସାଦ ଶତପଥୀ ସମର୍ଥନ କରିଥିଲେ। ଏହାପରେ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ମୁଲତବୀ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୨ ତାରିଖରେ ଅର୍ଥମନ୍ତ୍ରୀ ବିକ୍ରମ ▶ପୃଷ୍ଠା-୯



**ସାରା ଦିନ ଗୃହରେ ବିଜେପି ବିଧାୟକଙ୍କ ହଟ୍ଟଗୋଳ**

**ଅଧିବେଶନରେ ମୋଟ ୧୩ଟି ସରକାରୀ ବିଲ ଗୃହୀତ**

### ▶▶ 'ଶ୍ରଦ୍ଧା' ଅଧ୍ୟାୟରେ ଯବନିକା ଟାଣିଲେ ମୁଖ୍ୟମନ୍ତ୍ରୀ

# ଫସରଫାଟିଲା ବିଜେପିର ମିଛ ଏଜେଣ୍ଡା

■ **ଭୁବନେଶ୍ୱର, ୩।୧୦ (ସମିସ):** ବ୍ୟକ୍ତିଗତ ରାଜନୈତିକ ଅଭିସନ୍ଧି ପାଇଁ ବିଧାନସଭାରେ ବିଜେପି କିପରି ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଥିଲେ ତାହାର ଆଜି ବଡ଼ ପ୍ରମାଣ ମିଳିଛି। ଶ୍ରଦ୍ଧା ନାମ୍ନୀ ଜଣେ ଫିଜିଓଥେରାପିଷ୍ଟଙ୍କୁ ନେଇ ମୌସୁମୀ ଅଧିବେଶନରେ ଗୃହରେ ବାରମ୍ବାର ହଟଚମଟ ସୃଷ୍ଟି ପାଇଁ ଉଦ୍ୟମ କରିଥିବା ବିଜେପିକୁ କଡ଼ା ଜବାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶ୍ରଦ୍ଧା ଜଣେ ଫିଜିଓଥେରାପିଷ୍ଟ ଓ ମୋର ସ୍ୱାସ୍ଥ୍ୟର ଯତ୍ନ ନେବା ନିମନ୍ତେ ଦିବଙ୍ଗତ ଭଉଣୀ ଗୀତା ମେହେଟ୍ଟା ତାଙ୍କୁ ପଠାଇଥିଲେ। ଭୁବନେଶ୍ୱରରେ ତାଙ୍କୁ ଘର ଦିଆଯାଇଥିବା ନେଇ ବିରୋଧୀ ଦଳ ନେତା କରିଥିବା ଅଭିଯୋଗରେ କୌଣସି ସତ୍ୟତା ନାହିଁ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ପରୋକ୍ଷରେ ସୂଚାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରଦ୍ଧାଙ୍କୁ କୌଣସି ସରକାରୀ ଘର ଦିଆଯାଇ ନାହିଁ। ସେହିପରି ତାଙ୍କୁ ସରକାରଙ୍କ ପକ୍ଷରୁ କୌଣସି ଟ୍ରାଭେଲ ବିଲ୍(ଗସ୍ତ ▶ପୃଷ୍ଠା-୯

> "ଶ୍ରଦ୍ଧା ଜଣେ ଫିଜିଓଥେରାପିଷ୍ଟ; ମୋର ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତି
>
> ମୋ ଭଉଣୀ ଗୀତା ମେହେଟ୍ଟା ତାଙ୍କୁ ଏଠାକୁ ପଠାଇଥିଲେ
>
> ତାଙ୍କୁ କୌଣସି ସରକାରୀ ଘର ପ୍ରଦାନ ଅଭିଯୋଗ ଅମୂଳକ




## ଚୀନ୍ ଫଣ୍ଡିଂ ମାମଲାରେ 'ନ୍ୟୁଜକ୍ଲିକ୍'ର ୩୦ ଠିକଣାରେ ଚଢ଼ଉ

# କାର୍ଯ୍ୟାଳୟ ସିଲ୍, ପ୍ରତିଷ୍ଠାତା ଗିରଫ

ନୂଆଦିଲ୍ଲୀ, ୩।୧୦ (ଏଜେନ୍ସି): ଚୀନ୍ ଫଣ୍ଡିଂ ମାମଲାରେ ଅନ୍‌ଲାଇନ ନ୍ୟୁଜ୍ ୱେବସାଇଟ ନ୍ୟୁଜକ୍ଲିକ୍‌ର ୩୦ ଠିକଣାରେ ଦିଲ୍ଲୀ ପୁଲିସ ମଙ୍ଗଳବାର ଚଢ଼ଉ କରିଛି। ୱେବସାଇଟର କାର୍ଯ୍ୟାଳୟ ସିଲ୍ କରାଯିବା ସହିତ ପ୍ରତିଷ୍ଠାତା ପ୍ରବୀର ପୁରକାୟସ୍ଥ ଏବଂ ଅମିତ ଚକ୍ରବର୍ତ୍ତୀଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ୩୭ ଜଣ ପୁରୁଷ ଏବଂ ୯ ମହିଳାଙ୍କୁ ନିଜ ବାସଭବନରେ ଜେରା କରାଯାଇଛି। ଏହା ସହିତ ଡିଜିଟାଲ ଉପକରଣ ଏବଂ କାଗଜପତ୍ର ଜବତ କରାଯାଇଛି। ସୂଚନା ଅନୁଯାୟୀ ସକାଳେ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ଅଧିନରେ ରୁଜୁ ମାମଲାରେ ନ୍ୟୁଜକ୍ଲିକ୍ ଏବଂ ଏହାର ସାମ୍ବାଦିକଙ୍କ ଠିକଣାରେ ଚଢ଼ଉ କରାଯାଇଥିଲା। ସାମ୍ବାଦିକ ଅଭିସାର ଶର୍ମା, ଉର୍ମିଲେଶ, ଔନିନ୍ଦ୍ୟୋ ଚକ୍ରବର୍ତ୍ତୀ ଏବଂ ପରଞ୍ଜୟ ଗୁହା ଠାକୁରତା ସହିତ ଅନ୍ୟମାନଙ୍କ ଠିକଣାରେ ତଲାସୀ ନିଆଯାଇଥିଲା। ଏହି ୱେବସାଇଟ ଚୀନ୍ ସମର୍ଥନରେ ପ୍ରଚାରପ୍ରସାର ପାଇଁ ପାଣ୍ଠି ପାଇଥିଲା ବୋଲି ଅଭିଯୋଗ ହୋଇଥିଲା। ଏହି ଚଢ଼ଉ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଥିଲା। ଏଥିରେ ୫୦୦ ପୁଲିସ କର୍ମଚାରୀ ସାମିଲ ଥିଲେ। ସମସ୍ତେ ଶହେରୁ ଅଧିକ ସ୍ଥାନରେ ତଲାସୀ ଅଭିଯାନ ଚଳାଇ ଥିଲେ। ଏହି କାର୍ଯ୍ୟାନୁଷ୍ଠାନକୁ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ପକ୍ଷରୁ ବିରୋଧ କରାଯାଇଛି। ଗଣମାଧ୍ୟମର କଣ୍ଠରୋଧ କରିବାକୁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଯାଞ୍ଚ ଏଜେନ୍ସି ଗୁଡିକ ସ୍ୱାଧୀନ ଏବଂ ଆଇନ ଅନୁଯାୟୀ କାମ କରୁଛନ୍ତି ବୋଲି କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି।



## କାନାଡ଼ାର ୪୧ କୂଟନୀତିଜ୍ଞଙ୍କୁ ଭାରତର ନିର୍ଦ୍ଦେଶ

# ୧୦ ତାରିଖ ସୁଦ୍ଧା ଦେଶ ଛାଡ଼

ନୂଆଦିଲ୍ଲୀ, ୩।୧୦ (ଏଜେନ୍ସି):

ଜି-୨୦ ସମ୍ମିଳନୀରେ ନିନ୍ଦିତ ହେବା ପରେ ଭାରତ ବିରୋଧରେ ବିନା ପ୍ରମାଣରେ ଅଭିଯୋଗ ଲଗାଇ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ସମ୍ପୂର୍ଣ୍ଣ ଭାବେ ଫସି ଯାଇଛନ୍ତି। ନିଜ ଦେଶ ସହିତ ସାରା ବିଶ୍ୱରେ ତାଙ୍କୁ ନିନ୍ଦା କରାଯାଉଛି। ଏପରି ସମୟରେ ଖଲିସ୍ତାନୀ ଆତଙ୍କବାଦୀ ହର୍ଦୀପ ସିଂହ ନିଜ୍ଜାର ହତ୍ୟାକୁ ନେଇ କାନାଡ଼ା ଏବଂ ଭାରତ ମଧ୍ୟରେ ବିବାଦ ଗଭୀର ହେବାରେ ଲାଗିଛି। ଏବେ ଭାରତ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କାନାଡ଼ାର ୪୧ କୂଟନୀତିଜ୍ଞଙ୍କୁ ଦିଲ୍ଲୀ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ୧୦ ତାରିଖ ପର୍ଯ୍ୟନ୍ତ କଣ୍ଟ ଦିଆଯାଇଛି। ଏହି କୂଟନୀତିଜ୍ଞ ୧୦ ତାରିଖ ପରେ ଭାରତରେ ରହିଲେ ତାଙ୍କୁ ଦିଆଯାଇଥିବା ସମସ୍ତ ସୁବିଧାସୁଯୋଗକୁ ପ୍ରତ୍ୟାହାର କରି ନିଆଯିବ। କୂଟନୈତିକ ସୁବିଧା ବନ୍ଦ କରିଦିଆଯିବ। ସୂଚନାଯୋଗ୍ୟ ଯେ ଭାରତରେ କାନାଡ଼ାର ୬୨ କୂଟନୀତିଜ୍ଞ କାମ କରୁଛନ୍ତି। ୧୦ ତାରିଖ ପରେ ଆଉ ୨୧ ଜଣ ରହିବେ।





### ଏବେ ଭାରତରେ ଅଛନ୍ତି କାନାଡ଼ାର ୬୨ କୂଟନୀତିଜ୍ଞ

### ନରମିଲେ ଟ୍ରୁଡୋ: ସ୍ଥିତି ବିଗାଡିବାକୁ ଚାହୁଁନାହୁଁ

ଭିଏନା ଚୁକ୍ତିରେ କୂଟନୈତିକ ସମ୍ପର୍କ ଏବଂ ବିଦେଶରେ କୂଟନୀତିଜ୍ଞଙ୍କୁ ମିଳୁଥିବା ସୁବିଧା ବିଷୟରେ ଉଲ୍ଲେଖ କରାଯାଇଛି। ଏହା ଅନୁଯାୟୀ କୂଟନୀତିଜ୍ଞଙ୍କ ବିରୋଧରେ କେହି ମାମଲା ଚଳାଇ ପାରିବେ ନାହିଁ। ଗିରଫ ମଧ୍ୟ କରାଯାଇପାରିବ ନାହିଁ। ମାତ୍ର ଯଦି କୌଣସି କୂଟନୀତିଜ୍ଞଙ୍କ ରହୁଥିବା ଦେଶର ଆଇନ ଅନୁଯାୟୀ ଅପରାଧ କରେ ତେବେ ତାଙ୍କୁ ନିଜ ଦେଶକୁ ପଠାଇ ଦିଆଯିବ। ସେଠାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୂଟନୀତିଜ୍ଞଙ୍କ ଘରର ମଧ୍ୟ ତଲାସୀ ନିଆଯିବ ନାହିଁ। କୌଣସି ମାମଲାରେ ତାଙ୍କୁ ସାକ୍ଷୀ କରାଯାଇପାରିବ ନାହିଁ। ଏହା ପୂର୍ବରୁ ଭାରତର ବୈଦେଶିକ ମନ୍ତ୍ରାଳୟ କାନାଡ଼ାକୁ କୂଟନୀତିଜ୍ଞଙ୍କ ସଂଖ୍ୟା ହ୍ରାସ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲା। ଭିଏନା ଚୁକ୍ତି ଅନୁଯାୟୀ ଉଭୟ ଦେଶର ସମାନ ସଂଖ୍ୟକ କୂଟନୀତିଜ୍ଞ ରହିବା ଜରୁରୀ ବୋଲି କୁହାଯାଇଥିଲା। ଗତ ୧୮ ତାରିଖରେ କାନାଡ଼ା ପ୍ରଧାନମନ୍ତ୍ରୀ ଭାରତ ବିରୋଧରେ ନିଜ୍ଜାର ହତ୍ୟା ଅଭିଯୋଗ ଲଗାଇ ଜଣେ କୂଟନୀତିଜ୍ଞଙ୍କୁ ବାହାର କରି ଦେଇଥିଲେ। ଭାରତ ଏହାର ଦୃଢ଼ ଜବାବ ଦେଇଥିଲା। କାନାଡ଼ାର ଜଣେ କୂଟନୀତିଜ୍ଞଙ୍କୁ ଦେଶ ଛାଡ଼ିବାକୁ କହିଥିଲା। ଏହା ପରେ କାନାଡ଼ା ନାଗରିକଙ୍କ ପାଇଁ ଭିସା ସେବାକୁ ମଧ୍ୟ ବନ୍ଦ କରିଦେଇଥିଲା।

ଭାରତ ଜାତିସଂଘରେ ଏହି ପ୍ରସଙ୍ଗ ଉଠାଇ ଥିଲା। କାନାଡ଼ା ଖଲିସ୍ତାନୀ ଆତଙ୍କବାଦୀ ଏବଂ ଅପରାଧୀଙ୍କୁ ନିଜ ଦେଶରେ ଶରଣ ଦେଉଥିବା କୁହାଯାଇଥିଲା। ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ମାମଲାରେ ଜାତିସଂଘରେ ନାମ ନ ନେଇ କାନାଡ଼ାକୁ ତୀବ୍ର ସମାଲୋଚନା କରିଥିଲେ। ରାଜନୈତିକ ସୁବିଧା ପାଇଁ ଆତଙ୍କବାଦକୁ ବ୍ୟବହାର କରିବା ଅନୁଚିତ ବୋଲି କହିଥିଲେ। ସବୁ ଦେଶର ସାର୍ବଭୌମତ୍ୱକୁ ସମ୍ମାନ ଦେବା ଜରୁରୀ। ଆତଙ୍କବାଦ, ଚରମପନ୍ଥୀ ଏବଂ ହିଂସାକୁ ରାଜନୀତି ଆଧାରରେ ଦେଖିବା ଅନୁଚିତ। ଏହା ମଧ୍ୟରେ କାନାଡ଼ାରେ ଟ୍ରୁଡୋଙ୍କ ସମସ୍ୟା ବଢ଼ିବାରେ ଲାଗିଛି। କାନାଡ଼ା ନିର୍ବାଚନ ପୂର୍ବରୁ ଟ୍ରୁଡୋଙ୍କ ଲୋକପ୍ରିୟତା ରସାତଳଗାମୀ ହୋଇଛି। କାନାଡ଼ାରେ ମୂଲ୍ୟବୃଦ୍ଧି ଆକାଶ ଛୁଇଁଛି। ଏହା ଟ୍ରୁଡୋଙ୍କ ସଙ୍କଟକୁ ଦ୍ୱିଗୁଣିତ କରିଦେଇଛି। ୨୦୨୫ରେ ହେବାକୁ ଥିବା ନିର୍ବାଚନ ପାଇଁ ଟ୍ରୁଡୋଙ୍କ ଦଳ ଲିବରାଲ ପାର୍ଟି ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲାଣି। ସେ ନିର୍ବାଚନ ଜିତିବା ପାଇଁ ଶିଖ୍ଙ୍କ ଉପରେ ବାଜି ଲଗାଉଛନ୍ତି। ସେ ତରବରିଆ ଭାବେ ସବୁ ନିଷ୍ପତ୍ତି ନେଉଛନ୍ତି। ବିରୋଧୀ ଦଳଗୁଡିକ ଏବଂ ପୂର୍ବତନ ଏନଏସଏ ଏହି ନୀତି ପାଇଁ ଟ୍ରୁଡୋଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପ ଆଶ୍ଚର୍ଯ୍ୟ କରିଦେଇଛି ବୋଲି ଏନଏସଏ ରିଚାର୍ଡ ଫଦେନ କହିଛନ୍ତି। ଅନ୍ୟପକ୍ଷରେ କାନାଡ଼ା ବିରୋଧରେ ଭାରତର କାର୍ଯ୍ୟାନୁଷ୍ଠାନ ପରେ ଟ୍ରୁଡୋ ନରମ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ ଭାରତ ସହ ସ୍ଥିତି ବିଗାଡ଼ିବାକୁ ଚାହୁଁ ନ ଥିବା କହିଛନ୍ତି। ନୂଆଦିଲ୍ଲୀର ଦାୟିତ୍ୱପୂର୍ଣ୍ଣ ଏବଂ ରଚନାତ୍ମକ ଭାବେ ଜଡ଼ିତ ରହିବାକୁ ଚାହୁଁଛୁ। ନାଗରିକଙ୍କୁ ସାହାଯ୍ୟ କରିବା ପାଇଁ କାନାଡ଼ା ଭାରତ ମାଟିରେ ରହିବାକୁ ଚାହୁଁଛି।

## ଦ୍ୱିତୀୟ ମ୍ୟାଲେରିଆ ଟିକାକୁ 'ହୁ'ର ମଞ୍ଜୁରି

ଜେନେଭା, ୩।୧୦ (ଏଜେନ୍ସି): ବିଶ୍ୱର ଦ୍ୱିତୀୟ ମ୍ୟାଲେରିଆ ଟିକା ଆର୍‌୨୧କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ମଞ୍ଜୁରି ଦେଇଛି। ଏହି ଟିକା ଆସନ୍ତା ବର୍ଷଠାରୁ ବଜାରରେ ଉପଲବ୍ଧ ହେବ। ଏହାର ଗୋଟିଏ ଡୋଜ୍ର ମୂଲ୍ୟ ୧୬୬ରୁ ୩୩୨ ଟଙ୍କା ମଧ୍ୟରେ ରହିବ। ରିପୋର୍ଟ ଅନୁଯାୟୀ ଅକ୍ସଫୋର୍ଡ ୟୁନିଭର୍ସିଟି ଏହି ଟିକା ପ୍ରସ୍ତୁତ କରିଛି। ବିଶ୍ୱର ସବୁଠାରୁ ବଡ଼ ଟିକା ପ୍ରସ୍ତୁତକାରୀ କମ୍ପାନୀ ସିରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) ବର୍ଷକୁ ଏହି ଟିକାର ୧୦ କୋଟି ଡୋଜ୍ ବନାଇବା ପାଇଁ ଚୁକ୍ତି କରିଛି। ମ୍ୟାଲେରିଆ ସଂକ୍ରମିତଙ୍କୁ ଏହି ଟିକାର ୪ଟି ଡୋଜ୍ ନେବାକୁ ପଡ଼ିବ। ଦୁଇ ବର୍ଷ ତଳେ ୨୦୨୧ରେ 'ହୁ' ମ୍ୟାଲେରିଆର ପ୍ରଥମ ଟିକା ଆର୍‌ଟିଏସ୍,ଏସ/ଏଏସ୍‌୦୧କୁ ମଞ୍ଜୁରି ଦେଇଥିଲା। 'ହୁ' ସୂଚନା ଅନୁଯାୟୀ ଟିକା ଦ୍ୱାରା ୧୦ରୁ ୪ରୁ ମାମଲା ଉପରେ ରୋକ୍ ଲଗାଯାଇପାରିବ। ସେହିପରି ଗୁରୁତର ମାମଲାରେ ୧୦ରୁ ୩ ରୋଗୀଙ୍କ ଜୀବନ ବଞ୍ଚାଇ ହେବ। ସୂଚନାଯୋଗ୍ୟ ଯେ ୨୦୧୯ରେ ବିଶ୍ୱରେ ମ୍ୟାଲେରିଆ ଯୋଗୁଁ ୪.୦୯ ଲକ୍ଷ ଲୋକଙ୍କ ଜୀବନ ଯାଇଥିଲା।

## ଆମାଜନରେ ୭ ଦିନରେ ୧୦୦ ଡଲ୍‌ଫିନ୍ ମୃତ

ବ୍ରାସିଲିଆ, ୩।୧୦ (ଏଜେନ୍ସି): ବ୍ରାଜିଲର ଆମାଜନ ଅଞ୍ଚଳରେ ଭୟଙ୍କର ମରୁଡ଼ି ସ୍ଥିତି ସୃଷ୍ଟି ହୋଇଛି। ଏଠାକାର ପୋଖରୀ, ନଦୀ, ହ୍ରଦର ଜଳସ୍ତର ହ୍ରାସ ପାଇଛି। ଫଳରେ ଜଳର ତାପମାତ୍ରା ରେକର୍ଡ ସ୍ତରରେ ପହଞ୍ଚି ଯାଇଛି। କିଛି ସ୍ଥାନରେ ଏହା ୪୦ ଡିଗ୍ରୀ ସେଲ୍ସିୟସ ପାର୍ କରିଛି। ଏଥିଯୋଗୁଁ ଗତ ୭ ଦିନରେ ଟେଫେ ହ୍ରଦରେ ୧୦୦ରୁ ଅଧିକ ଡଲ୍‌ଫିନ୍‌ଙ୍କ ମୃତ୍ୟୁ ହୋଇଛି। ସ୍ଥିତିକୁ ଦେଖି ଡଲ୍‌ଫିନ୍‌ଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ବୈଜ୍ଞାନିକମାନେ ଏହାକୁ ଅସାଧାରଣ ଘଟଣା କହିଛନ୍ତି। ହ୍ରଦର ତାପମାତ୍ରା ଏବଂ ମରୁଡ଼ି ଯୋଗୁଁ ଏପରି ହୋଇଥାଇପାରେ ବୋଲି କୁହାଯାଉଛି। ବିଶ୍ୱର ସବୁଠାରୁ ବଡ଼ ଜଳମାର୍ଗ ଆମାଜନ ନଦୀରେ ମଧ୍ୟ ଜଳସ୍ତର ହ୍ରାସ ପାଇଛି। ଏହାର ପ୍ରଭାବ ନଦୀରେ ରହୁଥିବା ଜୀବଙ୍କ ଉପରେ ପଡୁଛି। ମରୁଡ଼ି ଯୋଗୁଁ ଅଞ୍ଚଳର ଲକ୍ଷେ ଲୋକ ମଧ୍ୟ ପ୍ରଭାବିତ ହୋଇଛନ୍ତି।

## ବାଲ୍ୟ ବିବାହ କରାଇ ୮୦୦ ଗିରଫ

ଦିଶପୁର, ୩।୧୦ (ଏଜେନ୍ସି): ଆସାମରେ ବାଲ୍ୟ ବିବାହ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ମଙ୍ଗଳବାର ୮୦୦ ଜଣଙ୍କୁ ଗିରଫ କରାଯାଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏହି ସୂଚନା ଦେଇଛନ୍ତି। ଫେବୃଆରୀ ୩ରୁ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟ କାର୍ଯ୍ୟାନୁଷ୍ଠାନରେ ୩,୦୧୫ ଲୋକଙ୍କୁ ଗିରଫ କରାଯାଇଥିଲା। ୧୪ ବର୍ଷରୁ କମ୍ ବୟସର ଯୁବତୀଙ୍କୁ ବିବାହ କରୁଥିବା ପୁରୁଷଙ୍କ ବିରୋଧରେ ପୋକ୍ସୋ ଆଇନ ଅନୁଯାୟୀ ମାମଲା ରୁଜୁ କରିବାକୁ ନିଷ୍ପତ୍ତି ନେଇଛି। ଏହା ସହିତ ୧୪ରୁ ୧୮ ବର୍ଷ ବୟସର ଯୁବତୀଙ୍କୁ ବିବାହ କରୁଥିବା ଲୋକ ବିରୋଧରେ ୨୦୦୬ର ବିବାହ ନିଷେଦ୍ଧ ଅଧିନିୟମ ଅନୁଯାୟୀ ମାମଲା ଚଳାଯାଉଛି। ରାଜ୍ୟରେ ମାତୃ ଏବଂ ଶିଶୁ ମୃତ୍ୟୁହାର ଅଧିକ ରହିଛି। ଏହା ଉପରେ କଟକଣା ଲଗାଇବା ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

## ରାମସେତୁକୁ ରାଷ୍ଟ୍ରୀୟ ସ୍ମାରକ ଘୋଷଣା ଦାବି ଖାରଜ



ନୂଆଦିଲ୍ଲୀ, ୩।୧୦ (ଏଜେନ୍ସି): ରାମସେତୁ ରାଷ୍ଟ୍ରୀୟ ସ୍ମାରକ ଘୋଷଣା କରିବାକୁ ନିର୍ଦ୍ଦେଶ ଦେବା ଦାବିରେ ଆଗତ ଏକ ଆବେଦନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଏହି ମାମଲା ଉପରେ ଶୁଣାଣି କରାଯିବ ନାହିଁ ବୋଲି କହିଛନ୍ତି। ତାମିଲନାଡୁର ଦକ୍ଷିଣ-ପୂର୍ବ ଉପକୂଳର ପାମ୍ବନ ଦ୍ୱୀପ ଏବଂ ଶ୍ରୀଲଙ୍କାର ଉତ୍ତର-ପଶ୍ଚିମ ଉପକୂଳରେ ଥିବା ମନ୍ନାର ଦ୍ୱୀପ ମଧ୍ୟରେ ରାମସେତୁ ରହିଛି। ଆବେଦନରେ ଉକ୍ତ ସ୍ଥାନରେ ଏକ କାନ୍ଥ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦାବି ପାଇଁ ମଧ୍ୟ ଦାବି କରାଯାଇଥିଲା। ହିନ୍ଦୁ ପର୍ସନାଲ ଲ' ବୋର୍ଡର ଅଧ୍ୟକ୍ଷ ଅଶୋକ ପାଣ୍ଡେ ଏହି ଆବଦେନ ଦାଏର କରିଥିଲେ।

## ମଲ୍‌ରେ ଗୁଳିକାଣ୍ଡ; ୪ ମୃତ

ବ୍ୟାଙ୍କକ, ୩।୧୦ (ଏଜେନ୍ସି): ଥାଇଲାଣ୍ଡ ବ୍ୟାଙ୍କକ ସହର ସ୍ଥିତ ସିଆମ ପ୍ରାଗନ ମଲ୍‌ରେ ମଙ୍ଗଳବାର ଗୁଳିକାଣ୍ଡ ଘଟିଛି। ଏଠାରେ ଜଣେ ନାବାଳକ (୧୪) ଆଖିବୁଜା ଗୁଳିମାଡ଼ କରିଛି। ଏହି ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ୩ ଜଣ ଆହତ ହୋଇଛନ୍ତି। ପୁଲିସ ହତ୍ୟାକାରୀକୁ ଗିରଫ କରିଛି। ତାକୁ ପଚରାଉଚୁରା କରାଯାଉଛି। ଏହି ଗୁଳିମାଡ଼ର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ ବାହାରେ ପ୍ରବଳ ବର୍ଷା ହେଉଥିବାରୁ ମଲ୍‌ରେ ଲୋକେ ଆଶ୍ରୟ ନେଇଥିଲେ। ଏହି ସମୟରେ ଗୁଳିମାଡ଼ ହେବାରୁ ଲୋକେ ନିଜକୁ ବଞ୍ଚାଇବା ପାଇଁ ଦୌଡ଼ି ପଳାଉଥିବା ଦେଖିବାକୁ ମିଳିଛି।

**ବାଂଲାଦେଶରେ ଡେଙ୍ଗୁ ସ୍ଥିତି ଅଣାୟତ୍ତ**

## ୧,୦୧୭ ମୃତ; ୨.୯ ଲକ୍ଷ ସଂକ୍ରମିତ

ଢ଼ାକା, ୩।୧୦ (ଏଜେନ୍ସି): ବାଂଲାଦେଶରେ ଡେଙ୍ଗୁ ଅଣାୟତ୍ତ ସ୍ଥିତି ସୃଷ୍ଟି କରିଛି। ଗତ ୯ ମାସରେ ଡେଙ୍ଗୁରେ ୧,୦୧୭ ଜଣଙ୍କ ମୃତ୍ୟୁ ହେଲାଣି। ଏହା ଗତ ବର୍ଷ ଅପେକ୍ଷା ୪ ଗୁଣ ଅଧିକ। ମୃତକଙ୍କ ମଧ୍ୟରେ ୧୫ ବର୍ଷରୁ କମ୍ ବୟସର ୧୧୨ ଶିଶୁ ସାମିଲ ଅଛନ୍ତି। ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ରେକର୍ଡ ଭାଙ୍ଗିଛି। ଏ ପର୍ଯ୍ୟନ୍ତ ୨ ଲକ୍ଷ ୯ ହଜାର ଲୋକ ସଂକ୍ରମିତ ହେଲେଣି। ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ସ୍ଥିତି ଏପରି ହୋଇଛି ଯେ ରୋଗୀଙ୍କୁ ଚିକିତ୍ସା ମିଳିପାରୁନାହିଁ। ହସ୍ପିଟାଲରେ ବେଡ୍ ଖାଲି ନାହିଁ। ଢ଼ାକାର ସହିଦ ଶୁହରାୱର୍ଦ୍ଦି ହସ୍ପିଟାଲର ଡାକ୍ତର ରଫିକୁଲ ଇସଲାମ କହିଛନ୍ତି ଯେ ଅଧିକାଂଶ ରୋଗୀ ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ଥର ପାଇଁ ସଂକ୍ରମିତ ହୋଇଛନ୍ତି। ଏଥିଯୋଗୁଁ ଗୁରୁତର ସ୍ଥିତି ସୃଷ୍ଟି ହୋଇଛି। ଅନେକ ମୃତ୍ୟୁ ସହ ଲଢ଼େଇ କରୁଛନ୍ତି। ସଂକ୍ରମିତ ହେବାର ଅନେକ ଦିନ ପରେ ବହୁତ ଲୋକ ମେଡିକାଲ ଆସୁଛନ୍ତି। ତେଣୁ ଚିକିତ୍ସା କରିବା କଷ୍ଟସାଧ ହୋଇଯାଉଛି।

## ଭୂକମ୍ପରେ ଥରିଲା ଦିଲ୍ଲୀ, ହରିୟାଣା, ଉତ୍ତରପ୍ରଦେଶ

ନୂଆଦିଲ୍ଲୀ, ୩।୧୦ (ଏଜେନ୍ସି): ଭୂକମ୍ପର ଜୋରଦାର୍ ଝଟ୍କାରେ ଥରିଛି ଦିଲ୍ଲୀ-ଏନ୍‌ସିଆର। ଏଥିଯୋଗୁଁ ଭୟର ବାତାବରଣ ଖେଳିଯାଇଛି। ଲୋକେ ଜୀବନ ବିକଳରେ ଅଫିସ ଏବଂ ଘରୁ ବାହାରି ବାହାରକୁ ପଳାଇ ଆସିଛନ୍ତି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନ୍ସୁଖ୍ ମାଣ୍ଡଭୀୟ ମଧ୍ୟ ଅଫିସ ବାହାରେ ବୁଲୁଥିବା ଦେଖାଯାଇଛି। ମଙ୍ଗଳବାର ଦ୍ୱିପହର ୨ଟା ୫୩ରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା। ରିଚର ସ୍କେଲରେ ଏହାର ତୀବ୍ରତା ୪.୬ ରହିଥିଲା। ନେପାଳର ବଝାଙ୍ଗରେ ଏହାର କେନ୍ଦ୍ର ଥିଲା।



ଦିଲ୍ଲୀ ସହିତ ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ହରିୟାଣା, ରାଜସ୍ଥାନ, ମଧ୍ୟପ୍ରଦେଶର କିଛି ଅଞ୍ଚଳରେ ମଧ୍ୟ ଝଟ୍କା ଅନୁଭୂତ ହୋଇଛି। ସୂଚନା ଅନୁଯାୟୀ ନେପାଳରେ ୨ ଥର ଭୂକମ୍ପ ହୋଇଛି। ପ୍ରଥମେ ୨ଟା ୨୫ରେ ୪.୬ ତୀବ୍ରତାର ଏବଂ ୨ଟା ୫୩ରେ ୬.୨ ତୀବ୍ରତାର ଭୂକମ୍ପ ହୋଇଥିଲା। ଉତ୍ତରପ୍ରଦେଶରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଏହାର ତୀବ୍ରତା ୫.୫ ରେକର୍ଡ କରାଯାଇଥିଲା। ସେହିପରି ରାଜସ୍ଥାନର ଜୟପୁର ଏବଂ ଅଲୱରରେ ୬ରୁ୭ ସେକେଣ୍ଡ ପର୍ଯ୍ୟନ୍ତ ତିନିରୁ ଚାରି ଝଟ୍କା ଲାଗିଥିଲା। ହରିୟାଣାରେ ଦିନକରେ ଦୁଇ ଥର ଭୂକମ୍ପ ହୋଇଛି। ପ୍ରଥମେ ସକାଳେ ୨.୭ ତୀବ୍ରତାର ମୃଦୁ ଭୂକମ୍ପ ଆସିଥିଲା। ପରେ ଦ୍ୱିପହରରେ ମଧ୍ୟମ ଧରଣର ଝଟ୍କା ଲାଗିଥିଲା। ତେବେ ଭୂକମ୍ପରେ କୌଣସି କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ।

## ଟ୍ରମ୍ପଙ୍କ ଉପରେ ୨ ହଜାର କୋଟି ଜରିମାନା ଲଗାଇବାକୁ ଦାବି

ୱାଶିଂଟନ, ୩।୧୦ (ଏଜେନ୍ସି): ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ସୋମବାର ନ୍ୟୁୟର୍କ କୋର୍ଟରେ ମାମଲା ଚାଲିଛି। ସେ ୧୦୦ ମିଲିୟନ ଡଲାର (୮୩୨ କୋଟି ଟଙ୍କା)ରୁ ଅଧିକ



ଦୁର୍ନୀତି କରିଥିବା ଅଭିଯୋଗ ଲାଗିଛି। ସେ ନିଜ ଜମି, ସମ୍ପତ୍ତି ବିଷୟରେ ମିଥ୍ୟା ତଥ୍ୟ ଦେଇ ଆୟ ବଢ଼ାଇଛନ୍ତି। ନ୍ୟୁୟର୍କର ଆଟର୍ଣ୍ଣି ଜେନେରାଲ ଲେଟିଟିଆ ଜେମ୍ସ ଟ୍ରମ୍ପଙ୍କ ବିରୋଧରେ ମାମଲା କରିଛନ୍ତି। ଟ୍ରମ୍ପଙ୍କ ବିରୋଧରେ ୨୫୦ ମିଲିୟନ ଡଲାର ( ୨ ହଜାର କୋଟି ଟଙ୍କା)ର ଜରିମାନା ଲଗାଇବାକୁ ସେ ଜଷ୍ଟିସ ଆର୍ଥର ଏଫ୍.ଏଙ୍ଗୋରେନଙ୍କ ନିକଟରେ ଦାବି କରିଛନ୍ତି। ଏହା ସହିତ ନ୍ୟୟର୍କରେ ଥିବା ଟ୍ରମ୍ପ ଏବଂ ତାଙ୍କର ଦୁଇ ପୁଅ ଡୋନାଲ୍ଡ ଜୁନିୟର ଏବଂ ଏରିକଙ୍କ ବ୍ୟବସାୟ ବନ୍ଦ କରିବାକୁ ନିବେଦନ କରିଛନ୍ତି। ଟ୍ରମ୍ପ ଏବଂ ତାଙ୍କ ସଂଗଠନ ଉପରେ ୫ ବର୍ଷ ପର୍ଯ୍ୟନ୍ତ କଟକଣା ଲଗାଇବାକୁ କହିଛନ୍ତି।

## ଆଲୋକର ସୂକ୍ଷ୍ମ ତରଙ୍ଗ ବନାଇବା ପ୍ରକ୍ରିୟାର ସନ୍ଧାନ

# ଅଗୋଷ୍ଟିନି, କ୍ରାଉସଜ, ହୁଲିୟରଙ୍କୁ ନୋବେଲ୍

ଷ୍ଟକହୋମ, ୩।୧୦ (ଏଜେନ୍ସି):



ରୟାଲ ସ୍ୱେଡିଶ ଏକାଡେମି ଅଫ୍ ସାଇନ୍ସ ମଙ୍ଗଳବାର ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଘୋଷଣା କରିଛି। ଚଳିତ ବର୍ଷ ପାଇଁ ତିନି ଜଣ ବୈଜ୍ଞାନିକଙ୍କୁ ଏହି ପୁରସ୍କାର ଦିଆଯାଇଛି। ଆଲୋକର ସୂକ୍ଷ୍ମ ତରଙ୍ଗ ବନାଇବା ପ୍ରକ୍ରିୟାର ସନ୍ଧାନ ଲାଗି ପିରେ ଅଗୋଷ୍ଟିନ, ଫେରେନ୍ସ କ୍ରାଉସଜ ଏବଂ ଆନେ ଏଲ'ହୁଲିୟରଙ୍କୁ ଏହି ପୁରସ୍କାର ମିଳିଛି। ପଞ୍ଚମ ମହିଳା ଭାବେ ହୁଲିୟର ପଦାର୍ଥ ବିଜ୍ଞାନରେ ନୋବେଲ ପାଇଛନ୍ତି। ଏ ପର୍ଯ୍ୟନ୍ତ ପଦାର୍ଥ ବିଜ୍ଞାନ କ୍ଷେତ୍ରର ୧୧୯ ଲୋକଙ୍କୁ ଏହି ସମ୍ମାନ ଦିଆଗଲାଣି। ତିନି ଜଣ ବିଜେତାଙ୍କୁ ୮.୩୩ କୋଟି ଟଙ୍କା ଏବଂ ପଦକ ଦିଆଯିବ। ଡିସେମ୍ବର ୧୦ରେ ଏହି ପୁରସ୍କାର ପ୍ରଦାନ କରାଯିବ। ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ ଏହି ତିନି ଜଣଙ୍କ ପରୀକ୍ଷଣକୁ ମାନ୍ୟତା ଦିଆଯାଇଛି। ଏମାନେ ବିଶ୍ୱକୁ ନୂଆ ଜ୍ଞାନକୌଶଳ ତଥା ଉପକରଣ ଦେଇଛନ୍ତି। ପରମାଣୁ ଏବଂ ଅଣୁ ଭିତରେ ଥିବା ଇଲେକ୍‌ଟ୍ରୋନ୍‌ର ନୂଆ ଦୁନିଆକୁ ବୁଝିବା ପାଇଁ ଏହା ସହାୟକ ହେବ।

ସାରା ବିଶ୍ୱ ବସ୍ତୁରେ ନିର୍ମିତ। ଅନେକ ପରମାଣୁ ମିଶି ବସ୍ତୁ ସୃଷ୍ଟି ହୋଇଥାଏ। ଏକ ପରମାଣୁରେ ଅନେକ ଇଲେକ୍‌ଟ୍ରୋନ ରହିଥାଏ। ଏହା ଅଲଗା ଅଲଗା କକ୍ଷରେ ଥାଏ। ଏହା ସବୁବେଳେ ଘୂରି ବୁଲୁଥାଏ। ଇଲେକଟ୍ରୋନ୍ ଗୋଟିଏ କକ୍ଷରୁ ଅନ୍ୟ କକ୍ଷକୁ ଗଲାବେଳେ ଶକ୍ତି ସ୍ତର ପରିବର୍ତ୍ତନ ହୋଇଥାଏ। ଏହି ପରିବର୍ତ୍ତନକୁ ବୁଝିବା ପାଇଁ ଆଲୋକର ଅଟୋସେକେଣ୍ଡ ପଲ୍ସର ସହାୟତା ନିଆଯାଇଥାଏ। ଏହି ତିନି ପଦାର୍ଥବିଜ୍ଞାନୀ ଏହି ଉପାୟ ଆବିଷ୍କାର କରିଛନ୍ତି। ଏହା ମାଧ୍ୟମରେ ଆଲୋକର ସୂକ୍ଷ୍ମ ତରଙ୍ଗ ସୃଷ୍ଟି କରାଯାଇଥାଏ। ଏହା ମାଧ୍ୟମରେ ଇଲେକଟ୍ରୋନ୍‌ର ଗତି ଏବଂ ଏଥିରେ ହେଉଥିବା ଶକ୍ତିର ପରିବର୍ତ୍ତନ ବୁଝିବାରେ ସହାୟତା ମିଳିଥାଏ। ପୂର୍ବରୁ ଏହି ଅଧ୍ୟୟନ ଅସମ୍ଭବ ଥିଲା। ଅଗୋଷ୍ଟିନ, କ୍ରାଉସଜ ଏବଂ ଏଲ'ହୁଲିୟରଙ୍କ ଯୋଗଦାନ ଯୋଗୁଁ ଏହା ଜାଣିବା ସମ୍ଭବ ହୋଇପାରିଛି।

**ମହାରାଷ୍ଟ୍ର ହସ୍ପିଟାଲରେ ଅବ୍ୟବସ୍ଥା**

## ୩୬ ଘଣ୍ଟାରେ ଗଲାଣି ୩୧ ଜୀବନ

ମୁମ୍ବାଇ, ୩।୧୦ (ଏଜେନ୍ସି): ମହାରାଷ୍ଟ୍ର ନାନ୍ଦେଡ଼ର ଶଙ୍କରରାଓ ଚୌହାଣ ହସ୍ପିଟାଲରେ ୩୬ ଘଣ୍ଟାରେ ୩୧ ରୋଗୀ ପ୍ରାଣ ହରାଇଲେଣି। ମୃତକଙ୍କ ମଧ୍ୟରେ ୧୬ ଶିଶୁ ସାମିଲ ଅଛନ୍ତି। ପୂର୍ବରୁ ଗତ ୩୦ ତାରିଖର ରାତି ୧୨ଟାରୁ ୧ ତାରିଖ ରାତି ୧୨ଟା ମଧ୍ୟରେ ୨୪ ଘଣ୍ଟାରେ ୨୪ ରୋଗୀ ପ୍ରାଣ ହରାଇଥିଲେ ବୋଲି ସୂଚନା ମିଳିଥିଲା। ଏହି ମୃତକଙ୍କ ମଧ୍ୟରେ ୧୨ ନବଜାତକ, ୭ ମହିଳା ଏବଂ ୫ ପୁରୁଷ ସାମିଲ ଥିଲେ। ଏହି ହସ୍ପିଟାଲରେ ୫୦୦ ବେଡ୍‌ର ବ୍ୟବସ୍ଥା ରହିଛି। କିନ୍ତୁ ୧୨୦୦ରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ୭୦ରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ମୃତ୍ୟୁକୁ ନେଇ ରୋଗୀଙ୍କ ସମ୍ପର୍କୀୟ ହସ୍ପିଟାଲରେ ହଙ୍ଗାମା କରୁଛନ୍ତି। ଔଷଧ ଏବଂ କର୍ମଚାରୀ ଅଭାବ ଯୋଗୁଁ ରୋଗୀଙ୍କ ଜୀବନ ଯାଉଛି ବୋଲି ଅଭିଯୋଗ କରାଯାଇଛି। ଏ ବିଷୟରେ ମେଡିକାଲ ପ୍ରଶାସନ ପ୍ରଥମେ ଚୁପ୍ ରହିଥିଲା। ପରେ ଏହାକୁ ସାଧାରଣ ଘଟଣା ବୋଲି କୁହାଯାଇଥିଲା। ପ୍ରଶାସନର ସୂଚନା ଅନୁଯାୟୀ ହୃଦ୍‌ଘାତ ଯୋଗୁଁ ୪ ଜଣ, ସଂକ୍ରମଣରେ ୨ ଜଣ, ଯକୃତ ରୋଗରେ ଜଣେ, ବିଷ ଖାଇ ଜଣେ ଏବଂ ଡେଲିଭରି ସମୟରେ ଜଣେ ମହିଳା ପ୍ରାଣ ହରାଇ ଥିଲେ। ଅନ୍ୟ ମୃତ୍ୟୁର ଯାଞ୍ଚ ଜାରି ରହିଛି। ଅନ୍ୟପକ୍ଷରେ ହସ୍ପିଟାଲର ଡିନ୍ କହିଛନ୍ତି ଯେ ସାପ କାମୁଡ଼ା ଏବଂ ଅନ୍ୟ ଗୁରୁତର ରୋଗର ଔଷଧ ଅଭାବ ରହିଛି। ହଫକିନ କମ୍ପାନୀ ଔଷଧ ଯୋଗାଣ ବନ୍ଦ କରିଦେଇଛି। କ୍ରମାଗତ ଭାବେ ବଦଳି ଯୋଗୁଁ କର୍ମଚାରୀ ଅଭାବ ଦେଖା ଦେଇଛି। ୨୪ ଘଣ୍ଟାରେ ୬ ଶିଶୁ କନ୍ୟା ଏବଂ ସମାନ ସଂଖ୍ୟକ ଶିଶୁ ପୁତ୍ରଙ୍କ ଜୀବନ ଯାଇଛି। ୭୦ରୁ ୮୦ କିମି ଭିତରେ ଏହି ଗୋଟିକ ହସ୍ପିଟାଲ ରହିଛି। ତେଣୁ ଅଧିକ ରୋଗୀ ଆସୁଛନ୍ତି। କିଛି ଦିନ ହେଲା ରୋଗସଂଖ୍ୟା ବୃଦ୍ଧି ପାଇଛି। ଏହା ବଜେଟ ପାଇଁ ସମସ୍ୟା ସୃଷ୍ଟି କରିଛି।

ଏହି ଘଟଣାକୁ ନେଇ ବିରୋଧୀ ଦଳଗୁଡିକ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେ ଦାବି କରିଛନ୍ତି। ସେ ମାମଲାର ତଦନ୍ତ ଦାବି କରିଛନ୍ତି। ମହାରାଷ୍ଟ୍ର ଲୋକଙ୍କ ଜୀବନ ଏତେ ଶସ୍ତା ହୋଇଯାଇଛି କି ବୋଲି ସେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ବିଳମ୍ବ ଏବଂ ଅବହେଳା ଯୋଗୁଁ ଏପରି ହୋଇଛି।





- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-101 ◆BHUBANESWAR ◆WEDNESDAY ◆4 OCTOBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୦୧ ◆ଭୁବନେଶ୍ୱର ◆ବୁଧବାର ◆୪ ଅକ୍ଟୋବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦


### ୨୦୨୪ ପାଇଁ ବିଶ୍ୱ ବ୍ୟାଙ୍କର ଆକଳନ

# କଲବଲ କରିବ ‘ମହଙ୍ଗା ମାଡ଼’

■ **ନୂଆଦିଲ୍ଲୀ, ୩।୧୦ (ଏଜେନ୍ସି):** ଭାରତର ଅଭିବୃଦ୍ଧିକୁ ଦେଖି ସମଗ୍ର ବିଶ୍ୱ ବର୍ତ୍ତମାନ ଚକିତ। ବିଶ୍ୱ ବ୍ୟାଙ୍କ ହେଉ କିମ୍ବା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଭଳି ସମସ୍ତ ଆର୍ଥିକ ଏଜେନ୍ସି, ଭାରତର ଅଭିବୃଦ୍ଧିକୁ ନେଇ ଆଶ୍ୱସ୍ତ। ସମ୍ପ୍ରତି ଅଭିବୃଦ୍ଧି କ୍ଷେତ୍ରରେ ଚୀନ୍‌କୁ ଝଟ୍‌କା ଦେଇଛି ବିଶ୍ୱ ବ୍ୟାଙ୍କ। ଧୀରେଧୀରେ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ଅଭିବୃଦ୍ଧି କ୍ଷେତ୍ରରେ ମାନ୍ଦାବସ୍ଥାର ସମ୍ମୁଖୀନ ହେଉଛନ୍ତି। ହେଲେ ଏଥର ବିଶ୍ୱ ବ୍ୟାଙ୍କରୁ ଭାରତକୁ ବଡ଼ ଝଟ୍‌କା ଲାଗିଛି। ଦେଶକୁ ଏହି ଝଟ୍‌କା ଅଭିବୃଦ୍ଧି କ୍ଷେତ୍ରରେ ନୁହେଁ, ବରଂ ମୁଦ୍ରାସ୍ଫୀତିକୁ ନେଇ ମିଳିଛି। ବିଶ୍ୱ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷରେ ଭାରତର

**ମୁଦ୍ରାସ୍ଫୀତି ୫.୯% ଛୁଇଁବ**

**ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୬.୩% ରହିବ**

ଅଭିବୃଦ୍ଧି ହାର ୬.୩ ପ୍ରତିଶତ ରହିବା ନେଇ ଆକଳନ କରିଥିବା ବେଳେ ମୁଦ୍ରାସ୍ଫୀତିକୁ ନେଇ ଚେତାବନୀ ଦେଇଛି। ୨୦୨୪ରେ ଭାରତରେ ମହଙ୍ଗା ମାଡ଼ ଜୋରଦାର ହେବ ବୋଲି ବିଶ୍ୱ ବ୍ୟାଙ୍କ ଆକଳନ କହିଛି। ଘରୋଇ ବଜାରରେ ଉପଯୋଗିତା ହାରରେ ହ୍ରାସ ଘଟିବା ଆଶଙ୍କା କରାଯାଉଛି। କାରଣ ମହାମାରୀ ପରେ ଭାରତ ଯେଉଁ ଅଭିବୃଦ୍ଧି ହାସଲ କରିଥିଲା, ଏବେ ତାହା ମନ୍ଥର ହେବାରେ ଲାଗିଛି।

ଆଗାମୀ ଦିନରେ ଭାରତର ମୁଦ୍ରାସ୍ଫୀତିକୁ ନେଇ ବିଶ୍ୱ ବ୍ୟାଙ୍କ ଚିନ୍ତା ପ୍ରକଟ କରିଛି। ଭାରତରେ ମୁଦ୍ରାସ୍ଫୀତି ବଢ଼ିପାରେ ବୋଲି ବିଶ୍ୱ ବ୍ୟାଙ୍କ ସୂଚନା ଦେଇଛି। ବ୍ୟାଙ୍କ ଏହାର ଆକଳନରେ ମୁଦ୍ରାସ୍ଫୀତି ହାରରେ ୭୦ ବେସିସ୍ ପଏଣ୍ଟ ବୃଦ୍ଧି ଘଟାଇଛି। ଏହା ଅନୁଯାୟୀ, ବ୍ୟାଙ୍କ ଭାରତର ମୁଦ୍ରାସ୍ଫୀତି ପୂର୍ବାନୁମାନକୁ ୫.୨ ପ୍ରତିଶତରୁ ୫.୯ ପ୍ରତିଶତକୁ ବୃଦ୍ଧି କରିଛି। ୟୁରୋପୀୟ ସଂଘ (ଇୟୁ) ▸ପୃଷ୍ଠା-୯

# ଅବସର ନେଲେ ଜଷ୍ଟିସ ଶୁଭାଶିଷ ତଲାପତ୍ର



■ **କଟକ, ୩।୧୦ (ସମିସ):** ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଶୁଭାଶିଷ ତଲାପତ୍ରଙ୍କ ଆଜି ଥିଲା ଶେଷ କାର୍ଯ୍ୟ ଦିବସ। ବିଧିବଦ୍ଧ ଭାବେ ଆଜି ସେ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏଥିପାଇଁ ଜଷ୍ଟିସ ତଲାପତ୍ରଙ୍କୁ ହାଇକୋର୍ଟଙ୍କ ପୂର୍ଣ୍ଣପୀଠରେ ସମ୍ବର୍ଦ୍ଧନା ଦିଆଯାଇଛି। ଆସନ୍ତାକାଲି (ବୁଧବାର)ଠାରୁ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ ବରିଷ୍ଠ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ। ସୂଚନାଯୋଗ୍ୟ, ଜଷ୍ଟିସ ତଲାପତ୍ର ଗତ ଅଗଷ୍ଟ ୮ ତାରିଖରେ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମୁଖ୍ୟ ବିଚାରପତି ଭାବେ ମାତ୍ର ୫୭ ଦିନ କାର୍ଯ୍ୟ କରି ସେ ଅବସର ନେଇଛନ୍ତି। ଏହା ପୂର୍ବରୁ ସେ ଓଡ଼ିଶା ହାଇକୋର୍ଟ ▸ପୃଷ୍ଠା-୯

# କେନ୍ଦ୍ରାପଡ଼ା ରସାବଳିକୁ ଜିଆଇ ଟ୍ୟାଗ୍



■ **କେନ୍ଦ୍ରାପଡ଼ା, ୩।୧୦ (ସମିସ):** ପ୍ରଭୁ ଶ୍ରୀବଳଦେବ ଜିଉଙ୍କ ପ୍ରିୟ ପ୍ରସାଦ ତଥା କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ପ୍ରତୀକ ରସାବଳିକୁ ଭୌଗୋଳିକ ସୂଚକାଙ୍କ (ଜିଆଇ) ମାନ୍ୟତା ମିଳିଛି। ଗତ ୨ ବର୍ଷର ଦାବି ଆଜି ସାକାର ରୂପ ନେଇଥିବାରୁ ଜିଲ୍ଲାବ୍ୟାପୀ ଆନନ୍ଦ ପ୍ରକାଶ ପାଇଛି। ରସାବଳିର ଇତିହାସ ବହୁ ପୁରୁଣା, କିଛି ଐତିହାସିକଙ୍କ ମଧ୍ୟରେ ୪ଶହ ବର୍ଷରୁ ଊର୍ଦ୍ଧ୍ୱ। ଏହା ଶ୍ରୀବଳଦେବ ଜିଉଙ୍କ ପ୍ରିୟ ଅମୋଣିଆ ଭୋଗ। ଏହାକୁ ଜିଆଇ ଟ୍ୟାଗ୍ ମିଳିଥିବାରୁ ଅନ୍ୟତ୍ର ତିଆରି ରସାବଳିକୁ କେନ୍ଦ୍ରାପଡ଼ା ରସାବଳି ଭାବେ ଆଉ ବିକ୍ରି କରିହେବ ନାହିଁ। ଏହାଦ୍ୱାରା କେନ୍ଦ୍ରାପଡ଼ାବାସୀଙ୍କ ପାରମ୍ପରିକ ଜ୍ଞାନ ଓ କୌଶଳକୁ ଏକପ୍ରକାର ସୁରକ୍ଷା ମିଳିବାକୁ ଯାଉଛି।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ରସାବଳି ମିଷ୍ଟାନ୍ନ ନିର୍ମାତା ସଂଘ ପକ୍ଷରୁ ୨୦୨୧ ମସିହାରେ ରସାବଳିକୁ ଜିଆଇ ମାନ୍ୟତା ଦେବା ଲାଗି ଉଦ୍ୟମ ଆରମ୍ଭ ହୋଇଥିଲା। ଏ ସଂପର୍କରେ ଜିଆଇ ଏବଂ ଆଇପି ବିଶେଷଜ୍ଞ ବିନୟ ଭୂଷଣ ଜେନା କହିଛନ୍ତି ଯେ ରସାବଳିକୁ ଜିଆଇ ଟ୍ୟାଗ୍ ମିଳିଥିବାରୁ ରାଜ୍ୟ ତଥା ▸ପୃଷ୍ଠା-୯

### ପଛକୁ ଫେରୁଛି ଲଘୁଚାପ

# ୯ ଜିଲ୍ଲାରେ ପ୍ରବଳ ବର୍ଷିବ

■ **ଭୁବନେଶ୍ୱର, ୩।୧୦ (ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପଟି ମଙ୍ଗଳବାର ଦକ୍ଷିଣ-ପୂର୍ବ ଝାଡ଼ଖଣ୍ଡ ଓ ସଂଲଗ୍ନ ଅଞ୍ଚଳରେ ସକ୍ରିୟ ରହିଛି। ଏହାସହ ଜଡ଼ିତ ମେଘଖଣ୍ଡ ଓଡ଼ିଶାର କିଛି ଅଞ୍ଚଳ ଉପରେ ରହୁଛି। ଏହା ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା କରାଉଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହି ଲଘୁଚାପ ପଶ୍ଚିମବଙ୍ଗରେ ସ୍ଥଳଭାଗ ଅତିକ୍ରମ କରି ଝାଡ଼ଖଣ୍ଡ ମଧ୍ୟ ଦେଇ ଉତ୍ତର ଛତିଶଗଡ଼ ପର୍ଯ୍ୟନ୍ତ ପହଞ୍ଚିଥିଲା। ମାତ୍ର ଉତ୍ତର ପଶ୍ଚିମ ଭାରତରେ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ ହେତୁ ସହେଠାରେ ଶୁଷ୍କ ଉତ୍ତରା ବାୟୁର ପ୍ରଭାବ ଅଧିକ ରହିଛି। ଏହି ବାୟୁକୁ ଭେଦ କରି ଲଘୁଚାପ ଆଗକୁ ବଢ଼ିନପାରି ପୂର୍ବ ଦିଗକୁ ଗତି କରୁଛି। ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଏହି ଲଘୁଚାପ ପଶ୍ଚିମବଙ୍ଗ ଅତିକ୍ରମ କରିବା ପରେ ରାଜ୍ୟରେ ବର୍ଷା କମିବା ସହ ଏହାପରେ ରାଜ୍ୟରେ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ ହେବ ବୋଲି ଜଣାପଡ଼ିଛି। ବୁଧବାର ମଧ୍ୟ ରାଜ୍ୟର କିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି। ବିଶେଷକରି କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ମୌସୁମୀ ଅତ୍ୟଧିକ ସକ୍ରିୟ ହେତୁ ଗତ ୨୪ଘଣ୍ଟାରେ ରାଜ୍ୟରେ ୨୬.୮ ମିମି ବର୍ଷା ହୋଇଯାଇଛି। ଏହା ସ୍ୱାଭାବିକ ବର୍ଷା ୪.୬ମିମି ତୁଳନାରେ ୪୭୭ ପ୍ରତିଶତ ଅଧିକ। ଅକ୍ଟୋବର ମାସରେ ପ୍ରଥମ ୩ଦିନରେ ୫୩.୭ମିମି ବର୍ଷା ରେକର୍ଡ କରାଯାଇଛି। ଯାହା ସ୍ୱାଭାବିକ ତୁଳନାରେ ୨୩୮ ପ୍ରତିଶତ ଅଧିକ ରହିଛି।

**ଗତ ୨୪ ଘଣ୍ଟାରେ ୨୬.୮ ମିମି ବର୍ଷା**

### କେନ୍ଦ୍ରମନ୍ତ୍ରୀ ଅନୁରାଗଙ୍କୁ ବିଜେଡିର ପାଲଟା ଜବାବ

# ଅଭିଯୋଗ ନୁହେଁ, ପ୍ରମାଣ ଦିଅ

■ **ଭୁବନେଶ୍ୱର, ୩।୧୦ (ସମିସ):** ଓଡ଼ିଶା ସରକାରଙ୍କ ବିରୋଧରେ ଅଭିଯୋଗ ଆଣିବା ପାଇଁ ରାଜ୍ୟ ବିଜେପି ପାଖରେ କିଛି ପ୍ରସଙ୍ଗ ନାହିଁ। ତେଣୁ କେନ୍ଦ୍ରମନ୍ତ୍ରୀଙ୍କୁ ଡାକି ଆଣି ତାଙ୍କ ମୁହଁରେ ଓଡ଼ିଶା ବିରୋଧୀ ବୟାନବାଜୀ କରାଉଛନ୍ତି; କିନ୍ତୁ ସତ କ'ଣ ତାହା ଖୋଦ୍ କେନ୍ଦ୍ରମନ୍ତ୍ରୀ ଜାଣିଛନ୍ତି। ଅଥଚ ରାଜ୍ୟ ବିଜେପି ନେତାଙ୍କ ଚାପରେ ସେ ନାଚାର ହୋଇ ରାଜ୍ୟ ସରକାରଙ୍କୁ ବଦନାମ କରିବା ଲାଗି ବୟାନ ଦେଉଛନ୍ତି ବୋଲି ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ମନ୍ତବ୍ୟ ଉପରେ



**ରାଜ୍ୟ ବିଜେପି ନେତାଙ୍କ ଚାପରେ ମିଛ କହୁଛନ୍ତି କେନ୍ଦ୍ରମନ୍ତ୍ରୀ**

କଡ଼ା ପ୍ରତିକ୍ରିୟା ରଖି ଶ୍ରୀ ମିଶ୍ର କହିଛନ୍ତି ଯେ ରାଜ୍ୟ ସରକାରଙ୍କ ବିରୋଧରେ କହିବା ପାଇଁ ବିଜେପି କିଛି ପ୍ରସଙ୍ଗ ପାଉ ନାହିଁ। ସେଥିପାଇଁ କେତେବେଳେ ସେମାନେ ନିଜେ ଭିତ୍ତିହୀନ ମନ୍ତବ୍ୟ ଦେଉଛନ୍ତି ତ ଆଉ କେତେବେଳେ କେନ୍ଦ୍ରମନ୍ତ୍ରୀଙ୍କ ମୁହଁରେ ରାଜ୍ୟ ସରକାର ବିରୋଧୀ ମନ୍ତବ୍ୟ ଦେବା ପାଇଁ ଚାପ ପକାଉଛନ୍ତି। ମାତ୍ର କେବଳ ଅଭିଯୋଗ ଆଣିଲେ ହେବ ନାହିଁ, କେନ୍ଦ୍ରମନ୍ତ୍ରୀ ତାହାର ପ୍ରମାଣ ଦିଅନ୍ତୁ ବୋଲି ଶ୍ରୀ ମିଶ୍ର ଆହ୍ୱାନ ଜଣାଇଛନ୍ତି। ମୁଣ୍ଡ ଉପରେ ନିର୍ବାଚନକୁ ଦେଖି ବିଜେପି ଏପରି ନାଟକବାଜି କରୁଛି ବୋଲି ଶ୍ରୀ ମିଶ୍ର ପାଲଟା ଅଭିଯୋଗ କରିଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି ଯେ ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଓଡ଼ିଶାରେ ଦୁର୍ନୀତି ହେଉଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଠାକୁର ଯେଉଁ ବୟାନ ▸ପୃଷ୍ଠା-୯




# ସିଏଜି ରିପୋର୍ଟ: ରାଜସ୍ୱ ଓ ଆର୍ଥିକ ଦୃଷ୍ଟିରୁ ଓଡ଼ିଶା ବଳକା ରାଜ୍ୟ

**ଭୁବନେଶ୍ୱର,୩।୧୦(ସମିସ):** ରାଜ୍ୟ ଅଭିବୃଦ୍ଧି ପଥରେ ଆଗେଇ ଚାଲିଛି। ୨୦୨୧-୨୨ ଆର୍ଥିକବର୍ଷରେ ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ସାମ୍ପ୍ରତିକ ମୂଲ୍ୟରେ ୬,୩୮,୩୪୨ କୋଟି ଟଙ୍କା ରହିଥିଲା। ସ୍ଥିର ମୂଲ୍ୟରେ ଏହା ୪,୨୭,୫୯୨ କୋଟି ଟଙ୍କା ରହିଛି। ତେବେ ପୂର୍ବ ବର୍ଷ ତୁଳନାରେ

- ଜିଏସ୍‌ଡିପିରେ ୧୭.୫୮% ଅଭିବୃଦ୍ଧି
- ଅଭିବୃଦ୍ଧିକୁ ସେବା କ୍ଷେତ୍ରର ଯୋଗଦାନ ସର୍ବାଧିକ
- ଅଦିନିଆ ବର୍ଷାରେ ଫସଲହାନୀ ସତ୍ତ୍ୱେ କୃଷି କ୍ଷେତ୍ରରେ ଅଭିବୃଦ୍ଧି

ଜିଏସ୍‌ଡିପିରେ ୧୭.୫୮ ଅଭିବୃଦ୍ଧି ଘଟିଛି। ୨୦୨୧-୨୨ରେ ଜିଏସ୍‌ଡିପିକୁ ସେବା କ୍ଷେତ୍ରର ଯୋଗଦାନ ସର୍ବାଧିକ ୩୪.୬୭ ପ୍ରତିଶତ ରହିଥିଲା। ଏହାପଛକୁ ଶିଳ୍ପ କ୍ଷେତ୍ରର ଯୋଗଦାନ ୩୪.୩୫ ପ୍ରତିଶତ ରହିଛି। ଏସବୁ ସଫଳତା ପାଇଁ ଓଡ଼ିଶା ରାଜସ୍ୱ ଓ ଆର୍ଥିକ ଦୃଷ୍ଟିରୁ ଏକ ବଳକା ରାଜ୍ୟରେ ପରିଣତ ହୋଇଛି। ଅଦିନିଆ ବର୍ଷାରେ ଫସଲହାନୀ ସତ୍ତ୍ୱେ ରାଜ୍ୟର କୃଷି କ୍ଷେତ୍ରରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଥିବା ଭାରତର ଲେଖା ନିୟନ୍ତ୍ରକ ତଥା ମହାଲେଖା ପରୀକ୍ଷକ (ସିଏଜି)



ଙ୍କ ରିପୋର୍ଟରୁ ଜଣାପଡିଛି।

ଆଜି ଓଡିଶା ବିଧାନସଭାରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ୍ ସିଏଜି ରିପୋର୍ଟ ଉପସ୍ଥାପନ କରିଥିଲେ। ଏହାପରେ ଅପରାହ୍ନରେ ସ୍ଥାନୀୟ ପ୍ରଧାନ ମହାଲେଖାକାର ଅଡିଟ-୧ଙ୍କ ଆନୁକୂଲ୍ୟରେ ଏଜି ସମ୍ମିଳନୀ କକ୍ଷଠାରେ ଏକ ଖବରଦାତା ସମ୍ମିଳନୀରେ ପ୍ରଧାନ ମହାଲେଖାକାର ରାଜ କୁମାର ରିପୋର୍ଟ ସମ୍ପର୍କରେ ସୂଚନା ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ୨୦୨୧-୨୨ରେ ଓଡ଼ିଶା ଜିଡିପିକୁ କୃଷି କ୍ଷେତ୍ରର ଯୋଗଦାନ ୧୭.୯୧ ପ୍ରତିଶତ ରହିଥିଲା। ୨୦୨୧ ଡିସେମ୍ବରରେ ଅଣମୌସୁମୀ ବର୍ଷା ,ବାତ୍ୟା ଜେୱାଦ୍‌ର ପ୍ରକୋପରେ ବ୍ୟାପକ ଫସଲ ହାନୀ ହେବା ସତ୍ତ୍ୱେ ରାଜ୍ୟର କୃଷି କ୍ଷେତ୍ରରେ ୧.୭୦ ପ୍ରତିଶତ ଅଭିବୃଦ୍‌ଧି ହୋଇଥିଲା। କୃଷି କ୍ଷେତ୍ରର ସ୍ୱଳ୍ପ ଅଭିବୃଦ୍ଧି ସତ୍ତ୍ୱେ ଶିଳ୍ପ ଏବଂ ସେବା କ୍ଷେତ୍ରର ଦମ୍‌ଦାର ପ୍ରଦର୍ଶନ ଯୋଗୁ ସାମଗ୍ରିକ ଅଭିବୃଦ୍ଧି ୧୭.୫୮ ପ୍ରତିଶତରେ ପହଞ୍ଚିଥିଲା। ଏଥିରେ ସର୍ବାଧିକ ଅଭିବୃଦ୍ଧି ହାର ଉପଉପାଦାନ କ୍ଷେତ୍ର, ଖଣି ଓ ଖଣିଜ ଏବଂ ସାଧାରଣ ପ୍ରଶାସନ ଓ ନିର୍ମାଣ କ୍ଷେତ୍ରରେ ଦେଖାଯାଇଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟର ଆର୍ଥିକ ସ୍ଥିତିକୁ ନଜର ପକାଇଲେ ଜଣାପଡିବ ଯେ, ୨୦୨୧-୨୨ରେ ଓଡ଼ିଶା ୪୩,୪୭୧ କୋଟି ଟଙ୍କାର ଏକ ରାଜସ୍ୱ ବଳକା ଓ ୨୦,୬୨୭ କୋଟି ଟଙ୍କାର ଆର୍ଥିକ ବଳକା ହାସଲ କରିଥିଲା। ଏହି ସମୟରେ ରାଜ୍ୟର ରାଜସ୍ୱ ବଳକା ପୂର୍ବବର୍ଷର ରାଜସ୍ୱ ବଳକା ୯୦୭୬ କୋଟି ଟଙ୍କାଠାରୁ ଉଲ୍ଲେଖନୀୟ ଭାବରେ ୩୭୯ ପ୍ରତିଶତ ବୃଦ୍ଧି ପାଇଥିଲା। ସେହିପରି ପୂର୍ବର୍ଷ ତୁଳନାରେ, ୨୦୧୨-୨୨ରେ ରାଜସ୍ୱ ପ୍ରାପ୍ତିରେ ୪୮,୬୭୨ କୋଟି ଟଙ୍କାର ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଥିଲାବେଳେ ରାଜସ୍ୱ ବ୍ୟୟ ୧୪,୨୭୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଅପରପକ୍ଷେ ୨୦୨୧-୨୨ରେ ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ (୪୦,୭୪୮ କୋଟି ଟଙ୍କା) ପୂର୍ବବର୍ଷ ତୁଳନାରେ ୧୮.୯୪ ପ୍ରତିଶତ ବୃଦ୍ଧି ପାଇଥିଲା ଏବଂ ପୂର୍ବ ବର୍ଷ ତୁଳନାରେ ଅଣ-ଟିକସ ରାଜସ୍ୱ (୫୪,୨୫୭ କୋଟି ଟଙ୍କା) ୧୭୭.୯୮ ପ୍ରତିଶତ ବୃଦ୍ଧି ପାଇଥିଲା। ଏହି ସମୟରେ ଓଡ଼ିଶାର ପୁଞ୍ଜି ବ୍ୟୟ ୨୨,୭୨୬ କୋଟି ଟଙ୍କା ରହିଥିଲା, ଯାହାକି ମୋଟ ଖର୍ଚ୍ଚ ୧,୩୪,୦୦୦ କୋଟି ଟଙ୍କାର ୧୬.୯୬ ପ୍ରତିଶତ ରହିଥିଲା। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମହାଲେଖାକାର ବିଶ୍ୱନାଥ ସିଂହ ଯାଦୋନ, ବରିଷ୍ଠ ଉପ ମହାଲେଖାକାର ଦୀପକ ରଘୁ, ଉପ ମହାଲେଖାକାର ଏକତା ସିଂହ,ସଚିନ କୌଶିକ,ତାନ୍ୟା ଆମ୍ବାସ୍ଥା, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ (ରିପୋର୍ଟ ) ସୁକାନ୍ତ କୁମାର ମଲ୍ଲ ଓ ଅଶୋକ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇନ୍ ବିଭାଗର ପ୍ରମୁଖ ଶାସନ ସଚିବ ହେଲେ ମାନସ ରଞ୍ଜନ ବାରିକ

**ଭୁବନେଶ୍ୱର,୩।୧୦(ସମିସ):** ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ହୋଇଛନ୍ତି ମାନସ ରଞ୍ଜନ ବାରିକ (ଓଏସ୍‌ଜେଏସ୍)। ଏନେଇ ରାଜ୍ୟ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାବ୍ୟତୀତ ମଙ୍ଗଳବାର ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି। ଏନେଇ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ବରିଷ୍ଠ ଓଏଏସ୍ ଅଫିସର୍ ଘାସିରାମ ମୁର୍ମୁ ଭୁବନେଶ୍ୱର ମହାନଗର ନିଗମ(ବିଏମସି)ର ଅତିରିକ୍ତ କମିସନର୍ ଭାବେ ନିଯୁକ୍ତି ପାଇଛନ୍ତି। ଏହାସହ ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି। ସେହିପରି ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ସୁବ୍ରତ କୁମାର ପଣ୍ଡାଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଓ ବଲାଙ୍ଗିର ପ୍ରକଳ୍ପ ନିର୍ଦ୍ଦେଶକ(ଡିଯୁଡିଏ) ସୁଦର୍ଶନ ସଏଙ୍କୁ ବୁର୍ଲା ଭୀମସାର ରେଜିଷ୍ଟ୍ରାର(ପ୍ରଶାସନ) ଭାବେ ବଦଳି ହୋଇଛି। ବୁର୍ଲା ଭୀମସାରରେ ରେଜିଷ୍ଟ୍ରାର୍ ଦାୟିତ୍ୱରେ ଥିବା ପ୍ରଫୁଲ୍ଲ କୁଜୁରଙ୍କୁ ବଲାଙ୍ଗୀର ପ୍ରକଳ୍ପ ନିର୍ଦ୍ଦେଶକ (ଡିଯୁଡିଏ) ଓ କୋରାପୁଟ ଜିଲ୍ଲା ଦଶମନ୍ତପୁର ତହସିଲଦାର ଅଜୟ ପ୍ରକାଶ ତିର୍କୀଙ୍କୁ କଳାହାଣ୍ଡିର ଧର୍ମଗଡ଼ ଅତିରିକ୍ତ ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି। ଅନ୍ୟପକ୍ଷରେ ବିନିକା ବିଡିଓ ବ୍ୟାସଦେବ ବେହେରାଙ୍କ ବଦଳିକୁ ବାତିଲ କରାଯାଇଛି ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

**ଘାସିରାମ ମୁର୍ମୁ ବିଏମ୍‌ସି ଅତିରିକ୍ତ କମିସନର**

# ଲୋକସେବା ଭବନରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର, ୩।୧୦(ସମିସ):** ଲୋକସେବା ଭବନର ପ୍ରଥମ ମହଲାରେ ଆଜି ଅଗ୍ନିକାଣ୍ଡ ଘଟିଥିଲା। ଦିନ ପ୍ରାୟ ୧୦ଟା ବେଳେ ପ୍ରଥମ ମହଲାରେ ରାଜସ୍ୱ ବିଭାଗର କାର୍ଯ୍ୟାଳୟ ଏସିରୁ ଧୂଆଁ ବାହାରିବା ପରେ ନିଆଁ ଚାରିଆଡ଼କୁ ବ୍ୟାପି ଯାଇଥିଲା। ତେବେ ସେତେବେଳକୁ କୌଣସି କର୍ମଚାରୀ ଆସି ନଥିବାରୁ କେହି ମୃତାହତ ହୋଇନାହାନ୍ତି। ଖବର ପାଇ ସଚିବାଳୟ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ଗୋଟିଏ କମ୍ପ୍ୟୁଟର୍, ୩ଟି ପ୍ଲାଷ୍ଟିକ୍ ଚେୟାର ଆଦି ପୋଡ଼ି ନଷ୍ଟ ହୋଇଥିଲା। ତେବେ ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଏସି ସର୍ଟସର୍କିଟ୍‌ରୁ ଲାଗିଥିବା ଅଗ୍ନିଶମ ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ଗରିବ ଲୋକଙ୍କ ବିକାଶ ପାଇଁ ମୋଦୀ ସରକାର ସମର୍ପିତ: ଅନୁରାଗ ଠାକୁର




**ଭୁବନେଶ୍ୱର,୩।୧୦(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶାସନକୁ ଆସିବା ପରେ ଓଡ଼ିଶାକୁ ବେଶ୍ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଯାହା କୁହନ୍ତି ତାହା କରି ଦେଖାନ୍ତି। 'ସବ୍‌କା ସାଥ୍ ସବକା ବିକାଶ' ହେଉଛି ମୋଦିଜୀଙ୍କର ମୂଳମନ୍ତ୍ର। ମୋଦିଜୀଙ୍କ ନେତୃତ୍ୱ କାରଣରୁ ସମସ୍ତ କ୍ଷେତ୍ରରେ ଭାରତ ଏବେ ଶୀର୍ଷକୁ ଛୁଉଁଛି। ଓଡ଼ିଶାକୁ ୟୁପିଏ ସରକାର ଅପେକ୍ଷା ଏନ୍‌ଡିଏ ସରକାର ଅମଳରେ ଅଧିକ କେନ୍ଦ୍ରୀୟ ଅନୁଦାନ ମିଳିଛି। ମୋଦିଙ୍କ ୯ ବର୍ଷ ସରକାରରେ ଓଡ଼ିଶାକୁ ୧୮ ଲକ୍ଷ କୋଟି ଟଙ୍କାରୁ ଅଧିକ କେନ୍ଦ୍ରୀୟ ଅନୁଦାନ ଆସିଛି ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ତଥା ଯୁବ ବ୍ୟାପାର ଓ କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଠାକୁର କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ପୂର୍ବ ଭାରତ ବିକାଶର ପରିକଳ୍ପନାରେ ଓଡ଼ିଶା ପ୍ରାଥମିକତାରେ ରହିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମହିଳାଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ପିଏମ୍ ଆବାସରେ ଘର, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍, ଜନଧନ, ମୁଦ୍ରା ଲୋନ, ଓଡ଼ିଶାରେ ଏସଏଚଜି ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କମ୍ ସୁଧରେ ଋଣ ଉପଲବ୍ଧ କରାଯିବାର ବ୍ୟବସ୍ଥା ମହିଳାଙ୍କ ସମ୍ମାନକୁ ବଢ଼ାଇଛି। ପ୍ରଧାନମନ୍ତ୍ରୀ ଐତିହାସିକ ନାରୀଶକ୍ତି ବନ୍ଦନ ବିଲ୍ ପାସ୍ କରିଛନ୍ତି। ଦେଶର ମହିଳାଙ୍କ ଜୀବନଧାରାରେ ଅନେକ ପରିବର୍ତ୍ତନ ଆସିପାରିଛି ବୋଲି ଶ୍ରୀ ଠାକୁର କହିଛନ୍ତି।

# 'ମୌସୁମୀ'ରେ ଆଲୋଚନା ହେଲାନାହିଁ ଗୋଟିଏ ବି ମୁଲତବୀ

- ଦଳ ଓ ବିରୋଧୀଙ୍କୁ ଅପଦସ୍ତ କଲେ ନିନ୍ଦିତ ନେତା
- ନିଜ ଜିଦ୍ ଆଗରେ ରାଜ୍ୟସ୍ୱାର୍ଥକୁ ଦଳିଦେଲା ବିଜେପି
- ବିଜେପିରେ ଆତ୍ମବିଶ୍ୱାସ ଅଭାବର ପ୍ରତିଫଳନ: ବିଶେଷଜ୍ଞ

**ଭୁବନେଶ୍ୱର,୩।୧୦(ସମିସ):** ବିଧାନସଭା ମୌସୁମୀ ଅଧିବେଶନ ଧାର୍ଯ୍ୟ ଅବଧିର ଗୋଟିଏ ଦିନ ଆଗରୁ ଶେଷ ହୋଇଛି। ଦୁର୍ଭାଗ୍ୟଜନକ ଭାବେ ଅଧିବେଶନରେ ଗୋଟିଏ ବି ମୁଲତବୀ ଆଲୋଚନା ହୋଇପାରି ନାହିଁ। ପୂରା ୭ ଦିନର ଗୃହକାର୍ଯ୍ୟ ମଧ୍ୟରୁ ମାତ୍ର ୨ ଦିନ ଗୃହରେ ପ୍ରଶ୍ନକାଳ ଚାଲିଲା। ସେହିପରି ଶୂନ୍ୟକାଳରେ ମଧ୍ୟ ଗୋଟିଏ ବି ରାଜ୍ୟସ୍ୱାର୍ଥକୁ ପ୍ରଭାବିତ କରୁଥିବା ପ୍ରସଙ୍ଗ ଆଲୋଚନା ହେଲା ନାହିଁ କି କୌଣସି ସମସ୍ୟାର ସମାଧାନ ବାହାରି ପାରିଲା ନାହିଁ। ଓଡ଼ିଶା ବିଧାନସଭାକୁ ଅତି ପାଖରୁ ଦେଖିଥିବା ସାମ୍ବାଦିକ, ବୁଦ୍ଧିଜୀବୀ ଚଳିତ ଅଧିବେଶନକୁ ଦେଖି ନିଜର କ୍ଷୋଭ ସମ୍ଭାଳି ପାରୁନାହାନ୍ତି। ମୁଖ୍ୟ ବିରୋଧୀ ଦଳ ଭାବେ ବିଜେପି ନିଜର କର୍ତ୍ତବ୍ୟ ଭୁଲି ଯେପରି ଜାଣିଶୁଣି ଉଦ୍ଦେଶ୍ୟମୂଳକ ଭାବେ ଅପ୍ରସଙ୍ଗକୁ ପ୍ରସଙ୍ଗ କରି ଗୃହ ଚଳାଇ ଦେଲାନାହିଁ, ତାହା ସଭିଙ୍କୁ ମର୍ମାହତ କରିଛି। ରାଜ୍ୟସ୍ୱାର୍ଥ ସମ୍ପର୍କିତ ଗଣ୍ଡା ଗଣ୍ଡା ପ୍ରସଙ୍ଗ ଥିବାବେଳେ ବିଜେପି କେଉଁ ସ୍ୱାର୍ଥରେ ରାଜ୍ୟସ୍ୱାର୍ଥକୁ ଦଳିଦେଲା ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଧାନସଭା ଆରମ୍ଭ ବେଳେ ରାଜ୍ୟବ୍ୟାପୀ ଅନେକ ସଂଗଠନ, ସଂଘ ଗାନ୍ଧୀମାର୍ଗରେ ଏକତ୍ରିତ ହୋଇଥିଲେ। ବିରୋଧୀ ଦଳମାନେ ସେମାନଙ୍କର ଦାବି ଗୃହରେ ଉପସ୍ଥାପିତ କରିବେ ବୋଲି ସେମାନେ ଆଶାବାନ୍ଧି ବସିଥିଲେ। ଅଧିବେଶନ ଆରମ୍ଭ ପୂର୍ବରୁ ଉଭୟ ବିଜେପି ଓ କଂଗ୍ରେସ ନିଜ ନିଜ ବିଧାୟକ ଦଳ ବୈଠକରେ ପୁଳା ପୁଳା ପ୍ରସଙ୍ଗରେ ଆଲୋଚନା କରିବା ସହ ଏସବୁ ପ୍ରସଙ୍ଗ ଗୃହରେ ଉତ୍ଥାପନ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେହିପରି ଗୃହରେ ସମସ୍ତ ପ୍ରକାରର ଗଠନମୂଳକ ଆଲୋଚନା କରାଯିବା ପାଇଁ ସରକାର ପ୍ରସ୍ତୁତ ବୋଲି ମଧ୍ୟ ଶାସକ ଦଳ ପକ୍ଷରୁ କୁହାଯାଇଥିଲା। ମାତ୍ର ଅଧିବେଶନ ଆରମ୍ଭ ହେବା କ୍ଷଣି ଯେପରି ମୁଖ୍ୟ ବିରୋଧୀ ଦଳ ଗୃହରେ ଯେପରି ଆଚରଣ ଏବଂ ଉଚ୍ଚାରଣ କଲା, ତାହାକୁ କେହି ସହଜରେ ହଜମ କରିପାରୁ ନାହାନ୍ତି। ପ୍ରତିଦିନ ଆକାଶରୁ ତୋଳି ଆଣିବା ପରି ବିଜେପି ଗୃହରେ କୌଣସି ସତ୍ୟତା ଏବଂ ଆଧାର ନ ଥିବା ପ୍ରସଙ୍ଗ ଉତ୍ଥାପନ କରି ଯେପରି ଗୃହକୁ ଅଚଳ କଲା ତାହା ସାଧାରଣରେ କଡ଼ା ପ୍ରତିକ୍ରିୟା ସୃଷ୍ଟି କରିଛି। ବିଶେଷକରି ଏହି ୮ ଦିନିଆ ଅଧିବେଶନରେ ଗୃହରେ ମାତ୍ର ୮ଟି ତାରକା ପ୍ରଶ୍ନର ଉତ୍ତର ବିଭାଗୀୟ ମନ୍ତ୍ରୀମାନେ ରଖିଥିଲେ। ଯାହା ଓଡ଼ିଶାରେ ଦୁର୍ବଳ ସଂସଦୀୟ ପରମ୍ପରା ଏବଂ ଏଥିରେ ବିଜେପି ବିଧାୟକଙ୍କ ଭୂମିକାକୁ ଆଗାମୀ ଦିନରେ କାଠଗଡ଼ାରେ ଛିଡ଼ା କରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ନିଜର ଜିଦ୍‌ଖୋର ମନୋଭାବ ପାଇଁ ବିଜେପି ବିଧାୟକମାନେ ବୋଧହୁଏ ଆଦୌ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଆଲୋଚନା କରିବାକୁ ଚାହିଁଲେ ନାହିଁ। ଯାହାଫଳରେ ଚଳିତ ଅଧିବେଶନରେ କେବଳ ସରକାରଙ୍କ ପକ୍ଷରୁ ଯାହା ଲୋକସ୍ୱାର୍ଥ ସମ୍ବଳିତ ନିଷ୍ପତ୍ତି ନିଆ ଯାଇପାରିଲା। ଯଦି ଉଭୟ ବିରୋଧୀ ବିଜେପି ଏବଂ କଂଗ୍ରେସ ଏ ନେଇ ଅଧିକ ଯତ୍ନବାନ ହୋଇଥାନ୍ତେ, ତାହେଲେ ରାଜ୍ୟର ବହୁ ସମସ୍ୟାର ସମାଧାନ ଅନାୟାସରେ ହୋଇପାରିଥାନ୍ତା ବୋଲି ମତପ୍ରକାଶ ପାଇଛି। ସେହିପରି ନିଜ ପଦମର୍ଯ୍ୟାଦାକୁ ବ୍ୟବହାର କରି ସରକାରଙ୍କୁ ଲୋକଙ୍କ କାମ ହାସଲ କରିବା ପରିବର୍ତ୍ତେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରତିଦିନ ନିଜେ ବିବାଦରେ ରହିଲେ ଏବଂ ନିଜର ଦଳର ବିଧାୟକଙ୍କ ଭାବମୂର୍ତ୍ତିକୁ ଅଧିକ ବିଗାଡ଼ିଲେ। ଏପରିକି ଓଡ଼ିଶା ବିଧାନସଭାର ସର୍ବପ୍ରଥମ ମହିଳା ବାଚସ୍ପତି ପ୍ରମିଳା ମଲ୍ଲିକଙ୍କ ପୋଡିୟମକୁ ଡାଲି ଫୋପାଡ଼ି ଯେପରି ବିଜେପି ବିଧାନସଭା ଇତିହାସରେ କଳା ଅଧ୍ୟାୟ ଲେଖିଲା ଏହାତାଙ୍କର ହତୋତ୍ସାହିତ ମନୋଭାବ ସହ ଦଳ ମଧ୍ୟରେ ଆତ୍ମବିଶ୍ୱାସର ଅଭାବକୁ ସ୍ପଷ୍ଟ ରୂପେ ପ୍ରମାଣିତ କରିଛି ବୋଲି ରାଜନୈତିକ ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି। ଆସନ୍ତାକାଲି ବିଜେପି ବିଧାୟକମାନେ ନିଜ ନିଜ ନିର୍ବାଚନମଣ୍ଡଳୀକୁ ଯିବେ। ସେମାନେ ନିଜ ସମର୍ଥକ ଏବଂ ଭୋଟରଙ୍କୁ ଆତ୍ମବିଶ୍ୱାସର ସହ ସାମ୍ନା କରିପାରିବେ ତ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

# ୧୯୯୯ ମହାବାତ୍ୟାରୁ ବିପର୍ଯ୍ୟୟ ପରିଚାଳନା ଶିକ୍ଷାଲାଭ କରିଛି ଓଡ଼ିଶା

**ଭୁବନେଶ୍ୱର,୩।୧୦ (ସମିସ):** ୧୯୯୯ ମସିହା ମହାବାତ୍ୟାରୁ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ପାଇଁ ଶିକ୍ଷାଲାଭ କରିଥିଲା। ସେବେଠାରୁ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଭିତ୍ତିଭୂମି ସୁଦୃଢ଼ ହୋଇ ଆସୁଛି। ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡ଼ିଶାର ଦୀର୍ଘ ବର୍ଷର ଅଭିଜ୍ଞତା ଓ କଠିନ ପରିଶ୍ରମ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଦିଗରେ ଆମର ଆମବିଶ୍ୱାସ ବୃଦ୍ଧି କରିଛି ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଛନ୍ତି। ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସଶସ୍ତ୍ର ବଳ (ସ୍ଥଳ ସେନା, ବାୟୁସେନା, ନୌସେନା ଏବଂ ଭାରତୀୟ ତଟ ରକ୍ଷକ ସେନା ) ଓ ବେସାମରିକ ସେବା ଅଧିକାରୀ(ସିଭିଲ୍ ସର୍ଭିସେସ୍) ଅଧିକାରୀଙ୍କ ମଧ୍ୟରେ ମଧ୍ୟବର୍ତ୍ତୀକାଳୀନ ଦ୍ୱିତୀୟ ପାରସ୍ପରିକ ଭାବବିନିମୟ ଓ ଜ୍ଞାନ ଆହରଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟ ସଚିବ କହିଛନ୍ତି ଯେ ନିକଟରେ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ସମୟରେ ସମସ୍ତଙ୍କ ସହଯୋଗ ପାଇଁ କମ୍ ସମୟ ମଧ୍ୟରେ ପୁନରୁଦ୍ଧାର କାର୍ଯ୍ୟ କରାଯାଇ ପାରିଥିଲା। ଏହାଦ୍ୱାରା ବହୁ ଆହତଙ୍କ ଜୀବନ ରକ୍ଷା କରାଯାଇପାରିଲା। କାର୍ଯ୍ୟକ୍ରମ ସମୟରେ ଜିଲ୍ଲା ସ୍ତରରେ ଥିବା ସାଧନ ଓ ପ୍ରସ୍ତୁତି ସମେତ ରାଜ୍ୟର କ୍ଷମତା ବାହାରେ ରହୁଥିବା ବିପର୍ଯ୍ୟୟ ଘଟିବା କ୍ଷେତ୍ରରେ ରାଜ୍ୟ ଓ ଜାତୀୟ ସ୍ତରୀୟ ସଂସ୍ଥାଗୁଡ଼ିକର ସୁସମନ୍ୱୟକୁ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଥିଲେ।




ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ତଥା ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଅନୁ ଗର୍ଗ ଯୋଗଦେଇ କହିଥିଲେ, ୧୯୫୮ ମସିହାରେ ସ୍ଥାପିତ ଏହି ଏକାଡେମୀ ଏହାର ପ୍ରଶିକ୍ଷଣ ଶୈଳୀରେ ପରିବର୍ତ୍ତନ ଆଣିଛି। କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଆସାମ, ଜାମ୍ମୁ କାଶ୍ମୀରଠାରୁ ଆରମ୍ଭ କରି ତାମିଲନାଡୁ ପର୍ଯ୍ୟନ୍ତ ବିଭିନ୍ନ ପ୍ରଦେଶରୁ ଯୋଗ ଦେଇଥିବା ଅଧିକାରୀମାନେ ନିଜ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ସେହିପରି ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡ଼ଙ୍ଗୀ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଅଗ୍ନିଶମ ବାହିନୀର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ସମ୍ପର୍କରେ ମତ ରଖିଥିଲେ। ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଉଭୟ କ୍ଲାସ୍ ରୁମ୍ ପ୍ରଶିକ୍ଷଣ, ବିଶେଷଜ୍ଞମାନଙ୍କ ସହ ଆଲୋଚନା ସହ କ୍ଷେତ୍ର ପରିଦର୍ଶନ ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି।

# ଫେରାର୍ ସହକାରୀ ଟାକ୍ସ କଲେକ୍ଟର ହାଇଦ୍ରାବାଦ୍‌ରୁ ଗିରଫ

## ଆଜି କୋର୍ଟ ଚାଲାଣ କରିବ ଭିଜିଲାନ୍ସ

**କଟକ,୩।୧୦(ସମିସ):** ଅର୍ଥ ତୋଷରପାତ ମାମଲାରେ ଫେରାର୍ ଅଭିଯୁକ୍ତ ଢେଙ୍କାନାଳ ମ୍ୟୁନିସିପାଲିଟିର ସହକାରୀ ଟାକ୍ସ କଲେକ୍ଟର ସନ୍ତୋଷ କୁମାର ରାଉଳଙ୍କୁ ଭିଜିଲାନ୍ସ ହାଇଦ୍ରାବାଦରୁ ଗିରଫ କରିଛି। ପ୍ରାୟ ୭୭.୯୪ଲକ୍ଷ ଟଙ୍କା ସରକାରୀ ଅର୍ଥ ଅନିୟମିତତା ଅଭିଯୋଗରେ କଟକ ଭିଜିଲାନ୍ସ ପକ୍ଷରୁ ତାଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା। କିନ୍ତୁ ସେ ଗତ ମାର୍ଚ୍ଚ ମାସରୁ ଫେରାର୍ ଥିଲେ। ଭିଜିଲାନ୍ସର ଏକ ଟିମ୍ ହାଇଦ୍ରାବାଦ ଯାଇ ସେଠାରୁ ତାଙ୍କୁ ଗିରଫ କରିବା ସହ ସ୍ଥାନୀୟ ଅଦାଲତରେ ହାଜର କରି ଟ୍ରାଞ୍ଜିଟ୍ ରିମାଣ୍ଡରେ କଟକ ଆଣିଛି। ବୁଧବାର ତାଙ୍କୁ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଗତ ୬ ମାସ ଧରି ସେ ବିଭିନ୍ନ ସ୍ଥାନ ବଦଳାଇବା ସହ ମୋବାଇଲ ସିମ୍ ମଧ୍ୟ ପରିବର୍ତ୍ତନ କରିଚାଲିଥିଲେ। ମୋବାଇଲ ଟ୍ରାକିଂ ବ୍ୟବସ୍ଥା ଦ୍ୱାରା ଭିଜିଲାନ୍ସ ତାଙ୍କ ଉପରେ କଡ଼ା ନଜର ରଖିଥିଲା। ଗତ ୧ ତାରିଖରେ ଜଣେ ଡିଏସପି, ୨ ଜଣ ଏସ୍‌ଆଇ ଓ ଜଣେ ଏଏସଆଇଙ୍କୁ ନେଇ ଗଠିତ ଟିମ ରାଉଳଙ୍କୁ ହାଇଦରାବାଦରେ ଠାବ କରିଥିଲା। ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ମଧ୍ୟ ଏଭଳି ଫେରାର ଥିବା ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିବା କୁହାଯାଇଛି।



# ଚିନ୍ତା ବଢ଼ାଇଲାଣି ହାତୀମୃତ୍ୟୁ: ୯ ବର୍ଷରେ ରୋଗରେ ମଲେଣି ୨୬୧ ହାତୀ

- ୨୦୧୫-୨୦୨୩ରେ ପ୍ରାଣ ହରାଇଛନ୍ତି ୬୯୮ ହାତୀ
- ରୋଗ ଚିହ୍ନଟ ପାଇଁ ଗବେଷଣା ହେଉ: ପ୍ରାଣୀ ବିଶେଷଜ୍ଞ

**ଭୁବନେଶ୍ୱର, ୩।୧୦(ସମିସ):** ୨୦୧୫-୧୬ରୁ ୨୦୨୩-୨୪ ସେପ୍ଟେମ୍ବର ୨୫ ତାରିଖ ସୁଦ୍ଧା ରାଜ୍ୟରେ ମୋଟ ୬୯୮ଟି ହାତୀଙ୍କ ମୃତ୍ୟୁ ହୋଇଛି। ଏହି ୯ବର୍ଷ ମଧ୍ୟରେ ୨୦୧୮-୧୯ରେ ସର୍ବାଧିକ ୯୩ହାତୀଙ୍କ ଜୀବନ ଯାଇଥିବା ବେଳେ ୨୦୨୨-୨୩ରେ ୯୨ହାତୀଙ୍କ ପ୍ରାଣହାନି ହୋଇଛି। ମୃତ ହାତୀମାନଙ୍କ ମଧ୍ୟରୁ ସର୍ବାଧିକ ୨୬୧ ହାତୀ ବିଭିନ୍ନ ରୋଗରେ ପଡ଼ି ପ୍ରାଣ ହରାଇଛନ୍ତି। ସେହିପରି ପାହାଡ଼ରୁ ପଡ଼ିଯିବା, କଳହ, ନାଳରେ ପଡ଼ିବା ଭଳି ଦୁର୍ଘଟଣାରେ ୧୩୨, ବିଦ୍ୟୁତ୍ ଆଘାତରେ ୧୧୩, ସ୍ୱାଭାବିକ ଭାବେ ୬୭ ଓ ଶିକାରରେ ୨୨ଟି ହାତୀ ମରିଛନ୍ତି। ତେବେ ୭୦ ହାତୀଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ ବୋଲି ବନ ବିଭାଗ କହିଛି।

ରାଜ୍ୟର ବିଭିନ୍ନ ଜଙ୍ଗଲରେ ପ୍ରତି ମାସ ହାତୀ ମୃତ୍ୟୁ ଘଟଣା ସାମ୍ନାକୁ ଆସୁଛି। ବିଶେଷକରି ଶିମିଳିପାଳ, ଅନୁଗୁଳ, ଢେଙ୍କାନାଳ ଓ ଆଠଗଡ଼ରେ ଅସ୍ୱାଭାବିକ ହାତୀମୃତ୍ୟୁ ବୃଦ୍ଧି ପାଉଛି। ଯଦିଓ ରାଜ୍ୟ ସରକାରଙ୍କ ତାଲିକାରେ ରୋଗରେ ପଡ଼ି ଅଧିକାଂଶ ହାତୀଙ୍କ ମୃତ୍ୟୁ ହେଉଛି ବୋଲି ଦର୍ଶାଯାଉଛି, ହେଲେ ଏହାକୁ ରୋକିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନଥିବାରୁ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି।



ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେସନ୍ ଟ୍ରଷ୍ଟର ସଦସ୍ୟ ତଥା ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଜିତଶତ୍ରୁ ମହାନ୍ତି କହିଛନ୍ତି ଯେ ବିଭିନ୍ନ କାରଣରୁ ହାତୀଙ୍କୁ ରୋଗ ହୋଇପାରେ। ଖାଦ୍ୟାଭାବ, ଜଳବାୟୁ ପରିବର୍ତ୍ତନ ଓ ସଂକ୍ରମଣରେ ହାତୀଙ୍କ ମୃତ୍ୟୁ ହୋଇଥାଏ। ମଣିଷ ଭଳି ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ବି ଟିକାକରଣ ବ୍ୟବସ୍ଥା ରହିଛି। ଯଦି ହାତୀଙ୍କ କ୍ଷେତ୍ରରେ କିଛି ରୋଗ ବ୍ୟାପୁଛି ଓ ଏଥରେ ଅଧିକ ହାତୀଙ୍କ ପ୍ରାଣ ଯାଉଛି, ସେନେଇ ଗବେଷଣାର ଆବଶ୍ୟକତା ରହିଛି। ଗବେଷଣା କରି ଟିକା ବ୍ୟବସ୍ଥା କରିହେବ। ଏହାଦ୍ୱାରା ହାତୀଙ୍କ ଜୀବନ ବଞ୍ଚାଯାଇପାରିବ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବର୍ତ୍ତମାନ ଜିଲ୍ଲାସ୍ତରରେ ଯେଉଁ ପ୍ରାଣୀ ଚିକିତ୍ସକମାନେ ଅଛନ୍ତି, ସେମାନେ ମୁଖ୍ୟତଃ ଗାଈ, ଛେଳି, ମେଣ୍ଢା, କୁକୁର ଭଳି ଗୃହପାଳିତ ପଶୁ ଚିକିତ୍ସାରେ ସିଦ୍ଧହସ୍ତ। କିନ୍ତୁ ସେମାନେ ବନ୍ୟପ୍ରାଣୀଙ୍କ ଚିକିତ୍ସା କରିବାରେ ସମର୍ଥ ହୋଇପାରୁନାହାନ୍ତି। ଓୟୁଏଟିରେ ଏନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ପ୍ରାଣୀ ଚିକିତ୍ସକମାନଙ୍କୁ ତାଲିମ୍ ଦିଆଯାଇପାରନ।

ସାଧାରଣତଃ ହରପିସ୍, ଆନ୍ଥ୍ରାକ୍ସ ଓ ଖଣ୍ଡିଆ ହେବା ଯୋଗୁଁ କୁଣ୍ଡେଇ ହୋଇ ହାତୀଙ୍କ ଜୀବନ ଯାଉଥିବା ଜଣାପଡ଼ିଛି। ମଙ୍ଗଳବାର ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ରାଜ୍ୟରେ ହାତୀ ମୃତ୍ୟୁ ଜନିତ ତଥ୍ୟ ରଖିବା ପରେ ପରିବେଶବିତ୍ ଓ ପ୍ରାଣୀବିଶେଷଜ୍ଞଙ୍କ ଚିନ୍ତା ବଢ଼ିଛି। ଅପରପକ୍ଷେ, ଏହି ଅବଧି ମଧ୍ୟରେ ୪୮ ଟି କଲରାପତରିଆ ବାଘ ଏବଂ ୭ ଟି ମହାବଳ ବାଘଙ୍କର ମଧ୍ୟ ମୃତ୍ୟୁ ହୋଇଛି ବୋଲି ମଧ୍ୟ ମନ୍ତ୍ରୀ ସୂଚନା ଦେଇଛନ୍ତି। ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ରାଜ୍ୟ ଜଙ୍ଗଲ, ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି।

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଯୋଗେଶ ଚନ୍ଦ୍ର ଜେନା
ଧାରପୁର, ବରୀ, ଯାଜପୁର
ଆବିର୍ଭାବ: ୨୪.୦୩.୧୯୩୫
ତିରୋଧାନ: ୨୩.୦୯.୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ଚରଣରେ ସପରିବାର ପ୍ରାର୍ଥନା କରୁଛୁ ।
-: ଶୋକସନ୍ତପ୍ତ :-
ଚୈତନ୍ୟ ଚରଣ ଜେନା (ବାବାଜୀ), ଗୌରାଙ୍ଗ ଜେନା, ଗୋବିନ୍ଦ ଜେନା, ଗଗନ ଜେନା, ବନ୍ଧୁ ପରିବାରବର୍ଗ

ଏକାଦଶାହ ଉପଲକ୍ଷେ



ସ୍ୱ ଭୁବନି ପ୍ରଧାନ
ଆବିର୍ଭାବ: ୧୩.୦୩.୧୯୬୭
ତିରୋଧାନ: ୨୫.୦୯.୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା ଦିଗ୍‌ଦର୍ଶନ ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆଜି ଆପଣଙ୍କ ଏକାଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ହତଭାଗ୍ୟ
ଭାଇ- ଲମ୍ବୋଦର, ପୁତ୍ର- ଶତାବ୍ଦୀ ଶୋଭନ, ପତ୍ନୀ- ସୁଚିସ୍ମିତା ପ୍ରିୟଦର୍ଶିନୀ, ସମସ୍ତ ସହକର୍ମୀ, ବନ୍ଧୁ ପରିଜନ, ଶୋକସନ୍ତପ୍ତ ସମସ୍ତ ପ୍ରଧାନ ପରିବାରବର୍ଗ।
କୁତୁମ୍ବରୀ, କରଡା, ଗଞ୍ଜାମ




ଜଟଣୀସ୍ଥିତ ନାଇଜର୍ ପରିସରରେ ଟାଟା ସହଯୋଗରେ ହୋମି ଭାବା କ୍ୟାନ୍ସର ହସ୍ପିଟାଲର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ବୋଧିତ କରୁଛନ୍ତି

■ ହବିଷ୍ୟାଳୀ ଯୋଜନା

## ଆରମ୍ଭ ହେଲା ଅନ୍‌ଲାଇନ୍ ପଞ୍ଜୀକରଣ

**ପୁରୀ,୩।୧୦(ସମିସ):** ପୁରୀରେ ରହି କାର୍ତ୍ତିକ ବ୍ରତ ପାଳନ କରିବା ଲାଗି ରାଜ୍ୟ ସରକାର ଆରମ୍ଭ କରିଛନ୍ତି ହବିଷ୍ୟାଳୀ ଯୋଜନା। ଏହି ଯୋଜନା ମାଧ୍ୟମରେ ଆସୁଥିବା ବ୍ରତଧାରୀଙ୍କ ରହିବା, ମହାପ୍ରଭୁଙ୍କ ଦର୍ଶନ, ପୂଜାର୍ଚ୍ଚନା, ମହାପ୍ରସାଦ ସେବନ ଇତ୍ୟାଦିର ସୁବନ୍ଦୋବସ୍ତ କରୁଛନ୍ତି ରାଜ୍ୟ ସରକାର ଓ ପୁରୀ ଜିଲ୍ଲା ପ୍ରଶାସନ। ଚଳିତବର୍ଷ ମଧ୍ୟ ତିନି ହଜାରରୁ ଊର୍ଦ୍ଧ୍ୱ ହବିଷ୍ୟାଳୀ ମା'ମାନଙ୍କ ରହଣି ବ୍ୟବସ୍ଥା କରାଯାଉଛି। ଏଥିପାଇଁ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ପଞ୍ଜୀକରଣ। ପ୍ରଥମ ଦିନରେ ରାତି ୮ଟା ସୁଦ୍ଧା ୭୧ ଜଣ ଆବେଦନ କରିଛନ୍ତି। ତେବେ ଏହି ଯୋଜନା ସମ୍ପର୍କରେ ଅଧିକ ଜାଣିବା ପାଇଁ ଦିଆଯାଇଥିବା ୪ଟି ନମ୍ବରକୁ ପ୍ରାୟ ୫୦ରୁ ୭୦ଟି ଲେଖାଏଁ କଲ୍ ଆସିଛି। ବିଭିନ୍ନ ଜିଲ୍ଲାରୁ ବ୍ରତଧାରୀ ମା' ଏବଂ ତାଙ୍କ ସମ୍ପର୍କୀୟ ଆବେଦନ ସମ୍ପର୍କରେ ପଚାରି ବୁଝିଛନ୍ତି। ବିଶେଷକରି ଆବେଦନର ପ୍ରକ୍ରିୟା, ଏଥିପାଇଁ ଆବଶ୍ୟକ ହେଉଥିବା କାଗଜପତ୍ର, ଅନ୍‌ଲାଇନ ମାଧ୍ୟମରେ ଯଦି ନ କରିପାରନ୍ତି ଅଫ୍‌ଲାଇନରେ କିପରି ଆବେଦନ କରିବେ, ଏମିତି ପ୍ରଶ୍ନ ପଚାରି ଥିବା କହିଛନ୍ତି ପୁରୀ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ। ବୁଧବାରଠାରୁ ଆବେଦନକାରୀଙ୍କ ସଂଖ୍ୟା ବଢ଼ିବ ବୋଲି ସେ ସୂଚନା ଦେଇଛନ୍ତି।

## ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ପଦ ନିମନ୍ତେ ସାନି ମତଦାନ ଆଜି

**ଦିଗପହଣ୍ଡି, ୩।୧୦(ସମିସ):** ଦିଗପହଣ୍ଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦ ନିମନ୍ତେ ଆସନ୍ତାକାଲି(ବୁଧବାର) ସାନି ମତଦାନ ଅନୁଷ୍ଠିତ ହେବ। ମତଦାନ ପ୍ରକ୍ରିୟାକୁ ଶାନ୍ତିଶୃଙ୍ଖଳାର ସହ ସାରିବା ନିମନ୍ତେ ପ୍ରାୟ ୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ବୋଲି ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନିର୍ବାଚନ ନିମନ୍ତେ ସମସ୍ତ ପ୍ରସ୍ତୁତି ସରିଥିବା ନିର୍ବାଚନ ଅଧିକାରୀ ତଥା ସାନଖେମୁଣ୍ଡି ବିଡିଓ ଗାୟତ୍ରୀ ଦତ୍ତ ନାୟକ ସୂଚନା ଦେଇଛନ୍ତି। ବୁଧବାର ଦିନ ୧୦ରୁ ୧୧ଟା ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ, ୧୧ରୁ ସାଢ଼େ ୧୧ଟା ମଧ୍ୟରେ ପ୍ରାର୍ଥିପତ୍ର ଯାଞ୍ଚ, ମଧ୍ୟାହ୍ନ ୧୨ଟା ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କାର୍ଯ୍ୟସୂଚୀ ରହିଛି। ଏକାଧିକ ପ୍ରାର୍ଥୀ ରହିଲେ, ଦିନ ସାଢ଼େ ୧୨ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ।

**ଆଇନଶୃଙ୍ଖଳା ଦୃଷ୍ଟିରୁ ବ୍ୟାପକ ଫୋର୍ସ ମୁତୟନ**

ସୂଚନାଯୋଗ୍ୟ, ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ସୁନୀତା ସେଠୀଙ୍କ ଗତ ଜୁନ୍ ୧୧ ତାରିଖରେ ବିୟୋଗ ପରେ ଏହି ଆସନ ଖାଲି ପଡ଼ିଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦ ନିମନ୍ତେ ବୁଧବାର ସାନି ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଦିଗପହଣ୍ଡି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ୟାପକ ଫୋର୍ସ ମୁତୟନ କରାଯିବ। ଯେଉଁମାନେ ସେଠାରେ ବିଶୃଙ୍ଖଳା ସୃଷ୍ଟି କରିବେ, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

**ରେଭେନ୍ସା ବିଶ୍ୱବିଦ୍ୟାଳୟ ସହକାରୀ ପ୍ରାଧ୍ୟାପିକାଙ୍କ ଗବେଷଣା**

## ୪୯ ବର୍ଷରେ ସମୁଦ୍ର ପତ୍ତନ ୯.୫ ସେମି ବୃଦ୍ଧି

- ସମୁଦ୍ରରେ ଲୀନ ହେଲାଣି ଉପକୂଳବର୍ତ୍ତୀ ୧୬ଟି ଗାଁ
- କ୍ଲାଇମେଟ୍ ଆକ୍ସନ୍ ପ୍ଲାନ୍ କରିବାରେ ଓଡ଼ିଶା ଦେଶରେ ପ୍ରଥମ
- ୧୨ବର୍ଷରେ ଆସିଛି ୧୬ଟି ପ୍ରାକୃତିକ ବିପର୍ଯ୍ୟୟ

**କଟକ,୩।୧୦(ସମିସ):** ପ୍ରତିବର୍ଷ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛି ଓଡ଼ିଶା। ସାଧାରଣତଃ ବର୍ଷାଦିନରେ ଥରେ କିମ୍ବା ଦୁଇଥର ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇଥାଏ। ତେବେ ସମ୍ପ୍ରତି ବର୍ଷକରେ ଏକାଧିକ ବାର ଏହି ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି। ଏହାର ମୁଖ୍ୟ କାରଣ ହେଉଛି ଜଳବାୟୁର ପରିବର୍ତ୍ତନ। ୧୯୬୬ରୁ ୨୦୧୫ ପର୍ଯ୍ୟନ୍ତ ୪୯ ବର୍ଷ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସମୁଦ୍ର ପତ୍ତନ ୯.୫ ସେଣ୍ଟିମିଟର ବୃଦ୍ଧି ପାଇଛି। ଏଥିଯୋଗୁଁ ଅଧିକ ମାତ୍ରାରେ ଜୁଆର ସୃଷ୍ଟି ହେବା ସହ ସମୁଦ୍ର ଜଳ ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଗାଁଗୁଡ଼ିକରେ ପଶିଛି। ଫଳରେ ଗତ ୧୨ବର୍ଷ ମଧ୍ୟରେ ଉପକୂଳବର୍ତ୍ତୀ ୧୬ ଗାଁ ସମୁଦ୍ରରେ ଲୀନ ହୋଇଛି। ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ପୁରୀ, ଗଞ୍ଜାମ ଭଳି ଜିଲ୍ଲାର ବହୁ ଉପକୂଳବର୍ତ୍ତୀ ଅଧିବାସୀମାନେ ଗାଁ ଛାଡ଼ି ଅନ୍ୟତ୍ର ବସତି ସ୍ଥାପନ କଲେଣି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୨ଶହ ଘର ନିଶ୍ଚିହ୍ନ ହୋଇଛି। ୧୦୦ରୁ ଊର୍ଦ୍ଧ୍ୱ ଘର ସମୁଦ୍ର ଜଳରେ ବୁଡ଼ିବା ସ୍ଥିତିରେ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାର ସାତଭାୟା, ଜଗତସିଂହପୁର ଜିଲ୍ଲାର ପାରାଦୀପ ବନ୍ଦର ଅଞ୍ଚଳ, ପୁରୀ ସମୁଦ୍ର କୂଳ ଏବଂ ଗୋପାଳପୁର ବନ୍ଦରର ଉତ୍ତର ଭାଗରେ ଥିବା ବିଭିନ୍ନ ଅଞ୍ଚଳରେ ଉପକୂଳ କ୍ଷୟ ହେବାର ସମ୍ଭାବନା ଅଛି। ଏନେଇ ଇଣ୍ଟିଗ୍ରେଟେଡ କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ (ଆଇସିଜେଏମ) ପ୍ରକଳ୍ପ ପୂର୍ବାନୁମାନ କରିଛି ବୋଲି ରେଭେନ୍ସା ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ. ମାଳିନୀପ୍ରଭା ସେଠୀଙ୍କ ଗବେଷଣାରୁ ଜଣାପଡ଼ିଛି। ଏସିଆନ ଡିଜାଷ୍ଟର ପ୍ରିପେୟାର୍ଡନେସ ସେଣ୍ଟର (ଏଡିପିସି) ଦ୍ୱାରା ଏହି ଗବେଷଣାର ଏକ ରିପୋର୍ଟ ମଧ୍ୟ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ ଭାବେ ଏଭଳି ବିପର୍ଯ୍ୟୟର ମୁକାବିଲା ପାଇଁ 'କ୍ଲାଇମେଟ ଆକ୍ସନ ପ୍ଲାନ' କରିଛି। ସମୁଦ୍ର ଜୁଆରର ଗତି ରୋକିବାକୁ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଙ୍ଗଲ ଏବଂ ଘଞ୍ଚ ବନାନୀ ସୃଷ୍ଟି କରାଯାଉଛି। ଜିଓ ସିନ୍ଥେଟିକ ଟ୍ୟୁବ ଲଗାଯିବାକୁ ଯୋଜନା ହୋଇଛି। ଏହା ଏକ ବ୍ୟାଗ ଆକୃତିର ହୋଇଥିବାବେଳେ ଏଥିରେ ବାଲି ଭର୍ତ୍ତି କରାଯାଇ ସମୁଦ୍ର କୂଳରେ ପକାଯିବ। ଯାହାଦ୍ୱାରା ସମୁଦ୍ର ଜୁଆର ଗତିକୁ ପ୍ରତିହତ କରାଯାଇପାରିବ ବୋଲି ସୂଚନା ମିଳିଛି।

ଓଡ଼ିଶାରେ ସମୁଦ୍ର ପତ୍ତନ ବୃଦ୍ଧିକୁ ନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସେଠୀ ନିଜର ଗବେଷଣା ଆରମ୍ଭ କରିଥିଲେ। ପ୍ରାୟ ୬ ମାସ ଧରି ସେ ଓଡ଼ିଶାରେ ଥିବା ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ଅଞ୍ଚଳ ଯଥା କେନ୍ଦ୍ରାପଡ଼ା ଜିଲ୍ଲାର ଶ୍ରୀରାମପୁର, ମଠସାହି, ସାତଭାୟା ଅଞ୍ଚଳ, ଗଞ୍ଜାମ ଜିଲ୍ଲାର ପୋଡ଼ମପେଟା, ରାମାୟା ପାଟଣା, ବାଲେଶ୍ୱର ଜିଲ୍ଲାର ତଳସାହି ଏବଂ ଉଦୟପୁରରେ ବୁଲି ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ଏହି ଗବେଷଣା ବେଳେ ସେମାନେ କିଛି ଗାଁର କୌଣସି ଲୋକ ନ ଥିବା ଦେଖିବାକୁ ପାଇଥିଲେ ତ ଆଉ କିଛି ସ୍ଥାନରେ ସମଗ୍ର ଗାଁ ସମୁଦ୍ରରେ ଲୀନ ହୋଇଥିବା ଜଣିବାକୁ ପାଇଥିଲେ। ବିଶେଷକରି ଗଞ୍ଜାମ ଜିଲ୍ଲାର ୨ଟି ଗ୍ରାମ ଯଥା ପୋଡ଼ମପେଟା ଏବଂ ରାମାୟା ପାଟଣା ଏବେ ଭୂତ ଗ୍ରାମରେ ପରିଣତ ହୋଇସାରିଛି। ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀ ପରିବାରମାନେ ମଧ୍ୟ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ଗ୍ରାମଦ୍ୱୟରେ ୭୦ ପ୍ରତିଶତ ଘର ସମୁଦ୍ରରେ ମିଶିଯାଇଛି। ତେଣୁ ଭବିଷ୍ୟତରେ ଉପକୂଳ କ୍ଷୟ ରୋକିବା ନେଇ ରାଜ୍ୟ ସରକାର କେଉଁ ପ୍ରକାର ପଦକ୍ଷେପ ନେଇଛନ୍ତି, ତାହା ମଧ୍ୟ ଗବେଷଣା ପରିସରଭୁକ୍ତ କରାଯାଇଥିଲା। ତେବେ ସଂଗୃହୀତ ତଥ୍ୟ ଅନୁଯାୟୀ ଆଇସିଜେଏମ୍ ପ୍ରକଳ୍ପରେ ରାଜ୍ୟସରକାରଙ୍କ ଦ୍ୱାରା ଉପକୂଳବର୍ତ୍ତୀ ଅଞ୍ଚଳରେ ମାଟି ଉପରକୁ ଚେର କାଢ଼ି ବଢ଼ୁଥିବା ଗ୍ରୀଷ୍ମମଣ୍ଡଳୀୟ ଗଛ ଲଗାଯାଇଛି। ଏହି ଗଛର ମୂଳ ଜୁଆର ଗତିକୁ ରୋକିବା ପାଇଁ କାର୍ଯ୍ୟ କରିଥାଏ। ଏହାର ପତ୍ରଗୁଡ଼ିକ ମଧ୍ୟ ଦ୍ରୁତ ପବନ ଏବଂ ଘୂର୍ଣ୍ଣିଝଡ଼ ରୋକିବାର ସହାୟକ ହୋଇଥାଏ। ଏପରିକି ବର୍ଷାଜଳ ଅମଳ, ଶିଳ୍ପ ପାଇଁ ସବୁଜ କ୍ଷେତ୍ର ସୃଷ୍ଟି କରାଯାଉଛି। ଏହା କେବଳ ଜଳବାୟୁ ପ୍ରଭାବକୁ ମୁକାବିଲା କରିବ ନାହିଁ ବରଂ ପ୍ରଦୂଷଣ ସ୍ତରକୁ ମଧ୍ୟ ହ୍ରାସ କରିବ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି।



■ +୨ ପରୀକ୍ଷା ପାଇଁ ସିଏଚ୍‌ଏସ୍‌ଇ ପକ୍ଷରୁ ତତ୍ପରତା

## ନଭେମ୍ବର ୨୧ରୁ ଫର୍ମପୂରଣ

**ଭୁବନେଶ୍ୱର,୩।୧୦(ସମିସ):** ଯୁକ୍ତ ଦୁଇ ପରୀକ୍ଷା ପାଇଁ ତତ୍ପରତା ପ୍ରକାଶ କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚଏସଇ)। ପରିଷଦ ଦ୍ୱାରା ଆୟୋଜିତ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ +୨ ପରୀକ୍ଷା ଫେବୃଆରୀ ୧୪ରୁ ଆରମ୍ଭ ହେବ। ପରୀକ୍ଷା ପାଇଁ ପିଲାଙ୍କ ଫର୍ମ ପୂରଣ ସୂଚୀ ସିଏଚ୍‌ଏସ୍‌ଇ ପକ୍ଷରୁ ପ୍ରକାଶ ପାଇଛି। ରେଗୁଲାର୍ ପିଲାଙ୍କ ଫର୍ମ ପୂରଣ ଆସନ୍ତା ନଭେମ୍ବର ୨୧ରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ। ପରେ ଡିସେମ୍ବର ୧ରୁ ୭ ତାରିଖ ମଧ୍ୟରେ ଜରିମାନା ଦେଇ ଫର୍ମପୂରଣ କରିପାରିବେ। ଏକ୍ସ-ରେଗୁଲାର୍ ପିଲାଙ୍କ ସାଧାରଣ ଫର୍ମ ପୂରଣ ପ୍ରକ୍ରିୟା ଶେଷ ହୋଇଛି। ଆସନ୍ତା ୫ରୁ ୭ ତାରିଖ ମଧ୍ୟରେ ୪୫୦ ଲେଖାଏଁ ଜରିମାନା ଦେଇ ଫର୍ମ ପୂରଣ କରିପାରିବେ। ସମସ୍ତ ପର୍ଯ୍ୟାୟର ଫର୍ମ ପୂରଣ ପ୍ରକ୍ରିୟା ଡିସେମ୍ବର ୭ ସୁଦ୍ଧା ସାରିବାକୁ ପରିଷଦ ମାର୍ଗଦର୍ଶିକା ଜାରି କରିଥିବା ବେଳେ ଏଥିରେ ତାରିଖରେ ଆଗକୁ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ପରୀକ୍ଷା ନିୟନ୍ତ୍ରକ କହିଛନ୍ତି। ୨୦୨୩-୨୪ ଶିକ୍ଷା ବର୍ଷର +୨ ପରୀକ୍ଷା ଫେବୃଆରୀ ୧୪ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୩ରେ ଶେଷ ହେବ। ଜାନୁଆରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ପରୀକ୍ଷା ସୂଚୀ ପ୍ରକାଶ ପାଇବ। ବିଗତ ବର୍ଷ ଭଳି ଏବର୍ଷ ମଧ୍ୟ ୮୦ ପ୍ରତିଶତ ବାର୍ଷିକ ଓ ୨୦ ପ୍ରତିଶତ ଇଣ୍ଟରନାଲ୍ ପରୀକ୍ଷାର ୱେଟେଜ୍‌କୁ ନେଇ ଚୂଡ଼ାନ୍ତ ଫଳ ପ୍ରକାଶ ପାଇବ। ସେହିଭଳି ଚଳିତ ଶିକ୍ଷା ବର୍ଷରୁ +୨ ପ୍ରଥମ ବର୍ଷ ବିଜ୍ଞାନ ପାଠ୍ୟକ୍ରମରେ ସିଏଚ୍‌ଏସଇ ସାମାନ୍ୟ ପରିବର୍ତ୍ତନ କରିଛି। ସିବିଏସଇ ବୋର୍ଡ ଅନୁଯାୟୀ ସିଏଚ୍‌ଏସ୍‌ଇ ଏହି ପରିବର୍ତ୍ତନ କରିଛି। କେବଳ ଗଣିତ ବିଷୟର ପାଠ୍ୟକ୍ରମରେ ସାମାନ୍ୟ ପରିବର୍ତ୍ତନ କରାଯାଇଥିବାବେଳେ ଅବଶିଷ୍ଟ ବିଷୟଗୁଡ଼ିକ ପୁରୁଣା ପାଠ୍ୟକ୍ରମ ଅନୁଯାୟୀ ପାଠପଢ଼ା ହେଉଛି।

**ଫେବୃଆରୀ ୧୪ରୁ ମାର୍ଚ୍ଚ୧୩ ମଧ୍ୟରେ ଯୁକ୍ତ ଦୁଇ ପରୀକ୍ଷା**

## ତୃତୀୟ ପର୍ଯ୍ୟାୟ +୨ ନାମଲେଖା ପାଇଁ ଆଜିଠୁ ଆବେଦନ

**ଭୁବନେଶ୍ୱର,୩।୧୦(ସମିସ):** ରାଜ୍ୟର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଖାଲିଥିବା ସିଟ୍‌ରେ ତୃତୀୟ ପର୍ଯ୍ୟାୟ +୨ ନାମଲେଖା ପ୍ରକ୍ରିୟା ଅନୁଷ୍ଠିତ ହେବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଛାତ୍ରଛାତ୍ରୀ ଅକ୍ଟୋବର ୪ରୁ ଆବେଦନ କରିବାକୁ ଥିବା ବେଳେ ୮ତାରିଖ ଆବେଦନର ଶେଷ ତାରିଖ ରହିଛି। ୧୧ ତାରିଖରେ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ୧୩ ଓ ୧୪ ତାରିଖରେ ଶିକ୍ଷାନୁଷ୍ଠାନ ସ୍ତରରେ ପିଲାଙ୍କ ନାମଲେଖା ଅନୁଷ୍ଠିତ ହେବ। ଅକ୍ଟୋବର ୧୭ରେ ୱେଟିଂ ତାଲିକାରେ ଥିବା ପିଲାଙ୍କ ନାମଲେଖା ପାଇଁ ପଞ୍ଜୀକରଣ କରାଯିବାକୁ ଥିବା ବେଳେ ୧୯ ତାରିଖ ସୁଦ୍ଧା ନାମଲେଖା ପ୍ରକ୍ରିୟା ଶେଷ ହେବ। ସୂଚନା ଥାଉକି ବିଗତ ଦୁଇ ପର୍ଯ୍ୟାୟରେ ୪ଲକ୍ଷ ୧୧ ହଜାର ୮୨୬ଜଣ ଛାତ୍ରଛାତ୍ରୀ ନାମଲେଖାଇଛନ୍ତି। ବିଭିନ୍ନ +୨ କଲେଜରେ ୫,୨୦,୯୨୦ ସିଟ୍ ଉପଲବ୍ଧ ଥିବାବେଳେ ପ୍ରାୟ ୧ଲକ୍ଷ ୧୦ ହଜାର ସିଟ୍ ବଳକା ରହିଛି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍ : crpd@sbi.co.in

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି
ନିୟମିତ ଏବଂ ଚୁକ୍ତିନାମା ଆଧାରରେ

ନିୟମିତ ଏବଂ ଚୁକ୍ତିଭିତ୍ତିକ ଆଧାରରେ ବିଭିନ୍ନ ସ୍ପେଶିଆଲିଷ୍ଟ (ଆଇଟି ଏବଂ ନନ୍-ଆଇଟି) ପଦବୀ ପାଇଁ ଭାରତୀୟ ନାଗରିକଙ୍କ ଠାରୁ ଆବେଦନ ଗୁଡ଼ିକ ଆମନ୍ତ୍ରିତ କରାଯାଉଛି । ଆବେଦନ କରିବା ପାଇଁ, ନିମ୍ନରେ ଥିବା କ୍ୟୁଆର୍ କୋଡ୍ କ୍ଲିକ୍ କରି ଆମର କ୍ୟାରିଅର୍ ପେଜ୍ ଏବଂ ସବିଶେଷ ବିଜ୍ଞାପନ ଦେଖନ୍ତୁ:

| ବିଜ୍ଞାପନ ନଂ. CRPD/SCO/2023-24/14 ପଦବୀ: 439 (ନିୟମିତ) ଆଇଟି ସମ୍ବନ୍ଧିତ ପୋଷ୍ଟଗୁଡ଼ିକ | ବିଜ୍ଞାପନ ନଂ. CRPD/SCO/2023-24/22 ପଦବୀ: 3 (ଚୁକ୍ତିଭିତ୍ତିକ) ନନ୍-ଆଇଟି ସମ୍ବନ୍ଧିତ ପୋଷ୍ଟଗୁଡ଼ିକ | |
|---|---|---|
| | ପୋଷ୍ଟ ନାମ | ଖାଲି |
| | ବିଶେଷଜ୍ଞ (ଗ୍ରୀନ୍ ଫାଇନାନ୍ସ) | 1 |
| | ବିଶେଷଜ୍ଞ (ଇଏସ୍‌ଜୀ ଫାଇନାନ୍ସ) | 1 |
| | ବିଶେଷଜ୍ଞ (ରିନ୍ୟୁଏବଲ୍ ଏନର୍ଜୀ) | 1 |

ଆବେଦନ ଏବଂ ଫିସ୍ ପ୍ରେରଣ କରିବା ପୂର୍ବରୁ ଯୋଗ୍ୟତା ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନ ଦେଖନ୍ତୁ (https://bank.sbi/careers/current-openings)।
- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.09.2023 ରୁ 06.10.2023 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 16.09.2023
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)



BSKY ରେ ନିଃଶୁଳ୍କ ଚିକିତ୍ସାର ସୁବିଧା
ମିଉଲ ହସ୍ପିଟାଲ
PRE ACCREDITED

କ୍ୟାନ୍ସରକୁ ଡରନ୍ତୁ ନାହିଁ, ଲଢ଼ନ୍ତୁ
କ୍ୟାନ୍ସର ବିଭାଗ
ସମସ୍ତ ପ୍ରକାରର କ୍ୟାନ୍ସର ପାଇଁ
- କିମୋଥେରେପି, ସର୍ଜରୀ
- ସିଙ୍କାଇ ରେଡିୟୋଥେରେପି
- ପ୍ୟାଲିଏଟିଭ୍ ଥେରେପି
- ବ୍ଲଡ୍ କ୍ୟାନ୍ସର୍
- ସମସ୍ତ ରକ୍ତ ରୋଗଗୁଡିକର ଚିକିତ୍ସା

ରାୟପୁର
ହୋଲିକ୍ରସ କପା ସ୍କୁଲର ବିପରୀତ,
ଅବନ୍ତୀ ବାଇ ଛକ, ପାଣ୍ଡରି, ରାଏପୁର (ସି.ଜି)
୯୧୩୧୩୯୯୫୭୦
୯୩୪୩୦୭୯୧୫୧







ସକାଳ THE SAKALA

କଟକ ସିଟି

www.sakalaepaper.com

### ଏସସିବି ମେଡିକାଲରେ ବିଧାୟକଙ୍କ ସମୀକ୍ଷା ବୈଠକ

# ଅବ୍ୟବସ୍ଥାର ସମାଧାନ ପାଇଁ ଅଧିକାରୀଙ୍କୁ ତାଗିଦ୍

**କଟକ,୩।୧୦(ସମିସ):** ଦୁଇ ଦିନ ଧରି ଏସସିବି ମେଡିକାଲରେ ବିଭିନ୍ନ ବିଭାଗରେ ବିଦ୍ୟୁତ ତ୍ରୁଟି ଦେଖିବାକୁ ମିଳିଥିଲା। ଯାହା ଫଳରେ ଅନେକ ରୋଗୀ ଓ ରୋଗୀଙ୍କ ପରିବାର ବିଦ୍ୟୁତ ତ୍ରୁଟି ଯୋଗୁ ହଇରାଣ ହରକତ ହୋଇଥିଲେ। ଏହାପରେ ପୁଣି ବିଭିନ୍ନ ବିଭାଗରେ ପାନୀୟ ଜଳର ସମସ୍ୟା ଦେଖାଯାଇଥିଲା। ତେବେ ଆଜି ଏସସିବି ମେଡିକାଲରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଏବଂ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନେଇ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅବ୍ୟବସ୍ଥା ନେଇ ବିଭାଗୀୟ ଅଧିକାରୀଙ୍କ ଉପରେ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସସିବି କୁ ନୂଆ ରୂପରେଖ ଦେବାକୁ ଚାହୁଁ ଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷ ମଧ୍ୟ ନିଜେ ପ୍ରୟାସ ଜାରି ରଖିଛନ୍ତି। କିନ୍ତୁ ଦୁଃଖର ବିଷୟ କିଛି ବିଭାଗର ଅଫିସର ମାନଙ୍କର କାର୍ଯ୍ୟରେ ଅବହେଳା ଯୋଗୁଁ ଅନେକ ସମୟରେ ଏସସିବି ମେଡିକାଲକୁ ନେଇ ଚର୍ଚ୍ଚା ଜୋର ଧରୁଛି। ବିଶ୍ୱସ୍ତରୀୟ ହେବାକୁ ଯାଉଥିବା ଏସସିବି ମେଡିକାଲରେ ଅନେକ ସମୟରେ ପାନୀୟ ଜଳ, ବିଦ୍ୟୁତ ସେବା ଇତ୍ୟାଦି ବାଧାପ୍ରାପ୍ତ ହେବା ଘଟଣା ଅନେକ ସମୟରେ ଦେଖା ଦେଇଛି। ଯାହା ଅତ୍ୟନ୍ତ ଦୁଃଖ ଦାୟକ ଘଟଣା ବୋଲି ବିଧାୟକ ଶ୍ରୀ ବିଶ୍ୱାଳ କହିଥିଲେ। ତେବେ ଉକ୍ତ ସମସ୍ୟା ଗୁଡିକର ସମାଧାନ ପାଇଁ ଆଜି ବିଧାୟକ ଶ୍ରୀ ବିଶ୍ୱାଳ, ମେଡିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ କରାଯାଇଥିଲା।୨୪ଘଣ୍ଟା ନିରବଚ୍ଛିନ୍ନ ପାନୀୟ ଜଳ ଓ ବିଦ୍ୟୁତ ସେବା ଉପରେ ଗୁରୁତ୍ୱ ଦେବାସହ ଯେପରି କୌଣସି ବିଭ୍ରାଟ ଭବିଷ୍ୟତରେ ନ ଘଟେ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ। ଏଥିସହ କାର୍ଯ୍ୟରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି କଡା ଚେତାବନୀ ଦେଇଛନ୍ତି। ଆଗାମୀ ୭ଦିନ ମଧ୍ୟରେ କାର୍ଯ୍ୟର ଅଗ୍ରଗତି ନେଇ ପୁଣି ବୈଠକ ବସିବା ନେଇ ବିଧାୟକ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ଏସସିବି ମେଡିକାଲ କଲେଜର ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର, କୁଳସଚିବ ଡ. ଅବିନାଶ ରାଉତ, ଜନ ସ୍ୱାସ୍ଥ୍ୟ ବିଭାଗର ଜି.ଏମ୍ ୱାଟ୍‌କୋ, ଏସିବି ମେଡିକାଲ କଲେଜକୁ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଏସ.ଡି.ଓ, ପିଏଚ୍‌ଡି, ଆସିଷ୍ଟାଣ୍ଟ ଇଞ୍ଜିନିୟର ପିଏଚ୍, ଆର ଏଣ୍ଡ ବିର ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଜି.ଇ.ଡିର ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ, ସହକାରୀଯନ୍ତ୍ରୀପ୍ରମୁଖଉପସ୍ଥିତଥିଲେ।



## ରୋଗୀ ସମ୍ପର୍କୀୟ-ସୁରକ୍ଷାକର୍ମୀ ହାତାହାତି

**କଟକ,୩।୧୦(ସମିସ):** ଏସ୍‌ସିବି ମେଡିକାଲ ନନଟ୍ରମା କାଜୁଆଲିଟିରେ ମଙ୍ଗଳବାର ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ରୋଗୀ ସମ୍ପର୍କୀୟ ଓ ସୁରକ୍ଷାକର୍ମୀ ହାତାହାତି ହୋଇଥିଲେ। ମେଡିକାଲ ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଭଦ୍ରକ ଅଞ୍ଚଳର ଧନେଶ୍ୱର ଦାସଙ୍କ ପେଟ ଯନ୍ତ୍ରଣା ହେବାରୁ ଚିକିତ୍ସା ଲାଗି ଏସସିବିକୁ ଆସିଥିଲେ। ନନ୍ ଟ୍ରମା କାଜୁଆଲଟିରେ ଟିକେଟ କାଟିବା ପରେ ତାଙ୍କ ସହ ୪ଜଣ ବ୍ୟକ୍ତି ଡାକ୍ତରଙ୍କୁ ଦେଖାଇବାକୁ ଭିତରକୁ ପ୍ରବେଶ କରୁଥିଲେ। ପ୍ରବେଶ ଫାଟକ ନିକଟରେ ଥିବା ଜଣେ ମହିଳା ସୁରକ୍ଷା କର୍ମୀ ଏହାକୁ ପ୍ରତିବାଦ କରିଥିଲେ। ରୋଗୀଙ୍କ ସାଙ୍ଗରେ ଜଣେ କିମ୍ବା ଦୁଇଜଣ ସମ୍ପର୍କୀୟଙ୍କୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ବୋଲି କହିଥିଲେ। ଏହି ଘଟଣାକୁ ନେଇ ସେଠାରେ ଧନେଶ୍ୱରଙ୍କ ସମ୍ପର୍କୀୟମାନେ ହୋହାଲ୍ଲା କରିଥିଲେ। ମହିଳା ସୁରକ୍ଷାକର୍ମୀଙ୍କୁ ଗାଳି ଗୁଲଜ କରିଥିଲେ। ପରେ ଘଟଣା ବଡ ରୂପ ନେଇଥିବା ବେଳେ ଧନେଶ୍ୱରଙ୍କ ସମ୍ପର୍କୀୟ ଏବଂ କିଛି ସୁରକ୍ଷାକର୍ମୀଙ୍କ ଭିତରେ ଗଣ୍ଡଗୋଳ ହୋଇଥିଲା।

● ଆଜି ଏସ୍‌ସିବିରେ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ

## ମାଲମାଲ ସମସ୍ୟା ଉପରେ ହେବ ଗୁରୁତ୍ୱାରୋପ

**କଟକ,୩।୧୦(ସମିସ):** ବୁଧବାର ଏସ୍‌ସିବି ମେଡିକାଲରେ ଅନୁଷ୍ଠିତ ହେବ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ। ସମିତିର ଅଧ୍ୟକ୍ଷ ତଥା ସିଏମସି କମିଶନର ନିଖିଳ ପଓନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଗତ କିଛି ଦିନ ହେବ ଏକାଧିକ ପ୍ରସଙ୍ଗକୁ ନେଇ ଏସ୍‌ସିବି ମେଡିକାଲ ବିବାଦୀୟ ସ୍ଥିତିରେ ପହଞ୍ଚି ସାରିଛି। ପ୍ରଶାସନିକ ଅବହେଳାକୁ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଙ୍ଗୁଳି ଉଠୁଛି। ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ବୈଠକରେ ବିଶେଷ ରୂପେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି। ଗତ ଶନିବାର ଏସ୍‌ସିବି ମେଡିକାଲରେ ବିଦ୍ୟୁତ ବିଭ୍ରାଟ ଘଟିଥିଲା। ଏକାଧିକ ୱାର୍ଡ ଅନ୍ଧାର ରହିବା ସାଙ୍ଗକୁ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିଲା। ଏହି ବିଭ୍ରାଟର ଗୋଟିଏ ଦିନ ନ ପୁରୁଣୁ ରବିବାର ଆଉ ଏକ ସମସ୍ୟା ସାମ୍ନାକୁ ଆସିଥିଲା। ପାଣି ପାଇପ୍ ଫାଟିବା ଯୋଗୁଁ ରୋଗୀମାନେ ୫ ଘଣ୍ଟା ଧରି ଜଳକଷ୍ଟର ସମ୍ମୁଖୀନ ହୋଇଥିଲେ। ଉକ୍ତ ଦୁଇ ପ୍ରସଙ୍ଗ ମେଡିକାଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ମୁଖ୍ୟତଃ ଉପରୋକ୍ତ ଦୁଇ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ସେହିପରି ଗତ ସପ୍ତାହରେ ଏସ୍‌ସିବି ମେଡିକାଲରେ ଏକ ଭିନ୍ନ ଧରଣର ବିବାଦ ଉପୁଜିଥିଲା। ମେଡିକାଲ ଫାଣ୍ଡି ଏବଂ ମେଡିକାଲ କର୍ତ୍ତୃପକ୍ଷ ଏକ ନିର୍ଦ୍ଦିଷ୍ଟ ଗାଇଡଲାଇନକୁ ନେଇ ଛନ୍ଦି ହୋଇଥିଲେ। ଯେଉଁଥିପାଇଁ ଅପରିଚିତ ରୋଗୀଙ୍କ ମୃତଦେହ ସତ୍କାର ହେବାରେ ସମସ୍ୟା ଦେଖାଦେଇଥିଲା। ଏମଏଲସି (ମେଡିକୋ ଲିଗାଲ କେସ୍) ନହେଲେ ଅପରିଚିତ କିମ୍ବା ଅସହାୟ ରୋଗୀଙ୍କ ଶବ ସତ୍କାର କରାଯିବ ନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଇଥିଲା। ଏହି ଘଟଣାର ନିଷ୍କର୍ଷ ଏ ପର୍ଯ୍ୟନ୍ତ ବାହାରି ପାରିନାହିଁ। ଏ ପ୍ରସଙ୍ଗ ମଧ୍ୟ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଉତଥାପନ କରାଯିବ।

■ ବିଦ୍ୟୁତ ବିଭ୍ରାଟ, ଜଳ ସଙ୍କଟ ପାଲଟିବ ମୁଖ୍ୟ ପ୍ରସଙ୍ଗ

■ ଅସହାୟ ବ୍ୟକ୍ତିଙ୍କ ଶବ ସତ୍କାର ସମସ୍ୟା ଉତ୍ଥାପନ ହେବ

## ସରକାରୀ ଜମିରେ ରହୁଥିବା ୯୯ ବସ୍ତିର ବାସିନ୍ଦାଙ୍କୁ ମିଳିବ ପଟ୍ଟା

**କଟକ,୩।୧୦(ସମିସ):** କଟକ ମହାନଗର ଅଭିଯୋଗ ଓ ସାମାଜିକ ନ୍ୟାୟ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ବିଶେଷ କରି ସହରରେ ଥିବା ମୋଟ ବସ୍ତିରୁ ୯୯ଟି ବସ୍ତିର ବାସିନ୍ଦାମାନେ ସରକାରୀ ଜମିରେ ବାସଗୃହ କରି ରହୁଛନ୍ତି। ତେଣୁ ସେମାନଙ୍କୁ ଜମି ଅଧିକାର ବାବଦକୁ ପଟ୍ଟା ଯୋଗାଇଦେବାକୁ ଆଲୋଚନା ହୋଇଥିଲା। ଏବେ ସୁଦ୍ଧା ୨ହଜାର ପଟ୍ଟା ପ୍ରସ୍ତୁତ ହୋଇଥିବାବେଳେ ଚଳିତମାସ ଶେଷ ସୁଦ୍ଧା ସମସ୍ତ ପଟ୍ଟା ବଣ୍ଟନ କାର୍ଯ୍ୟ ଶେଷ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିଭଳି ୧୬୩ଟି ପଞ୍ଜିକୃତ ବସ୍ତିରେ ରହୁଥିବା ବାସିନ୍ଦାମାନେ ଘରୋଇ ମାଲିକାନାରେ ଥିବା ଜମିରେ ବସବାସ କରୁଛନ୍ତି। ତେଣୁ ସେମାନଙ୍କୁ ଆଉ ପଟ୍ଟା ମିଳିବ ନାହିଁ ବୋଲି ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା। ଅନେକ ଯୋଗ୍ୟ ହିତାଧିକାରୀ ରାସନକାର୍ଡରେ ଅର୍ନ୍ତଭୁକ୍ତ ହୋଇପାରିନାହାନ୍ତି। ତେଣୁ ନୂତନ ଭାବେ ଅନଲାଇନ ପୋର୍ଟାଲରେ ଆବେଦନ ପ୍ରକ୍ରିୟା ହେବ। ଲୋକମାନଙ୍କୁ ସଚେତନ କରିବା ନେଇ ସମସ୍ତ କର୍ପୋରେଟର ସହଯୋଗ କରିବା ନିମନ୍ତେ ଆଲୋଚନା ହୋଇଥିଲା। ୩ହଜାର ନୂତନ ହିତାଧିକାରୀ ଭତ୍ତା ପାଇବେ। ସୁଚରରୂପେ ଏହି ହିତାଧିକାରୀଙ୍କ ଭତ୍ତା କାର୍ଡ ବଣ୍ଟନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ସଦସ୍ୟ ଉପସ୍ଥିତ ଥିଲେ।

**ଅକ୍ଟୋବର ସୁଦ୍ଧା ଦେବାକୁ ସିଏମସିର ନିଷ୍ପତ୍ତି**

■ ପ୍ରଜାତନ୍ତ୍ର ପ୍ରକାଶନର ଶହେ ବର୍ଷ ପୂର୍ତ୍ତି ସମାରୋହ

## 'ଗଣତନ୍ତ୍ରକୁ ସଶକ୍ତ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ'



**କଟକ,୩।୧୦(ସମିସ):** ପ୍ରଜାତନ୍ତ୍ର ପ୍ରକାଶନର ଶହେବର୍ଷ ପୂରଣ ଏକ ବୃହତ ଉପଲବ୍ଧି। ପ୍ରଜାତନ୍ତ୍ର ଜନଗଣଙ୍କର ମୁଖପତ୍ର ଭାବରେ ଶହେବର୍ଷ ଧରି ସାଧାରଣ ଭାଷା ମାଧ୍ୟମରେ ଜନତାଙ୍କ ସମସ୍ୟାକୁ ସମାଧାନ କରିବା ଦିଗରେ ସ୍ୱର ଉତ୍ତୋଳନ କରିଆସିଛି। ପ୍ରାକ୍ ସ୍ୱାଧୀନତା ଏବଂ ସ୍ୱାଧୀନୋତ୍ତର କାଳରେ ପ୍ରଜାତନ୍ତ୍ର ନିଜ ଅସ୍ମିତା ଓ ମୌଳିକତାକୁ ବଜାୟ ରଖିବା ବାସ୍ତବରେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସ ବୃଦ୍ଧି କରିଛି ବୋଲି ପ୍ରଜାତନ୍ତ୍ର ପ୍ରକାଶନର ଶହେବର୍ଷ ପୂର୍ତ୍ତି ଅବସରରେ ବିଷୁବ ମଣ୍ଡପରେ ଆୟୋଜିତ ସମାରୋହରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। କେନ୍ଦ୍ର ସୂଚନା, ପ୍ରସାରଣ, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ଅନୁରାଗ ସିଂହ ଠାକୁର ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ କହିଲେ, ପ୍ରଜାତନ୍ତ୍ର ଶହେବର୍ଷ ପୂରଣ କରିବା ଏକ ବଡ଼ ଉପଲବ୍ଧି। ୧୯୨୩ ମସିହାରେ ସାପ୍ତାହିକ ଭାବେ ଏହାର ପ୍ରଥମ ପ୍ରକାଶନ ହୋଇଥିଲା। ସ୍ୱାଧୀନତା ପରେ ଦୈନିକ ସମ୍ବାଦପତ୍ର ଭାବରେ ପ୍ରଜାତନ୍ତ୍ର ସତ୍ୟ ଓ ନିର୍ଭୀକ ସମ୍ବାଦ ନିରବଚ୍ଛିନ୍ନ ଭାବରେ ପରିବେଷଣ କରିଆସୁଛି। ଏହା କେବଳ ସମ୍ଭବ ହୋଇଛି ଦୂରଦ୍ରଷ୍ଟା, ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ମହତ ଲକ୍ଷ୍ୟ ଯୋଗୁଁ। ସଠିକ ସମ୍ବାଦ ପରିବେଷଣ କରି ଇଂରେଜ ସରକାରଙ୍କୁ ଦୋହଲାଇବା ସହିତ ତତ୍କାଳୀନ ସାମାଜିକ ବ୍ୟବସ୍ଥା ଓ ଅସାମଞ୍ଜସ୍ୟ ବିରୋଧରେ ଯେଉଁ ଚେତନା ସୃଷ୍ଟି କରିଥିଲେ, ତାହା ଆଜି ମଧ୍ୟ ପ୍ରଜାତନ୍ତ୍ର ପୃଷ୍ଠାରେ ଉଜ୍ଜୀବିତ ରହିଛି ବୋଲି ଠାକୁର କହିଥିଲେ। ସମାରୋହରେ ଉଦ୍‌ଘାଟକ ଭାବରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିଲା।

## ରଘୁନାଥପୁର କଲେଜରେ ସଫେଇ କାର୍ଯ୍ୟକ୍ରମ



କଟକ,୩।୧୦(ସମିସ): ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ରଘୁନାଥଜୀଉ ଜୁନିୟର କଲେଜରେ ଏନ୍‌ଏସ୍‌ଏସ୍ ଛାତ୍ରମାନଙ୍କ ଦ୍ୱାରା କଲେଜ ପରିସର ଏବଂ ରାସ୍ତା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ର, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ସଞ୍ଜୟ ରାଉତ, ଅଧ୍ୟାପକ ଅନନ୍ତ ଚରଣ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ୱଚ୍ଛତା ହିଁ ବାପୁଜୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ଅଧ୍ୟକ୍ଷା ଡ. ମିଶ୍ର କହିଥିଲେ।

## ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

**କଟକ,୩।୧୦(ସମିସ):** ଏସ୍‌ସିବି ମେଡିକାଲରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏ ନେଇ ମୃତକଙ୍କ ସମ୍ପର୍କୀୟମାନେ ମଙ୍ଗଳାବାଗ ଥାନାରେ ଏତଲା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଧର୍ମଶାଳା ଅଞ୍ଚଳର ଜ୍ୟୋତି ରଞ୍ଜନ ରାଉତଙ୍କୁ କିଛି ଦିନ ପୂର୍ବେ ସାପ କାମୁଡିଥିଲା। ରାତିରେ ଶୋଇବା ଅବସ୍ଥାରେ ସେ ସାପ ଦଂଶନର ଶିକାର ହୋଇଥିଲେ। ପରିବାର ଲୋକ ତାଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ଲାଗି ନେଇଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଏସସିବିକୁ ନେଇଯିବାକୁ ସେଠାରେ ଡାକ୍ତର ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ଏସସିବି ଅଣାଯାଇଥିଲା। ଏଠାରେ ପୁରୁଣା ମେଡିସିନ ୱାର୍ଡର ୧୭୪ ନମ୍ବର ଶଯ୍ୟାରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇ ପଡ଼ିଥିଲା। ଜ୍ୟୋତି ରଞ୍ଜନଙ୍କୁ ଆଇସିୟୁ ଆବଶ୍ୟକ ବୋଲି ଚିକିତ୍ସା କରୁଥିବା ଡାକ୍ତର କହିଥିଲେ। ମାତ୍ର ଏଠାରେ ତାଙ୍କୁ ଆଇସିୟୁ ଶଯ୍ୟା ଦିଆଯାଇନଥିଲା। ଫଳରେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପରିବାର ଲୋକେ ମଙ୍ଗଳାବାଗ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି।

## ବାଦାମବାଡ଼ି ଅଞ୍ଚଳରୁ ଇଞ୍ଜିନିୟର ନିଖୋଜ

କଟକ,୩।୧୦(ସମିସ): ବାଦାମବାଡି ଅଞ୍ଚଳରୁ ଯୁବକ ନିଖୋଜ ହୋଇଛନ୍ତି। ନିଖୋଜ ଯୁବକ ଜଣକ ହେଲେ ଜଗତସିଂହପୁର କୁଜଙ୍ଗ ଅଞ୍ଚଳର ତାପସ କୁମାର ସାମଲ। ପେଶାରେ ସେ ଜଣେ ଇଞ୍ଜିନିୟର। ଅନୁଗୁଳରେ କାମ କରନ୍ତି। ସୋମବାର ସେ ଅନୁଗୁଳରୁ ବସ୍ ଯୋଗେ କଟକ ଆସିଥିଲେ। ହେଲେ ଏଠାକୁ ଆସିବା ପରେ ତାଙ୍କ ମୋବାଇଲ ଫୋନ ଅଫ୍ ହୋଇ ଯାଇଥିଲା। ତାପସଙ୍କ ସହ ଯୋଗାଯୋଗ କରାଯାଇ ପାରିନଥିଲା। ମଙ୍ଗଳବାର ସୁଦ୍ଧା ତାଙ୍କର କୌଣସି ସନ୍ଧାନ ନମିଳିବାରୁ ପରିବାର ଲୋକେ ବାଦାମବାଡି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଛି।

## ଡିସେମ୍ବର ସୁଦ୍ଧା ସରିବ ବକ୍ସି ଜଗବନ୍ଧୁ ମୂର୍ତ୍ତି ନିର୍ମାଣ

**କଟକ,୩।୧୦(ସମିସ):** ବକ୍ସିବଜାର ଛକରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ହେଲେ ପ୍ରକଳ୍ପଟି ବିଳମ୍ବିତ ହେବାରୁ ମୂର୍ତ୍ତି ଅଧାପନ୍ତରିଆ ପଡ଼ିରହିଛି। ତେଣୁ ଡିସେମ୍ବର ସୁଦ୍ଧା ମୂର୍ତ୍ତି ତିଆରି ଶେଷ କରି ବକ୍ସିବଜାର ଛକରେ ପ୍ରତିଷ୍ଠା କରିବା ନିମନ୍ତେ ମଙ୍ଗଳବାର ସିଏମସି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମେୟର ସୁବାସ ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ବଜାର କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ଏ ସଂକ୍ରାନ୍ତରେ ସବିଶେଷ ଆଲୋଚନା କରିଥିଲେ। ମେୟର ଶ୍ରୀ ସିଂହ ମୂର୍ତ୍ତି ନିର୍ମାଣ ଦିଗରେ ଥିବା ଅସୁବିଧା ସଂକ୍ରାନ୍ତରେ ଅବଗତ ହୋଇ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ ୨୦୧୯ ମସିହାରେ ଏହି ପ୍ରକଳ୍ପ ଯୋଜନା କରାଯାଇଥିଲା। ୬ ମାସ ମଧ୍ୟରେ ଶେଷ ହେବାର ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ନିଗମ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଯୋଜନା ବିଳମ୍ବିତ ହୋଇଥିଲା। ଏ ବାବଦକୁ ୧୦ ଲକ୍ଷ ଟଙ୍କା ଅଗ୍ରୀମ ଭାବେ ଦିଆଯାଇଥିଲା। ବୈଠକରେ ମୂର୍ତ୍ତି କାରିଗର ଲକ୍ଷ୍ମୀକାନ୍ତ ରଣା, ଶ୍ରୀକାନ୍ତ ରଣା, ବଜାର କମିଟି ସଲିଲ ଘୋଷଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ଚୌଦ୍ୱାରରେ ଇନ୍ଦୁ ପୂର୍ଣ୍ଣିମା ମହୋତ୍ସବ ପାଳିତ



**କଟକ,୩।୧୦(ସମିସ):** ଚୈଦ୍ୱାର ଗୋଡ଼ିପାଟଣାଠାରେ ଇନ୍ଦୁ ପୂର୍ଣ୍ଣିମା ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ମୋଟ ୨୧ ମେଢ଼ ମେଳଣ ପଡ଼ିଆରେ ପହଞ୍ଚିଥିଲା। ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଏଠାରେ ଏହି ମେଳଣ ଆୟେଜିତ ହୋଇଆସୁଛି। ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ ମେଳଣ ବୁଲିବାକୁ ଆସନ୍ତି। ଏହି ଅବସରରେ ଯୁବ ସମାଜସେବୀ ଇଂ ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ଟିମ୍ ଗଢ଼ାଯାଇ ଏକ କ୍ୟାମ୍ପ କରାଯାଇଥିଲା। କ୍ୟାମ୍ପରେ ୨୧ ଗୋଟି ମେଢ଼ର ସଭାପତି ଓ ସମ୍ପାଦକ, କାଉନସିଲର, ମେଳଣ ଆୟେଜକ କମିଟି କର୍ମକର୍ତ୍ତା ପ୍ରମୁଖଙ୍କୁ ଉତ୍ତରୀୟ ଓ ଫୁଲମାଳ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗାନ୍ଧୀ ଜୟନ୍ତୀ ଅବସରରେ ଏହି ମେଳଣ ଆୟେଜିତ ହୋଇଥିବାରୁ ଯୁବକମାନଙ୍କୁ ଏକାଠି କରି ସ୍ୱଚ୍ଛ ପରିବେଶ ଉପରେ ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଯୁବକ ଉପସ୍ଥିତ ଥିଲେ।

### ସିଏମସି ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ

# ନିଲାମ ହେବ ଅଦରକାରୀ ଗାଡ଼ି ଓ ସାମଗ୍ରୀ



**କଟକ,୩।୧୦(ସମିସ):** କଟକ ମହାନଗର ନିଗମ (ସିଏମସି) ଏଷ୍ଟାବ୍ଲିସମେଣ୍ଟ କମିଟି ବୈଠକ ସ୍ଥାନୀୟ ବିଜୁ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ପୂର୍ଣ୍ଣିମା ସ୍ୱାଇଁ ବୈଠକରେ ପୌରୋହିତ୍ୟ କରିଥିଲେ। ସିଏମସିରେ ଦୀର୍ଘଦିନ ଧରି ପଡ଼ିରହିଥିବା ଅଦରକାରୀ ଅଳିଆ ବୁହାଗଡ଼ି ଏବଂ ସାମଗ୍ରୀ ନିଲାମ କରାଯିବ। କେତେ ଗାଡି ରହିଛି ତାହାର ତାଲିକା କରିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ସେହିଭଳି ଠିକା ସଂସ୍ଥା ଅଧିନରେ କେତେ କର୍ମଚାରୀ ନିୟୋଜିତ ହୋଇଛନ୍ତି ତାହା ବିଭାଗ ଅନୁଯାୟୀ ତାଲିକା କରିବା ନିମନ୍ତେ କମିଟିରେ ପ୍ରସ୍ତାବ ପାରିତ ହୋଇଥିଲା। ୬୦ବର୍ଷ ଉର୍ଦ୍ଧ୍ୱ ଯେଉଁ କର୍ମଚାରୀମାନେ ରହିଛନ୍ତି ସେମାନଙ୍କୁ ଛଟେଇ କରାଯିବା ସହ ଇପିଏଫ ଏବଂ ଅବସରକାଳୀନ ଗ୍ରାଚ୍ୟୁଇଟି ନିମନ୍ତେ ବ୍ୟବସ୍ଥା ପାଇଁ ସଦସ୍ୟମାନେ କହିଥିଲେ। ପ୍ରାୟ ୮ ଶହ କର୍ମଚାରୀ ପେନସନ ପାଇବା କ୍ଷେତ୍ରରେ ସମସ୍ୟା ଭେଗୁଥିବା ଜଣାପଡ଼ିଥିଲା। ସିଏମସି ଆଇନପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିବା ଆଡଭୋକେଟ ପ୍ୟାନେଲକୁ ସମୀକ୍ଷା କରାଯିବ। ଗତ ୧୦ବର୍ଷ ମଧ୍ୟରେ ସିଏମସି ନାମରେ କେତୋଟି ମାମଲା ରହିଛି, ସେଥିରୁ କେତୋଟି ସମାଧାନ ହୋଇଛି ତାହାର ତଥ୍ୟ ଦେବାକୁ ସ୍ଥିର ହୋଇଥିଲା। ବୈଠକରେ କର୍ପୋରେଟର ବିକାଶ ବେହେରା, ପ୍ରଜ୍ଞା ବେଉରା, ପ୍ରଦୀପ୍ତ ଖୁଣ୍ଟିଆ, ପ୍ରିୟମ୍ବଦା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# 'ଆମ ହସ୍ପିଟାଲ' ଯୋଜନାରେ ସାମିଲ ହେଲା ସବୁ ଡାକ୍ତରଖାନା

**ଚାରିବର୍ଷ ପାଇଁ ବଢ଼ିଲା ଅବଧି**

**ଭୁବନେଶ୍ୱର,୩।୧୦(ସମିସ):** ସରକାରୀ ଡାକ୍ତରଖାନାରେ ସୁନିଶ୍ଚିତ ହେବ ଗୁଣାତ୍ମକ ସ୍ୱାସ୍ଥ୍ୟସେବା। ମୋ ସରକାର କାର୍ଯ୍ୟକ୍ରମରେ ସବୁଠାରୁ ଆଗୁଆ ଥିବା ସ୍ୱାସ୍ଥ୍ୟ ବିଭାଗ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆମ ହସ୍ପିଟାଲ କାର୍ଯ୍ୟକ୍ରମ ଅବଧି ଚାରିବର୍ଷକୁ ବୃଦ୍ଧି କରିଛନ୍ତି। ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜନସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମି ବିକାଶ କାର୍ଯ୍ୟ ଆମ ହସ୍ପିଟାଲ ଯୋଜନା ଅଧୀନରେ କାର୍ଯ୍ୟକାରୀ କରାଯିବ।ଗତ ଫେବୃଆରୀ ମାସରେ ରାଜ୍ୟ ସରକାର ଆମ ହସ୍ପିଟାଲ ଯୋଜନାରେ ୧୪୭ଟି ଡାକ୍ତରଖାନାର ଭିତ୍ତିଭୂମି ସୁଦୃଢ଼ ପାଇଁ ପଦକ୍ଷେପ ନେଇଥିଲେ। ଏହି ସମୟରେ ୩୦ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୩୦ ସବ୍‌ଡିଭିଜନ୍ ଡାକ୍ତରଖାନା, ୮୨ ସିଏଚ୍‌ସି, ୨ ୟୁପିଏଚ୍‌ସି, ଗୋଟିଏ ସିଟି ହସ୍ପିଟାଲ, କ୍ୟାପିଟାଲ ହସ୍ପିଟାଲ ଓ ରାଉରକେଲା ସରକାରୀ ଡାକ୍ତରଖାନାକୁ ଆମ ହସ୍ପିଟାଲ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ଏଥିପାଇଁ ସରକାର ୭୫୦ କୋଟି ଟଙ୍କା ଦେଇଛନ୍ତି। ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଅନ୍ତତଃ ଗୋଟିଏ ଲେଖାଏଁ ଡାକ୍ତରଖାନାକୁ ଏଥିରେ ସାମିଲ କରାଯାଇଥିଲା। ଏହି ଯୋଜନାରେ ଡାକ୍ତରଖାନାରେ ମାନବସମ୍ବଳ ଅଭାବ ଦୂର ସହ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଇତିମଧ୍ୟରେ ଅନେକ ଡାକ୍ତରଖାନାରେ କାମ ଶେଷ ହେଲାଣି।

## ୯ ବର୍ଷ ହେଲା ଯନ୍ତ୍ରଣା ଦେଉଛି ୫୫ନଂ ଜାତୀୟ ରାଜପଥ

# 'ପଦ ଚାଲିଯିବା ଭୟରେ ପାଟି ଫିଟାଉନାହାନ୍ତି ଜୟନାରାୟଣ'

**ଭୁବନେଶ୍ୱର,୩।୧୦(ସମିସ):** ୫୫ ନମ୍ବର ଜାତୀୟ ରାଜପଥର ଦୁରବସ୍ଥାକୁ ନେଇ ଆଜି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ବିଧାୟକ ରୋହିତ ପୂଜାରୀ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପୂଜାରୀ କହିଛନ୍ତି, ୫୫ନଂ ଜାତୀୟ ରାଜପଥ ଜୟନାରାୟଣଙ୍କ ନିର୍ବାଚନମଣ୍ଡଳୀ ଦେଇ ଯାଇଛି। କଟକରୁ ସମ୍ବଲପୁର ପର୍ଯ୍ୟନ୍ତ ୩୦୦ କିମି ଦୂରତାର ଏହି ରାସ୍ତାକୁ ଖୋଦ୍ ବିରୋଧ ଦଳ ନେତା ବ୍ୟବହାର କରିଥା'ନ୍ତି। କିନ୍ତୁ ଦିନଟିଏ ବି ଏହି ରାସ୍ତାର ଦୁରବସ୍ଥା ସମ୍ପର୍କରେ ପ୍ରଶ୍ନ ଉଠାଇ ନାହାନ୍ତି। ରାସ୍ତାର ଅବସ୍ଥା ସୁଧାରିବା ପାଇଁ ନିଜେ ଉଦ୍ୟମ କରୁଛନ୍ତି ନା କାହାକୁ କରିବାକୁ ଦେଉଛନ୍ତି। ଏ ସଂପର୍କରେ ନିଜେ ବିଧାନସଭାରେ ଆଲୋଚନା କରୁନାହାନ୍ତି କିମ୍ବା କାହାକୁ ଆଲୋଚନା ପାଇଁ ସୁଯୋଗ ଦେଉନାହାନ୍ତି। ତାଙ୍କର ଭୟ ଯେ କେନ୍ଦ୍ର ସରକାରଙ୍କ ଅବହେଳା କଥା ଉଠାଇଲେ, ବହୁ ଦିନ ପରେ ମିଳିଥିବା ବିରୋଧୀ ଦଳ ନେତା ପଦ ହାତରୁ ଖସିଯିବ।

ଶ୍ରୀ ପୂଜାରୀ ଆହୁରି କହିଛନ୍ତି ଯେ ଉପକୂଳରୁ ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥ ରକ୍ଷଣାବେକ୍ଷଣ ଦାୟିତ୍ୱ ଏନ୍‌ଏଚ୍‌ଏଆଇର। କିନ୍ତୁ ବର୍ଷ ବର୍ଷ ଧରି କାମ ଚାଲିଛି ଯେ ଚାଲିଛି; ସରିବା ନାଁ ଧରୁନାହିଁ। ଓଲଟି ଖାଲଖମାରେ ପଡ଼ି ପ୍ରତିଦିନ ଲୋକଙ୍କ ଜୀବନ ଯାଉଛି। ଅନେକ ଲୋକ ପଙ୍ଗୁ ହୋଇଯାଉଛନ୍ତି। ବିରୋଧୀ ଦଳର ନେତା ଜୟନାରାୟଣଙ୍କ ଘର ସମ୍ବଲପୁରରେ ହୋଇଥିଲେ

**ବିକାଶ ନାମରେ ବିନାଶ ଚାଲିଛି: ବିଜେଡି**

ସୁଦ୍ଧା ଲୋକଙ୍କର ଏହି ଦୁର୍ଦ୍ଦଶା ତାଙ୍କୁ ଦେଖାଯାଉନାହିଁ। ଗତ ୯ବର୍ଷ ହେଲା, ଏହି ରାସ୍ତାର ମରାମତି ପାଇଁ ପାଟି ଫିଟାଇ ନାହାନ୍ତି। ମରାମତି କାମ କେମିତି ଶୀଘ୍ର ସରିବ ଆଉ ସେହି ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ଦୂର ହେବ, ସେଥିପାଇଁ ତାଙ୍କର ଆଦୌ ଚିନ୍ତା ନାହିଁ। ଯଦି ଲୋକଙ୍କ ପାଇଁ ତାଙ୍କ ହୃଦୟ ପ୍ରକୃତରେ କାନ୍ଦୁଥା'ନ୍ତା, ତାହେଲେ ଏତେ ବଡ଼ ସମସ୍ୟା ପ୍ରତି ଶ୍ରୀ ମିଶ୍ର ଆଖି ବୁଜି ଦେଇନଥାନ୍ତେ।

ଏହି ରାଜପଥ ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏଯାବତ୍ ୫୦୦ରୁ ଅଧିକ ଲୋକ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଲେଣି। ଅନେକ ପରିବାର



ଉଜୁଡ଼ି ଯାଉଛି। କାମ ଶୀଘ୍ର ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏକାଧିକଥର ଭାରତ ସରକାରଙ୍କୁ ପତ୍ର ଲେଖିଥିବା ବେଳେ ବିଜୁ ଜନତା ଦଳ ଏନେଇ ଆନ୍ଦୋଳନ ମଧ୍ୟ କରିଛି। କିନ୍ତୁ କେନ୍ଦ୍ର ସରକାରଙ୍କ ଏନଏଚ୍‌ଏଆଇ ନିଦାବିଷ୍ଟ ସାଜିଛି। ନା ଏଥିପ୍ରତି ବିରୋଧୀ ଦଳ ନେତାଙ୍କ ଚିନ୍ତା ଅଛି ନା ଏନ୍‌ଏଚ୍‌ଏଆଇ ଉପରେ ଚାପ ପକାଉଛନ୍ତି। ତାଙ୍କର ଏପରି ଆଚରଣକୁ ଦେଖି ଶ୍ରୀ ମିଶ୍ରଙ୍କ ପାଇଁ ମାଟି ଅପେକ୍ଷା ପାର୍ଟି ବଡ଼ ବୋଲି ବିଜେଡି ଅଭିଯୋଗ କରିଛି।

ଏ ସଂପର୍କରେ ବିଜେଡିର ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ବିରୋଧୀ ଦଳ ନେତା ଶ୍ରୀ ମିଶ୍ର ଏହି ଜାତୀୟ ରାଜପଥର ମରାମତି କାମ ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନେବା କଥା। ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର କୁହାଯାଉଥିବା ସମ୍ବଲପୁର ପାଇଁ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ଏହାର ମରାମତି କାମ ବହୁ ବିଳମ୍ବ ହେଲାଣି। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ କହିଛନ୍ତି, କେନ୍ଦ୍ର ସରକାର ବିକାଶ ନୁହେଁ ବିନାଶ କରୁଛନ୍ତି। ଯଦି ଗୁରୁତ୍ୱପୂର୍ଣ୍ଣ ରାସ୍ତା ପାଇଁ ଏମିତି ଅବହେଳା, ତାହେଲେ ଅନ୍ୟ କଥା ନ କହିବା ଭଲ। ସେହି ବାଟେ କ'ଣ ଜୟନାରାୟଣ ଯାଉନାହାନ୍ତି ନା ଅନ୍ୟ କେହି ବିଜେପି ନେତା ଯାଉ ନାହାନ୍ତି। କିନ୍ତୁ ସେମାନଙ୍କୁ ଏହି ଦୁର୍ଦ୍ଦଶା ଦେଖାଯାଉନାହିଁ। ଏହା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ନିର୍ଦ୍ଦିଷ୍ଟ ସମୟ ସୀମାରେ ଦାବିପତ୍ର ବିଚାର ପ୍ରସଙ୍ଗ

# ନୀତି ସମ୍ପର୍କରେ ବିସ୍ତୃତ ସତ୍ୟପାଠ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୩।୧୦(ସମିସ):** ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାଧାରଣ ଲୋକ ଅବା ସରକାରୀ କର୍ମଚାରୀଙ୍କ ଅଭିଯୋଗ ସମ୍ବଳିତ ଦାବିପତ୍ର ବିଚାର ହେଉ ନଥିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ନିଜଆଡୁ ରୁଜୁ ଏହି ଜନସ୍ୱାର୍ଥ ମାମଲାର ଶୁଣାଣି କରି ବିସ୍ତୃତ ତଥା ସାନି ସତ୍ୟପାଠ ଦେବାକୁ ହାଇକୋର୍ଟ ମଙ୍ଗଳବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଶୁଭାଶିଷ ତଳାପତ୍ର ଓ ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଥିଲେ ମଧ୍ୟ ସାନି ସତ୍ୟପାଠ ଦାଖଲ କରାଯିବ ବୋଲି ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା ଅଦାଲତଙ୍କୁ ଅବଗତ କରାଇଥିଲେ। ଏଣୁ ଏହି ସତ୍ୟପାଠ ଜରିଆରେ ଉପରୋକ୍ତ ପ୍ରସଙ୍ଗରେ ଥିବା ସରକାରଙ୍କ ନୀତି (ଲିଟିଗେସନ ପଲିସି) କ'ଣ ରହିଛି, ତାହା ଜଣାଇବାକୁ କହିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ସାଧାରଣ ଲୋକ କିମ୍ବା ସରକାରୀ, ବେସରକାରୀ କର୍ମଚାରୀ ସେମାନଙ୍କ ଅଭିଯୋଗ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅନେକ ସମୟରେ ଏହାର ଫଇସଲା ବିଳମ୍ବ ପାଇଁ ଅଦାଲତରେ ଏହି ମାମଲା ସଂଖ୍ୟା ବଢ଼ୁଛି। ଏଣୁ ହାଇକୋର୍ଟ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ଗ୍ରହଣ କରି ନିଜଆଡୁ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଏକ ସତ୍ୟପାଠ ଦିଆଯାଇଥିଲା। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଉପନିର୍ଦ୍ଦେଶିକାଙ୍କ ପକ୍ଷରୁ ଏହି ସତ୍ୟପାଠରେ କୁହାଯାଇଥିଲା ଯେ ଜିଲ୍ଲା ଓ ବିଭାଗ ସ୍ତରରେ ସରକାରଙ୍କ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟ କରୁଛି। ଜିଲ୍ଲାପାଳ, ବିଭିନ୍ନ ବିଭାଗର ସଚିବ, କମିଶନରମାନେ ଏହି ଅଭିଯୋଗ ଶୁଣାଣି ନିର୍ଦ୍ଦିଷ୍ଟ ଦିନ କରିଆସୁଛନ୍ତି। ସେହିପରି ଉପଯୁକ୍ତ ସମୟସୀମା ମଧ୍ୟରେ ଦାବିପତ୍ରଗୁଡ଼ିକର ଫଇସଲା ଦ୍ୱାରା କିପରି ଅଦାଲତ ଉପରୁ ମାମଲା ଚାପ କମିବ, ସେନେଇ ଅନୁଧ୍ୟାନ ପୂର୍ବକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସତ୍ୟପାଠରେ ଉଲ୍ଲେଖ ରହିଛି। ତେବେ କେତେକ କ୍ଷେତ୍ରରେ ଦାବିପତ୍ର ଦେଉଦେଉ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅପେକ୍ଷା ନ କରି ଅନେକ ଅଦାଲତଙ୍କ ଦ୍ୱାରସ୍ଥ ହେଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୯ ତାରିଖକୁ ଧାର୍ଯ୍ୟ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ମନୋଜ କୁମାର ଖୁଣ୍ଟିଆ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଡିଏସଜିଆଇ ପ୍ରସନ୍ନ କୁମାର ପାଢ଼ୀ ମାମଲା ପରିଚାଳନା କରୁଛନ୍ତି।

## ୪ମାସ ହେଲା ର୍‍ୟାଙ୍କ୍‌କାର୍ଡ ଧରି ବସିଛନ୍ତି ଆଶାୟୀ

# କେବେ ହେବ ବି.ଫାର୍ମା ପାଇଁ କାଉନ୍‌ସେଲିଂ ?

**ଭୁବନେଶ୍ୱର,୩।୧୦(ସମିସ):** ରାଜ୍ୟର ବିଭିନ୍ନ ଫାର୍ମାସି କଲେଜରେ ନାମଲେଖା ନେଇ ଦ୍ୱନ୍ଦ୍ୱ ଉପୁଜିଛି। ବି.ଫାର୍ମା ଓ ଏମ୍.ଫାର୍ମା ପାଠ୍ୟକ୍ରମରେ ନାମଲେଖା ପାଇଁ ଆଶାୟୀ ଚାହିଁ ରହିଥିବା ବେଳେ ନାମଲେଖା ନେଇ କୌଣସି ପ୍ରକ୍ରିୟା ଆରମ୍ଭ ହେଉନି। ଆଶାୟୀ ବିଗତ ୪ ମାସ ହେଲା 'ଓଜେଇଇ'ର ର୍‍ୟାଙ୍କ୍ କାର୍ଡ ଧରି ବସିଛନ୍ତି। କରୋନା ପରଠାରୁ ଶିକ୍ଷାବର୍ଷର ଅସଙ୍ଗତି ଦୂର କରିବା ପାଇଁ ଶିକ୍ଷା ବିଭାଗ ଗୁରୁତ୍ୱ ଦେଉଥିବା ବେଳେ ଫାର୍ମାସି ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଅହେତୁକ ବିଳମ୍ବ ଆଶାୟୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିଛି।

ରାଜ୍ୟର ସରକାରୀ ଓ ଘରୋଇ କଲେଜ ଶିକ୍ଷାନୁଷ୍ଠାନଗୁଡ଼ିକର ବି.ଫାର୍ମା ପାଠ୍ୟକ୍ରମରେ ନାମ ଲେଖାଇବାକୁ ୧୨ ହଜାରରୁ ଅଧିକ ଆଶାୟୀ ଓଜେଇଇ ରାଙ୍କକାର୍ଡ ଧରି ନାମଲେଖା ପାଇଁ ଚାହିଁ ରହିଛନ୍ତି। ନାମଲେଖା କେବେ ହେବ ଓ ପାଠପଢ଼ା କେବେ ଆରମ୍ଭ ହେବ, ସେନେଇ ଆଶାୟୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଏପରି ସ୍ଥିତିରେ ଛାତ୍ରଛାତ୍ରୀ ଅନ୍ୟ ପାଠ୍ୟକ୍ରମରେ ମଧ୍ୟ ନାଁ ଲେଖାଇ ପାରୁନାହାନ୍ତି। ଅନ୍ୟ ପାଠ୍ୟକ୍ରମଗୁଡ଼ିକରେ ନାମଲେଖା ପ୍ରକ୍ରିୟା ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବି.ଫାର୍ମାରେ ନାମ ଲେଖାଇବାକୁ ଥିବା ଅଶାୟୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ନିକଟରେ ୟୁଜି

- ଏଯାଏଁ ପ୍ରକାଶ ପାଇନି ସିଟ୍ ମାଟ୍ରିକ୍ସ
- ନାମଲେଖାକୁ ନେଇ ଆଶା ଆଶାଙ୍କାରେ ଛାତ୍ରଛାତ୍ରୀ
- ଖୁବ୍‌ଶୀଘ୍ର ଆରମ୍ଭ ହେବ ପ୍ରକ୍ରିୟା- ଓଜେଇଇ କର୍ତ୍ତୃପକ୍ଷ

ନାମଲେଖା ପ୍ରକ୍ରିୟା ଶେଷ ହେବାକୁ ଥିବାରୁ ସେମାନଙ୍କ ସମସ୍ୟା ଦ୍ୱିଗୁଣିତ କରିଛି। ବି.ଫାର୍ମାରେ ନାମଲେଖା ପାଇଁ ଆଶା ବାନ୍ଧିଥିବା ଛାତ୍ରଛାତ୍ରୀ ଯଦି ସିଟ୍ ପାଇବାରୁ ବଞ୍ଚିତ ହୁଅନ୍ତି, ତେବେ ସେମାନଙ୍କର ଗୋଟିଏ ବର୍ଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପଟେ ଓଜେଇଇ ପକ୍ଷରୁ ଏଯାଏଁ ବି.ଫାର୍ମା ନାମଲେଖା ପାଇଁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନି। ନାମଲେଖା ତ ଦୂରର କଥା କାଉନ୍ସେଲିଂ ପାଇଁ ସିଟ୍ ମାଟ୍ରିକ୍ସ(ସିଟ୍ ତାଲିକା) ମଧ୍ୟ ପ୍ରକାଶ କରାଯାଇନି। ଫଳରେ ବି.ଫାର୍ମା ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଶା ରଖିଥିବା ପ୍ରାୟ ୧୨ ହଜାର ଓଜେଇଇ ର୍‍ୟାଙ୍କ୍ କାର୍ଡଧାରୀଙ୍କ ଭବିଷ୍ୟତ ଅନିଶ୍ଚିତତା ଦେଇ ଗତି କରୁଛି। ତେବେ ଏ ସମ୍ପର୍କରେ ଓଜେଇଇ କର୍ତ୍ତୃପକ୍ଷ ଦର୍ଶାଇଛନ୍ତି ଯେ ପିସିଆଇ ପକ୍ଷରୁ କାଉନ୍ସେଲିଂ ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ଓଜେଇଇ କାଉନ୍ସେଲିଂ ଆରମ୍ଭ କରିପାରିନି। ଖୁବ୍‌ଶୀଘ୍ର ସିଟ୍ ମାଟ୍ରିକ୍ସ ଅପଲୋଡ୍ ଓ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଥାଉକି ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନକୁ ମିଶାଇ ପ୍ରାୟ ୨ ହଜାର ସିଟ୍‌ରେ ବି.ଫାର୍ମା ନାମଲେଖା ହେବ। ଚଳିତବର୍ଷ ନାମଲେଖା ପାଇଁ ପ୍ରାୟ ୧୨ହଜାର ଛାତ୍ରଛାତ୍ରୀଙ୍କୁ ଓଜେଇଇ ପକ୍ଷରୁ ର୍‍ୟାଙ୍କ୍ ପ୍ରଦାନ କରାଯାଇଛି।

## ସହକାରୀ ପ୍ରଫେସର୍ ନିଯୁକ୍ତିରୁ ଦିବ୍ୟାଙ୍ଗ ପ୍ରାର୍ଥୀ ବଞ୍ଚିତ ପ୍ରସଙ୍ଗ

# ଦୁଇ ମାସ ମଧ୍ୟରେ ନିଯୁକ୍ତି ଦିଅ: ହାଇକୋର୍ଟ

**କଟକ,୩।୧୦(ସମିସ):** ଜଣେ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ସହକାରୀ ପ୍ରଫେସର ପଦରେ ନିଯୁକ୍ତି ପ୍ରଦାନ ପାଇଁ ଓଡ଼ିଶା ହାଇକୋର୍ଟ ଆଜି ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)କୁ ନିର୍ଦ୍ଦେଶ ଦେଇଛନ୍ତି। କିଶୋର କୁମାର ଦୀକ୍ଷିତଙ୍କ ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ସାକ୍ଷାତକାରରେ ଧାର୍ଯ୍ୟ ୫୦ ପ୍ରତିଶତ କଟ୍‌ଅଫ ମାର୍କ ରଖି ନ ପାରିବା ଆଧାରରେ ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ସହକାରୀ ପ୍ରଫେସର ପଦରେ ଆବେଦନକାରୀଙ୍କୁ ନିଯୁକ୍ତିରୁ ବଞ୍ଚିତ କରିବା ଆଇନ ଆଖିରେ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ହାଇକୋର୍ଟ। ସୁପ୍ରିମକୋର୍ଟ ଓ ଆହ୍ଲାବାଦ ହାଇକୋର୍ଟଙ୍କ ରହିଥିବା ରାୟ ଅନୁସାରେ ସାକ୍ଷାତକାର ଶେଷ ପରେ କଟଅଫ ମାର୍କ ଧାର୍ଯ୍ୟ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଏହା ସାକ୍ଷାତକାର ପ୍ରକ୍ରିୟା ଆରମ୍ଭ ପୂର୍ବରୁ ସ୍ଥିର ହେବା ସହ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ଅବଗତ କରିବା କଥା। ଯାହା ଆବେଦନକାରୀଙ୍କ କ୍ଷେତ୍ରରେ ଓପିଏସସି ଅନୁପାଳନ କରିନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଏଣୁ ଦିବ୍ୟାଙ୍ଗଙ୍କ ପାଇଁ ସଂରକ୍ଷିତ ଖାଲି ପଦବୀରେ କଟ୍‌ଅଫ ମାର୍କ କୋହଳ କରି ଆବେଦନକାରୀଙ୍କୁ ଦୁଇ ମାସ ମଧ୍ୟରେ ନିଯୁକ୍ତି ପ୍ରଦାନ କରିବାକୁ କହିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ୨୦୨୧ ଜୁଲାଇ ୨୭ରେ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବିଭିନ୍ନ ବିଭାଗରେ ୩୮୫ଟି ସହକାରୀ ପ୍ରଫେସର୍ ପଦବୀରେ ନିଯୁକ୍ତି ପାଇଁ ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିମଧ୍ୟରେ ଟିଚର ଏଜୁକେସନ ବିଭାଗ ପାଇଁ ୧୧୩ ପଦବୀ ଥିଲା। ଏହାର ୪ ପ୍ରତିଶତ ପଦ ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଏହି ଅନୁସାରେ ୪ ପଦବୀ ସଂରକ୍ଷଣ ରହିଥିବା ବେଳେ ଆବେଦନକାରୀ ମଧ୍ୟ ଜଣେ ଦିବ୍ୟାଙ୍ଗ ପ୍ରାର୍ଥୀ ଭାବେ ଆବେଦନ କରିଥିଲେ। ଚୂଡ଼ାନ୍ତ ତାଲିକାରେ ୨୯୧ ଆବେଦନକାରୀ ୨୦୨୨ ଅକ୍ଟୋବର ୧୩ରେ ସାକ୍ଷାତକାର ପାଇଁ ଅଂଶଗ୍ରହଣ କରିଥିଲେ। ଅକ୍ଟୋବର ୧୯ରେ ଓପିଏସ୍‌ସି ୧୦୧ଜଣଙ୍କ ମେରିଟ୍ ଲିଷ୍ଟ (ମେଧା ତାଲିକା) ପ୍ରକାଶ କରିଥିଲା। ଯେଉଁଥିରେ ଆବେଦନକାରୀଙ୍କ ନାମ ନଥିଲା। ବିଭିନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇ ସୁଫଳ ନପାଇବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ହାଇକୋର୍ଟ ଆବେଦନକାରୀଙ୍କ ଦାବିପତ୍ର ଉପରେ ବିଚାର କରିବାକୁ ଓପିଏସସିକୁ କହିଥିଲେ। କିନ୍ତୁ ସାକ୍ଷତକାରରେ ନିର୍ଦ୍ଧାରିତ କଟ୍-ଅଫ୍-ମାର୍କ ରଖି ନଥିବାରୁ ନିଯୁକ୍ତି ଦିଆଯାଇ ନଥିବା ଦର୍ଶାଇ ଓପିଏସ୍‌ସି ଏହି ଦାବିପତ୍ରକୁ ଅଗ୍ରାହ୍ୟ କରିଥିଲା। ଫଳରେ ପୁଣି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି କଟ୍-ଅଫ୍-ମାର୍କ ସମ୍ପର୍କରେ ନିଯୁକ୍ତି ବିଜ୍ଞପ୍ତିରେ ଓପିଏସ୍‌ସି କିଛି ଉଲ୍ଲେଖ କରି ନଥିବା ବେଳେ ସାକ୍ଷତକାର ପରେ ଧାର୍ଯ୍ୟ କରିବା ବେଆଇନ। ଏପରିକି ୪ ପଦବୀରୁ ଆଉ ଦୁଇଟି ଖାଲି ଥିବା ଆବେଦନକାରୀ ଦର୍ଶାଇଥିଲେ।

## କେନ୍ଦୁପତ୍ର ପ୍ରସଙ୍ଗରେ ବିଜେପି ସାଂସଦଙ୍କୁ ବର୍ଷାଙ୍କ ପ୍ରଶ୍ନ

# ପ୍ରତିଶ୍ରୁତି ଦେଇ କୁଆଡ଼େ ଗଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୩।୧୦(ସମିସ):** ନିର୍ବାଚନ ଆସିଲେ ଆଦିବାସୀଙ୍କୁ ନେଇ କିପରି ରାଜନୀତି କରାଯାଏ ତାହା ବିଜେପି ଓ କେନ୍ଦ୍ର ସରକାରଙ୍କୁ ବେଶ୍ ଜଣା। କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ କରିବା ପାଇଁ ରାଜ୍ୟ ସରକାର ବାରମ୍ବାର ଦାବି କରିଛନ୍ତି। କିନ୍ତୁ ଆଦିବାସୀଙ୍କ ନାମରେ ଭୋଟ ମାଗୁଥିବା କେନ୍ଦ୍ର ସରକାର କିମ୍ବା ଓଡ଼ିଶାରୁ ନିର୍ବାଚିତ ହୋଇ ଦିଲ୍ଲୀ ଯାଇଥିବା ବିଜେପି ସାଂସଦଙ୍କ ତୁଣ୍ଡିରେ ତାଳା ଲାଗିଛି। କେନ୍ଦୁପତ୍ର

- ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ଲୁହ ଦେଖାଯାଉନି
- ଖାଲି ନିର୍ବାଚନ ଆସିଲେ ମନେପଡେ ଆଦିବାସୀଙ୍କ କଥା
- ମୁଖ୍ୟମନ୍ତ୍ରୀ ବାରମ୍ବାର କରିଛନ୍ତି ଜିଏସ୍‌ଟି ପ୍ରତ୍ୟାହାର ଦାବି
- ଡିସେମ୍ବର ମାସ ସୁଦ୍ଧା ଘୋଷଣା ହେବ ପଦ୍ମପୁର ଜିଲ୍ଲା



ତୋଳାଳିଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ବିରୋଧରେ ଏପରି ସମାଲୋଚନା କରିଛନ୍ତି ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା।

ଶ୍ରୀମତୀ ବରିହା କହିଛନ୍ତି ଯେ ପଦ୍ମପୁର ଉପ ନିର୍ବାଚନର ପ୍ରଚାର ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସିଥିଲେ। ସେତେବେଳେ କେନ୍ଦୁପତ୍ର ଉପରୁ ୧୮% ଜିଏସ୍‌ଟି ଛାଡ଼ କରିବା ପାଇଁ ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।ଏ ନେଇ କେନ୍ଦ୍ରମନ୍ତ୍ରୀ ଏପର୍ଯ୍ୟନ୍ତ କ'ଣ ପଦକ୍ଷେପ ନେଲେ? କେନ୍ଦୁପତ୍ର ତୋଳାଳି ସଂଘର ସଭାପତି ଥିବା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ କ'ଣ ପଦକ୍ଷେପ ନେଇଛନ୍ତି? ନିର୍ବାଚନ ଓ ଉପ ନିର୍ବାଚନ ସମୟରେ କେନ୍ଦୁପତ୍ର ତୋଳାଳିଙ୍କୁ ନେଇ ବିଜେପି କେବଳ ରାଜନୀତି କରେ ବୋଲି କଟାକ୍ଷ କରିଛନ୍ତି ପଦ୍ମପୁର ବିଧାୟିକା ବର୍ଷା।

ବର୍ଷା କହିଛନ୍ତି ଯେ ୧୦ ଲକ୍ଷ ଆଦିବାସୀ ଲୋକ କେନ୍ଦୁପତ୍ର ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ସେମାନେ ମୁଖ୍ୟତଃ ପଶ୍ଚିମ ଓଡ଼ିଶାର; ଏହି ପଶ୍ଚିମ ଓଡ଼ିଶାର ଲୋକଙ୍କ ଭୋଟରେ ୫ ଜଣ ବିଜେପି ସାଂସଦ ଦିଲ୍ଲୀ ଯାଇଛନ୍ତି। ସଂସଦରେ ଜିଏସ୍‌ଟି ହ୍ରାସ ପାଇଁ ବିଜେଡି ସାଂସଦମାନେ ସ୍ୱର ଉଠାଉ ଥିବା ବେଳେ ବିଜେପି ସାଂସଦମାନେ ଚୁପ୍ ରହୁଛନ୍ତି। ସେମାନେ ଜିଏସ୍‌ଟି ପ୍ରତ୍ୟାହାର ଲାଗି କାହିଁକି ପାଟି ଫିଟାଉ ନାହାନ୍ତି ବୋଲି ବର୍ଷା ପ୍ରଶ୍ନ କରିଛନ୍ତି। କେନ୍ଦୁପତ୍ର ଉପରେ ମାତ୍ରାଧିକ ଜିଏସ୍‌ଟି ଲାଗୁ କରାଯାଇ ଥିବାରୁ ଲକ୍ଷ ଲକ୍ଷ ଆଦିବାସୀ ପରିବାର ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛନ୍ତି। କେନ୍ଦୁପତ୍ର ତୋଳି ଜୀବିକା ନିର୍ବାହ କରୁଥିବା ଲକ୍ଷ ଲକ୍ଷ ମହିଳା ନିର୍ଯ୍ୟାତିତ ହେଉଛନ୍ତି। ଗରିବ ଲୋକଙ୍କୁ ଟିକସ ଶୋଷଣରୁ ଉଦ୍ଧାର କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଟିକସ ଛାଡ଼ ପାଇଁ ଦାବି କରିଛନ୍ତି। ପଦ୍ମପୁର ଉପ ନିର୍ବାଚନ ସମୟରେ ବି ସେ ଦାବି ଉଠାଇଥିଲେ। କେନ୍ଦୁପତ୍ରରୁ ଯେଉଁ ଟିକସ ଆସିବ ତାହା ତୋଳାଳିମାନଙ୍କ କଲ୍ୟାଣ ପାଇଁ ବିନିଯୋଗ ହେବ। ସେହି ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ତିନି ପର୍ଯ୍ୟାୟରେ ୨୫୦ କୋଟି ଟଙ୍କା କେନ୍ଦୁପତ୍ର ତୋଳାଳିଙ୍କୁ ଦେଇଛନ୍ତି। କିନ୍ତୁ ବିଜେପି ସାଂସଦମାନଙ୍କୁ ଆମ ମହିଳାମାନଙ୍କ ଲୁହ ଓ କଷ୍ଟ ଦିଶୁ ନାହିଁ। କେବଳ ନିର୍ବାଚନ ଆସିଲେ କେନ୍ଦୁପତ୍ର ତୋଳାଳିଙ୍କ କଥା ମନେ ପଡେ ଆଉ ନିର୍ବାଚନ ସରିଗଲେ ସେ ସବୁକଥା ଭୂଲି ଯାଆନ୍ତି। ଡିସେମ୍ବର ସୁଦ୍ଧା ପଦ୍ମପୁର ଜିଲ୍ଲାର ମାନ୍ୟତା ପାଇବ। ମୁଖ୍ୟମନ୍ତ୍ରୀ ଯାହା କୁହନ୍ତି ତାହା କାମରେ କରି ଦେଖାନ୍ତି। ସେ ପ୍ରତିଶ୍ରୁତି ଦେଇଛନ୍ତି, ଆଉ ନିଶ୍ଚୟ ପୂରଣ କରିବେ। ମୁଖ୍ୟମନ୍ତ୍ରୀଙ୍କ ଉପରେ ଆମର ପୂର୍ଣ୍ଣ ବିଶ୍ୱାସ ରହିଛି ବୋଲି ସେ କହିଛନ୍ତି।

# ୟୁଜିସି ଫେଲୋସିପ୍ ରାଶି ବୃଦ୍ଧି

**ଭୁବନେଶ୍ୱର,୩।୧୦(ସମିସ):** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ବିଶ୍ୱବିଦ୍ୟାଳୟରେ ଗବେଷଣାରତ ଛାତ୍ରଛାତ୍ରୀଙ୍କୁ ମିଳୁଥିବା ସହାୟତା (ଫେଲୋସିପ୍) ରାଶି ବୃଦ୍ଧି କରାଯାଇଛି। ଜୁନିଅର ରିସର୍ଚ୍ଚ ଫେଲୋସିପ୍ (ଜେଆର୍‌ଏଫ୍) ବିଦ୍ୟାର୍ଥୀଙ୍କୁ ପୂର୍ବରୁ ମାସିକ ୩୧ ହଜାର ମିଳୁଥିବାବେଳେ ଏଣିକି ୩୭ ହଜାର ଟଙ୍କା ମିଳିବ। ସିନିଅର ରିସର୍ଚ୍ଚ ଫେଲୋସିପ୍ (ଏସ୍‌ଆର୍‌ଏଫ୍) ବାବଦକୁ ୩୫ହଜାରରୁ ୪୨ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ପ୍ରଥମ ବର୍ଗ ରିସର୍ଚ୍ଚ ଆସୋସିଏଟଙ୍କ ସହାୟତା ରାଶି ୪୭ହଜାରରୁ ୫୮ ହଜାର ଟଙ୍କାକୁ ବୃଦ୍ଧି ହୋଇଛି। ସେହିପରି ଦ୍ୱିତୀୟ ବର୍ଗ ରିସର୍ଚ୍ଚ ଆସୋସିଏଟ୍‌ଙ୍କ ସହାୟତା ରାଶି ୪୯ହଜାରରୁ ୬୧ହଜାର ଓ ତୃତୀୟ ବର୍ଗ ରିସର୍ଚ୍ଚ ଆସୋସିଏଟଙ୍କ ପାଇଁ ସହାୟତା ରାଶି ୫୪ହଜାରରୁ ୬୭ ହଜାରକୁ ବୃଦ୍ଧି ହୋଇଛି। ଶିକ୍ଷା ମନ୍ତ୍ରଣାଳୟର ଅନୁମୋଦନକ୍ରମେ ୟୁଜିସି ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ୟୁଜିସି ଏ ସମ୍ପର୍କରେ ମଙ୍ଗଳବାର ଟ୍ୱିଟ ଯୋଗେ ସବିଶେଷ ସୂଚନା ଦେଇଛି। ଏହି ବର୍ଦ୍ଧିତ ସହାୟତା ରାଶି ପିଛିଲା ଭାବେ ଏବର୍ଷ ଜାନୁଆରୀରୁ ଲାଗୁ ହେବ। ଏଥପାଇଁ ସରକାର ଅତିରିକ୍ତ ୭୨୫ କୋଟି ଟଙ୍କାର ଭାର ବହନ କରିବେ । ଫେଲୋସିପ୍ ରାଶି ବଢ଼ାଇବାକୁ ୨୦୨୨ ଅଗଷ୍ଟ ମାସରେ ଅଲ୍ ଇଣ୍ଡିଆ ରିସର୍ଚ୍ଚ ସ୍କୋଲାର ଆସୋସିଏସନ ପକ୍ଷରୁ ଦାବି କରାଯାଇଥିଲା।

## ଲୋକକଥା



ଘରେଘରେ ଏବେ ଶଙ୍ଖଧ୍ୱନି ହୁଏ
ବିକାଶର ବାର୍ତ୍ତା ନେଇ,
ନେତା-କର୍ମୀ-ଚେଲା ଲାଗିପଡ଼ିଲେଣି
ରାଜ୍ୟକୁ ନେବେ ଆଗେଇ ।
'ଚବିଶ' ଆସେ ପାଖେଇ
ଏ ସବୁକୁ ଦେଖି ବିରୋଧୀ ବାଲାଏ
ଡାକିଲେଣି ତ୍ରାହି ତ୍ରାହି !

# 'ଓଏସଓୟୁ' ଭବିଷ୍ୟତକୁ ନେଇ ଅନିଶ୍ଚିତତା

**ଭୁବନେଶ୍ୱର,୩।୧୦(ସମିସ):** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ)ର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଚଳିତ ଶିକ୍ଷାବର୍ଷରୁ ନାମଲେଖା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) କଟକଣା ଲଗାଇଥିବା ବେଳେ ଏହାର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି। ନାକ୍ ମାନ୍ୟତା ନ ମିଳିବା ଯାଏଁ ୟୁଜି ଓ ପିଜି ନାମଲେଖା ପାଇଁ କଟକଣା ରହିଛି। କୌଣସି ଭିତ୍ତିଭୂମି ନଥାଇ ବିଶ୍ୱବିଦ୍ୟାଳୟ କିଭଳି ନାକ୍ ଟିମ୍‌କୁ ସାମ୍ନା କରିବ, ସେନେଇ ପ୍ରଶ୍ନ ଉଠିଛି। ବିଶ୍ୱବିଦ୍ୟାଳୟ ପାଇଁ କୌଣସି ଶିକ୍ଷକ ପଦ ଅନୁମୋଦନ ହୋଇ ନଥିବାରୁ ବିଶ୍ୱବିଦ୍ୟାଳୟ ନାକ୍ ନିକଟରେ ଏସଏସଆର୍ ମଧ୍ୟ ଦାଖଲ କରି ପାରୁନି।

ୟୁଜିସି ବିନାନୁମତିରେ କୌଣସି ଦୂର ନିରନ୍ତର ବିଭାଗ ଖୋଲାଯାଇ ପାରିବ ନାହିଁ। ୟୁଜିସିର ମୁକ୍ତ ଓ ଦୂର ନିରନ୍ତର ଶିକ୍ଷା(ଓଡିଏଲ୍) ଅଧିନିୟମ ଅନୁଯାୟୀ, ଓଡିଏଲ୍ ଶିକ୍ଷା ପ୍ରଦାନ କରୁଥିବା ବିଶ୍ୱବିଦ୍ୟାଳୟ ୬ବର୍ଷ ମଧ୍ୟରେ ନାକ୍‌ର ମାନ୍ୟତା ବାଧ୍ୟତାମୂଳକ। ଏହି ଅଧିନିୟମ ଅନୁଯାୟୀ ନାକ୍ ମାନ୍ୟତା ନଥିଲେ, ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ସ୍ନାତକ ଓ ସ୍ନାତକୋତ୍ତର ପିଲାଙ୍କ ନାମ ଲେଖାଇପାରିବ ନାହିଁ। ୨୦୧୫ ମସିହାରେ ପ୍ରତିଷ୍ଠା ହୋଇଥିବା 'ଓଏସଓୟୁ'କୁ ୫ବର୍ଷ ଲାଗି ୟୁଜିସି ଅନୁମତି ଦେଇଥିଲା। ଇତିମଧ୍ୟରେ ବିଶ୍ୱବିଦ୍ୟାଳୟକୁ ୮ ବର୍ଷ ଛୁଇଁଛି। ମାତ୍ର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ କିଛି ହୋଇନାହିଁ କହିଲେ ଚଳେ। ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟକୁ ଅନୁଦାନ ଦେବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେଇଥିଲେ ମଧ୍ୟ ବିଭାଗର ସମନ୍ୱୟ ଅଭାବ ହେତୁ ଏହାର ସଠିକ୍ କାର୍ଯ୍ୟକାରୀ ହୋଇନି।

- ନାକ୍ ମାନ୍ୟତା ନ ଥିବାରୁ ମିଳିଲାନି ନାମଲେଖା ଅନୁମତି
- ବିଶ୍ୱବିଦ୍ୟାଳୟ ପାଇଁ ଅନୁମୋଦନ ହେଲାନି କୌଣସି ଶିକ୍ଷକ ପଦ
- ଏସଏସଆର୍ ଦାଖଲ ପାଇଁ ଉପୁଜୁଛି ସମସ୍ୟା
- ଧିମା ଚାଲିଛି କ୍ୟାମ୍ପସ ନିର୍ମାଣ କାର୍ଯ୍ୟ

ବର୍ତ୍ତମାନ ସ୍ଥିତିରେ ବିଶ୍ୱବିଦ୍ୟାଳୟ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ମାତ୍ର ୨ ଶହ ବର୍ଗଫୁଟ୍ ବିଶିଷ୍ଟ ଘରେ ପରିଚାଳିତ। କର୍ମଚାରୀ କହିଲେ, ସ୍ଥାୟୀ କୁଳପତି ଓ କୁଳସଚିବଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ କର୍ମଚାରୀ(୭୦ଜଣ ଅଣଶିକ୍ଷକ କର୍ମଚାରୀ) ଠିକାରେ ନିଯୁକ୍ତ। ୮ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟ ପାଇଁ ସ୍ଥାୟୀ କର୍ମଚାରୀ ପଦ ସୃଷ୍ଟି ହୋଇନି। ଖାଲି ସେତିକି ନୁହେଁ, ବିଶ୍ୱବିଦ୍ୟାଳୟର ନିଜସ୍ୱ କ୍ୟାମ୍ପସ ପାଇଁ ଯଦିଓ ସରକାରୀ ୪୦ ଏକର ଜାଗା ଓ ଆର୍ଥିକ ସହଯୋଗ ଯୋଗାଇ ଦେଇଛନ୍ତି। ମାତ୍ର ବିଲ୍ଡିଂ କାର୍ଯ୍ୟକ୍ଷମ ହୋଇପାରୁନି। ଜୁନ୍ ୨୦୨୨ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଥିବା ବିଲ୍ଡିଂ ନିର୍ମାଣ କାମ ଆଜିଯାଏଁ ମଧ୍ୟ ସରିନି। ରାଜ୍ୟ ପୁଲିସ୍ ଗୃହ ନିର୍ମାଣ ନିଗମକୁ ଦାୟିତ୍ୱ ଦିଆଯାଇଥିବା ବେଳେ ନିର୍ଦ୍ଧାରିତ ସମୟରେ ବିଭାଗ କାମ ସାରି ପାରୁନଥିବା ଅଭିଯୋଗ ହୋଇଛି। ତେବେ ନାକ୍ ମାନ୍ୟତା ପାଇଁ ବିଶ୍ୱବିଦ୍ୟାଳୟ ନିକଟରେ ଏସଏସଆର୍(ସେଲ୍ଫ ଷ୍ଟଡି ରିପୋର୍ଟ) ଦାଖଲ ପାଇଁ ପ୍ରୟାସ କରିଥିଲେ ମଧ୍ୟ ଏହା ଦାଖଲ ହୋଇ ପାରୁନି। ଓଏସଓୟୁ ଲାଗି ଶିକ୍ଷକ କର୍ମଚାରୀ ପଦ ସୃଷ୍ଟି ହୋଇ ନଥିବାରୁ ଅନଲାଇନରେ ଏସଏସଆର ଅପଲୋଡ୍ ହେଉନି। ଯାହାକି ପ୍ରମୁଖ ସମସ୍ୟା ସାଜିଛି।

ଅନ୍ୟପକ୍ଷରେ ଯଦିଓ ନାକ୍ ଟିମ୍ ଯାଞ୍ଚ ପାଇଁ ଆସେ, ଆସିଲେ ଦେଖିବ କ'ଣ? ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କର୍ମଚାରୀ ନଥିବା, ନିଜସ୍ୱ ବିଲ୍ଡିଂ ନଥିବା ବେଳେ ଦଳ ମୂଲ୍ୟାଙ୍କନ କରିବ କ'ଣ? ବିଶ୍ୱବିଦ୍ୟାଳୟର ୧୪ଟି ସ୍ନାତକୋତ୍ତର ଓ ୧୧ଟି ସ୍ନାତକ ପାଠ୍ୟକ୍ରମ ପାଇଁ ଜଣେ ବି ଶିକ୍ଷକ କର୍ମଚାରୀ ନିଯୁକ୍ତ ହୋଇନାହାନ୍ତି। ଅଣଶିକ୍ଷକ କର୍ମଚାରୀଙ୍କ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ୟୁଜିସିର ନିୟମ ଅନୁଯାୟୀ, ମୁକ୍ତ ଦୂର ନିରନ୍ତର ଶିକ୍ଷା ପ୍ରଚଳନ ପାଇଁ ବିଶ୍ୱବିଦ୍ୟାଳୟର ଅତିକମ୍‌ରେ ୬୦ ପ୍ରତିଶତ ପାଠ୍ୟକ୍ରମ ନିଜସ୍ୱ ହୋଇଥିବା ଆବଶ୍ୟକ। ଅତିକମ୍‌ରେ ୟୁଜି ଓ ପିଜି ପାଇଁ ୫ଜଣ ସ୍ଥାୟୀ ଶିକ୍ଷକ କର୍ମଚାରୀ ନିଯୁକ୍ତି ପାଇଥିବା ଆବଶ୍ୟକ ମଧ୍ୟ। ସେହିଭଳି ୬ ବର୍ଷ ପୂରଣ କରିଥିବା କିମ୍ବା ନାମଲେଖା ପରେ ଦୁଇଟି ବ୍ୟାଚ୍ ଉତ୍ତୀର୍ଣ୍ଣ ହୋଇଥିବା ବିଶ୍ୱବିଦ୍ୟାଳୟ ନାକ୍ ମାନ୍ୟତା ପାଇଥିବା ଆବଶ୍ୟକ। ଏପରିସ୍ଥଳେ ଓଏସଓୟୁ ନିଜର ନାକ୍ ମାନ୍ୟତା ପାଇଁ ପ୍ରୟାସ ଜାରି ରଖିଛି।

ସୂଚନାଥାଉକି ପ୍ରତିବର୍ଷ ହାରାହାରି ୩୦ ହଜାର ଛାତ୍ରଛାତ୍ରୀ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ନାମ ଲେଖାଇବା ସହ ବିଭିନ୍ନ ପାଠ୍ୟକ୍ରମରେ ଅଧ୍ୟୟନ କରିଥାନ୍ତି। ଗତ ୮ ବର୍ଷରେ ପାଖାପାଖି ଦେଢ଼ ଲକ୍ଷ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟରୁ ବିଭିନ୍ନ ପାଠ୍ୟକ୍ରମରେ ଡିଗ୍ରୀ ହାସଲ କରିଛନ୍ତି। ଚଳିତ ବର୍ଷ ନାମଲେଖା ପାଇଁ ୟୁଜିସି ମାନ୍ୟତା ଦେଇ ନଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସକାଳ
THE SAKALA

## ବିହାର ପଛୁଆ ବର୍ଗ ସର୍ଭେ ରିପୋର୍ଟ

# ଜାତୀୟ ଜନଗଣନା ତୁରନ୍ତ ଆବଶ୍ୟକ

ଭାରତରେ ଜାତିଗତ ବିଦ୍ୱେଷ କିଛି ନୂଆ କଥା ନୁହେଁ। ଭାଷା, ଧର୍ମ ଓ ଆଞ୍ଚଳିକତା ଭଳି ଜାତିର ଉଚ୍ଚନୀଚ ଭାବନା ଭାରତୀୟ ସମାଜକୁ ଆନ୍ଦୋଳିତ ଓ ବିଖଣ୍ଡିତ କରି ଆସିଛି। ସ୍ୱାଧୀନୋତ୍ତର ଭାରତରେ ଜାତିବିଦ୍ୱେଷର ତୀବ୍ରତା ଆଧୁନିକ ଶିକ୍ଷା ଓ ସହରୀ ସଭ୍ୟତାର ପ୍ରଭାବରେ ଅନେକାଂଶରେ ଊଣା ହୋଇଥିଲେ ମଧ୍ୟ ଗ୍ରାମାଞ୍ଚଳ ତଥା ଦୂରଦୂରାନ୍ତ ଅଞ୍ଚଳରେ 'ଜାତି ପରିଚୟ' ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଓ ଅର୍ଥନୈତିକ ପ୍ରଶ୍ନବାଚୀ ହୋଇ ରହିଛି। ଆମ ସମ୍ବିଧାନରେ ଜାତିଗତ ଓ ତଦ୍‌ଜନିତ ଅନୁନ୍ନତ ଅବସ୍ଥା ତଥା ସାମାଜିକ ଉତ୍ପୀଡ଼ନର ନିରାକରଣ ଦିଗରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଚାକିରି ତଥା ପାଠପଢ଼ାରେ ସଂରକ୍ଷଣ ଅସ୍ଥାୟୀ ବ୍ୟବସ୍ଥା ଲାଗୁ କରିଥିଲେ ମଧ୍ୟ ତାହା ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ପରେ ମଧ୍ୟ ଶାସନ ନୀତିର ଏକ ମୌଳିକ ସଂରଚନା ହୋଇ ଉଭା ହୋଇଛି। ମଣ୍ଡଳ କମିଶନ୍‌ର ସୁପାରିସ ଲାଗୁ ହେବା ପରେ ସାରା ଦେଶରେ ଜାତିଗତ ବିଦ୍ୱେଷ ତୀବ୍ର ରୂପ ନେଇଥିଲା। ସମ୍ପ୍ରତି ବିହାର ସରକାର ଦ୍ୱାରା ପଛୁଆ ବର୍ଗ ଚିହ୍ନଟ ସର୍ଭେ ରିପୋର୍ଟ ପ୍ରକାଶିତ ହେବା ପରେ କେବଳ ବିହାର ନୁହେଁ, ବରଂ ସାରା ଦେଶରେ 'ଜାତି ପରିଚୟ' ଜନିତ ବିଷାକ୍ତ ରାଜନୀତି ଯେ ସଞ୍ଚରିତ ହେବ, ଏହା ସ୍ପଷ୍ଟ ଜଣାପଡ଼ୁଛି। ଶାସନ ନୀତିରେ ମୋଟ ୮୫% ଜାତିଗତ ସଂରକ୍ଷଣ ବ୍ୟବସ୍ଥା ଯେ ଏକବିଂଶ ଶତାବ୍ଦୀର ଭାରତ ପାଇଁ ଅନୁକୂଳ ନୁହେଁ, ଏହା ଅନେକ ଦେଶପ୍ରେମୀ ବୁଦ୍ଧିଜୀବୀମାନଙ୍କର ଆଶଙ୍କା ହୋଇପଡ଼ିଛି।

ଏବେ ବିହାରରେ ପଛୁଆ ବର୍ଗ ଚିହ୍ନଟ ସର୍ଭେ ରିପୋର୍ଟ ପ୍ରକାଶ ପାଇବା ପରେ ଅନେକ ସଂଶୟ ଉଠିବା ସ୍ୱାଭାବିକ। ରାଜ୍ୟମାନେ କେନ୍ଦ୍ର ସରକାରଙ୍କ ଅନୁମତି ବିନା ଜାତିଗତ ଜନଗଣନା କରିପାରିବେ କି ନାହିଁ ସେ ସଂକ୍ରାନ୍ତ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ରହିଥିବାବେଳେ ବିହାର ସରକାର କରିଥିବା ଜାତିଗତ ଜନଗଣନାର ପ୍ରଥମ ରିପୋର୍ଟ ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରକାଶ ପାଇଛି। ଏହି ଗଣନାକୁ ପାଟନା ହାଇକୋର୍ଟ ଗତ ଅଗଷ୍ଟ ମାସରେ ସବୁଜ ସଂକେତ ଦେଇଥିଲେ। ତଥାପି ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ଜାତିଗତ ଗଣନା ଶେଷ କରି ତାହାର ଫଳାଫଳ ପ୍ରକାଶ କରିବା ଦେଶର ସଂଘୀୟ ବ୍ୟବସ୍ଥାରେ ଏକ ଦୁର୍ଭାଗ୍ୟଜନକ ଅଧ୍ୟାୟ ସୃଷ୍ଟି କରିଛି ବୋଲି କେତେକ ସମୀକ୍ଷକଙ୍କ ମତ। ଶାସନ କ୍ଷେତ୍ରରେ ସୃଷ୍ଟ ସମସ୍ୟାର ସମାଧାନ କରିବାରେ ଏଭଳି ଜାତିଗତ ଜନଗଣନା ତଥ୍ୟାବଳୀ କେତେଦୂର ସହାୟକ ହେବ, ତାହା କହିବା କଷ୍ଟ।

କୋଭିଡ୍ କାରଣରୁ ୨୦୨୧ର ଜନଗଣନା ଦେଶରେ କରାଯାଇପାରିନାହିଁ। ତେଣୁ ବିଭିନ୍ନ ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମ ପାଇଁ ୨୦୧୧ ଜନଗଣନା ତଥ୍ୟକୁ ସରକାରମାନେ ଏ ପର୍ଯ୍ୟନ୍ତ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଜନଗଣଙ୍କ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବିଳମ୍ବିତା ଯୋଗୁଁ ସଦ୍ୟତମ ତଥ୍ୟାବଳୀ ବା ଡାଟା ବିଭିନ୍ନ କ୍ଷେତ୍ରରେ ପାଇବାରେ ଯେଉଁ ଅସୁବିଧା ହେଉଛି, ତାହାକୁ ପୂରଣ କରିବାକୁ ରାଜ୍ୟୱାରୀ ଜାତିଗତ ଜନଗଣନା ଆମ ସଂଘୀୟ ବ୍ୟବସ୍ଥା ଅନୁସାରେ ଯୁକ୍ତିଯୁକ୍ତ ନୁହେଁ। ବିହାର ସରକାର କିନ୍ତୁ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ବା ସର୍ବୋଚ୍ଚ ଅଦାଲତଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିବାକୁ ପ୍ରସ୍ତୁତ ନଥିଲେ। 'ନ୍ୟାୟୋଚିତ ବିକାଶ' (ଡେଭେଲପମେଣ୍ଟ ଉଇଥ୍ ଜଷ୍ଟିସ୍)ର ଆଖ୍ୟା ଦିଆଯାଇ ଏହି ଜାତିଗତ ଜନଗଣନା ରିପୋର୍ଟକୁ ରାଜ୍ୟ ବିଧାନସଭାରେ ନୀତୀଶ କୁମାର ସରକାର ଉପସ୍ଥାପନ କରିଛନ୍ତି।

ଭାରତରେ କିଛି ପ୍ରସଙ୍ଗ ଅଛି, ଯାହାର ରାଜନୈତିକ ଓ ପ୍ରଦର୍ଶନାତ୍ମକ (ଡେମନଷ୍ଟ୍ରେଟିଭ) ପ୍ରଭାବ କ୍ଷୀପ୍ର ଗତିରେ ଅନୁଭୂତ ହୁଏ। ଜାତିଗତ ଗଣନା, ସ୍ଥାନ ସଂରକ୍ଷଣ, ରାଜନୈତିକ ପ୍ୟାକେଜ ଆଦି ସେଥିମଧ୍ୟରୁ ଅନ୍ୟତମ। ଏହାଉପରେ ରାଜନୈତିକ ଦଳମାନେ ଅଧିକ ଗୁରୁତ୍ୱ ଦେବା ପଛରେ ରହିଛି ରାଜନୀତି ଓ ଭୋଟ୍‌ବ୍ୟାଙ୍କ ସୃଷ୍ଟିର ପ୍ରୟାସ। ସେ ଦୃଷ୍ଟିରୁ ଦେଖିଲେ ବିହାର ଏ କ୍ଷେତ୍ରରେ ପଥପ୍ରଦର୍ଶକ ବା ପ୍ରଥମ ରାଜ୍ୟ ନୁହେଁ। ବହୁ ଆଗରୁ ତାମିଲନାଡୁରେ ଜାତିଗତ ବର୍ଗୀକରଣ ଆଧାରରେ ୬୯ ଭାଗରୁ ଅଧିକ ଲୋକଙ୍କୁ ସଂରକ୍ଷିତ ତାଲିକାରେ ରଖାଯିବା ସହିତ ପ୍ରାୟ ୭୦ ଭାଗ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି। ବିହାରରେ ଦଳିତ, ପଛୁଆ ଓ ଅନଗ୍ରସର ମଧ୍ୟରେ ମହାଦଳିତ, ଅତିପଛୁଆ ଓ ଅତିଶୟ ଅନଗ୍ରସରବର୍ଗଙ୍କୁ ବାଛିବାକୁ ଏହି ଜାତିଗତ ଜନଗଣନା କରାଯାଇଛି। ହୁଏତ ଏହି ତଥ୍ୟ ଆଧାରରେ ନିର୍ବାଚନ ପୂର୍ବରୁ କୋଟା ଭିତରେ କୋଟା ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ବିହାର ସରକାର ପଦକ୍ଷେପ ନେଇପାରନ୍ତି ଏବଂ ନିଜର ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ନୂଆ ରୂପ ଦେବାକୁ ଚେଷ୍ଟା କରିପାରନ୍ତି।

ଆଗରୁ ଆମେ କହିଛୁ ଯେ ରାଜ୍ୟୱାରୀ ଏଭଳି ଜାତିଗତ ଜନଗଣନାର ପ୍ରଦର୍ଶନାତ୍ମକ ପ୍ରଭାବ ଅନ୍ୟ ରାଜ୍ୟ ଉପରେ ପଡ଼ିବ। ଅସଲ କଥା ହେଲା ଥରେ ଏହି ପ୍ରକ୍ରିୟା ଆରମ୍ଭ ହେଲେ ନିର୍ବାଚନ ଋତୁ ଆଭିମୁଖ୍ୟ ନେଇ ଏକାଧିକ ପ୍ରଦେଶ ଏହାକୁ ଗ୍ରହଣ କରିବାକୁ ବାଧ ହେବେ। ରାଜ୍ୟ ସରକାରମାନେ ଏଭଳି ଗଣନାକୁ ଏକ ପ୍ରମାଣ ବା ତଥ୍ୟମୂଳକ ପଦକ୍ଷେପ ଭାବେ ଗ୍ରହଣ କରୁଥିବାବେଳେ ସିଧାସଳଖ ଭାବେ ଭାରତୀୟ ରାଜନୀତିରେ ଜାତି ଏକ ଶକ୍ତିଶାଳୀ ପ୍ରସଙ୍ଗ ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିଚାଲିଛି। ଫଳରେ ରାଜନୀତିରେ ଜାତି ଓ ସମୁଦାୟର ପ୍ରଭାବ ଅଧିକ ପଡ଼ୁଛି। ଯେଉଁସବୁ ରାଜ୍ୟରେ ଜାତି ରାଜନୀତି ଏଯାଏଁ ପ୍ରସଙ୍ଗ ହୋଇପାରି ନାହିଁ, ସେ ସବୁ ରାଜ୍ୟ କ୍ରମଶଃ ଜାତିଆଣବାଦ ରାଜନୀତିରେ ସଂକ୍ରମିତ ହେବାର ଆଶଙ୍କା ରହିଛି।

କେତେକ ବୁଦ୍ଧିଜୀବୀଙ୍କ ବିଚାରରେ ଏ କ୍ଷେତ୍ରରେ ଯେଉଁ ତଥ୍ୟଗତ ଅଭାବ ଓ ଅସଂଗତି ରହିଛି, ତାହାକୁ ରାଜ୍ୟୱାରୀ ନିର୍ଦ୍ଧାରଣ ନ'କରି ସର୍ବଭାରତୀୟ ସ୍ତରରେ ସମସ୍ତଙ୍କ ପାଇଁ ଗ୍ରହଣଯୋଗ୍ୟ ତଥ୍ୟ ବାହାର କରି ପ୍ରତିକାର ବ୍ୟବସ୍ଥା କରାଯିବା ଉଚିତ। ଏହାଫଳରେ ଡାଟା ବା ତଥ୍ୟଗତ ଅରାଜକତା ରହିବ ନାହିଁ ଏବଂ ସମଗ୍ର ଦେଶ ନିମନ୍ତେ ଅନଗ୍ରସରବର୍ଗଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିର ନିୟାମକ ନିର୍ଦ୍ଧାରଣ କରାଯାଇପାରିବ। ଏବେ ଏ କଥା ମଧ୍ୟ କୁହାଯାଉଛି ଯେ ଗରିବଙ୍କର କୌଣସି ଜାତି ନଥାଏ। ଏହା ମିଛ କଥା ନୁହେଁ। ତଥାକଥିତ ଉଚ୍ଚଜାତିରେ ଗରିବ ଓ ତଥାକଥିତ ପଛୁଆ ଜାତିରେ ଧନୀ ଲୋକ ଅଛନ୍ତି। ସେମାନଙ୍କ ସଂଖ୍ୟା ନିର୍ଦ୍ଧାରଣ କରାଯାଉ। ଏବେ ସାମାଜିକ ଶକ୍ତିଠାରୁ ଅର୍ଥନୈତିକ ଶକ୍ତି ସମାଜ ଓ ଜୀବନରେ ଅଧିକ ବଡ଼ ନିର୍ଣ୍ଣାୟକ ହୋଇଛି। ତେଣୁ ଯେଉଁମାନେ ଆର୍ଥିକ ଦୃଷ୍ଟିରୁ ପଛୁଆ, ସେମାନଙ୍କୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସୁବିଧା ସୁଯୋଗ ମିଳିବା ହିଁ ପ୍ରକୃତ ସାମାଜିକ ନ୍ୟାୟ। କେବଳ ଜାତିକୁ ଆଧାର କରି ପ୍ରକୃତ ଗରିବଙ୍କୁ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ କରାନଯାଉ।

୨୦୧୧ ଜନଗଣନାରେ ବିହାରର ଜନସଂଖ୍ୟା ଥିଲା ୧୦.୪ କୋଟି। ରାଜ୍ୟ ସରକାର କରିଥିବା ଏ ବର୍ଷର ଜାତିଗତ ଜନଗଣନାରେ ରାଜ୍ୟର ଜନସଂଖ୍ୟା ୧୩ କୋଟିରେ ପହଞ୍ଚିଛି। ଏଥିରେ ଓବିସିଙ୍କ ଅନୁପାତ ୬୩%। ତେବେ ଏହା ତ ବିଧିବଦ୍ଧ ଜନଗଣନା ନଥିଲା; କେବଳ ଥିଲା ଏକ ସର୍ଭେ। ତେଣୁ ପ୍ରକୃତ ଜନସଂଖ୍ୟା ଜାଣିବା ପାଇଁ ବିଳମ୍ବିତ ୨୦୨୧ ଜନଗଣନାର ଫଳାଫଳ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ବୋଧହୁଏ ଅସୁବିଧା ହୋଇ ନ ଥା'ନ୍ତା। ତେଣୁ ଏହି ନିଷ୍ପତ୍ତି ଯେ ରାଜନୀତି ପ୍ରଣୋଦିତ ଏଥିରେ ସନ୍ଦେହ ନାହିଁ। ଦେଶର ଅନ୍ୟ ରାଜ୍ୟମାନଙ୍କରେ ଜାତିଗତ ଗଣନାର ଅନୁପସ୍ଥିତିରେ ସେଭଳି କିଛି ଅସୁବିଧା ତ ଏଯାଏଁ ଘଟିନାହିଁ। ତେବେ ଏହା କହିବା ବେଳେ ୨୦୨୧ ଜନଗଣନାର ବିଳମ୍ବକୁ ସମର୍ଥନ କରିବା ଠିକ୍ ହେବ ନାହିଁ। ଏବେ ପରିସ୍ଥିତି ସ୍ୱାଭାବିକ ହୋଇଗଲାଣି। କେନ୍ଦ୍ର ସରକାର କାହିଁକି ଏହି ଅସମ୍ପୂର୍ଣ୍ଣ ଜନଗଣନାକୁ ସମ୍ପୂର୍ଣ୍ଣ କରୁନାହାନ୍ତି, ତାହା ମଧ୍ୟ ଆଉ ଏକ ବଡ଼ ପ୍ରଶ୍ନ। ଏହାଫଳରେ ଯେଉଁ ତଥ୍ୟଗତ ଅଭାବ ବିଭିନ୍ନ କ୍ଷେତ୍ରରେ ରହିଛି, ତାହା ସାମାଜିକ ଓ ଅର୍ଥନୈତିକ କଲ୍ୟାଣକାରୀ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଓ ଶାସନର ଆଉ କେତେକ କ୍ଷେତ୍ରରେ ଅସୁବିଧା ସୃଷ୍ଟି କରୁ ନାହିଁ କି? ନିକଟରେ ମହିଳା ବନ୍ଦନ ଆଇନ ପ୍ରଣୟନ ବେଳେ ମଧ୍ୟ ସଦ୍ୟ ଜନଗଣନାର ପରେ ଯାଇ ଏହା ଲାଗୁ ହେବ ବୋଲି କେନ୍ଦ୍ର ସରକାର କହିଥିଲେ। ସମ୍ପ୍ରତି ବିହାରର ଜାତିଗତ ସର୍ଭେ ପଦକ୍ଷେପ ପରେ ଦେଶରେ ସ୍ଥିତି ଅଧିକ ଜଟିଳ ହେବା ପୂର୍ବରୁ କେନ୍ଦ୍ର ସରକାର ତୁରନ୍ତ ବିଧିବଦ୍ଧ ଜନଗଣନା ଆରମ୍ଭ କରିବାଟା ରାଜନୈତିକ ପରିପକ୍ୱତାର ପରିଚୟ ହେବ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଓଡ଼ିଶାରେ ମହିଳା ସଶକ୍ତୀକରଣ: ଆଜୀବିକା ଓ ଆତ୍ମସମ୍ମାନ



ଅମର ପଟ୍ଟନାୟକ
ସାଂସଦ

ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ୍ ନୁହେଁ, ଆମ ପାଇଁ ଏକ ଅଣପରିବର୍ତ୍ତନଶୀଳ ସଂକେତ। ଯେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଆଗରେ ଏହି ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ, ସେତେବେଳେ ଏକବିଂଶ ଶତାବ୍ଦୀର ପ୍ରାରମ୍ଭ ଏବଂ ତାଙ୍କର ସଦ୍ୟତମ କ୍ଷମତା ଗ୍ରହଣ କରିବାର ପରବର୍ତ୍ତୀ ସମୟ। ସେତେବେଳେ କିନ୍ତୁ ତାଙ୍କର ଏହି ଦୃଷ୍ଟିକୋଣ ଓଡ଼ିଶାର ଶାସନ ମଡେଲକୁ ପ୍ରତିଫଳିତ କରିଥିଲା। ନବୀନ ପଟ୍ଟନାୟକଙ୍କ ଶାସନର ଏହି ମଡେଲ କେବଳ ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତୀକରଣର ମୂଳଦୁଆ ନୁହେଁ, ବରଂ ମହିଳାମାନଙ୍କ ନେତୃତ୍ୱ ବିକାଶର ମଧ୍ୟ ବାର୍ତ୍ତାବହ। ଦୁଇ ଦଶନ୍ଧି ପରେ ଓଡ଼ିଶାର ଏହି ଦୃଷ୍ଟିକୋଣ ବର୍ତ୍ତମାନର ଜି -୨୦ ଘୋଷଣାନାମାରେ ପ୍ରତିଧ୍ୱନିତ ହୋଇଛି ଏବଂ କେନ୍ଦ୍ରର ଶାସକ ବିଜେପି ଏହି ମଡେଲର ଶ୍ରେୟ ଦାବି କରୁଛି।

ବିଶ୍ୱ ଅର୍ଥନୈତିକ ଫୋରମର ଲିଙ୍ଗ ବୈଷମ୍ୟ ରିପୋର୍ଟ ୨୦୨୩ ଅନୁଯାୟୀ ମହିଳାଙ୍କୁ ଅର୍ଥନୈତିକ ସହଭାଗିତା ଓ ସୁଯୋଗ କ୍ଷେତ୍ରରେ ୧୪୬ଟି ଦେଶ ମଧ୍ୟରୁ ଭାରତ ୧୪୨ତମ ସ୍ଥାନରେ ଥିବାବେଳେ ରାଜନୈତିକ ସୁବିଧା ସୁଯୋଗ କ୍ଷେତ୍ରରେ ୫୯ତମ ସ୍ଥାନରେ ରହିଛି। ଅପରପକ୍ଷରେ ଷ୍ଟାର୍ଟଅପ୍ ଉଦ୍ୟୋଗ କ୍ଷେତ୍ରରେ ଜାତୀୟ ସ୍ତରରେ ମହିଳାଙ୍କ ଯୋଗଦାନ ହାର ୧୮% ଥିବାବେଳେ ଓଡ଼ିଶାରେ ଏହି ହାର ରହିଛି ୪୩%।

ଜୀବିକାର୍ଜନ ଜରିଆରେ ପରିଚୟ ସୃଷ୍ଟି କ୍ଷେତ୍ରରେ ମଧ୍ୟ ଓଡ଼ିଶାର ମହିଳାମାନେ ଅଗ୍ରଣୀ ରହିଛନ୍ତି। ଦାର୍ଶନିକ ଇମାନୁଏଲ୍ କାଣ୍ଟଙ୍କ ଭାଷାରେ ମଣିଷର ସମ୍ମାନ ତାହାର ତିନିଟି କାର୍ଯ୍ୟକଳାପ ସହିତ ଜଡ଼ିତ। ସେଗୁଡ଼ିକ ହେଲା ଅର୍ଥନୈତିକ ସ୍ୱାଧୀନତା, ବ୍ୟକ୍ତିଗତ ପରିଚୟ ଓ ସାମାଜିକ ଗ୍ରହଣୀୟତା। ଓଡ଼ିଶାରେ ଜାରି ରହିଥିବା ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମର ଲକ୍ଷ୍ୟ ଏହି ତିନୋଟି ନିୟମ ସହିତ ଜଡ଼ିତ ରହିଥିବା ଲକ୍ଷ୍ୟ କରାଯାଏ। ୨୦୦୧ରେ ଅନ୍ତର୍ଜାତୀୟ ମହିଳା ଦିବସରୁ ଆରମ୍ଭ ହୋଇଥିବା ଏହି ଯୁଗାନ୍ତକାରୀ ମିଶନ୍‌ର ଆଧାର ହେଉଛି ସଂଘୀୟ ବ୍ୟବସ୍ଥା ଜରିଆରେ ସଶକ୍ତୀକରଣ। ଏହା ତୃଣମୂଳସ୍ତରରେ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ମହିଳାଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ସହିତ ବିକାଶର ରୂପାନ୍ତରଣ ଦିଗରେ ଅଭିପ୍ରେତ। ଏହିକ୍ରମରେ ମିଶନ୍ ଶକ୍ତି ଅଦ୍ୟାବଧି ୬ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ୭୦ ଲକ୍ଷରୁ ଅଧିକ ମହିଳାଙ୍କୁ ସଂଗଠିତ କରି ସେମାନଙ୍କୁ ରିହାତି ସୁଧରେ ଋଣ ସହାୟତା ସହିତ ବଜାର ସୁବିଧା ଯୋଗାଇ ଦିଆଯାଉଛି। ଏପରିକି କେରଳ ଭଳି ବିକଶିତ ରାଜ୍ୟରେ ମଧ୍ୟ ମହିଳାମାନେ ଏଭଳି ଆର୍ଥିକ ସହାୟତା ଓ ସୁବିଧା ପାଇବାରେ ସମର୍ଥ ହେଉନାହାନ୍ତି। କେବଳ ୨୦୨୨-୨୩ ମସିହାରେ ଓଡ଼ିଶା ସରକାର ୪ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୧ ଲକ୍ଷ କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରିଛନ୍ତି।

ଓଡ଼ିଶା ଏକ ପୃଥକ 'ଲିଙ୍ଗ ବଜେଟ୍' ପ୍ରସ୍ତୁତ କରୁଛି। ସୁଖର କଥା ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଏହି ବଜେଟ୍‌ରେ 'ମିଶନ୍ ଶକ୍ତି' ବିଭାଗ ପାଇଁ ସର୍ବାଧିକ ୪୧.୫୭% ବ୍ୟୟ ବରାଦ କରାଯାଇଛି। ମହିଳାମାନଙ୍କୁ ଗତାନୁଗତିକ କାର୍ଯ୍ୟ ଓ ଦାୟିତ୍ୱବୋଝରୁ ମୁକ୍ତି ଦେଇ ଘରର ଦୁଆର ବନ୍ଧ ଡେଇଁ ଅର୍ଥନୈତିକ ସଶକ୍ତୀକରଣର ନୂଆ ରାସ୍ତା ଦେଖାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିଛି 'ମିଶନ ଶକ୍ତି'। ଫଳସ୍ୱରୂପ ଖାଦ୍ୟ ଶସ୍ୟ ସଂଗ୍ରହ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖୁଚୁରା ବିକ୍ରେତାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ମିତ୍ର, ଜଳ ସାଥୀ, ଟିକସ ସଂଗ୍ରହକାରୀ, ବ୍ୟାଙ୍କ ମିତ୍ର ଭୂମିକାରେ ସେମାନଙ୍କୁ ଦେଖିବାକୁ ମିଳୁଛି। ଏହିକ୍ରମରେ ବିଭିନ୍ନ ସରକାରୀ ବିଭାଗର ବିଭିନ୍ନ ଦ୍ରବ୍ୟ ଓ ସେବା ସଂଗ୍ରହ ଜରିଆରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ସାମଗ୍ରିକ ଭାବରେ ବର୍ତ୍ତମାନ ପର୍ଯ୍ୟନ୍ତ ୬୮୫୮ କୋଟି ଟଙ୍କାର କାରବାର କରିପାରିଛନ୍ତି। ଏହା ସେମାନଙ୍କୁ କେବଳ ଆର୍ଥିକ ସଶକ୍ତୀକରଣରେ ସହାୟତା କରିନାହିଁ, ବରଂ ଶାସନ ବ୍ୟବସ୍ଥାରେ ଅଂଶୀଦାର ମଧ୍ୟ କରିପାରିଛି। ଏଥିସହିତ ସ୍ୱୟଂ ସହାୟକ ଗୋଷ୍ଠୀର ଯୁବତୀମାନଙ୍କୁ ଫ୍ୟାଶନ୍, ଟେଲରିଂ, ଏୟାର ହୋଷ୍ଟେସ୍, ଇ-କମର୍ସ, ସୌନ୍ଦର୍ଯ୍ୟ ଓ ପରିଚର୍ଯ୍ୟା, ଆତିଥେୟତା ଭଳି ବ୍ୟବସାୟିକ ଓ ରୋଜଗାରଭିତ୍ତିକ କ୍ଷେତ୍ରରେ ଉପଯୁକ୍ତ ତାଲିମ୍ ଦେଇ ଆତ୍ମନିର୍ଭରଶୀଳ କରାଯାଉଛି। ସେମାନେ ନିଜ ଗାଁରେ କିମ୍ବା ନିଜ ଘରେ ମଧ୍ୟ ବ୍ୟବସାୟ କରି ପରିବାରର ଆର୍ଥିକ ଅବସ୍ଥା ସୁଧାରିବାରେ ପ୍ରମୁଖ ଭୂମିକା ନିର୍ବାହ କରିପାରୁଛନ୍ତି। କୋଭିଡ୍ ମହାମାରୀ ସମୟରେ ମହିଳାମାନେ ମାସ୍କ ତିଆରି ଓ ବଣ୍ଟନ ସହିତ ସାନିଟାଇଜର, ସାବୁନ ଓ ବୟସ୍କ ବ୍ୟକ୍ତିଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରିବାରେ ଆଗଧାଡ଼ିର ଯୋଦ୍ଧାର ଭୂମିକା ନିର୍ବାହ କରିପାରିଥିଲେ। ସମ୍ପ୍ରତି ଅନ୍ତର୍ଜାତୀୟ ମିଲେଟ୍ ବର୍ଷରେ ଓଡ଼ିଶାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ମିଲେଟ୍‌କୁ ଅଧିକ ଲୋକାଭିମୁଖୀ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି।



ରାଜନୀତିରେ ମହିଳାଙ୍କ ପ୍ରତିନିଧିତ୍ୱରେ ସାରା ଦେଶରେ ଓଡ଼ିଶା ଉଦାହରଣୀୟ। ତ୍ରିସ୍ତରୀୟ ପଞ୍ଚାୟତି ରାଜ ବ୍ୟବସ୍ଥାରେ ମହିଳାଙ୍କ ଲାଗି ୩୩% ଆସନ ସଂରକ୍ଷିତ ରଖିବା ପାଇଁ ୧୯୯୨ରେ ୭୩ତମ ସମ୍ବିଧାନ ସଂଶୋଧନ ଅଧିନିୟମ ସଂସଦରେ ପାରିତ ହେଲା। ଏହାପୂର୍ବରୁ ଅର୍ଥାତ୍ ୧୯୯୧ ମସିହାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପଞ୍ଚାୟତି ରାଜ ଅନୁଷ୍ଠାନଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩% ସଂରକ୍ଷଣ ଘୋଷଣା କରି ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ହେବାର ଗୌରବ ଆଣି ଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ସୁପୁତ୍ର ନବୀନ ପଟ୍ଟନାୟକଙ୍କ ଏହି ସଂରକ୍ଷଣ ସୀମାକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରି ନୂଆ ମାଇଲଖୁଣ୍ଟ ସ୍ଥାପନା କରିଛନ୍ତି। ଏହି ନିଷ୍ପତ୍ତି ମହିଳାମାନଙ୍କ ରାଜନୈତିକ ସଶକ୍ତୀକରଣ, ବିଶେଷକରି ଗ୍ରାମାଞ୍ଚଳରେ ମହିଳାଙ୍କ ସମ୍ମାନ ବୃଦ୍ଧି ଓ ପରିଚୟ ସୃଷ୍ଟି କରିବାରେ ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରିଥିଲା।

୧୯୯୧ ମସିହାରେ ସମସ୍ତ ସରକାରୀ ଚାକିରିରେ ମହିଳାଙ୍କ ପାଇଁ ୩୦% ସଂରକ୍ଷଣ ଘୋଷଣା କରିବା ଭାରତର ଇତିହାସରେ ଅଳ୍ପ କେତେକ ରାଜ୍ୟ ମଧ୍ୟରୁ ଓଡ଼ିଶା ଅନ୍ୟତମ। ୨୦୧୯ରେ ଅନୁଷ୍ଠିତ ୧୭ ତମ ଲୋକସଭା ନିର୍ବାଚନରେ ସଂସଦର ସମସ୍ତ ମହିଳା ସଦସ୍ୟ (ସାଂସଦ) ଙ୍କ ସଂଖ୍ୟା ମାତ୍ର ୧୪% ଥିବା ବେଳେ ବିଜୁ ଜନତା ଦଳ (ବିଜେଡି) ଏହାର ୪୨% ମହିଳା ସାଂସଦଙ୍କୁ ଟିକେଟ୍ ଦେଇଥିଲା, ଯାହା ଯେକୌଣସି ରାଜନୈତିକ ଦଳ ମଧ୍ୟରେ ସର୍ବୋଚ୍ଚ। ଲୋକସଭା ଓ ବିଭିନ୍ନ ରାଜ୍ୟର ବିଧାନସଭାରେ ମହିଳାଙ୍କ ଲାଗି ୩୩% ସ୍ଥାନ ସଂରକ୍ଷଣ କରିବାକୁ ଆଇନ୍ କାର୍ଯ୍ୟକାରୀ କରିବା ପାଇଁ ପରବର୍ତ୍ତୀ ସମୟରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ଦିଗଦର୍ଶନ ତଥା ନିର୍ଦ୍ଦେଶକ୍ରମେ ବିଜେଡିର ସାଂସଦମାନେ ବିଭିନ୍ନ ସମୟରେ ସଂସଦରେ ଦାବି ଉପସ୍ଥାପନ କରି ଆସିଛନ୍ତି ଏବଂ ଏହି ଦାବିକୁ ସମର୍ଥନ କରିବା ପାଇଁ ଦେଶର ଅନ୍ୟାନ୍ୟ ରାଜନୈତିକ ଦଳର ମୁଖ୍ୟମାନଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି।

ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିର ସମ୍ମାନକୁ ନିଶ୍ଚିତ କରିବା ବିଷୟରେ ଉଦ୍‌ଘୋଷଣା କରେ। ଓଡ଼ିଆ ମହିଳାମାନଙ୍କ କ୍ଷେତ୍ରରେ ଏହାକୁ ମର୍ମେ ମର୍ମେ ଲାଗୁ କରିବା ପାଇଁ ଓଡ଼ିଶା ସରକାର ବଦ୍ଧ ପରିକର ଥିବାରୁ ସେହି ଅନୁଯାୟୀ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରି ଆସୁଛନ୍ତି। 'ମିଶନ୍ ଶକ୍ତି' ଅନୁଷ୍ଠାନ ମହିଳାମାନଙ୍କୁ ବିଭିନ୍ନ ଦକ୍ଷତାଭିତ୍ତିକ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଉଭୟ ଦେଶ ଓ ବିଦେଶରେ ସେମାନଙ୍କ ଉପସ୍ଥିତି ଜାହିର କରିବାରର ଉଦ୍ୟମ କରି ଆସୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦକ୍ଷତା ବୃଦ୍ଧି କରି ସେମାନଙ୍କର ଆତ୍ମସମ୍ମାନ, ଆତ୍ମବିଶ୍ୱାସ ବଢ଼ାଇବାକୁ ଅବିରତ ଉଦ୍ୟମ କରାଯାଉଛି। ଇ-କମର୍ସ ମାଧ୍ୟମରେ ମହିଳାଙ୍କ ନେତୃତ୍ୱାଧୀନ ବ୍ୟବସାୟର ବିକାଶ ପାଇଁ ଡିଜିଟାଲ୍ ଟେକ୍ନୋଲୋଜିକୁ ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ଓଡ଼ିଶା ସରକାର ବ୍ୟବହାର କରିଆସୁଛନ୍ତି। ପିଓଏସ୍ ମେସିନ୍, ସ୍ମାର୍ଟଫୋନ୍ ଆଦି ଯୋଗାଣ ଜରିଆରେ ଜିଇଏମ୍ ପୋର୍ଟାଲରେ ବ୍ରାଣ୍ଡିଂକୁ ପ୍ରୋତ୍ସାହିତ କରିବା ଏବଂ ଫ୍ଲିପକାର୍ଟ ଭଳି ଇକମର୍ସ ପ୍ଲାଟଫର୍ମରେ ସେମାନଙ୍କ ଉତ୍ପାଦ ପାଇଁ ବଜାର ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବା ଦ୍ୱାରା ଏ କ୍ଷେତ୍ରରେ ପାରମ୍ପରିକ ପୁରୁଷ-ପ୍ରାଧାନ୍ୟ ଯୋଗାଣ ଶୃଙ୍ଖଳରେ ମହିଳାମାନଙ୍କୁ ପଦଧ୍ୱନି ଶୁଣାଯାଇପାରୁଛି। ଯୁବକ ଯୁବତୀଙ୍କୁ ତାଲିମ ଦେବା ପାଇଁ ମେଟା ଏବଂ କୋର୍ସେରା ପରି ସଂଗଠନଗୁଡ଼ିକ ସହିତ ଦୂରଦୃଷ୍ଟିସମ୍ପନ୍ନ ସହଭାଗିତା ସେମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା ଓ ତଥ୍ୟ ପରିଚାଳନାରେ ମଧ୍ୟ ଦକ୍ଷ କରିବାକୁ ଉଦ୍ୟମ ଜାରି ରହିଛି, ଯାହା ଶିଳ୍ପ ବିପ୍ଳବ ୪.୦ ଯୁଗରେ ଅତ୍ୟାବଶ୍ୟକ ନୂତନ ଜ୍ଞାନଭିତ୍ତିକ ଅର୍ଥନୀତିରେ କାର୍ଯ୍ୟ କରିବାରେ ସହାୟକ ହୋଇପାରିବ।

ଆସନ୍ତା ୫ ବର୍ଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୫୦ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ଯୋଗାଇ ଦିଆଯିବ ବୋଲି ଗତ ଜାନୁଆରୀ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଥିଲେ। ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ଅଭିବୃଦ୍ଧି ପାଇଁ ଏହା ବେଶ୍ ପ୍ରେରଣାଦାୟୀ। ଏହିପରି ବୈପ୍ଳବିକ ସଂସ୍କାର ଓଡ଼ିଆ ମହିଳାଙ୍କ ଆତ୍ମସମ୍ମାନ ଏବଂ ମନୋବଳକୁ ଦୃଢ଼ କରିପାରିଛି। ଓଡ଼ିଶାର ଏହି ମହିଳା ସଶକ୍ତୀକରଣ ମଡେଲ ଦେଶ ପାଇଁ ନିଶ୍ଚିତ ଭାବେ ଅନୁକରଣୀୟ।

# ବିଶ୍ୱହିତ ପାଇଁ ପ୍ରାଣୀ କଲ୍ୟାଣ ନୀତି



ପ୍ରକାଶ ଚନ୍ଦ୍ର ମିଶ୍ର
ଭୁବନେଶ୍ୱର, ମୋ: ୯୪୩୭୧ ୯୩୧୭୫

ଆଜି ମାନବ ସମାଜ ବହୁବିଧ ସୁଖ ସ୍ୱାଚ୍ଛନ୍ଦରେ ରହୁଥିବା ବେଳେ ଆମ ଚତୁଃପାର୍ଶ୍ୱରେ ବସବାସ କରୁଥିବା ବିଭିନ୍ନ ପଶୁପକ୍ଷୀମାନଙ୍କର ଜୀବନ ଦିନକୁଦିନ ଶୋଚନୀୟ ହେବା ଦେଖାଯାଉଛି। ଗ୍ରାମ୍ୟ ସଭ୍ୟତାର ଅବନତି ଓ ସହର ସଭ୍ୟତାର ଦ୍ରୁତ ବିକାଶ, ପରିବେଶର ଦ୍ରୁତ ଅବକ୍ଷୟ ପଶୁପକ୍ଷୀଙ୍କ ଜୀବନଯାପନ ପ୍ରଣାଳୀରେ ବହୁ ଅବନତି ଆଣିଛି। ପଶୁମାନଙ୍କ ଭିତରେ ଗୋଟିଏ ଶ୍ରେଣୀ ହେଉଛି ଆମ ଚାରିପଟେ ବସବାସ କରୁଥିବା ଗୃହପାଳିତ ପଶୁ ତଥା କେତେକ ବଣଜଙ୍ଗଲରେ ରହୁଥିବା ବନ୍ୟଜନ୍ତୁ। ଗୃହପାଳିତ ପଶୁମାନଙ୍କ ମଧ୍ୟରେ ଗାଇ, କୁକୁର, ବିଲେଇ ପ୍ରଭୃତି ଆମ ଚାରିପଟେ ରହୁଥିବା ସାପ, ନେଉଳ ଓ ବିଭିନ୍ନ ପ୍ରକାରର ପକ୍ଷୀ। ଆଉ ଗୋଟିଏ ହେଲା ବଣ ଜଙ୍ଗଲରେ ରହୁଥିବା ପଶୁମାନଙ୍କ ମଧ୍ୟରେ ମହାବଳ ବାଘ, କଲରା ପତ୍ରିଆ ବାଘ, ହାତୀ, ଗଣ୍ଡା, ବାଇସନ ବିଭିନ୍ନ ମୃଗ ଜାତୀୟ ପ୍ରାଣୀ, ବାରହା ଓ କୁମ୍ଭୀର ଇତ୍ୟାଦି। ମୁଖ୍ୟତଃ ଆଜିକାଲି ପରିବେଶ ବିଭିନ୍ନ କାରଣରୁ ଅସୁରକ୍ଷିତ ହୋଇପଡୁଥିବାରୁ ଓ ଖାଦ୍ୟାଭାବ, ଜଳାଭାବ ଓ ସ୍ୱାସ୍ଥ୍ୟ ଅବନତି ଯୋଗୁଁ ସେମାନେ ଆଜି ମୃତ୍ୟୁ ମୁଖରେ ପଡୁଛନ୍ତି ଓ ଅନେକଙ୍କ ବଂଶ ବିଲୋପ ମଧ୍ୟ ଘଟୁଛି। ସେମାନଙ୍କର ମଙ୍ଗଳ ପାଇଁ ବିଭିନ୍ନ ପ୍ରତିକାର ବ୍ୟବସ୍ଥା ଚିନ୍ତା କରିବା ପାଇଁ ଆଜି ବିଶ୍ୱ ପଶୁ ମଙ୍ଗଳ ଦିବସ ପାଳନ କରାଯାଉଛି। ପଶୁପକ୍ଷୀମାନଙ୍କ ପ୍ରତି ନିର୍ଦ୍ଦୟ ନହୋଇ ସେମାନଙ୍କ ସୁରକ୍ଷା, ଉନ୍ନତ ଜୀବନ ଯାପନ, ସଂଖ୍ୟା ବୃଦ୍ଧି ଓ ନିରୋଗ ଜୀବନ କିପରି ସମ୍ଭବପର ହେବ ସେ ବିଷୟରେ ଚିନ୍ତା କରିବାର ସମୟ ଏବେ ଆସିଛି। ମାନବ ସମାଜର ହିତ ପାଇଁ ଏହା ଅତି ଆବଶ୍ୟକ।

ଗାଇକୁ ଆମେ ଗୋମାତା ବୋଲି କହୁ। ପିଲାଦିନେ ତା'ର କ୍ଷୀର ଖାଇ ଆମେ ଜୀବନ ଧାରଣ କରିଛେ। ତା'ର ଗୋବରକୁ ଶସ୍ୟ କ୍ଷେତ୍ରରେ ପକାଇ, ମାଟି ଉର୍ବର କରି ଶସ୍ୟ ଉତ୍ପାଦନ କରି ଆସିଛେ। ଆଗେ ସବୁ ଗାଇ ଦେଶୀ ଥିଲେ ଓ କମ କ୍ଷୀର ଦେଉଥିଲେ। କାଳକ୍ରମେ ଜର୍ସି, ହୋଲଷ୍ଟେନ ପ୍ରଭୃତି ସଙ୍କର କିସମର ଅଧିକ ଦୁହାଁଳିଆ ଗାଇ ଆସିବା ପରେ ଦେଶୀଗାଇମାନଙ୍କ ଦୁର୍ଦ୍ଦଶା ବଢି ଯାଇଛି। ସେମାନେ ଆଜି ଦାଣ୍ଡଘାଟରେ ବୁଲୁଛନ୍ତି, ଖାଇବାକୁ ପାଉ ନାହାନ୍ତି। ସେମାନଙ୍କର ମଙ୍ଗଳପାଇଁ ବହୁସଂଖ୍ୟକ ଗୋଶାଳା, ସରକାରୀ କିମ୍ବା ବେସରକାରୀ ସ୍ତରରେ ପ୍ରତିଷ୍ଠା କରି ତାଙ୍କ ଖାଦ୍ୟ, ଜଳ, ସ୍ୱାସ୍ଥ୍ୟର ଯତ୍ନ ନିଆଯିବା ତୁରନ୍ତ ଆବଶ୍ୟକ। ବର୍ତ୍ତମାନ ଗୋଶାଳାମାନଙ୍କର ସଂଖ୍ୟା ନଗଣ୍ୟ। ଏବେ ଟ୍ରାକ୍ଟର ଦ୍ୱାରା ବହୁଳ ଭାବେ ଚାଷ ଓ ଆନୁଷଙ୍ଗିକ କାର୍ଯ୍ୟ ହେଉଥିବାରୁ ବଳଦମାନଙ୍କର ଅବସ୍ଥା ମଧ୍ୟ ଖରାପ। ଶାଗମାଛ ଦରରେ ସେମାନଙ୍କୁ ବିକି କଂସେଇଖାନାକୁ ଠେଲି ଦିଆ ଯାଉଛି। ଷଣ୍ଢମାନଙ୍କୁ କରାଯାଉଥିବା ଅତ୍ୟାଚାର ନକହିଲେ ଭଲ। ବହୁ ସଂଖ୍ୟାରେ ସେମାନେ ଗାଡ଼ି ଧକ୍କାରେ ରାସ୍ତାରେ ପ୍ରାଣ ହରାଉଛନ୍ତି। ପ୍ରତିଦିନ ସେମାନଙ୍କ ସଂଖ୍ୟା ବିଭିନ୍ନ କାରଣରୁ କମିକମି ଯିବାର ମଧ୍ୟ ଦେଖା ଯାଉଛି। ସେମାନଙ୍କ ପାଇଁ ମଧ୍ୟ ଗୋଶାଳା ବ୍ୟବସ୍ଥାର ତୁରନ୍ତ ଆବଶ୍ୟକତା ଅଛି। ଆମେ ଘରେ ପୋଷିଥିବା କୁକୁର ବିଲେଇ ଆଦି ସୁଖରେ ଥିବା ବେଳେ ବୁଲା କୁକୁର, ବୁଲା ବିଲେଇମାନେ ଖାଦ୍ୟ, ପାଣି ଓ ସୁରକ୍ଷା ନପାଇ ଦୟନୀୟ ଜୀବନ ଯାପନ କରୁଛନ୍ତି। ବୁଲାକୁକୁରମାନଙ୍କୁ ଲୋକେ ବିଭିନ୍ନ କଷ୍ଟ ଦେଲେ ସେମାନେ କାମୁଡୁ ଥିବାରୁ ସେମାନଙ୍କୁ ଭୟଙ୍କର-ଜୀବ ଆଖ୍ୟାଦେଇ ବହୁ କଷ୍ଟ ଦିଆଯାଉଛି, ଯଥା ପିଟିପିଟି ମାରିଦେବା, ଖଣ୍ଡିଆ ଖାବରା କରିଦେବା, ଛୋଟା କରିଦେବା, ଦେହରେ ବାଣ ଫୁଟାଇଦେବା, ନିଆଁହୁଳା ପକାଇବା, ଖାଦ୍ୟରେ ବିଷ ଦେଇ ମାରିଦେବା ଇତ୍ୟାଦି। ଗାଡ଼ି ଧକ୍କାରେ ପ୍ରତ୍ୟହ କେତେ ଯେ କୁକୁର ଓ ବିଲେଇ ମରୁଛନ୍ତି ବା ଛୋଟା ହୋଇ ଯାଉଛନ୍ତି, ତାର ହିସାବ ନାହିଁ। ସେହିପରି ଜଙ୍ଗଲରେ ବିଲୁଆ ମାରିବା ପାଇଁ ଫାଶ ବସାଇ ସେଥିରେ ମାଂସ ଭିତରେ ବାଣ ରଖିବାରୁ ସେମାନେ ଖାଇଲା ସମୟରେ ପାଟିରେ ବାଣ ଫୁଟିବା ଦ୍ୱାରା ମୃତ୍ୟୁବରଣ କରିବା ଓ ସେପରି ବୁଲା କୁକୁରମାନଙ୍କୁ ମାଂସରେ ବାଣ ଓ ବରାରେ ବିଷ ଦେଇ ମାରିବା ଭଳି ଜଘନ୍ୟ ହତ୍ୟାକୁ ସମସ୍ତେ ନିନ୍ଦା କରିବା ଉଚିତ।



ପ୍ରକୃତରେ ପରିବେଶ ସନ୍ତୁଳନ ସୁରକ୍ଷାରେ ପଶୁପକ୍ଷୀମାନଙ୍କର ବିଶେଷ ଅବଦାନ ଥିବାରୁ ସେମାନଙ୍କୁ ବିଭିନ୍ନ ଯାଗାରେ କୁକୁରଶାଳା, ବିଲେଇଶାଳା ଆଦି ପ୍ରତିଷ୍ଠା କରି ସେମାନଙ୍କୁ ମଣିଷମାନଙ୍କର ବଳକା ଖାଦ୍ୟ ଦେଲେ ମଧ୍ୟ ସେମାନେ ସହଜରେ ବଞ୍ଚିଯିବେ। ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପ୍ରାଣୀ ବିଭାଗର କିଛି ଡାକ୍ତର ଯଦି ସପ୍ତାହକୁ ଘଣ୍ଟାକ ପାଇଁ ଗୋଶାଳା, କୁକୁରଶାଳ, ବିଲେଇଶାଳାକୁ ଯାନ୍ତେ, ପ୍ରାଣୀ ସମାଜର ବଡ଼ ମଙ୍ଗଳ ହୁଅନ୍ତା। ସମାଜର କିଛି ବ୍ୟକ୍ତି ଯଦି ବୁଲାଜନ୍ତୁଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିପାରନ୍ତେ ତେବେ ବଡ଼ ମଙ୍ଗଳ ହୁଅନ୍ତା। ବିଲେଇମାନେ ମୂଷାମାନଙ୍କୁ ଖାଇବା ଦ୍ୱାରା ଖାଦ୍ୟଶସ୍ୟ ଏତେ ପରିମାଣରେ ନଷ୍ଟ ନହୋଇ, ବୁଭୁକ୍ଷୁମାନଙ୍କୁ ଦା ନକରାଯାଇ ପାରନ୍ତା। ପଶୁପକ୍ଷୀମାନଙ୍କୁ ସର୍କସରେ ରଖି ସେମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରାଯାଉଛି। ସେମାନଙ୍କ ମଙ୍ଗଳ ପାଇଁ ଆବଶ୍ୟକୀୟ ଖାଦ୍ୟ, ପାନୀୟ ଦିଆଯାଇ ନିରୋଗ ରଖିବାର ବନ୍ଦୋବସ୍ତ କରାଯାଇ ପାରନ୍ତା।

ଖାଦ୍ୟ, ପାନୀୟ, ବାସସ୍ଥାନର ସୁରକ୍ଷା, ଚଳାପଥର ସୁରକ୍ଷା ଅଭାବରୁ ବହୁ ବନ୍ୟଜନ୍ତୁ ମଧ୍ୟ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ସେମାନଙ୍କ ଖାଦ୍ୟଚକ୍ରର ସନ୍ତୁଳନ ରକ୍ଷା ମଧ୍ୟ ଏକାନ୍ତ ଆବଶ୍ୟକ। ଅବଶ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ଉଦ୍ୟାନ, ବ୍ୟାଘ୍ର ପ୍ରକଳ୍ପ, ଅଭୟାରଣ୍ୟ ଓ ଚିଡ଼ିଆଖାନା ଆଦିରେ ପଶୁପକ୍ଷୀଙ୍କ ସୁରକ୍ଷା ଓ ବଂଶବୃଦ୍ଧି ପାଇଁ ବିଶେଷ ଧ୍ୟାନ ଦିଆଯାଉଛି। ସେମାନଙ୍କ ଖାଦ୍ୟ ଚକ୍ରକୁ ବିଶେଷ ଭାବେ ନିୟନ୍ତ୍ରଣ କରାଯାଉଛି। ଘାସଚାଷ, ଖାଦ୍ୟ ଉପଯୋଗୀ ବୃକ୍ଷର ସୁରକ୍ଷା, ପାଣି, ଚଲାପଥର ସୁରକ୍ଷା, ଜଙ୍ଗଲକୁ ଚରିବାକୁ ଯାଉଥିବା ଗୃହପାଳିତ ପଶୁମାନଙ୍କୁ ରୋଗ ପ୍ରତିଷେଧକ ଟିକାଦାନ, ପଶୁ ଶିକାରୀମାନଙ୍କ ପାଇଁ କଠିନ ଦଣ୍ଡର ବ୍ୟବସ୍ଥା ଓ ସର୍ବୋପରି ଜୈବ ବିବିଧତାର ଏବଂ ପରିବେଶର ସୁରକ୍ଷାର ବିଶେଷ ଧ୍ୟାନ ମଧ୍ୟ ଦିଆଯାଉଛି। ଏଥିରେ ଆହୁରି ବୃଦ୍ଧି ଆବଶ୍ୟକ।

ଆଜି "ପଶୁମଙ୍ଗଳ ଦିବସ"ରେ ସବୁ ପଶୁପକ୍ଷୀ କିପରି ଉତ୍ତମ ପ୍ରାକୃତିକ ପରିବେଶରେ ବଞ୍ଚିରହି ପରିବେଶର ସନ୍ତୁଳନ ଆଣି ମନୁଷ୍ୟ ସମାଜର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବେ, ତାହା ସମସ୍ତେ ଚିନ୍ତା କରିବା ଉଚିତ। ପଶୁମାନଙ୍କ ଚଳଣିରେ କିପରି ଗୁଣବତ୍ତା ଆସିପାରିବ ଓ ସେମାନେ ନିରାପଦରେ ପୃଥିବୀ ପୃଷ୍ଠରେ ବସବାସ କରିବେ, ସେ କଥା ବହୁ ବର୍ଷ ଧରି ବିଭିନ୍ନ ମହଲରେ ଚିନ୍ତା କରାଯାଉଛି। ସେକଥା ଏବେ ସମସ୍ତଙ୍କୁ ଆହୁରି ଗଭୀର ଭାବେ ସମୀକ୍ଷା କରିବାକୁ ପଡ଼ିବ। ଆଜିଦିନରେ ପୃଥିବୀର ପରିବେଶ ବିଜ୍ଞାନୀ ଓ ପଶୁ ପ୍ରେମୀମାନେ, ନିରୀହ ପଶୁମାନେ ଭୋଗୁଥିବା ବିଭିନ୍ନ ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣିବା, ବିଲୋପ ପାଇଯାଉଥିବା ପଶୁମାନଙ୍କ ସୁରକ୍ଷା ବିଷୟରେ ଆଲୋଚନା କରିବା, ବିଶ୍ୱରେ ଜୈବବିବିଧତା ସୁରକ୍ଷା ଓ ଜନସଚେତନତା ସୃଷ୍ଟି କରିବା, ବ୍ୟକ୍ତିଗତ ବା ଗୋଷ୍ଠୀଗତ ସ୍ତରରେ କ'ଣ ପଶୁମଙ୍ଗଳ କାର୍ଯ୍ୟକ୍ରମ ହାତକୁ ନିଆଯାଇପାରେ ଓ ଆର୍ଥିକ ସହାୟତା ଆଦି ଉପରେ ଦୃଷ୍ଟିପାତ କରାଯିବା ଉଚିତ। ଲୋପପାଇ ଯାଉଥିବା ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବିଶ୍ୱ ବନ୍ୟଜନ୍ତୁ ପାଣ୍ଠି (WWF) ସଦା ପ୍ରସ୍ତୁତ ଅଛି। ଏହାଛଡ଼ା ଅନ୍ୟାନ୍ୟ ଆନ୍ତର୍ଜାତିକ ଅନୁଷ୍ଠାନମାନେ ମଧ୍ୟ ପ୍ରାଣୀ ମଙ୍ଗଳ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହାୟତା ଦେବାକୁ ଆଗଭର ଅଛନ୍ତି। ପ୍ରାଣୀମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ସ୍ୱର ଉତ୍ତୋଳନକୁ ପ୍ରୋତ୍ସାହନ ଦେଉଛନ୍ତି ଏବଂ ଏଦିଗରେ ସାମାଜିକ ସଚେତନତା କାର୍ଯ୍ୟକ୍ରମ ବନ୍ଦୋବସ୍ତ କରୁଛନ୍ତି। ଗଣମାଧ୍ୟମର ଏହି ବିଷୟରେ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ସରକାର, ସାମାଜିକ ସଂଗଠନ ଓ ଗଣମାଧ୍ୟମର ସହଭାଗିତାରେ ଏହି ସମସ୍ୟାକୁ ନିୟନ୍ତ୍ରଣ କରାଯାଇପାରିବ।

# ଅବଶିଷ୍ଟାଂଶ...

## ଜଟଣୀରେ କର୍କଟ...

ଅନୁଯାୟୀ ରାଜ୍ୟ ସରକାର ଏହି ହସ୍ପିଟାଲ ପାଇଁ ୬୫ ଏକରରୁ ଅଧିକ ଜମି ଯୋଗାଇ ଦେବା ସହିତ ଏଠାରେ ଏକ ମେଡିକାଲ୍ ସାଇକ୍ଲୋଟ୍ରନ୍ କେନ୍ଦ୍ର ପ୍ରତିଷ୍ଠା ପାଇଁ ୧୫୦ କୋଟି ପ୍ରଦାନ କରିଛନ୍ତି। ଏହା ଏସିଆର ସବୁଠାରୁ ଉନ୍ନତ ସାଇକ୍ଲୋଟ୍ରନ୍ ଗବେଷଣା କେନ୍ଦ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱାସ୍ଥ୍ୟସେବାକୁ ତାଙ୍କ ସରକାର ପ୍ରାଥମିକତା ଦେଉଥିବା ଦର୍ଶାଇ ସେ କହିଛନ୍ତି ଯେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାର ବୃହତ ପରିବର୍ତ୍ତନ ଘଟୁଛି। ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଜବୁତ ସହ ସ୍ୱାସ୍ଥ୍ୟ ଶିକ୍ଷାକୁ ପ୍ରାଥମିକତା ଦିଆଯାଉଛି। ନିୟମିତ ଡାକ୍ତର ନିଯୁକ୍ତି ସହ ନୂତନ ମେଡିକାଲ୍ କଲେଜଗୁଡ଼ିକରୁ ପ୍ରତିବର୍ଷ ତାଲିମପ୍ରାପ୍ତ ଡାକ୍ତର ସୃଷ୍ଟି ହେଉଛନ୍ତି। ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦେଶର ସର୍ବୋଚ୍ଚ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡିକରେ ୯୪ ଲକ୍ଷରୁ ଅଧିକ ପରିବାରକୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାବା ପାଇଁ ସୁନିଶ୍ଚିତ କରିଛି। ରାଜ୍ୟରେ ପ୍ରତିମାସ ୧.୨୫ ଲକ୍ଷ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ପାଇଁ ୨୨୫ କୋଟିରୁ ଅଧିକ ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରୁଛନ୍ତି। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ ରାଜ୍ୟବାସୀଙ୍କ ମନୋବଳ ବୃଦ୍ଧି କରୁଥିବା ବେଳେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଖର୍ଚ୍ଚର ଭୟ ଏବଂ ଚିନ୍ତାରୁ ମୁକ୍ତ ଦେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଭୁବନେଶ୍ୱର ନିକଟ ଜଟଣୀସ୍ଥିତ ୨୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ କର୍କଟ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାର ସେପ୍ଟେମ୍ବର ୨୦୨୨ ରେ ଟାଟା ମେମୋରିଆଲ ସେଣ୍ଟର ସହିତ ଏକ ଏମଓୟୁ ସ୍ୱାକ୍ଷର କରିଥିଲେ। ଏଥିପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ ୨୫୦ କୋଟି ଟଙ୍କା ବ୍ୟୟରେ ଡାକ୍ତରଖାନା ନିର୍ମାଣ କରିବ। ପରେ ଏହାକୁ ଚଳାଇବା ପାଇଁ ଟାଟା ମେମୋରିଆଲ୍ ସେଣ୍ଟର ଓ ପରମାଣୁ ଶକ୍ତି ବିଭାଗକୁ ହସ୍ତାନ୍ତର କରିବ। ଏହି ହସ୍ପିଟାଲର ଯନ୍ତ୍ରପାତି କିଣିବା, ଧର୍ମଶାଳା, ଆବାସିକ କମ୍ପ୍ଲେକ୍ସ ନିର୍ମାଣ ଏବଂ ମାନବ ସମ୍ବଳ ନିଯୁକ୍ତି ପାଇଁ ପରମାଣୁ ଶକ୍ତି ବିଭାଗ ୪୦୦ କୋଟି ଅନୁମୋଦନ କରିଛି। ଆସନ୍ତା ଡିସେମ୍ବର ୨୦୨୫ ସୁଦ୍ଧା ଏହି ଡାକ୍ତରଖାନା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେବ ବୋଲି ଲକ୍ଷ୍ୟ ରହିଛି। ଏଠାରେ ରେଡିଏସନ୍ ଥେରାପି, ଉନ୍ନତ ଅସ୍ତ୍ରୋପଚାର, କେମୋଥେରାପି, ଟାର୍ଗେଟେଡ୍ ଥେରାପି ଏବଂ ଷ୍ଟେମ୍ ସେଲ୍ଫ ଟ୍ରାନ୍ସପ୍ଲାଣ୍ଟ ସହିତ ଅତ୍ୟାଧୁନିକ କର୍କଟ ଚିକିତ୍ସା ଉପଲବ୍ଧ ହେବ।

## ଯାଜପୁର ମେଡିକାଲ...

ପହଞ୍ଚିଛି। ମେଡିକାଲ କଲେଜ ପାଇଁ ନିଯୁକ୍ତ ହୋଇଥିବା ଡାକ୍ତର ଏବେଠାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କ ଚିକିତ୍ସା ଆରମ୍ଭ କରିଛନ୍ତି। ସେଥିପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଟିଚିଂ ମେଡିକାଲର ମାନ୍ୟତା ମିଳିବ। ଆଜି ରାଜ୍ୟ ସରକାର ଏନେଇ ବିଧିବଦ୍ଧ ଭାବେ ଘୋଷଣା କରିବା ପରେ ଜିଲ୍ଲାବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ଡାକ୍ତର, ନର୍ସଙ୍କଠାରୁ ଆରମ୍ଭ କରି ଅନ୍ୟାନ୍ୟ ପଦବୀ ପୂରଣ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାଶିଷ ମହାରଣା ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ କର୍କଟ ବିରୋଧରେ ରାଜ୍ୟ ସରକାର ଆରମ୍ଭ କରିଥିବା ଅଭିଯାନ ଏବେ ଆଉ ଏକ ସୋପାନରେ ପହଞ୍ଚିବ। ଖୁବ୍ ଶୀଘ୍ର ଝାରସୁଗୁଡ଼ାରେ କ୍ୟାନସର୍ ହସ୍ପିଟାଲରେ ରୋଗୀ ଚିକିତ୍ସା ଆରମ୍ଭ ହେବ। ଏଥିସହ ଚାରିଟି ଜିଲ୍ଲାରେ ମ୍ୟୁନିସିପାଲିଟି ଡାକ୍ତରଖାନା ମଧ୍ୟ ପିପିପି ମୋଡ୍‌ରେ ପ୍ରତିଷ୍ଠା କରାଯିବ। ସରକାରୀ ଘରୋଇ ଭାଗିଦାରୀ (ପିପିପି) ମାଧ୍ୟମରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ବୁଧବାର ରାଜ୍ୟ ସରକାର ଘରୋଇ ସଂସ୍ଥାଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଝାରସୁଗୁଡ଼ା ସହରରେ ୧୨୦ ଶଯ୍ୟା ବିଶିଷ୍ଟ କ୍ୟାନସର୍ କେୟାର ସୁପରସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ। ୬ ଏକର ଜମି ଉପରେ ୧୬୯ କୋଟି ଟଙ୍କା ବ୍ୟୟରେ କର୍କଟ ହସ୍ପିଟାଲ ନିର୍ମାଣ କରାଯିବ।

ଅପରପକ୍ଷେ ଅନୁଗୁଳ, ଭଦ୍ରକ, ବଡ଼ବିଲ୍ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ୧୦୦ ଏବଂ ୨୦୦ ଶଯ୍ୟାର ମ୍ୟୁନିସିପାଲିଟି ହସ୍ପିଟାଲ ପ୍ରତିଷ୍ଠା କରାଯିବ। ଆସନ୍ତା କାଲି ଲୋକସେବା ଭବନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଘରୋଇ ସଂସ୍ଥା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ। ସ୍ୱାସ୍ଥ୍ୟ ସେବାରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର ଜିଲ୍ଲାସ୍ତରରେ ମେଡିକାଲ କଲେଜ ପ୍ରତିଷ୍ଠା କରୁଥିବା ବେଳେ ଆମ ହସ୍ପିଟାଲ କାର୍ଯ୍ୟକ୍ରମ ଅଧିନରେ ଜିଲ୍ଲା ଏବଂ ଅନ୍ୟ ବର୍ଗର ଡାକ୍ତରଖାନାର ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି। ତଥାପି ସମସ୍ତଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଆହ୍ୱାନ ସୃଷ୍ଟି କରୁଛି। ଏହି ଅଭାବ ଦୂର ପାଇଁ ଘରୋଇ ସଂସ୍ଥା ସହାୟତାରେ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। 'ଓଡ଼ିଶା ଆଫୋର୍ଡେବଲ୍ ହେଲଥ୍ କେୟାର ପ୍ରୋଜେକ୍ଟ' ଅଧିନରେ ଘରୋଇ ପୁଞ୍ଜିନିବେଶ ପାଇଁ ସୁଯୋଗ ମିଳୁଛି। ଭୁବନେଶ୍ୱରରେ ୭୫୦ ଶଯ୍ୟା ବିଶିଷ୍ଟ ବାଗଚୀ ଶ୍ରୀ ଶଙ୍କର ହସ୍ପିଟାଲ ପ୍ରତିଷ୍ଠା କରାଯାଉଛି।

## ଅତିରିକ୍ତ ବ୍ୟୟ...

କେଶରୀ ଆରୁଖ ବିଧାନସଭାରେ ୨୮ ହଜାର ୨୦୦ କୋଟିର ଅତିରିକ୍ତ ବଜେଟ୍ ଆଗତ କରିଥିଲେ।

ଆଜି ପ୍ରଥମାର୍ଦ୍ଧ ବିରୋଧୀ ବିଜେପି ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଧୋଇଯାଇଥିବା ବେଳେ ବେଳେ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସମାନ ପରିସ୍ଥିତି ଲାଗି ରହିଥିଲା। ଦଳୀୟ ବିଧାୟକଙ୍କ ନିଲମ୍ବନ ପ୍ରତ୍ୟାହାର ଏବଂ ମୁଖ୍ୟମନ୍ତ୍ରୀଙ୍କ ବିବୃତିରୁ ଜନବିରୋଧୀ ଶବ୍ଦ ବାଦ୍ ଦେବାକୁ ବିଜେପି ବିଧାୟକମାନେ ଦିନତମାମ ଅଡ଼ି ବସିଥିଲେ। ବିଜେପି ବିଧାୟକଙ୍କ ପ୍ରବଳ ହୋ-ହଲ୍ଲା ଯୋଗୁଁ ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୨ ମିନିଟ୍ ଚାଲିଥିଲା। ଦ୍ୱିତୀୟାର୍ଦ୍ଧରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୃହରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଗତ କରିଥିଲେ। ଏହି ଅତିରିକ୍ତ ବଜେଟ୍‌ରେ ଲାକ୍ଷ୍ମୀ, ଆମ ଓଡ଼ିଶା- ନବୀନ ଓଡ଼ିଶା, ଭୁବନେଶ୍ୱର ମେଟ୍ରୋ ପରି ନୂତନ ରୂପାନ୍ତରକାରୀ ଯୋଜନା ପାଇଁ ଆବଶ୍ୟକ ବ୍ୟୟବରାଦ କରାଯାଇଛି। ଏହି ଅତିରିକ୍ତ ବଜେଟ୍ ଅର୍ଥ ରାଜ୍ୟର ବିଭିନ୍ନ ଜନକଲ୍ୟାଣ ଓ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବିନିଯୋଗ କରାଯିବ ବୋଲି ସେ କହିଥିଲେ। ଆଲୋଚନାରେ ଭାଗ ନେଇ ସରକାରୀ ଦଳ ବିଧାୟକ ଶଶିଭୂଷଣ ବେହେରା ଏହାକୁ ସମର୍ଥନ କରିଥିଲେ। ରାଜ୍ୟ ସରକାରଙ୍କ ଅଧୀନରେ ଜାରି ରହିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକର ସମାପ୍ତି ପାଇଁ ଏହି ଅର୍ଥର ଆବଶ୍ୟକତା ରହିଛି। ତେଣୁ ଜନସ୍ୱାର୍ଥ ଦୃଷ୍ଟିରୁ ଏହି ବିଧେୟକ ପାରିତ ହେବା ଜରୁରୀ ବୋଲି ସେ କହିଥିଲେ। ଶାସକ ଦଳ ବିଧାୟକ ରାଜକିଶୋର ଦାସ ବିଧେୟକ ଆଲୋଚନାରେ ଭାଗ ନେଇ କହିଥିଲେ ଯେ ଅତିରିକ୍ତ ବଜେଟ୍‌ରେ ରାଜ୍ୟ ସରକାର କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ସର୍ବାଧିକ ୨୦୧୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଅତିରିକ୍ତ ବଜେଟ୍‌ରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର, ଭିତ୍ତିଭୂମି ନିର୍ମାଣ, ଜଳସେଚନ, ସହରାଞ୍ଚଳ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ତେଣୁ ସେ ବ୍ୟୟମଞ୍ଜୁରୀ ବିଧେୟକକୁ ସମର୍ଥନ କରୁଛନ୍ତି ବୋଲି କହିଥିଲେ। ତେବେ ମୁଖ୍ୟ ବିରୋଧୀ ଦଳ ବିଜେପି ଗୃହକାର୍ଯ୍ୟରେ ଭାଗ ନେଇ ନଥିବା ବେଳେ ଶେଷରେ କକ୍ଷତ୍ୟାଗ କରିଥିଲା। ଅନ୍ୟପକ୍ଷରେ ନିଜ ଅଭିଭାଷଣରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ନ ହୋଇପାରିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହ କାର୍ଯ୍ୟରେ ସହଯୋଗ କରିଥିବାରୁ ସଭିଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହାପରେ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ମୁଲତବୀ ଘୋଷଣା କରିଥିଲେ।

ଚଳିତ ଅଧିବେଶନରେ ମୋଟ ୧୩ଟି ବିଧେୟକ (ବିଲ୍) ପାରିତ ହୋଇଥିବା ବେଳେ ୩ଟି ଅଧ୍ୟାଦେଶ ଆଗତ ହୋଇଛି। ସେହିପରି ଅଧିବେଶନରେ ମୋଟ ୪ଟି ବିବୃତି ଗୃହରେ ରଖାଯାଇଛି। ମୋଟ ୭୮ଟି ବାର୍ଷିକ ରିପୋର୍ଟ ଉପସ୍ଥାପିତ ହୋଇଥିବା ବେଳେ ୫ଟି କମିଟି ରିପୋର୍ଟ ଉପସ୍ଥାପିତ ହୋଇଛି। ସେହିପରି ମୋଟ ୮ଟି ତାରକା ପ୍ରଶ୍ନର ଉତ୍ତର ଗୃହରେ ରଖାଯାଇ ଥିବା ବେଳେ ମୋଟ ୩୮ଟି କାଗଜ ଗୃହରେ ଉପସ୍ଥାପିତ ହୋଇଛି।

## ଫସରଫାଟିଲା ବିଜେପିର...

ସମ୍ପର୍କିତ ଦେୟ) ବି ଦିଆଯାଇନାହିଁ ବୋଲି ଉଲ୍ଲେଖ କରିଗୃହର ମୂଲ୍ୟବାନ ସମୟକୁ ସାଧାରଣ ଜନତାଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ଆଲୋଚନାରେ ବିନିଯୋଗ କରିବାକୁ ବିରୋଧୀଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ମୌସୁମୀ ଅଧିବେଶନର ହଠାତ୍ ବିରୋଧୀ ଦଳ ବିଜେପି ପକ୍ଷରୁ ଗୃହରେ ଶ୍ରଦ୍ଧା ପ୍ରସଙ୍ଗ ଉତ୍ଥାପନ କରାଯାଇଥିଲା। ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଏହାକୁ ଶୂନ୍ୟକାଳରେ ପ୍ରସଙ୍ଗ କରିବାକୁ ଚାହିଁଥିଲେ। ଏପରିକି ଦଳର ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏନେଇ ମଧ୍ୟ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟବାସୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଭରପୂର ପ୍ରୟାସ କରିଥିଲେ। ରାଜ୍ୟରେ ବହୁ ପ୍ରସଙ୍ଗ ଥିବାବେଳେ ନିରାଧାର ପ୍ରସଙ୍ଗକୁ ବିଜେପି କଣ ପାଇଁ ଗୃହରେ ଉଠାଇ ଗୃହର ସମୟ ନଷ୍ଟ କରୁଛି ତାହାକୁ ନେଇ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଥିଲା। ତେବେ ଆଜି ମୁଖ୍ୟମନ୍ତ୍ରୀ ବିଜେପିକୁ ପାଲଟା ଜବାବ୍ ଦେବା ସହ ଅଯଥା ପ୍ରସଙ୍ଗରେ ଗୃହର ମୂଲ୍ୟବାନ ସମୟ ନଷ୍ଟ ନ କରିବାକୁ ପରାମର୍ଶ ଦେଇଛନ୍ତି।

## କଳବଳ କରିବ...

ବ୍ୟତୀତ ଭାରତର ପ୍ରମୁଖ ବ୍ୟବସାୟିକ ଅଂଶୀଦାରଙ୍କ ମଧ୍ୟରେ ଧୀମା ଅଭିବୃଦ୍ଧି ଯୋଗୁ ଭାରତୀୟ ସାମଗ୍ରୀର ବାହ୍ୟ ଚାହିଦା ହ୍ରାସ ପାଇଛି। ଯାହାର ଫଳସ୍ୱରୂପ ରପ୍ତାନିରେ ହ୍ରାସ ଘଟିଛି। ଏହା ପୂର୍ବରୁ ଘରୋଇ ଚାହିଦା ଦୃଢ଼ ରହିବା ଯୋଗୁ ପ୍ରଥମ ତ୍ରୈମାସିକରେ ଦେଶର ଅର୍ଥନୀତିରେ ୭.୮ ପ୍ରତିଶତ ଦ୍ରୁତ ଅଭିବୃଦ୍ଧି ଦେଖିବାକୁ ମିଳିଥିଲା। ବିଶ୍ୱ ବ୍ୟାଙ୍କ କହିବାନୁଯାୟୀ, ଖାଦ୍ୟ ମୁଦ୍ରାସ୍ଫୀତି ଯୋଗୁ କେତେକାଂଶରେ ଚାହିଦାରେ ହ୍ରାସ ଘଟିଛି। ବିଶେଷକରି ସ୍ୱଳ୍ପ ଆୟ ବର୍ଗରେ ଚାହିଦା ହ୍ରାସ ପାଇଛି। ମୌସୁମୀ ଋତୁରେ ଅନିୟମିତ ବର୍ଷା ହେତୁ ଜୁଲାଇରେ ଖାଦ୍ୟ ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଥିଲା। ଅଗଷ୍ଟରେ ଭାରତର ମୁଦ୍ରାସ୍ଫୀତି ୬.୮ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ଜୁଲାଇରେ ଏହା ୧୫ ମାସର ସର୍ବୋଚ୍ଚ ସ୍ତର ୭.୪ ପ୍ରତିଶତ ରହିଥିଲା।

## ଅବସର ନେଲେ...

ବିଚାରପତି ଭାବେ ୨୦୨୨ ଜୁନ୍ ୧୦ରୁ କାର୍ଯ୍ୟ କରିଆସୁଥିଲେ। ସେ ହାଇକୋର୍ଟରେ ମୋଟ ୧୧୫ ଦିନ କାର୍ଯ୍ୟ କରିଛନ୍ତି। ପ୍ରାକ୍ତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଗତ ଅଗଷ୍ଟ ୭ରେ ଅବସର ଗ୍ରହଣ କରିବା ପରେ ଜଷ୍ଟିସ୍ ତଲାପତ୍ର ମୁଖ୍ୟ ବିଚାରପତି ଭାବେ ଶପଥ ନେଇଥିଲେ। ୧୯୬୧ ଅକ୍ଟୋବର ୪ରେ ତ୍ରିପୁରାର ଉଦୟପୁରରେ ସେ ଜନ୍ମଗ୍ରହଣ କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଶିକ୍ଷା ଶେଷକରି ଓକିଲାତି ପେସାରେ ଯୋଗ ଦେଇଥିଲେ। ୨୦୧୧ ନଭେମ୍ବର ୧୫ରେ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି, ୨୦୧୩ ସେପ୍ଟେମ୍ବର ୧୩ରେ ତ୍ରିପୁରା ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୧୩ରେ ତ୍ରିପୁରାରେ ନୂତନ ହାଇକୋର୍ଟ ସ୍ଥାପନ ହେବା ପରେ ଏହା ତାଙ୍କର ପ୍ୟାରେଣ୍ଟ ହାଇକୋର୍ଟ ଥିଲା। ଏପରିକି ୨୦୧୮ ନଭେମ୍ବର ୨ରୁ ୧୩ ଓ ୨୦୧୯ ନଭେମ୍ବର ୧୧ରୁ ୧୫ ତ୍ରିପୁରା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ।

## କେନ୍ଦ୍ରାପଡ଼ା ରସାବଳିକୁ...

ଦେଶରେ କେନ୍ଦ୍ରାପଡ଼ାର ନାଁ ଆହୁରି ପ୍ରସିଦ୍ଧ ହେବ। ଜିଲ୍ଲାର ପାରମ୍ପରିକ ଜ୍ଞାନ କୌଶଳ ଓ ପଦାର୍ଥକୁ ଏହି ସ୍ତରକୁ ଆଣିବାରେ ପୂର୍ବଜମାନଙ୍କ ଅନେକ ଅବଦାନ ରହିଛି। ତେଣୁ ଏହାର ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେବାକୁ ହେବ। କେନ୍ଦ୍ରାପଡ଼ାର ଖାଲି ରସାବଳି ନୁହେଁ; ବରଂ ଅନେକ ଦ୍ରବ୍ୟ ରହିଛି ଯାହା ଜିଆଇ ମାନ୍ୟତା ପାଇଁ ପଞ୍ଜୀକରଣ ହେବା ଉଚିତ ବୋଲି ସେ କହିଛନ୍ତି।

## ଅଭିଯୋଗ ନୁହେଁ...

ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ। ଶ୍ରୀ ଠାକୁର ଭଲ ଭାବେ ଜାଣିଛନ୍ତି ଯେ ଓଡ଼ିଶାରେ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ବେଶ୍ ସଫଳ ହୋଇଛନ୍ତି। ସେଥିପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ବାରମ୍ବାର ପୁରସ୍କୃତ କରିଛନ୍ତି। ଓଡ଼ିଶା ସରକାରଙ୍କ ନିଷ୍ଠାପର ଉଦ୍ୟମକୁ କେନ୍ଦ୍ର ସରକାର ଭୂୟସୀ ପ୍ରଶଂସା କରିବା ସହିତ ପ୍ରମାଣପତ୍ର ଦେଇଛନ୍ତି। ଯେହେତୁ କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଆସିଛନ୍ତି ଏଠାରେ ଗଣମାଧ୍ୟମ ଆଗରେ ତାଙ୍କ ମୁହଁରୁ ସରକାରଙ୍କ ବିରୋଧରେ ଅମୂଳକ ଅଭିଯୋଗ ଆଣିବା ପାଇଁ ରାଜ୍ୟ ବିଜେପି ନେତା ତାଙ୍କ ଉପରେ ଚାପ ପକାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ଠାକୁର ମଧ୍ୟ ଓଡ଼ିଶା ବିଜେପି ନେତାଙ୍କ କଥା ମାନି ବୟାନ ଦେବା ସ୍ୱାଭାବିକ କଥା। ସତ ଜାଣି ମଧ୍ୟ ଚାପରେ ପଡ଼ି କେନ୍ଦ୍ରମନ୍ତ୍ରୀ ରାଜ୍ୟ ସରକାରଙ୍କ ବିରୋଧରେ ଭିତ୍ତିହୀନ ମନ୍ତବ୍ୟ ଦେବାକୁ ବାଧ୍ୟ ହୋଇଛନ୍ତି। ଯଦି କେଉଁଠି ଦୁର୍ନୀତି ହେଉଛି ତା ହେଲେ ବିଜେପି ନେତା ତାହାର ପ୍ରମାଣ ଦିଅନ୍ତୁ। ବିନା ତଥ୍ୟ ପ୍ରମାଣରେ ମନଗଢ଼ା କାହାଣୀ କହିଲେ କେହି ଶୁଣିବେନି ବୋଲି ଶ୍ରୀ ମିଶ୍ର କହିଛନ୍ତି।


**AFFIDAVIT**

By virtue of an affidavit before the Executive Magistrate. Rengali bearing affidavit No. 1035 dated 07.08.2023. I, Dhananjay Suna, S/o Kalakanhu Suna, Resident of Samlaipadar, PS- Bijepur, District-Bargarh, Odisha do hereby declare that my correct name is Dhananjay Suna as per my Aadhaar Card, but in my Passport my name spelling has been wrongly mentioned as Dhanajay Suna. That now onwards I shall be known as **Dhananjay Suna** for all future purposes.

**AFFIDAVIT**

By virtue of an affidavit before the Executive Magistrate, Bhubaneswar, I Touraj Moghbelpoor, S/o- S. Moghbelpoor, Flat No.- F/104, Lifestyle Orchid, Chandaka Road, Sundarpur, Bhubaneswar-751024, Dist.- Khordha, state that my actual name is Touraj Moghbelpoor as per driving licence no OD02 20160565090 in my passport recorded as Touradj Moghbelpoor Hamadani instead of Touraj Moghbelpoor, by this affidavit no. 82, dtd. 16.08.2023. Henceforth Touraj Moghbelpoor and Touradj Moghbelpoor Hamadani is one and same person for all purposes.

Sd/- Touraj Moghbelpoor

**OFFICE OF THE PANCHAYAT SAMITI,**
**SADAR, BALASORE, DIST- BALASORE**

**TCN No:-Tender Online.03 of Notice No. 4890 Dated -30/09/2023**

**i-413:** Online Tenders are Invited from bidders "for 01 No. of Civil Works for KKS College, Balasore under Panchayat Samiti, Sadar, Balasore". The detail Information of the Sealed Tender process is made available In Balasore Dist. Website i.e. **http//www.baleswar.nic.in.** Last time and date for receipt of Tender is **5.00 PM, 18.10.2023.**

Sd/-
Block Development Officer,
Sadar, Balasore

OIPR-19153/11/0009/2324

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଥିଲି**

**ସାମାଜିକ ସମୀକ୍ଷା**

ବିଜ୍ଞପ୍ତି ସଂଖ୍ୟା ୩୧୮୧/୨୦୨୩ | ତାରିଖ ୦୩.୧୦.୨୦୨୩

ଏତଦ୍ୱାରା ମାଥିଲି ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୨୩-୨୦୨୪ ଆର୍ଥିକ ବର୍ଷର ସାମାଜିକ ସମୀକ୍ଷା **ଅକ୍ଟୋବର ୦୩, ୨୦୨୩** ତାରିଖରୁ ସାରଣୀ କ୍ରମେ ଆରମ୍ଭ ହୋଇ **ଜାନୁଆରୀ ୧୭, ୨୦୨୪** ତାରିଖରେ ସମାପ୍ତ ହେବ। ଏଥିରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପରିସରରେ କାର୍ଯ୍ୟର କାଗଜପତ୍ର, ଗୁଣାବଳି, ମଷ୍ଟର ରୋଲର ଶତ ପ୍ରତିଶତ ଯାଞ୍ଚ, ମାପ ପୁସ୍ତିକାର ସମୂହର ସମୀକ୍ଷା କରାଯିବ। ଏହି ସମୀକ୍ଷା ସ୍ୱଚ୍ଛତା ଉତ୍ତର ଦାୟିତ୍ୱବୋଧତା ତଥା ପ୍ରକଳ୍ପ ଗୁଡିକର ସତ୍ୟାସତ୍ୟ ଅନୁସନ୍ଧାନ ଉପରେ ପର୍ଯ୍ୟବେକ୍ଷିତ। ତେଣୁ ଏହି ପଞ୍ଚାୟତ ସମିତିର ସମସ୍ତ ଏନ.ଜି.ଓ., ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠି ଓ ମନରେଗାରେ କାର୍ଯ୍ୟକରୁଥିବା ସମସ୍ତ ସମନ୍ୱିତ ବିଭାଗମାନଙ୍କୁ ଅନୁରୋଧ କରାଯାଉଛି ଯେ ନିର୍ଦ୍ଧାରିତ ତାରିଖ, ସମୟ ଏବଂ ସ୍ଥାନରେ ସେମାନଙ୍କ ଉପସ୍ଥିତ ଜାହିର କରିବେ।

| କ୍ର.ନଂ. | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ସମୀକ୍ଷା | | ପଞ୍ଚାୟତରେ ଗ୍ରାମସଭା | ବ୍ଲକସ୍ତରୀୟ ଜନଶୁଣାଣି | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| ୧ | କମାରପାଲ୍ଲୀ | ୦୩.୧୦.୨୦୨୩ | ୧୩.୧୦.୨୦୨୩ | ୧୩.୧୦.୨୦୨୩ | ୧୨.୦୩.୨୦୨୪ | ବି.ଏସ୍.ଏସ୍.ଓ |
| ୨ | ମହୁପଦର | ୦୪.୧୦.୨୦୨୩ | ୧୬.୧୦.୨୦୨୩ | ୧୬.୧୦.୨୦୨୩ | | ବି.ପି.ସି |
| ୩ | ସାଲିମି | ୦୫.୧୦.୨୦୨୩ | ୧୭.୧୦.୨୦୨୩ | ୧୭.୧୦.୨୦୨୩ | | ଡ.ବ୍ଲି.ଓ |
| ୪ | ଟେମୁରୁପାଲ୍ଲୀ | ୧୬.୧୦.୨୦୨୩ | ୦୬.୧୧.୨୦୨୩ | ୦୬.୧୧.୨୦୨୩ | | ଏ.ଇ.ଇ |
| ୫ | କିଅଂଗ | ୧୮.୧୦.୨୦୨୩ | ୦୭.୧୧.୨୦୨୩ | ୦୭.୧୧.୨୦୨୩ | | ଏ.ପି.ଓ |
| ୬ | କର୍ଣ୍ଣନପାଲ୍ଲୀ | ୧୮.୧୦.୨୦୨୩ | ୦୮.୧୧.୨୦୨୩ | ୦୮.୧୧.୨୦୨୩ | | ଏମ୍.ଆଇ |
| ୭ | ଉଦୁଲିବେଡା | ୦୮.୧୧.୨୦୨୩ | ୨୦.୧୧.୨୦୨୩ | ୨୦.୧୧.୨୦୨୩ | | ବି.ପି.ସି |
| ୮ | ମାଥିଲି | ୦୯.୧୧.୨୦୨୩ | ୨୧.୧୧.୨୦୨୩ | ୨୧.୧୧.୨୦୨୩ | | ବି.ଏସ୍.ଏସ୍.ଓ |
| ୯ | ଧୁଙ୍ଗିଆପୁଟ | ୧୦.୧୧.୨୦୨୩ | ୨୨.୧୧.୨୦୨୩ | ୨୨.୧୧.୨୦୨୩ | | ଡ.ବ୍ଲି.ଓ |
| ୧୦ | କୁଟୁନିପାଲ୍ଲୀ | ୨୮.୧୧.୨୦୨୩ | ୦୮.୧୨.୨୦୨୩ | ୦୮.୧୨.୨୦୨୩ | | ଏ.ବି.ଡି.ଓ |
| ୧୧ | ଟେଡେଙ୍ଗା | ୨୯.୧୧.୨୦୨୩ | ୧୧.୧୨.୨୦୨୩ | ୧୧.୧୨.୨୦୨୩ | | ଏ.ପି.ଓ |
| ୧୨ | ଦଳପତିଗୁଡା | ୩୦.୧୦.୨୦୨୩ | ୧୧.୧୨.୨୦୨୩ | ୧୧.୧୨.୨୦୨୩ | | ବି.ପି.ଏମ୍(ଓ.ଏଲ.ଏମ୍) |
| ୧୩ | ଆମ୍ବାଗୁଡା | ୩୦.୧୦.୨୦୨୩ | ୧୧.୧୨.୨୦୨୩ | ୧୧.୧୨.୨୦୨୩ | | ବି.ପି.ସି |
| ୧୪ | ଚାଉଳମେଣ୍ଟି | ୧୬.୧୨.୨୦୨୩ | ୨୬.୧୨.୨୦୨୩ | ୨୬.୧୨.୨୦୨୩ | | ଏ.ପି.ଓ |
| ୧୫ | ପାଙ୍ଗାମ | ୧୫.୧୨.୨୦୨୩ | ୨୭.୧୨.୨୦୨୩ | ୨୭.୧୨.୨୦୨୩ | | ଏ.ଇ.ଇ |
| ୧୬ | ମେକ୍ସା | ୧୬.୧୨.୨୦୨୩ | ୨୮.୧୨.୨୦୨୩ | ୨୮.୧୨.୨୦୨୩ | | ଏମ୍.ଆଇ |
| ୧୭ | ନାୟକଗୁଡା | ୧୬.୧୨.୨୦୨୩ | ୨୮.୧୨.୨୦୨୩ | ୨୮.୧୨.୨୦୨୩ | | ବି.ଏସ୍.ଏସ୍.ଓ |
| ୧୮ | ଭେଜାଗୁଡା | ୦୨.୦୧.୨୦୨୪ | ୧୫.୦୧.୨୦୨୪ | ୧୫.୦୧.୨୦୨୪ | | ବି.ପି.ଏମ୍ |
| ୧୯ | ଜଉପାଲ୍ଲୀ | ୦୩.୦୧.୨୦୨୪ | ୦୯.୦୧.୨୦୨୪ | ୦୯.୦୧.୨୦୨୪ | | ବି.ପି.ସି |
| ୨୦ | ବି.ପାଙ୍ଗାମ | ୦୩.୦୧.୨୦୨୪ | ୧୭.୦୧.୨୦୨୪ | ୧୭.୦୧.୨୦୨୪ | | ଏ.ପି.ଓ |

ଯାଞ୍ଚ ହେବାକୁ ଥିବା-
୧) ବ୍ୟବହୃତ ମଷ୍ଟର ରୋଲ କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ?
୨) ମଷ୍ଟର ରୋଲରେ ଶ୍ରମିକମାନଙ୍କ କାର୍ଯ୍ୟ ପତ୍ର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ ?
୩) ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ ?
୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟପତ୍ର ବିବରଣୀ ସହ ସମାନ ଅଛି କି ନାହିଁ ?
୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳଖାଉଛି କି ନାହିଁ ?
୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟପରିମାଣ ଠିକ୍ ଅଛି କି ନାହିଁ ?

ସା/- ଗୋଷ୍ଠୀ ଉନ୍ନୟନ ଅଧିକାରୀ
ତଥା କାର୍ଯ୍ୟକ୍ରମ ଅଧିକାରୀ, ମାଥିଲି

MM-196

**GOVT. OF ODISHA**
**OFFICE OF THE DIVISIONAL FOREST OFFICER**
**KARANJIA DIVISION, KARANJIA**
**e-Procurement Notice, KARANJIAFOREST DIVISION**
**Bid Identification No.- KJA - 01 OF 2023 – 24**
**e-mail ID-** dfo.karanjia@odisha.gov.in
**Letter No. 4610 / Date 30.09.2023**

| | | | |
|---|---|---|---|
| 1. | Name of Works | : | Construction of Building works |
| 2. | Approximate estimated cost | : | Rs.11.69953 lakh to 16.77969 lakhs (As per Annexure in TCN) |
| 3. | Class of Contractor | : | "D" & " C" Class (As Per Annexure) |
| 4. | Period of completion | : | 03 (Three) Calendar months. |
| 5. | Tender Paper Cost | : | Rs.6,000/- , towards cost of bid as mentioned in Annexure (Building Work). |
| 6 | Date & Time of availability of bid document In the portal | : | Dt. 09.10.2023 at 10.00 A.M. |
| 7 | Last date / Time for receipt of bid in the portal | : | Dt. 25.10.2023 up to 5.00 P.M. |
| 8. | Date of opening Bid | : | Dt. 26.10.2023 at 11.00 A.M. |
| 9. | Name and address of the Office Inviting Bid | : | Divisional Forest Officer, Karanjia Division, Karanjia. |

10 The bidders have to participate in **ONLINE** bidding only.
All other details can be seen from the e-procurement portal **https:/www.tendersodisha.gov.in**

Divisional Forest Officer,
Karanjia Division

OIPR-08019/11/0001/2324

O-1179

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, BALASORE
**e-procurement Notice for Road & Building works**
Bid Identyfication No e-procurement Notice No. 15/ EERW-II/BLS/ 2023-24

| | | |
|---|---|---|
| 1.Name of the work | :- | **Road & Building works** |
| 2.Total no.of works | :- | **3 Nos.** |
| 3.Estimated cost | :- | **As specified in column 3 of Annexure** |
| 4.Class of Contrator | :- | **As specified in column 4 of Annexure** |
| 5.Time of Completion | :- | **As specified in column 5 of Annexure** |
| 6. Cost of Tender Paper through online | :- | **As specified in column 6 of Annexure** |
| 7.Other Details:- | :- | **As per DTCN** |

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o Executive Engineer, R.W.Divn-II, Balasore (Single Cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Balasore | E-TCN No.15 of 2023-24 | 05.10.2023 at 05.00 P.M. | 13.10.2023 up to 5.00 PM | 12.10.2023 up to 05.00 PM | 16.10.2023 at 11.00 AM |

Further details can be seen from the web site www.tendersorissa.gov.in

Executive Engineer
R.W. Division-II, Balasore

OIPR-25052/11/0017/2324

O-1182

Tel. 06766-258301(O)
email: se_nerwkjr@rediffmail.com

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE: KEONJHAR**
**eProcurement Notice for Bridge Works under BSY**
**Identification No. Bridge Online NCB No. 390**
**No. 3512 / Date 29.09.2023**

| | | | |
|---|---|---|---|
| 1. | Name of the work | :- | **Construction of Bridge Works under BSY in the District of Keonjhar.** |
| 2. | No. of work | :- | **06** (Six) Nos. |
| 3. | Estimated Cost | :- | As per Annexure in NIT. |
| 4. | Class of Contractor (Eligible) | :- | As per Annexure in NIT. |
| 5. | Period of Completion | :- | As per Annexure in NIT. |
| 6. | Other details | :- | |

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Bridge Online NCB No. 390 | Dt.06.10.23 at 11.00 A.M. | Dt.26.10.23 up to 5.00 P.M. | Dt.25.10.23 up to 5.00 P.M. | Dt.27.10.23 at 11.00 A.M. | Will be intimated later |

• **Further details can be seen from the website: www.tendersorissa.gov.in**

Chief Construction Engineer,
R.W. Circle, Keonjhar.

OIPR-25177/11/0028/2324

**OFFICE OF THE NOTIFIED AREA COUNCIL,BALIMELA**

Lt. No. 1970/NAC/2023 | Dated: 03.10.2023

C-1538

**TENDER CALL NOTICE**

Sealed quotations are hereby invited from the following dealers/suppliers for supply & installation of the following electrical items within NAC area.

| Sl No | Materials | Specifications | Warranty | Qty |
|---|---|---|---|---|
| 1 | LED Light: Reputed brand Viz.Phillips,Bajaj,Crompton,Havels etc. | 45 Watt. | The warranty in years to be furnished by the supplier | 50 Nos. |
| 2 | LED Light: Reputed brand Viz.Phillips,Bajaj,Crompton,Havels etc. | 75 Watt. | --Do-- | 50Nos. |
| 3 | AB cable | (1X25+1X16) mm Square | --Do-- | 1 KM. |
| 4 | Clamp & Accessories | | --Do-- | |

The quotation must be accompanied with EMD Rs.10,000/-(Rupees Ten Thousand only) and paper cost Rs.2000/-(Rupees Two Thousand) Only in shape of DD drawn in favour of Executive Officer, NAC,Balimela . The quotationer is also required to furnish the photocopy of GST registration certificate (Form-6) & PAN card along with the quotations. The quotations should reach the undersigned by 13.10.2023 by Regd. Post/speed post and will be opened on 16.10.2023 at 11.00 A.M in the office chamber of Executive Officer in the presence of quotationers or their authorized representatives.

The undersigned reserves the right to reject any or all quotations without assigning any reason therein.

Executive Officer
NAC,Balimela

OIPR-13140/11/0010/2324

**GOVERNEMENT OF ODISHA** b-34
**OFFICE OF THE EXECUTIVE ENGINEER, N.H. DIVISION, SUNABEDA.**
**Phone : 06853-291784, e-mail : eenhsunabeda@ymail.com**
**INVITATIONS FOR BIDS (IFB) [e-Procurement]**
BID IDENTIFICATION NO. 04 /EE NH, SBDA of 2023-24

1) The **Executive Engineer, N.H. Division, Sunabeda** on behalf of Governor of Odisha invites **percentage rate bid** in double cover system in **ONLINE MODE** from eligible contractors for construction of **Road works** as detailed in the table below.
2) Nature of work : Road
3) No. of work : 1 No.
4) Tender Cost : Rs.10,000/-
5) Class of Contractor : "B" Class
6) Availability of Bid document in the : From 11.00 AM of 03.10.2023 to 5.30 PM of 17.10.2023
7) Date of Opening of Bid : 20.10.2023 at 12.30 P.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any Corrigendum/Addendum/Cancellation of will be displayed in the e-tender website only

Sd/-
Executive Engineer
N.H. Division, Sunabeda.

OIPR-34045/11/0004/2324

O-1183

By E Mail/e-Despatch
E Mail ID : [illegible]
Ph-No-06782/260318
Balia, Balasore

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
***"e" Procurement Notice for Bridge Work***
**Identification No.- Online Tender- Bridge NCB No. 46 of 2023-24**
**Letter No. 4428 /WE, Date 30.09.2023**

| | | |
|---|---|---|
| 1. Name of the work | :- | Bridge works. |
| 2. Total No. of work | :- | As per annexure |
| 3. Estimated Cost | :- | As per annexure |
| 4. Eligible Class of Contractor | :- | As per annexure |
| 5. Period of Completion | :- | As per annexure) |
| 6. Other details | :- | |

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E.,R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No.- 46 of 2023-24 | 5.10.2023 at 11.00 A.M | 19.10.2023 up to 5.00 P.M. | 18.10.2023 up to 5.00 P.M. | 20.10.2023 at 11.00 A.M. | Will be intimated later |

• **Further details can be seen from the website: www.tendersodisha.gov.in**

S/d- Er.N.V.Harihar Rao
Chief Construction Engineer,
R.W. Circle, Balasore.

OIPR-25105/11/0055/2324

**GOVERNMENT OF ODISHA** A-617
**OFFICE OF THE SUPERINTENDING ENGINEER**
**TELENGIRI CANAL DIVISION, AT/PO: AMBAGUDA, DIST.: KORAPUT**
**email id: setcdambaguda@gmail.com**
**e-Procurement Notice**
**Bid Identification No.- SE-TCD-01/2023-24**

| | | | |
|---|---|---|---|
| 1. | No. of works | : | 1 (One) |
| 2. | Approx. Estimated cost | : | ₹ 9,89,446 (Approx.) |
| 3. | Eligibility of the bidders | : | "C"&"D" Class (registred under Epf &ESIC orgarisation) . |
| 4. | Period of completion | : | 668 days (Approx.) |
| 5. | Date & time of availability of bid document in the portal | : | 03/10/2023 (10:00 A.M.) to 12/10/2023 (05:30 P.M.) |
| 6. | Last date/time for receipt of bid in the portal | : | 12/10/2023 (05:30 P.M.) |
| 7. | Date of opening of the bids on-line | : | 13/10/2023 (12:30 P.M.) |
| 8. | Name & address of the O.I.T. | : | Superintending Engineer, Telengiri Canal Division, At/Po: Ambaguda, District: Koraput |

Further details can be seen from the e-procurement portal http://tendersodisha.gov.in

Superintending Engineer
Telengiri Canal Division
Ambaguda

OIPR-32434/11/0001/2324

GOVERNMENT OF ODISHA A-615
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MALKANGIRI
Mail Id – midivmalkangiri@gmail.com
NOTICE INVITING TENDER
e-Procurement Notice
Bid ID No. SEMIDMKG - 02/2023-24, Dt. 29.09.2023

The Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Single cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of work: Improvement of MIPs in different blocks of Malkangiri District.
2. No of works: 04 nos.
3. Estimated cost : Approximately varies from Rs. 08.17 to lakh 8.20 lakh
4. Period of completion : 03 (Three) calendar months
5. Class of Contractor : C & D Class
6. Date and time of availability of bid documents in the portal : From 10.00 A.M of 06.10.23 to 5.00 PM of 18.10.2023
7. Last date /time for receipt of bids in the portal : 5.00 PM on 18.10.2023
8. Date of opening of bid : At 11.00 AM on 19.10.2023
9. Submission of Bids : Online Mode
10. Name of the Officer inviting Bid :Superintending Engineer, Minor Irrigation Division,Malkangiri

Further details can be seen from the e-procurement portal https://tendersodisha.gov.in

Superintending Engineer
M.I. Division, Malangiri

OIPR-32364/11/0003/2324

ସକାଳ THE SAKALA

# ବିଶ୍ୱ ବାଣିଜ୍ୟ

www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ ● ପାଉଣ୍ଡ ୧୦୧.୦୦
- ୟୁରୋ ୮୭.୯୯ ● ୟେନ୍ ୦.୫୫

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୨,୮୭୦ (ନୂଆଦିଲ୍ଲୀ)
- ରୁପା : ୭୧,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୬୫,୫୧୨.୦୦
- ନିଫ୍ଟି ୧୯,୫୨୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ବିନିର୍ମାଣ କ୍ଷେତ୍ରରେ ମାନ୍ଦାବସ୍ଥା




**ନୂଆଦିଲ୍ଲୀ,୩।୧୦(ଏଜେନ୍ସି):**

ମାନ୍ଦା ପଡ଼ିଛି ଦେଶର ମାନୁଫାକ୍‌ଚରିଂ ବା ବିନିର୍ମାଣ କ୍ଷେତ୍ର। ସେପ୍ଟେମ୍ବର ମାସରେ ଭାରତର ଉତ୍ପାଦନ କ୍ଷେତ୍ରର କାର୍ଯ୍ୟକଳାପ ୫ ମାସର ସର୍ବନିମ୍ନ ସ୍ତର ଖସିଆସିଛି। ଏହାର ମୁଖ୍ୟ କାରଣ ହେଉଛି କ୍ଷେତ୍ରକୁ ନୂତନ ଅର୍ଡର ଆସିବା କମିଯାଇଛି। ଯାହାକି ବିନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ମନ୍ଥର କରିଦେଇଛି। ମଙ୍ଗଳବାର ପ୍ରକାଶିତ ମାସିକ ସର୍ବେକ୍ଷଣ ରିପୋର୍ଟରେ ଏହି ସୂଚନା ଦିଆଯାଇଛି।

ସେପ୍ଟେମ୍ବର ମାସ ପାଇଁ ଉତ୍ପାଦନ କ୍ରୟ ମ୍ୟାନେଜର୍ସ ଇଣ୍ଡେକ୍ସ (ପିଏମ୍‌ଆଇ) ତଥ୍ୟ, କ୍ରମାଗତ ୨୭ମାସ ପାଇଁ ସାମଗ୍ରିକ ଅପରେଟିଂ ଅବସ୍ଥାରେ ଉନ୍ନତି ସୂଚାଇଥାଏ। ପିଏମ୍‌ଆଇ ଭାଷାରେ, ୫୦ରୁ ଅଧିକ ସୂଚକାଙ୍କ ଅର୍ଥ ସମ୍ପ୍ରସାରଣ ହୋଇଥିବାବେଳେ ୫୦ରୁ କମ୍ ସଂକୋଚନକୁ ସୂଚିତ କରିଥାଏ। ଏସଆଣ୍ଡପି ଗ୍ଲୋବାଲ ମାର୍କେଟ ଇଣ୍ଟେଲିଜେନ୍ସର ଅର୍ଥନୀତିର ଆସୋସିଏଟ୍ ଡାଇରେକ୍ଟର ପାଉଲିଆନା ଡି ଲିମା କହିଛନ୍ତି ଯେ, ସେପ୍ଟେମ୍ବରରେ ଭାରତର ଉତ୍ପାଦନ ଶିଳ୍ପରେ ମନ୍ଥର ଗତିର ସାମାନ୍ୟ ଲକ୍ଷଣ ଦେଖାଯାଇଛି। ମୁଖ୍ୟତଃ ଭାବେ ନୂତନ ଅର୍ଡରରେ ମନ୍ଥର ଅଭିବୃଦ୍ଧି ହେତୁ ଉତ୍ପାଦନ ଅଭିବୃଦ୍ଧି ମନ୍ଥର ହୋଇଯାଇଛି। ଏହା ସତ୍ତ୍ୱ both େ ଉଭୟ ଚାହିଦା ଏବଂ ଉତ୍ପାଦନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି ଏବଂ ଏସିଆ, ୟୁରୋପ, ଉତ୍ତର ଆମେରିକା ଏବଂ ମଧ୍ୟ ପୂର୍ବର ଗ୍ରାହକଙ୍କଠାରୁ ନୂତନ ବ୍ୟବସାୟରେ ଲାଭ ରେକର୍ଡ କରାଯାଇଛି। ମୁଦ୍ରାସ୍ଫୀତି ସାମ୍ନାରେ ଯୋଗାଣ-ଶୃଙ୍ଖଳା ପରିସ୍ଥିତି ବ୍ୟାପକ ଭାବରେ

**ପିଏମ୍‌ଆଇ ୫ ମାସର ସର୍ବନିମ୍ନ ସ୍ତରକୁ ଖସିଲା**

**ମିଳୁନାହିଁ ନୂତନ ଅର୍ଡର**



ସ୍ଥିର ଥିଲା, ଯାହା ଉତ୍ପାଦନମୂଲ୍ୟ ମୁଦ୍ରାସ୍ଫୀତି ହାରକୁ ତିନି ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତରକୁ ଆଣିବାରେ ସାହାଯ୍ୟ କରିଥିଲା ବୋଲି ସର୍ଭେରେ କୁହାଯାଇଛି। ଆହୁରିମଧ୍ୟ ଲିମା କହିଛନ୍ତି ଯେ ଉତ୍ପାଦନକାରୀମାନେ ଉତ୍ପାଦନ ପାଇଁ ଏକ ସୁଦୃଢ଼ ସକାରାତ୍ମକ ଦୃଷ୍ଟିକୋଣ ବଜାୟ ରଖିଛନ୍ତି। କାରଣ ସେମାନେ ଆଶା କରୁଛନ୍ତି ଯେ ଆସନ୍ତା ୧୨ ମାସ ମଧ୍ୟରେ ଭାରତୀୟ ବଜାରରେ ଚାହିଦା ସୁଦୃଢ଼ ରହିବ।

ଅପରପକ୍ଷେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିକୁ ନେଇ ଆଶା ବଢ଼ିବାରେ ଲାଗିଛି। କାରଣ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ୬ ଜଣିଆ ମୁଦ୍ରା ନୀତି କମିଟି (ଏମପିସି) ବୈଠକ ଅକ୍ଟୋବର ୪ରୁ ତିନି ଦିନ ପର୍ଯ୍ୟନ୍ତ ବସିବାର କାର୍ଯ୍ୟକ୍ରମ ରହିଛି। ଅକ୍ଟୋବର ୬ରେ ସୁଧହାର ସମ୍ପର୍କରେ ଘୋଷଣା କରାଯିବ। ବିଶେଷଜ୍ଞଙ୍କ ଅନୁଯାୟୀ, ମୁଦ୍ରା ନୀତି ସମୀକ୍ଷାରେ ରିଜର୍ଭ ବ୍ୟାଙ୍କ ସୁଧ ହାରକୁ ୬.୫ ପ୍ରତିଶତରେ ବଜାୟ ରଖିପାରେ।

# ପାକିସ୍ତାନରେ ରେକର୍ଡ ମହଙ୍ଗା ମାଡ଼

**ଇସଲାମାବାଦ,୩।୧୦(ଏଜେନ୍ସି):** ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନରେ ମୁଦ୍ରାସ୍ଫୀତି ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି, ଯାହା ସେଠାରେ ସାଧାରଣ ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେଇଛି। ବର୍ତ୍ତମାନ ପାକିସ୍ତାନରେ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୩ ହଜାର ଟଙ୍କା ଟପିଛି। ଦେଶରେ ପରିସ୍ଥିତି ଏପରି ହୋଇଛି ଯେ, ପ୍ରସିଦ୍ଧ ଖାଦ୍ୟ ଶୃଙ୍ଖଳା ରେସ୍ତୋରାଁ ଚେନ୍ ସବ୍‌ୱେ ପାକିସ୍ତାନରେ ତିନି ଇଞ୍ଚର ସାଣ୍ଡୱିଚ୍ ବିକ୍ରୟ କରିବାକୁ ବାଧ ହେଉଛି। ଏହି ଖାଦ୍ୟ ଶୃଙ୍ଖଳା କମ୍ପାନୀ ଦୁନିଆର କୌଣସି ସ୍ଥାନରେ ତିନି ଇଞ୍ଚର ସାଣ୍ଡୱିଚ ବିକ୍ରୟ କରେନାହିଁ, କିନ୍ତୁ ପାକିସ୍ତାନରେ ମୁଦ୍ରାସ୍ଫୀତି ବୃଦ୍ଧି ଯୋଗୁ ଏହା ତିନି ଇଞ୍ଚର ସାଣ୍ଡୱିଚ୍ ପ୍ରଚଳନ କରିବାକୁ ବାଧ ହୋଇଛି।

ସେପ୍ଟେମ୍ବର ମାସରେ ପାକିସ୍ତାନରେ ମୁଦ୍ରାସ୍ଫୀତି ହାର ୩୧.୪ ପ୍ରତିଶତକୁ ବୃଦ୍ଧି ପାଇଛି। ଅଗଷ୍ଟରେ ଏହା ୨୭.୪ ପ୍ରତିଶତ ରହିଥିଲା। ବାସ୍ତବରେ ପେଟ୍ରୋଲ, ଡିଜେଲ ଏବଂ ଶକ୍ତି ମୂଲ୍ୟରେ ବୃଦ୍ଧି ହେତୁ ପାକିସ୍ତାନରେ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଛି। ନିକଟରେ ପାକିସ୍ତାନ ଦେବାଳିଆ ଅବସ୍ଥାରେ ରହିଥିଲା କିନ୍ତୁ ଆଇଏମଏଫ ଏହାକୁ ୩ ବିଲିୟନ ଡଲାରର ପ୍ୟାକେଜ ଦେଇ ଗତ ଜୁଲାଇରେ ଦେବାଳିଆରୁ ରକ୍ଷା କରିଥିଲା। ତେବେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି ହେବା ପାଇଁ ଆଇଏମଏଫ ପାକିସ୍ତାନ ଉପରେ କଠୋର ସର୍ତ୍ତ ଥିଲା। ଯେଉଁ କାରଣରୁ ପାକିସ୍ତାନ ସରକାର ତୈଳ ମୂଲ୍ୟ ବୃଦ୍ଧି କରିଥିଲେ ଏବଂ ଫଳସ୍ୱରୂପ, ମେ' ମାସରେ ରେକର୍ଡ ୩୮.୦ ପ୍ରତିଶତ ମୁଦ୍ରାସ୍ଫୀତି ହୋଇଥିଲା। ସେଠାରେ ଥିବା ସୁଧ ହାର ମଧ୍ୟ ସର୍ବୋଚ୍ଚ ସ୍ତରରେ




- **ତିନି ଇଞ୍ଚର ସାଣ୍ଡୱିଚ୍ ବିକ୍ରି କରିବାକୁ ବାଧ ହେଲା ସବ୍‌ୱେ**
- **ସିଲିଣ୍ଡର ଦର ୩ ହଜାର ଟପିଲା**

୨୨ ପ୍ରତିଶତରେ ପହଞ୍ଚିଛି। ପାକିସ୍ତାନୀ ଟଙ୍କାର ମୂଲ୍ୟ ହ୍ରାସ ସେମାନଙ୍କ ସମସ୍ୟାକୁ ମଧ୍ୟ ବଢ଼ାଇଦେଇଛି। ତେବେ ଅଗଷ୍ଟରେ ସର୍ବନିମ୍ନ ସ୍ତରରେ ପହଞ୍ଚିବା ପରେ ସେପ୍ଟେମ୍ବରରେ ପାକିସ୍ତାନୀ ଟଙ୍କାର ସ୍ଥିତିରେ ସାମାନ୍ୟ ଉନ୍ନତି ହୋଇଛି। ପାକିସ୍ତାନର ଅର୍ଥ ମନ୍ତ୍ରଣାଳୟ ଏହାର ମାସିକ ରିପୋର୍ଟରେ କହିଛି ଆସନ୍ତା କିଛି ମାସ ମଧ୍ୟରେ ମୁଦ୍ରାସ୍ଫୀତି ହାର ପ୍ରାୟ ୨୯-୩୧ ପ୍ରତିଶତ ରହିବ ଏବଂ ଆସନ୍ତା ବର୍ଷ ଆରମ୍ଭରେ ଏଥିରେ କିଛି ମାତ୍ରାରେ ଆରାମ ମିଳିପାରେ। ପାକିସ୍ତାନରେ ତୈଳ ଏବଂ ଗ୍ୟାସ ନିୟାମକ ପ୍ରାଧିକରଣ ଏଲ୍‌ପିଜି ମୂଲ୍ୟ କିଲୋଗ୍ରାମ ପିଛା ୨୦.୮୬ ଟଙ୍କା ବୃଦ୍ଧି କରିଛି, ଏହା ପରେ ସେଠାରେ ଏଲପିଜି କିଲୋଗ୍ରାମ ୨୬୦.୯୮ ଟଙ୍କାରେ ବିକ୍ରି ହେଉଛି। ଏଥି ସହିତ ଘରୋଇ ସିଲିଣ୍ଡରର ମୂଲ୍ୟ ୩୦୭୯.୬୪ ଟଙ୍କାକୁ ବୃଦ୍ଧି ପାଇଛି।

# ଜଗନ୍ନାଥ ଅଟୋ ପକ୍ଷରୁ ବଜାଜ୍ ଥ୍ରୀ ହ୍ୱିଲରର ସମୂହ ଡେଲିଭରୀ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୩।୧୦(ସମିସ):** ମଙ୍ଗଳବାର ସ୍ଥାନୀୟ ନୟାପଲ୍ଲୀ ସ୍ଥିତ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆର ଆଞ୍ଚଳିକ ଶାଖା କାର୍ଯ୍ୟାଳୟ ପରିସରରେ ଜଗନ୍ନାଥ ଅଟୋ ପକ୍ଷରୁ ବଜାଜ୍ ଥ୍ରୀ ହ୍ୱିଲରର ସମୂହ ଡେଲିଭରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲା କମ୍ପାନୀର ପାଇଁ ଏକମାତ୍ର ସୀକୃତିପ୍ରାପ୍ତ ବିକ୍ରୟ ପ୍ରତିଷ୍ଠାନ ଜଗନ୍ନାଥ ଅଟୋ ତରଫରୁ ୫୦ଟି ବଜାଜ୍ ଗାଡ଼ି ଗ୍ରାହକଙ୍କୁ ହସ୍ତାନ୍ତର କରାଯାଇଛି। ଏହି କାର୍ଯ୍ୟକ୍ରମରେ ୟୁନିଅନ ବ୍ୟାଙ୍କର ଡିଜିଏମ୍ ନିରଞ୍ଜନ ବାରିକ, ଜଗନ୍ନାଥ ଅଟୋର ମୁଖ୍ୟ ସୁଶୀଲ ସୁବୁଦ୍ଧି, ବଜାଜ୍ ଅଟୋର ଞ୍ଚଳିକ ମୁଖ୍ୟ ଗିରୀଶ ସେନାନି, ଅନନ୍ତ ପଣ୍ଡା, ଜଗନ୍ନାଥ ଅଟୋର ସାଧାରଣ ପ୍ରବନ୍ଧକ ଧର୍ମାଶିଷ ନନ୍ଦ ଏବଂ ୟୁନିଅନ ବ୍ୟାଙ୍କର ଅନେକ ପଦାଧିକାରୀ ଉପସ୍ଥିତ ଥିଲେ। ଗ୍ରାହକଙ୍କୁ ଏହି ଗାଡ଼ି ନିମନ୍ତେ ବ୍ୟାଙ୍କ ସହଯୋଗରେ ସର୍ବନିମ୍ନ ସୁଧହାରରେ ଗାଡ଼ି ଋଣ ପ୍ରଦାନ କରାଯାଇଛି।

# ଆଇଟି କମ୍ପାନୀ ଆଉ ଦେବେନାହିଁ ୱାର୍କ ଫ୍ରମ୍ ହୋମ୍ ସୁବିଧା

**ନୂଆଦିଲ୍ଲୀ,୩।୧୦(ଏଜେନ୍ସି):** ଓ୍ୱିପ୍ରୋ, କ୍ୟାପଜେମିନି, ମାଇଣ୍ଡ ଟ୍ରି ଏବଂ ଟେକ୍ ମହିନ୍ଦ୍ରା ଆଦି ହେଉଛନ୍ତି ଭାରତର ପ୍ରମୁଖ ଆଇଟି କମ୍ପାନୀ ମଧ୍ୟରୁ ଅନ୍ୟତମ । ଏହି କମ୍ପାନୀଗୁଡ଼ିକ ଏବେ ସବୁଠାରୁ ବଡ ଆଇଟି କମ୍ପାନୀ ଟିସିଏସ୍ ଭଳି ଓ୍ୱାର୍କ ଫ୍ରମ୍ ହୋମ୍ ସୁବିଧାକୁ ସମାପ୍ତ କରିବାକୁ ଯାଉଛନ୍ତି। କମ୍ପାନୀଗୁଡ଼ିକ ଏବେ କର୍ମଚାରୀଙ୍କୁ ଅତି କମ୍‌ରେ ମାସକୁ ୫୦% କାର୍ଯ୍ୟ ଦିବସରେ 'ରେ ଅଫିସ ଆସିବାକୁ କହିବା ଆରମ୍ଭ କରିଦେଇଛନ୍ତି। ଏହାକୁ ନେଇ ଆଇଟି କ୍ଷେତ୍ରରେ ଓ୍ୱାର୍କ ଫ୍ରମ୍ ହୋମ କଲ୍ଚରର ଅନ୍ତର ସଙ୍କେତ ମିଳୁଥିବା କୁହାଯାଉଛି। ଏହାଛଡ଼ା ବିଜିନେସ୍ ପ୍ରୋସେସ୍ ମ୍ୟାନେଜମେଣ୍ଟ ଅଥବା ବିପିଏମ୍ କମ୍ପାନୀଗୁଡ଼ିକ ମଧ୍ୟ କର୍ମଚାରୀଙ୍କୁ ଅଫିସ ଡାକିବା ଆରମ୍ଭ କରିଛନ୍ତି। ପୁଣେ ଏବଂ ବାଙ୍ଗାଲୋରରେ ଅନେକ କମ୍ପାନୀ ନିଜ କର୍ମଚାରୀଙ୍କୁ ଅଫିସରୁ କାମ କରିବାକୁ ଆଦେଶ ଜାରି କରିଛନ୍ତି।

# ମୁକେଶ ଅମ୍ବାନୀଙ୍କୁ ବିଦେଶରୁ ମିଳିଲା ୧୬,୬୪୦ କୋଟି ଋଣ

**ମୁମ୍ବାଇ,୩।୧୦(ଏଜେନ୍ସି):** ମୁକେଶ ଅମ୍ବାନୀଙ୍କ ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ବିଦେଶୀ ବ୍ୟାଙ୍କରୁ ୨ ବିଲିୟନ ଡଲାର (୧୬,୬୪୦କୋଟି ଟଙ୍କା) ଋଣ ଆଣିଛି। ରିଲାଏନ୍ସକୁ ଏହି ଋଣ ଏଚ୍‌ଏସ୍‌ବିସି ଦେଇଛନ୍ତି। ଏହାକୁ ୨୦୨୪ ଆର୍ଥିକବର୍ଷରେ ଦେଶର ସବୁଠୁ ବଡ଼ ଅଫସୋର ଋଣ ମଧ୍ୟରୁ ଗୋଟିଏ ମନେ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ ବିଦେଶରୁ ସଞ୍ଚାଳିତ ବ୍ୟାଙ୍କ ଦ୍ୱାରା ଦିଆଯାଉଥିବା ପାଣ୍ଠିକୁ ଅଫସୋର କ୍ୟାଟାଗରୀରେ ରଖାଯାଏ।



ରିପୋର୍ଟ ଅନୁଯାୟୀ, ଏହି ପାଣ୍ଠି ନିମନ୍ତେ ରିଲାଏନ୍ସ ଓ ଏଚ୍‌ଏସ୍‌ବିସି ମଧ୍ୟରେ ଗତ କିଛି ମାସ ହେଲା ଆଲୋଚନା ଚାଲିଥିଲା। ଏହା ଏକ ଷ୍ଟ୍ରକ୍ଚର ଋଣ, ଯେଉଁଥିରେ ଗ୍ରାହକଙ୍କୁ ଋଣ କାଳରେ ସୁବିଧା ପ୍ରଦାନ କରାଯାଇଥାଏ। ଉଲ୍ଲେଖଯୋଗ୍ୟ ଯେ ରିଲାଏନ୍ସ ଏହି ଋଣକୁ ଫିନଲ୍ୟାଣ୍ଡ କମ୍ପାନୀ ନୋକିଆଙ୍କଠାରୁ ୫ଜି ନେଟୱାର୍କ ଗିୟର କିଣିବାକୁ ଉପଯୋଗ କରିବେ। ତେବେ ଜିଓ ତରଫରୁ ଋଣ ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ନିକଟରେ ଜିଓ ବିଏନପି ପାରିବା ଦ୍ୱାରା ପାଖାପାଖି ୨ ବିଲିୟନ ଡଲାରର ଅଫସୋର ଋଣର ବ୍ୟବସ୍ଥା କରିଥିଲେ। ଯାହାକୁ ସ୍ୱିଡେନର ଏରିକସନରୁ ୫ଜି ନେଟୱାର୍କ ଗିୟର କ୍ରୟ ନିମନ୍ତେ ବ୍ୟବହାର କରିଥିଲେ। ଏହା ବଦଳେ ସ୍ୱିଡିସ୍ ଏକ୍ସପର୍ଟ କ୍ରେଡିଟ୍ ଏଜେନ୍ସୀ ଇକେଏନ୍ ଜିଓ-ଏରିକସନ ୫ଜି ଡିଲ ନିମନ୍ତେ ୨.୨ ବିଲିୟନ ଡଲାରର କଭର ଦେଇଥିଲା। ଏଥିରେ ରିଲାଏନ୍ସ ଜିଓର କଥା କୁହାଗଲେ ଏହା ଏବେ ପାଖାପାଖି ୬.୨ ଲକ୍ଷ ଗ୍ରାମରେ ୱେରଲେସ୍ ବ୍ରାଡବ୍ୟାଣ୍ଡ ସେବା ଯୋଗାଇ ଦେଉଛି। ଯାହାକୁ ଡିସେମ୍ବର ୨୦୨୩ ସୁଧା ସେ ସାରା ଦେଶକୁ ସମ୍ପ୍ରସାରଣ କରିବାକୁ ଯୋଜନା ରଖିଛନ୍ତି। ଏହା ପୂର୍ବରୁ ଜିଓ ୭,୭୬୪ ସହରାଞ୍ଚଳରେ ୫ଜି ସେବା ଆରମ୍ଭ କରିସାରିଛି ଓ ଏହାର ୬୨ ନିୟୁତରୁ ଅଧିକ ୫ଜି ଗ୍ରାହକ ଅଛନ୍ତି। ଗତମାସରେ କମ୍ପାନୀ ନିଜର ୫ଜି ଆଧାରିତ ଫିକ୍ସଡ ୱେରଲେସ ଆକ୍ସେସ (ଏଫଡବ୍ଲୁଏ) ସେବା ଜିଓ ଏୟାର ଫାଇବର ଲଞ୍ଚ କରିଛନ୍ତି, ଯାହା ନୋକିଆ ଓ ଏରିକସନ ଦ୍ୱାରା ଯୋଗାଇଦିଆଯାଇଥିବା ନେଟୱାର୍କ ଇନଫ୍ରାଷ୍ଟ୍ରକ୍ଚରର ମଧ୍ୟ ଉପଯୋଗ କରୁଛି।

# ବିଶ୍ୱସ୍ତରୀୟ କମ୍ପାନୀ ବଦଳାଇଛନ୍ତି ନାମ

**ନୂଆଦିଲ୍ଲୀ,୩।୧୦(ଏଜେନ୍ସି):** ସମୟ ବଡ଼ ବଳବାନ୍। ଏହି ସମୟ ସହିତ ସବୁକିଛି ବଦଳିଥାଏ। ସେହିପରି କିଛି ବିଶ୍ୱସ୍ତରୀୟ କମ୍ପାନୀ ରହିଛନ୍ତି ଯେଉଁମାନେ କି ନିଜର ନାମ ବଦଳାଇଛନ୍ତି। ସେହି କମ୍ପାନୀଗୁଡିକ ହେଉଛି...

- ବର୍ତ୍ତମାନ ଅନ୍‌ଲାଇନ୍ ସପିଂର ଟ୍ରେଣ୍ଡ। ଇ-କମର୍ସ କମ୍ପାନୀ ମଧ୍ୟରୁ ଲୋକମାନଙ୍କର ବେଶ୍ ପସନ୍ଦ ଆମାଜନ। ଏହାର ନିର୍ମାତା ହେଉଛନ୍ତି ଜେଫ୍ ବେଜୋସ୍। ସେ ତାଙ୍କ କମ୍ପାନୀକୁ ୧୯୯୪ରେ ଆରମ୍ଭ କରିଥିଲେ। କିନ୍ତୁ ସେତେବେଳେ ଏହାର ନାମ ଥିଲା କ୍ୟାଡାବ୍ରା। କିନ୍ତୁ କମ୍ପାନୀ ଷ୍ଟାର୍ଟର କିଛି ମାସ ପରେ ବେଜୋସ୍ ନିଜ କମ୍ପାନୀର ନାଁ ପରିବର୍ତ୍ତନ କରି ରଖିଥିଲେ ଆମାଜନ୍।
- ସେହିପରି ଏହି ସୂଚୀରେ ରହିଛି ଲୋକପ୍ରିୟ ସର୍ଚ୍ଚ ଇଞ୍ଜିନ୍ ଗୁଗୁଲ୍। ୧୯୯୭ରେ ଏହାର ହୋଇଥିଲା ପ୍ରତିଷ୍ଠା। ନିର୍ମାତା ଏହାର ନାଁ ରଖିଥିଲେ ବ୍ୟାକ୍‌ରବ୍। ପରେ ଏହାର ନାଁ ପରିବର୍ତ୍ତନ କରି ରଖିଥିଲେ ଗୁଗୁଲ୍।
- ନାମ ପରିବର୍ତ୍ତନ କରିଥିବା ଆଉ ଏକ କମ୍ପାନୀ କନ୍‌ଫିନିଟି ହେଉଛି ଏକ ସଫ୍ଟଓ୍ୟାର କମ୍ପାନୀ। ଏହା ଏକ ଅନ୍‌ଲାଇନ୍ ଟଙ୍କା କାରବାରକାରୀ କମ୍ପାନୀ। କିନ୍ତୁ ମସ୍କଙ୍କ କମ୍ପାନୀ ଏକ୍ସ ସହ ଯୋଡି ହେବା ପରେ ଏହାର ନାଁ ହୋଇଛି ପିପଲ୍।




- ସେହିପରି ଭିଡିଓ ଷ୍ଟ୍ରିମିଙ୍ଗ୍ ଆପ୍ ନେଟ୍‌ଫ୍ଲିକ୍ସର ନାମ ପୂର୍ବରୁ କିବଲ୍ ଥିଲା। କିନ୍ତୁ କମ୍ପାନୀର କୋ ଫାଉଣ୍ଡର ମାର୍କ ରାନଡୋଲ୍ଫଙ୍କୁ ଏହି ନାଁ ପସନ୍ଦ ଆସି ନ ଥିଲା। ଏହାପରେ ସେ କିଛି ନାମ ଚୟନ କରିଥିଲେ। ସେ ପ୍ରଥମେ ଓ୍ୱେବଫ୍ଲିକ୍ସ, ଟେକ୍‌ଓ୍ୱାନ୍, ଏବଂ ନେଟ୍‌ପିକ୍ସ ବୋଲି ଚିନ୍ତା କରିଥିଲେ। କିନ୍ତୁ ଶେଷରେ ସେ ଏହାର ନାଁ ରଖିଥିଲେ ନେଟଫ୍ଲିକ୍ସ।
- ସେହିପରି ସର୍ଟ ଭିଡିଓ ଆପ୍ ଇଣ୍ଟାଗ୍ରାମର ନାମ ପୂର୍ବରୁ ଥିଲା। ନାମୀଦାମୀ ଜୋତା କମ୍ପାନୀ ନାଇକ୍ ୧୯୬୪ରେ ସ୍ଥାପନା ହୋଇଥିଲା। ଏହି କମ୍ପାନୀ ୧୯୬୪ରୁ ୧୯୭୮ ଯାଏଁ ବ୍ଲୁ ରିବନ୍ ସ୍ପୋର୍ଟସ୍ ନାଁରେ ଜଣା ଯାଉଥିଲା । ଏହାପରେ ଏହାର ନାଁ ପରିବର୍ତ୍ତନ ହୋଇ ହୋଇଥିଲା ନାଇକ୍।

# ଗୋଦ୍‌ରେଜ୍ ଗ୍ରୁପର ହେବ ବିଭାଜନ!

**ନୂଆଦିଲ୍ଲୀ,୩।୧୦(ଏଜେନ୍ସି):**

ଦେଶର ଅଗ୍ରଣୀ ବ୍ୟବସାୟିକ ପରିବାର କଥା ଉଠିଲେ, ଅମ୍ବାନୀ, ଟାଟା, ବିର୍ଲା, ଗୋଦ୍‌ରେଜ୍‌ଙ୍କ ନାମ ଗଣନା କରାଯାଏ। ବର୍ତ୍ତମାନ ଖବର ଆସୁଛି ଯେ ୧୨୬ ବର୍ଷ ପୁରୁଣା ବୟସ୍କ ଗୋଦ୍‌ରେଜ୍ ଗ୍ରୁପର ବିଭାଜନ ହୋଇପାରେ। ଗ୍ରୁପର ବଜାର ପୁଞ୍ଜି ୧.୭୬ ଲକ୍ଷ କୋଟି ଟଙ୍କା ହେବ। ଏହାର ବଣ୍ଟାକୁଣ୍ଟା ଏବେ ଆରମ୍ଭ ହୋଇଯାଇଥିବା କୁହାଯାଉଛି।

ଗୋଦ୍‌ରେଜ୍ ଗ୍ରୁପ କହିଲେ, ଦେଶର ବୃହତ୍ ତାଲା କମ୍ପାନୀକୁ ବୁଝାଉଛି। ବାସ୍ତବରେ ୧.୭୬ ଲକ୍ଷ କୋଟି ଟଙ୍କା ମୂଲ୍ୟର ଗୋଦ୍‌ରେଜ୍ ଗ୍ରୁପ୍ ତାଲା ବିକ୍ରି କରି ଏହାର ଯାତ୍ରା ଆରମ୍ଭ କରିଥିଲା। ଦେଶର ସବୁଠାରୁ ପୁରୁଣା କମ୍ପାନୀଗୁଡିକ ମଧ୍ୟରୁ ଅନ୍ୟତମ ଗୋଦ୍‌ରେଜ୍ ଗ୍ରୁପ ୫ ଦଶନ୍ଧି ପୂର୍ବରୁ ଏହାର କାରବାର ଆରମ୍ଭ କରିଥିଲା। ଇକୋନୋମିକ୍ ଟାଇମ୍ସରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଏହି ଗୋଷ୍ଠୀର ବିଭାଜନକୁ ନେଇ ଆଲୋଚନା ଚାଲିଛି। ସୂଚନାନୁସାରେ, ଏହି ଆଲୋଚନା ବର୍ତ୍ତମାନ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍ ଶୀଘ୍ର ଏ ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇପାରେ। ଗୋଦ୍‌ରେଜ୍ ଗ୍ରୁପରେ ବର୍ତ୍ତମାନ ୫ଟି ତାଲିକାଭୁକ୍ତ କମ୍ପାନୀ ରହିଛି। ଏଥିମଧ୍ୟରେ ଗୋଦ୍‌ରେଜ୍ ଇଣ୍ଡଷ୍ଟ୍ରିଜ୍, ଗୋଦ୍‌ରେଜ୍




- ବଜାର ପୁଞ୍ଜି ୧.୭୬ ଲକ୍ଷ କୋଟି
- ୧୨୬ ବର୍ଷ ପୁରୁଣା କମ୍ପାନୀରେ ତୀବ୍ର ହେଉଛି ବିବାଦ
- ଦେଶର ପ୍ରଥମ ଲିଭର୍ ଟେକ୍ନୋଲୋଜି ବିଶିଷ୍ଟ ତାଲା ନିର୍ମାଣକାରୀ

କଞ୍ଜ୍ୟୁମର ପ୍ରଡକ୍ଟ, ଗୋଦ୍‌ରେଜ୍ ଆଗ୍ରୋଭେଟ୍, ଗୋଦ୍‌ରେଜ୍ ପ୍ରପର୍ଟିଜ୍ ଏବଂ ଲାଇଫ ସାଇନ୍ସ ଅନ୍ତର୍ଭୁକ୍ତ। ବର୍ତ୍ତମାନ ଗୋଦ୍‌ରେଜ୍ ପରିବାରରେ ଦୁଇଟି ଗ୍ରୁପ ରହିଛି। ଗୋଦ୍‌ରେଜ୍ ଗ୍ରୁପ୍ ମୁଖ୍ୟ ଆଦି ଗୋଦ୍‌ରେଜ୍ ଏବଂ ତାଙ୍କ ଭାଇ ନାଦିର ଗୋଦ୍‌ରେଜ୍‌ଙ୍କ ନିକଟରେ ଗୋଦ୍‌ରେଜ୍ ଇଣ୍ଡଷ୍ଟ୍ରିଜ୍ ଏବଂ ଆସୋସିଏଟ୍ସର କମାଣ ରହିଛି। ଅପରପକ୍ଷେ ଗୋଦ୍‌ରେଜ୍ ଆଣ୍ଡ ବଏସ୍ ମାନୁଫାକ୍‌ଚରିଂ କମ୍ପାନୀ ଆଦି ଗୋଦ୍‌ରେଜ୍‌ଙ୍କ ସମ୍ପର୍କୀୟ ଜାମଦେଶ ଗୋଦ୍‌ରେଜ୍ ଏବଂ ସ୍ମିତା କୃଷ୍ଣ ଗୋଦ୍‌ରେଜ୍‌ଙ୍କ ଅଧୀନରେ ପରିଚାଳିତ। ବର୍ତ୍ତମାନ ଏହି ଗ୍ରୁପର ଇଞ୍ଜିନିୟରିଂ, ସିକ୍ୟୁରିଟିଜ୍, ଏଗ୍ରି, ରିଅଲ ଇଷ୍ଟେଟ୍ ଏବଂ କଞ୍ଜ୍ୟୁମର ପ୍ରଡକ୍ଟସ ଆଦ କାରବାରରେ ବିଭାଜନ କରାଯିବ।

ଏଠାରେ ସୂଚନାଯୋଗ୍ୟ ଯେ, ଗୋଦ୍‌ରେଜ୍ ଗ୍ରୁପ ବର୍ତ୍ତମାନ ଏହାର ପ୍ରସାରକୁ ଏତେ ବିସ୍ତାର କରିଛି ଯେ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଏହାର ଦବ୍‌ଦବଶ ରହିଛି। ଏହି ଗ୍ରୁପ ୨୦୨୩ ଆର୍ଥିକବର୍ଷ ପାଇଁ ୪୨,୧୭୨ କୋଟି ଟଙ୍କାର ବିପୁଳ ରାଜସ୍ୱ ହାସଲ କରିଛି। କହିବାକୁ ଗଲେ ଏହି ସମୟରେ କମ୍ପାନୀର ଲାଭ ପରିମାଣ ୪୦୦୦ କୋଟି ଟଙ୍କା ଅତିକ୍ରମ କରିଛି। କୌଣସି ପ୍ରମୁଖ ବ୍ୟବସାୟର ବିଭାଜନରେ ଅନେକ ଜଟିଳତା ରହିଥାଏ। ଗୋଦ୍‌ରେଜ୍ ଗ୍ରୁପ୍ ବିଷୟରେ କହିବାକୁ ଗଲେ ଏଠାରେ ମଧ୍ୟ ସମସ୍ୟା ରହିଛି। ବିଶେଷଜ୍ଞଙ୍କ ଅନୁଯାୟୀ, କମ୍ପାନୀର ସମ୍ପତ୍ତି ଥିବା ଜିଆଣ୍ଡବିର ୩୪୦୦ ଏକର ଜମି ସମସ୍ୟାର ସମାଧାନ କରିବା ଜରୁରୀ। ଇକ୍ୱିଟି କ୍ରସ୍ ହୋଲ୍ଡିଂ ଯୋଗୁ ଏହି ଜମି ଆବଣ୍ଟନରେ ଏକ ସମସ୍ୟା ରହିଛି। ତେବେ ଏହି ସମସ୍ୟାର ଆଭ୍ୟନ୍ତରୀଣ ସମାଧାନ ପାଇଁ ପ୍ରୟାସ କରାଯାଉଛି। ବାସ୍ତବରେ, ଏହାର ସମାଧାନରେ ସବୁଠାରୁ ବଡ ସମସ୍ୟା ହେଉଛି ଏହାର ମୂଲ୍ୟ ନିର୍ଦ୍ଧାରଣ।

# ବ୍ଲକ ସମ୍ମୁଖରେ କଳା ଦିବସ ପାଳନ




**ଟାଙ୍ଗୀ,୩।୧୦(ସମିସ):** ଦୁଇବର୍ଷ ତଳେ ଆଜି ଦିନରେ ଅର୍ଥାତ୍ ଅକ୍ଟୋବର ୩ ତାରିଖ ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରିରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ର ଟେନିଙ୍କ ପୁଅ ଗାଡ଼ି ଚଢ଼ାଇ ୪ ଜଣ ଚାଷୀ ଓ ଜଣେ ସାମ୍ବାଦିକଙ୍କୁ ହତ୍ୟା କରିଥିଲେ। ତେବେ ଏହି ମାମଲାରେ ଏପର୍ଯ୍ୟନ୍ତ ମନ୍ତ୍ରୀ ଟେନିଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଗଲା ନାହିଁ। ଏହାର ପ୍ରତିବାଦରେ ସମଗ୍ର ଦେଶରେ କେନ୍ଦ୍ରୀୟ ଟ୍ରେଡ ୟୁନିଅନ୍, ସ୍ୱାଧୀନ କର୍ମଚାରୀ ଫେଡେରେସନ୍ ଏବଂ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର କଳା ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏଆଇକେଏସ ଓ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଜୟ ମିଶ୍ର ଟେନିଙ୍କୁ ତୁରନ୍ତ ମନ୍ତ୍ରିମଣ୍ଡଳରୁ ବରଖାସ୍ତ କରିବାକୁ ଦାବି କରାଯାଇଛି। କୃଷକ ସଭାର ଜିଲ୍ଲା ସମ୍ପାଦକ ଡମ୍ବରୁଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ କଟକ ଜିଲ୍ଲା ଉପସଭାପତି ବଦ୍ରିନାରାୟଣ ଦାସ, ବ୍ଲକ ସଭାପତି ରମେଶ ବେହେରା, ସମ୍ପାଦକ ମହେନ୍ଦ୍ର କୁମାର ବେହେରା, ଆଦିବାସୀ ନେତା ଚନ୍ଦ୍ରମୋହନ ମାଝୀ, ଶ୍ରମିକ ନେତା ପୀତାମ୍ବର ଲେଙ୍କା, ରଶ୍ମିରଞ୍ଜନ ତ୍ରିପାଠୀ, ସିପିଆଇଏମ୍ ନେତା ବିଷ୍ଣୁ ବେହେରା ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କ ଚାଷୀ ଓ ଶ୍ରମିକ ବିରୋଧୀ ନୀତିଗୁଡ଼ିକୁ ସମାଲୋଚନା କରିଥିଲେ।

# ଜାତମୁଣ୍ଡିଆ ସୁବର୍ଣ୍ଣପୁର ପୋଲରେ ଝୁଲି ରହିଲା ବସ୍



**ବାଙ୍କୀ,୩।୧୦(ସମିସ):** ଅନୁଗୁଳରୁ ଭୁବନେଶ୍ୱର ଯାଉଥିବା ବସ୍ (ନଂ-ଓଡି୧୯-ଜି୭୧୧୯)ର ଷ୍ଟିୟରିଂ କଟିଯିବାରୁ ମଙ୍ଗଳବାର ସକାଳ ୧୦ଟାରେ ଜାତମୁଣ୍ଡିଆ ସୁବର୍ଣ୍ଣପୁର ବ୍ରିଜ୍‌ର ସୁରକ୍ଷା ବାଡ଼ ଭାଙ୍ଗି ମହାନଦୀକୁ ଝୁଲି ରହିଥିଲା। ତେବେ ଏକ ବଡ଼ ଦୁର୍ଘଟଣାରୁ ବସରେ ଥିବା ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବର ପାଇ ବାଙ୍କୀ ଥାନା ପୁଲିସ୍, ସୁବର୍ଣ୍ଣପୁର ଫାଣ୍ଡି ଅଧିକାରୀ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଯାତ୍ରୀମାନଙ୍କୁ ଝରକା କାଚ ଭାଙ୍ଗି ଉଦ୍ଧାର କରିଥିଲେ। କୌଣସି ଯାତ୍ରୀଙ୍କର କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଯାତ୍ରୀମାନେ ରକ୍ଷା ପାଇପାରିଛନ୍ତି ବୋଲି ଉପସ୍ଥିତ ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ପୋଲ ଦେଇ ଯାତାୟାତ କରୁଥିବା ଲୋକମାନେ ଉଦ୍ଧାର କାର୍ଯ୍ୟରେ ସହାୟତାର ହାତ ବଢ଼ାଇଥିଲେ। ପରେ କ୍ରେନ୍ ଓ ଅନ୍ୟାନ୍ୟ ମେସିନ ସହାୟତାରେ ଝୁଲି ରହିଥିବା ବସ୍‌କୁ ଉଦ୍ଧାର କରାଯାଇଥିଲା। ଡମପଡ଼ା ତହସିଲଦାର ପ୍ରମୋଦ ନାୟକ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ସମସ୍ତ ମେସିନ ଯୋଗାଇ ଦେଇଥିଲେ।

### ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ

# ୭ଦିନ ଭିତରେ ମେରିଟ୍ ଲିଷ୍ଟ ଦେବାକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

**କଣ୍ଟାପଡ଼ା,୩।୧୦(ସମିସ):** କଟକ ଜିଲ୍ଲା ଅଡ଼ଶପୁରସ୍ଥିତ ଉଦୟନାଥ ବିଜ୍ଞାନ ଓ ବୈଷୟିକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦ ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତିଙ୍କ ନିକଟକୁ ଚିଠି ଆସିଛି। ଦୀର୍ଘବର୍ଷ ଧରି ଏହି ମହାବିଦ୍ୟାଳୟର ଉଭୟ +୨ ଓ ଡିଗ୍ରୀ କଲେଜ ପାଇଁ ଜଣେ ଅଧ୍ୟକ୍ଷଙ୍କ ଦ୍ୱାରା ସବୁ କାର୍ଯ୍ୟ ପରିଚାଳନା କରାଯାଉଛି। ବର୍ତ୍ତମାନ +୨ ଅଧ୍ୟକ୍ଷ ଥିବା ଅରୁଣ କୁମାର ସ୍ୱାଇଁ ମଧ୍ୟ +୩ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିଲେ। ମାତ୍ର ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟାପକ ନିର୍ମଳ କୁମାର ପ୍ରଧାନଙ୍କ ସମେତ ଅନ୍ୟ କେତେଜଣ ଉଚ୍ଚଶିକ୍ଷା ବିଭାଗରେ ଅଭିଯୋଗ କରିବାରୁ ବିଭାଗ ପକ୍ଷରୁ ଚିଠି ସଂଖ୍ୟା ଏଚଇଏନ୍‌ସିଇଟି-୧, ଏମ୍‌ଆଇଏସ ସି-୦୧୯୧-୨୦୨୩ ୪୨୧୧୪ରେ ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତିଙ୍କ ନିକଟକୁ ୭ଦିନ ମଧ୍ୟରେ ଅଧ୍ୟକ୍ଷ ପଦ ପାଇଁ ମେରିଟ୍ ଲିଷ୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନୂତନ ଅଧ୍ୟକ୍ଷ ପଦ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିବା ପରେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଉତ୍କଣ୍ଠା ଓ ଆନନ୍ଦ ପ୍ରକାଶ ପାଇଛି। କାରଣ ଦୀର୍ଘବର୍ଷ ଧରି ଜଣେ ଅଧ୍ୟକ୍ଷରେ ଉଭୟ +୨ ଓ ଡିଗ୍ରୀ କଲେଜର ସମସ୍ତ କାର୍ଯ୍ୟ ସମ୍ପାଦନ ହେଉଥିଲା; ଯାହାକୁ ନେଇ ବିଭିନ୍ନ ସମୟରେ ଛାତ୍ର-ଛାତ୍ରୀ ନିବାସ ପରିଚାଳନା ଓ ଅନ୍ୟ ଅନିୟମିତତା ସମ୍ପର୍କରେ ବହୁବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିଲା। ବର୍ତ୍ତମାନ ଉଚ୍ଚଶିକ୍ଷା ବିଭାଗର ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

# ପଣସପୁରରେ ଖୁଦୁରୁକୁଣୀ ଭସାଣି



**ମାହାଙ୍ଗା,୩।୧୦(ସମିସ):** ମାହାଙ୍ଗା ବ୍ଲକ ପଣସପୁର ଗ୍ରାମରେ ଖୁଦୁରୁକୁଣୀ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ଗ୍ରାମର ଯୁବତୀ ଓ ମହିଳାମାନେ ଏକ ସୁସଜ୍ଜିତ ବିମାନରେ ମା' ଖୁଦୁରୁକୁଣୀଙ୍କୁ ଗ୍ରାମ ପରିକ୍ରମା କରି ପଣସପୁର କେନାଲରେ ବିସର୍ଜନ କରିଥିଲେ। ଏଥିରେ ସୋନିତା ପ୍ରିୟଦର୍ଶିନୀ ଜେନା, ଅର୍ଚ୍ଚନା ଦାସ, ମଧୁସ୍ମିତା ଦାସ, ଶୁଭସ୍ମିତା ଦାସ, କାଦମ୍ବିନୀ ଦାସ, ଦୀପ୍ତିମୟୀ ଦାସ, ମଧୁସ୍ମିତା ଦାସ, ତ୍ରିଶା ପ୍ରିୟଦର୍ଶିନୀ, ରାଜଶ୍ରୀ ସାହୁ, ଅପର୍ଣ୍ଣା ବଳ, ପ୍ରୀତି ପ୍ରିୟଦର୍ଶିନୀ ମହାନ୍ତି, ଦିବ୍ୟା ଦେବଯାନୀ ଜେନା, କ୍ରୀତିକୋମଲ ଜେନା, ପ୍ରଜ୍ଞାପରମିତା ଜେନା, ସୁଜାତା ଦାସ, ପ୍ରିୟଦର୍ଶିନୀ ସାହୁ, ସତ୍ୟଭାମା ସାହୁ, ତୁଳସୀ ସାହୁ, ଚିତ୍ରରେଖା ଦାସ, ରାଜଶ୍ରୀ ବେହେରା, ଶୁଭଶ୍ରୀ ବେହେରା, ଇଶା, ପାୟଲ, ଖୁସି, ଲୁସି, ଖୁସି ଦାସ, ଶୁଭସ୍ମିତା ଦାସ, ସୀତନ ଦାସ, ସ୍ମୃତିଶ୍ରୀ ଦାସ ପ୍ରମୁଖଙ୍କ ସହ ଗ୍ରାମର ବହୁ ଯୁବତୀ ଓ ମହିଳା ଉପସ୍ଥିତ ଥିଲେ।

# ଗାନ୍ଧିଜୀ ଯୁବକ ସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ



**ମାହାଙ୍ଗା,୩।୧୦(ସମିସ):** ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତ କୋଠପଦାସ୍ଥିତ ଗାନ୍ଧିଜୀ ଯୁବକ ସଂଘ ପକ୍ଷରୁ ରଘୁନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଯୁବକ ସଂଘ ପ୍ରତିଷ୍ଠାତା ସଭାପତି କବି ନାରାୟଣ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଦାଶ, ସମ୍ମାନିତ ଅତିଥିଭାବେ ଶିକ୍ଷୟିତ୍ରୀ ରଞ୍ଜୁଲତା ରାଉତ, ବ୍ରଜବନ୍ଧୁ ପଲାଇ, ରଶ୍ମିତା ବାରିକ, ସୁଜାତା ମୁଦୁଲି, ଯୋଗଜନ୍ମା ବେହେରା, ସନ୍ଧ୍ୟାରାଣୀ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ସୁଶିଲ କୁମାର ସେଠୀ, ଅର୍ଚ୍ଚନା ଅଙ୍କିତା ରାଉତ, ଶଶୀରେଖା ମଲିକ, ଦେବସ୍ମିତା ନନ୍ଦ, ଗୌରୀଶଙ୍କର ବାରିକ, ଶୁଭଶ୍ରୀ ସାହୁ, ଯାଜ୍ଞସେନୀ ପଣ୍ଡା, ରଶ୍ମିତା ସାମଲ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବ୍ଲକସ୍ତରୀୟ 'ସୁରଭି' ପାଇଁ ପ୍ରସ୍ତୁତି ବୈଠକ



**ବଡ଼ମ୍ବା,୩।୧୦(ସମିସ):** ଚଳିତ ବର୍ଷ ୧୬ଟି ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରରେ ସୁରଭି କାର୍ଯ୍ୟକ୍ରମ ସମାପନ ହୋଇସାରିଥିବା ବେଳେ ମଙ୍ଗଳବାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବଡ଼ମ୍ବା ବିଇଓ ପ୍ରକାଶ ଚନ୍ଦ୍ର ମଉଗଜ ସିଂହଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ସୁରଭି ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମିନା ସାହୁଙ୍କ ସମେତ ବଡ଼ମ୍ବା ମଣ୍ଡଳ ସହ ଶିକ୍ଷା ଅଧିକାରୀ, ମଣ୍ଡଳ ସାଧନ ସଂଯୋଜକ ବିବେକାନନ୍ଦ ସାହୁ, ସହ ଶିକ୍ଷା ଅଧିକାରୀ ନିର୍ମଳା ବେହେରା ଏବଂ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମୁକ୍ତିପଦ ନନ୍ଦ ମଞ୍ଚାସୀନ ଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଡ଼ମ୍ବା ମଣ୍ଡଳ ସୁରଭି ଆଡମ୍ବର ସହକାରେ ପାଳିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଉଚ୍ଚ ବିଦ୍ୟାଳୟସ୍ତରୀୟ ସଂଗଠନ ଓସ୍ତାର ରାଜ୍ୟ ସମ୍ପାଦକ ବିଜୟ କୁମାର ଛତ୍ର, ବଡ଼ମ୍ବା ବ୍ଲକ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ କଟକ ଜିଲ୍ଲା ଉପସଭାପତି ରମେଶ ଚନ୍ଦ୍ର ବେହେରା, ବଡ଼ମ୍ବା ବ୍ଲକ ପ୍ରାଥମିକ ଶିକ୍ଷକ ଫେଡେରେସନ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ ବିଜୟ କୁମାର ମଲ୍ଲିକ, ଉପଦେଷ୍ଟା ସରୋଜ କୁମାର ରଥଶର୍ମା, ଶିବପ୍ରସାଦ ବ୍ରହ୍ମା, ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ସଭାପତି ରଘୁନାଥ ସେଠୀ, ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ କିପରି ସରସ ସୁନ୍ଦର ହେବ ସେ ବିଷୟରେ ନିଜ ମତାମତ ଦେଇଥିଲେ। ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ପରୀକ୍ଷା ରହିଥିବାରୁ ଆସନ୍ତା ସପ୍ତାହରେ ବ୍ଲକ ସ୍ତରରେ ସୁରଭି କାର୍ଯ୍ୟକ୍ରମ କରିବା ପାଇଁ ଅଧିକାଂଶ ମତ ଆସିଥିଲା। ଅନ୍ୟମାନଙ୍କ ମଧ୍ୟରେ ୧୬ ସାଧନ କେନ୍ଦ୍ରର ସଂଯୋଜକ ଏବଂ ପ୍ରତ୍ୟେକ ବିଦ୍ୟାଳୟର



ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କାମରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଙ୍କୀ କଲେଜରେ ନୂତନ ସ୍ନାତକୋତ୍ତର ଓ ସ୍ନାତକ ବିଭାଗ ପାଇଁ ଅଧ୍ୟାପକ ଚୟନ

**ବାଙ୍କୀ,୩।୧୦(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂତନ ଭାବେ ଖୋଲାଯାଇଥିବା ପ୍ରାଣୀ ବିଜ୍ଞାନ, ଓଡ଼ିଆ, ଅର୍ଥନୀତି, ଇଂରାଜୀ, ରସାୟନ ବିଜ୍ଞାନ, ରାଜନୀତି ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ମନସ୍ତତ୍ତ୍ୱ, ଗୃହ ବିଜ୍ଞାନ ଆଦି ସ୍ନାତକୋତ୍ତର ନୃତତ୍ତ୍ୱ, ଜୈବପ୍ରଯୁକ୍ତି ବିଜ୍ଞାନ, ଭୂଗୋଳ ଓ କମ୍ପ୍ୟୁଟର ବିଜ୍ଞାନ ପ୍ରଭୃତି ସ୍ନାତକ ବିଭାଗ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଦି ବହୁ ସୁନାମଧନ୍ୟ ଶିକ୍ଷାନୁଷ୍ଠାନର ପ୍ରଫେସର ମଣ୍ଡଳୀଙ୍କୁ ନେଇ ଅଧ୍ୟାପକ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ପରିଚାଳନା କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହପାତ୍ର, ରାଜକିଶୋର ପାଲ, ଡ. ସନ୍ତୋଷ କୁମାର ପଣ୍ଡା, ଡ. ଶୈଳେନ୍ଦ୍ର ନାରାୟଣ ଦେଓ, ପ୍ରାଧ୍ୟାପକ ମନୋରଞ୍ଜନ ସାହୁ, ପ୍ରମୋଦ କୁମାର ପଣ୍ଡା, ଡ. ମୁରଲୀଧର ରଥ, ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ, ଡ. ମାନସ ରଞ୍ଜନ ମହାପାତ୍ର, ଅଧ୍ୟାପକ ମୁକ୍ତପଦ ପଣ୍ଡା, ଅଧ୍ୟାପିକ ଅର୍ଜିତ ମିଶ୍ର ଓ ଅଧ୍ୟାପିକା ନିବେଦିତା ପତ୍ରିଙ୍କ ସହଯୋଗରେ ଚୟନ ପ୍ରକ୍ରିୟା ଶେଷ ହୋଇଛି। ଏହି ଚୟନ ପ୍ରକ୍ରିୟାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଭିକାରୀ ଚରଣ ଗୁରୁ, ଡ. ବିଷ୍ଣୁପ୍ରିୟା ଓତା, ପୂର୍ବତନ ଅଧ୍ୟକ୍ଷ ରାଜକିଶୋର ମହାନ୍ତି ପ୍ରମୁଖ ବିଷୟ ପ୍ରମୁଖ ଭାବେ ଯୋଗଦେଇ ସହଯୋଗ ଥିଲେ।

# ଆଠଗଡ଼ ବିଜେଡିର ଜନସମ୍ପର୍କ ପଦଯାତ୍ରା



**ଆଠଗଡ଼,୩।୧୦(ସମିସ):** ରାଜ୍ୟ ବିଜୁଜନତା ଦଳ ନିଷ୍ପତ୍ତି କ୍ରମେ ଆଠଗଡ଼ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କଖଡ଼ି ପଞ୍ଚାୟତ ହନୁମାନ ମନ୍ଦିରଠାରୁ ଆରମ୍ଭ ହୋଇଛି। ଆଠଗଡ଼ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ ଏବଂ ଯୁବ ସମାଜସେବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଏହାକୁ ଉଦଘାଟନ କରିଛନ୍ତି। ସରକାରଙ୍କ ଜନହିତକର ଯୋଜନା ପ୍ରତ୍ୟେକ ଘରେ ପହଞ୍ଚାଇବାକୁ ବକ୍ତାମାନେ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ପଦଯାତ୍ରା କଖଡ଼ିଠାରୁ ଆରମ୍ଭ ହୋଇ ମହାକାଳପଡ଼ା, ଘଣ୍ଟିଖାଲ, ଜେନାପୁର, ଧୁରୁଷିଆ, ବନ୍ଧହଟା, ବାଲିସାହି, କଟକିଆ ସାହି ଦେଇ ସର୍ପେଶ୍ୱର ମନ୍ଦିରରେ ଶେଷ ହୋଇଥିଲା। ପଦଯାତ୍ରାରେ ଆଠଗଡ଼ ମହିଳା ବିଜେଡି ସଭାନେତ୍ରୀ ଶାନ୍ତିଲତା ବେହେରା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ, ଯୁବ ବିଜେଡି ସଭାପତି ବିନୋଦ କୁମାର ମାଝି, ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ବଳଭଦ୍ର ବାଘ, ରାଜ୍ୟ ଜୈବିକ ବିହନ ସଂସ୍ଥା ନିର୍ଦ୍ଦେଶକ ନିରାକାର ଲେଙ୍କା, ଧୁରୁଷିଆ ସରପଞ୍ଚ ସଞ୍ଜୁକ୍ତା ପାଣି, ଘଣ୍ଟିଖାଲ ସରପଞ୍ଚ ସୁବାସ ଚନ୍ଦ୍ର ବିଶ୍ୱାଳ, ସମିତି ସଭ୍ୟା ରଞ୍ଜୁବାଳା ପ୍ରଧାନ, କଟକିଆ ସାହି ସରପଞ୍ଚ ମାନସୀ ରାଉତ, ଅନନ୍ତପୁର ସରପଞ୍ଚ ଶକ୍ତି କାନ୍ତ ସାହୁ, ତିନି ନଂ ଜୋନ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ସଭ୍ୟା ମାନେ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ଆଜିଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ନିର୍ବାଚନ ମଣ୍ଡଳୀର ଅନ୍ୟ ଜିଲ୍ଲାପରିଷଦ ଜୋନ୍‌ରେ କରାଯିବା ପାଇଁ ଦଳ ପକ୍ଷରୁ ନିଷ୍ପତ୍ତି ହୋଇଛି।

# ଯୁବକବି ପ୍ରଶାନ୍ତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ବାଙ୍କୀ,୩।୧୦(ସମିସ):** ଡମପଡ଼ା ବ୍ଲକ ତାଳବସ୍ତ ଗ୍ରାମର ଯୁବକବି, ସାହିତ୍ୟିକ ପ୍ରଶାନ୍ତ କୁମାର ମିଶ୍ରଙ୍କ ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅରପୁରଠାରେ ଆୟୋଜିତ ହୋଇଛି। ଭୂତନାଥ ସାହିତ୍ୟ ଓ ସାଂସ୍କୃତିକ ସଂସଦ ଏବଂ ପ୍ରତୀକ୍ଷା ସାହିତ୍ୟ ପରିବାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ସମାଜସେବୀ, ସାହିତ୍ୟିକ, ଯୁବକ ଓ କବି ଉପସ୍ଥିତ ରହି ପ୍ରଶାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆଧାତ୍ମିକ ଗୁରୁ କୁମାର ଅମୀୟ ବୁଲୁ ବାବା, ବରିଷ୍ଠ ସଂଯୋଜକ କବି ବଂଶୀଧର ମହାପାତ୍ର, କବି ଲଲାଟେନ୍ଦୁ ପଣ୍ଡା, ସମାଜସେବୀ ସୁବ୍ରତ କୁମାର ନାୟକ, ସଂଗଠକ ଶଶିଭୂଷଣ ତ୍ରିପାଠୀ, ସଂସଦ ସଭାପତି ନିରଞ୍ଜନ ପଣ୍ଡା, ବାବୁଲି ରଣା, ଆଦର୍ଶ ଯୁବ ପରିଷଦ ଆବାହକ ଅକ୍ଷୟ କୁମାର ସାମଲ, ରେଶ୍ମା ସାଇଁ, ମୌସୁମୀ ରାଉତ, ସ୍ୱର୍ଣ୍ଣଲତା ସାହୁ, ସୁନୀତା ରଣା, ରାଜେଶ କୁମାର ନନ୍ଦ, ବିଷ୍ଣୁପ୍ରିୟା ନାୟକ, ବଳଭଦ୍ର ରଣା, ଲକ୍ଷ୍ମୀପ୍ରିୟା ଦାଶ, ସସ୍ମିତା ଦାଶ ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ। ସଂଗଠକ ସୁବ୍ରତ କୁମାର ନାୟକଙ୍କ ପରିଚାଳନାରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ମିଶ୍ର ଜଣେ ମେଳାପି, ଦକ୍ଷ ଲେଖକ ସହ ପରୋପକାରୀ ଦରଦୀ ବ୍ୟକ୍ତି ଥିଲେ। ନିକଟରେ ସେ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ସୁସ୍ଥ ହେବାର କିଛିଦିନ ପରେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କୁ ମାତ୍ର ୪୨ ବର୍ଷ ବୟସ ହୋଇଥିଲା। ତାଙ୍କ ରଚିତ କବିତା 'ଗାଁର ମହକ', 'ମାତୃଭୂମି' ପତ୍ରିକା ସହ ଅନ୍ୟ ପତ୍ରପତ୍ରିକାରେରେ ପ୍ରକାଶିତ ହୋଇଥିଲା। ସେ ମଧ୍ୟ ଜହ୍ନ ରାଇଜର ପ୍ରତିଷ୍ଠାତା ଥିଲେ।




# ଜ୍ୟୋସ୍ନାରାଣୀ କଟକ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ନିଯୁକ୍ତ

**ବାଙ୍କୀ,୩।୧୦(ସମିସ):** ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ବିଜେଡି ସଭାନେତ୍ରୀ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଡମପଡ଼ା ବ୍ଲକ ବିଜେଡି ସଭାପତି ଜ୍ୟୋସ୍ନାରାଣୀ ବେହେରା (ଲିଲି)ଙ୍କୁ କଟକ ଜିଲ୍ଲା ସଭାନେତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି। ପୂର୍ବତନ ବାଙ୍କୀ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ସୁପାରିସ



ବେହେରାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ପୂର୍ବରୁ ବେହେରା ବାଙ୍କୀ ଡମପଡ଼ା ବ୍ଲକ ଜୋନ୍ ନମ୍ବର ୩୮ର ଜିଲ୍ଲା ପରିଷଦ ସଭ୍ୟ ଏବଂ ଡମପଡ଼ା ବ୍ଲକ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଭାବରେ ଦାୟିତ୍ୱ ତୁଲାଇଥିଲେ। ଏହା ସହିତ ମିଶନ୍ ଶକ୍ତି ଅଧୀନ ବ୍ଲକ ମହାସଂଘ ସଭାପତି ଭାବରେ କାର୍ଯ୍ୟ କରିଥିଲେ। ବେହେରା ଏଥିପାଇଁ ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ବିଜୁ ମହିଳା ଜନତା ସଭାପତି ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମାଣ୍ଡିଆ ଦ୍ୱାରା ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା

**ତିଗିରିଆ,୩।୧୦(ସମିସ)**

କଟକ ଜିଲ୍ଲା କୃଷି ବିଭାଗ ପକ୍ଷରୁ ମିଲେଟ ମିଶନ ଆନୁକୂଲ୍ୟରେ ତିଗିରିଆ ବ୍ଲକର ୧୫ ସ୍ୱୟଂ ସହାୟିକା ସଦସ୍ୟାଙ୍କୁ ନେଇ ମାଣ୍ଡିଆ ଦ୍ୱାରା ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ତିଗିରିଆ ବ୍ଲକ ନିଜିଗଡ଼ସ୍ଥିତ କୃଷି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। କଟକ ଜିଲ୍ଲା ମିଲେଟ ମିଶନ ସଂଯୋଜକ ଅଶ୍ୱିନୀ କୁମାର ଦାସଙ୍କ ସଂଯୋଜନା ତଥା ତିଗିରିଆ ବ୍ଲକ ଆତ୍ମା ଅଧ୍ୟକ୍ଷ ହରେନ୍ଦ୍ର ଦଲେଇଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୁପେ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥି ରୂପେ ଆଠଗଡ଼ କୃଷି ଜିଲ୍ଲା ଅଧିକାରୀ ପର୍ଶୁରାମ ବେହେରା, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, କୃଷକ ନେତା ଗୌରହରି ପରିଡ଼ା, ବ୍ଲକ କୃଷି ଅଧିକାରୀ ସନାତାନ ବେହେରା ପ୍ରମୁଖ ଯୋଗଦେଇ ମିଶନଶକ୍ତି ସଦସ୍ୟାମାନଙ୍କ ଦ୍ୱାରା ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ମୂଲ୍ୟାୟନ କରିଥିଲେ। ଏହି ଖାଦ୍ୟକୁ ପ୍ୟାକେଟ ମାଧ୍ୟମରେ ସ୍ଥାନୀୟ ହାଟ ବଜାରରେ ବିକ୍ରି କରି ମହିଳାମାନେ ଆର୍ଥିକ ଦୃଷ୍ଟିକୋଣରୁ ସ୍ୱାବଲମ୍ବୀ ହୋଇପାରିବେ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୧୫ ଜଣ ସ୍ୱୟଂ ସହାୟିକା ସଦସ୍ୟା ୧୫ ପ୍ରକାରର ମାଣ୍ଡିଆ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ତଥା ଭିଟାମିନଯୁକ୍ତ ହୋଇଥିବାରୁ ଆଗାମୀ ଦିନରେ ମାଣ୍ଡିଆ ପ୍ରତି ଜନସାଧାରଣଙ୍କ ଚାହିଦା ବଢ଼ିବା ସହ ମାଣ୍ଡିଆ ଆହୁରି ଲୋକାଭିମୁଖୀ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ସମସ୍ତ ପ୍ରତିଯୋଗୀଙ୍କୁ ଜିଲ୍ଲା କୃଷି ବିଭାଗ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗୀମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଜିଲ୍ଲା ସ୍ତରରେ ହେବାକୁ ଥିବା ମିଲେଟ ମିଶନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରାଯିବାକୁ ମନୋନୀତ କରାଯାଇଥିବା ତିଗିରିଆ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



# କୁସପଙ୍ଗୀ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



**ବାଙ୍କୀ,୩।୧୦(ସମିସ):** ଡମପଡ଼ା ବ୍ଲକ କୁସପଙ୍ଗି ପଞ୍ଚାୟତ ୟୁନାଇଟେଡ୍ ବିଦ୍ୟାପୀଠରେ କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସିଆରସିସି ମନୋରଞ୍ଜନ ବେଉରା ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କୁସପଙ୍ଗୀ ସରପଞ୍ଚ ନରେଶ ବେହେରା, ସମ୍ମାନିତ ଅତିଥି ଭାବେ ବିଆରସିସି ପ୍ରଫୁଲ୍ଲ କୁମାର ବେହେରା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିବାସିନୀ ସାମନ୍ତରାୟ, ପ୍ରଧାନଶିକ୍ଷକ ଶରତ କୁମାର ସାହୁ, ୟୁନାଇଟେଡ୍ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲୀପ କୁମାର ବେହେରା, ଶିକ୍ଷକ ବିଶ୍ୱମୋହନ କର, ପ୍ରଶାନ୍ତ କୁମାର ସାହୁ, ପୁଷ୍ପାଞ୍ଜଳି ଦେବୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସୁରଭି ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ବୌଦ୍ଧିକ ବିକାଶ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ସରପଞ୍ଚ ବେଉରା ପୁରସ୍କାର ପ୍ରଦାନ କରିଥିଲେ।



# ଯୌତୁକ ପାଇଁ ନବବଧୂକୁ ହତ୍ୟା !

କଟକ,୩।୧୦(ସମିସ):

ବିଡ଼ାନାସୀ ଥାନା ଅନ୍ତର୍ଗତ ନୂଆସାହିରେ ଜଣେ ନବବଧୂଙ୍କ ମୃତଦେହ ତାଙ୍କ ଶାଶୂଘରୁ ପୁଲିସ ମଙ୍ଗଳବାର ଉଦ୍ଧାର କରିଛି। ମୃତକଙ୍କ ନାଁ କୌଶଲ୍ୟା ବେହେରା ଓରଫ୍ ଲୋନି। ତାଙ୍କ ଘର ପୁରୀଘାଟ ଅଞ୍ଚଳରେ ହୋଇଥିବା ବେଳେ ୨୦୨୧ ମସିହାରେ ତାଙ୍କ ବାହାଘର ହୋଇଥିଲା। ତାଙ୍କର ୧୪ ମାସର ଏକ ସନ୍ତାନ ରହିଛି। ସୋମବାର ବିଳମ୍ବିତ ରାତିରେ ଲୋନି ନିଜ ଶୋଇବା ଘରେ ସ୍ୱାମୀ ଜନ୍ମେଜୟ ଦାସଙ୍କ ସହିତ ଯୁକ୍ତିତର୍କ ଓ ପାଟିତୁଣ୍ଡ କରିଥିଲେ। ମଙ୍ଗଳବାର ଭୋର ସମୟରେ ବିଡ଼ାନାସୀ ଥାନା ପୁଲିସକୁ ଜନ୍ମେଜୟ ଖବର ଦେଇଥିଲେ ଯେ ଲୋନି ବେକରେ ଲୁଗା ଦେଇ ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚିବା ବେଳକୁ କୌଶଲ୍ୟା ଫ୍ୟାନ୍‌ରେ ଝୁଲିନଥିଲେ କିମ୍ବା ତାଙ୍କ ବେକରେ ଲୁଗା ନଥିଲା। ସନ୍ଦେହ ହେବାରୁ ପୁଲିସ ସାଇଣ୍ଟିଫିକ୍ ଟିମ୍ ଜରିଆରେ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ଲୁଗା ଓ କୌଶଲ୍ୟା ବ୍ୟବହାର କରୁଥିବା କିଛି ସାମଗ୍ରୀ ଜବତ କରାଯାଇଛି।



ଲୋନିଙ୍କ ବାପା କୃଷ୍ଣଚନ୍ଦ୍ର ବେହେରା ଥାନାରେ ଅଭିଯୋଗ କରିଛନ୍ତି ଯେ ୨୦୨୧ ମସିହାରେ ତାଙ୍କ ଝିଅ ବାହାଘର ବିଡ଼ନାସୀର ନୂଆସାହି ନିବାସୀ ଦିବାକର ଦାସଙ୍କ ଏକମାତ୍ର ପୁଅ ଜନ୍ମେଜୟଙ୍କ ସହିତ ଧୂମ୍‌ଧାମରେ ହୋଇଥିଲା। ଯୌତୁକ ବାବଦରେ ନଗଦ ୩ଲକ୍ଷ ଟଙ୍କା ସହିତ ଘରର ସମସ୍ତ ଆବସବାବପତ୍ର ଦେଇଥିଲେ। ହେଲେ ଜ୍ୱାଇଁଙ୍କ ଡିମାଣ୍ଡ ଥିଲା ଏକ ବୁଲେଟ୍ ଗାଡି। ଅର୍ଥ ଅଭାବରୁ ବୁଲେଟ୍ କିଣି ହୋଇ ନ ଥିଲା। ମାତ୍ର ସମୟ ସୁବିଧା ଦେଖି ବୁଲେଟ୍ ଜ୍ୱାଇଁଙ୍କୁ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି କାରଣ'ରୁ ଜ୍ୱାଇଁ ଜନ୍ମେଜୟ ପ୍ରତ୍ୟେକ ଦିନ ଝିଅ ଲୋନିକୁ ମାରପିଟ୍ କରୁଥିଲେ। ମାତ୍ରାଧିକ ମଦ୍ୟପାନ କରି ଝିଅକୁ ବାଡେଇ ଅନେକ ଥର ବେହୋସ୍ କରିଥିବା କଥା ଏତଲାରେ ଉଲ୍ଲେଖ କରିଛନ୍ତି କୃଷ୍ଣଚନ୍ଦ୍ର। ତାଙ୍କ ଝିଅ ଲୋନି ଅତ୍ୟାଚାର ସହି ନପାରି ଏ ବିଷୟରେ କହିବା ପରେ ସେ ଜ୍ୱାଇଁଙ୍କୁ ବୁଝାଇଥିଲେ। ହେଲେ କୌଣସି ପ୍ରଭାବ ପଡ଼ି ନ ଥିଲା। ଗତକାଲି ରାତିରେ ଲୋନିଙ୍କ ତଣ୍ଟିଚିପି ହତ୍ୟା କରାଯାଇ ଆତ୍ମହତ୍ୟାର ନାଟକ ଜନ୍ମେଜୟ ରଚିଛନ୍ତି ବୋଲି କୃଷ୍ଣଚନ୍ଦ୍ର ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଜନ୍ମେଜୟଙ୍କ ବାପା ଦିବାକର ଦାସ ଅଭିଯୋଗ କରିଛନ୍ତି ଯେ, ତାଙ୍କ ବୋହୂ ଅନେକ ସମୟରେ ରାଗି ଶାଶୂଘର ଲୋକଙ୍କୁ ଗାଳି କରନ୍ତି।

ଯୌତୁକ ପାଇଁ କେବେ ବି ତାଙ୍କୁ କିଛି କୁହାଯାଇନାହିଁ। ସେ ସାମାନ୍ୟ ଝଗଡ଼ାରୁ ଉତ୍‌କ୍ଷିପ୍ତ ହୋଇ ଫ୍ୟାନ୍‌ରେ ଲୁଗା ସାହାଯ୍ୟରେ ଆତ୍ମହତ୍ୟା କରିଛନ୍ତି। ଦିବାକର ପୁଲିସ ନିକଟରେ କହିଛନ୍ତି ଯେ, ତାଙ୍କ ୩ ଝିଅ ଏବଂ ଗୋଟିଏ ପୁଅ। ବୋହୂ ଲୋନି ତାଙ୍କ ଝିଅମାନଙ୍କ ସହିତ ସମ୍ପର୍କ ନ ରଖିବାକୁ ସବୁ ବେଳେ କହୁଥିଲେ। ଏଥି ପାଇଁ ଜନ୍ମେଜୟ ସହିତ ସଦା ବେଳେ ଝଗଡ଼ା କରୁଥିଲେ। ସ୍ୱାମୀ ସ୍ତ୍ରୀଙ୍କ ଭିତରେ କଳହରୁ ଲୋନି ଆତ୍ମହତ୍ୟା କରିଥିବା ସେ ପାଲଟା ଅଭିଯୋଗ ଆଣିଛନ୍ତି। ତେବେ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ଏହା ଆତ୍ମହତ୍ୟା ନା ହତ୍ୟା ତାହାର ତଦନ୍ତ ପୁଲିସ କରୁଥିବା ଆଇଆଇସି ପ୍ରଦୀପ୍ତ କୁମାର ନାୟକ କହିଛନ୍ତି।

■ ଗଡ଼ଗଡ଼ିଆ ଘାଟରେ ପାହାଚ ଧସିବା ଘଟଣା

# ଆର୍‌ଡିସିଙ୍କୁ ଭେଟିଲେ ବିଧାୟକଙ୍କ ପ୍ରତିନିଧି



କଟକ,୩।୧୦(ସମିସ): ବିଧାୟକ ମହମ୍ମଦ ମୋକିମଙ୍କ ଆହ୍ୱାନ କ୍ରମେ କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମହାନଦୀର ଗଡ଼ଗଡ଼ିଆ ଘାଟକୁ ନିମ୍ନମାନର କାମ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ କରି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି)ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଏହି କାର୍ଯ୍ୟ କରିଥିବା ସଂସ୍ଥା ଓ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରାଯାଉ। ଏଥିସହିତ ଏହି କାର୍ଯ୍ୟ ନିର୍ମାଣ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଓ ବିଲ୍ ମଞ୍ଜୁର କରିଥିବା ଅଧିକାରୀମାନଙ୍କ ଉପରେ ତୁରନ୍ତ ୧୦ ଦିନ ଭିତରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପ୍ରତିନିଧି ମଣ୍ଡଳ ଦାବି କରିଛନ୍ତି। ଏହା ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରଡିସି ପ୍ରତିଶ୍ରୁତି ଦେଇଛନ୍ତି। ବରିଷ୍ଠ କଂଗ୍ରେସ ନେତ୍ରୀ ଶୈଳବାଳା ଜେନା, ଶରତ ଚନ୍ଦ୍ର ଶେଠୀ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ସୁବାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ସ୍ୱର୍ଣ୍ଣପ୍ରଭା ପଶାୟତ, ଲିଜା ରାଉତ, ଭାନୁ ସେନାପତି, ଜେ କାମେଶ ରାଓ, ଜନାର୍ଦ୍ଦନ ପରିଡ଼ା, ଚାରୁଲତା ସାହୁ, ଅମ୍ରିତା ଦାସ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସନ୍ତୋଷ କୁମାର ପାତ୍ର, କମଳେଶ ସାଗର ପ୍ରମୁଖ ଉପସ୍ଥିତ ଥିଲେ।

## ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ର

# ବିଜେପି ଓ କଂଗ୍ରେସ ପାଇଁ ପ୍ରାର୍ଥିତ୍ୱ ଚିନ୍ତା

କଟକ,୩।୧୦(ସମିସ): କଟକ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ବିଧାନସଭା ଆସନ ଚୌଦ୍ୱାର-କଟକରେ ମିଶନ ୨୦୨୪ ପାଇଁ ପ୍ରମୁଖ ଦଳ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଓ ବିଜେପିର ନେତୃତ୍ୱକୁ ନେଇ ଅଦ୍ୟାବଧି ଚିତ୍ର ସ୍ପଷ୍ଟ ହୋଇନାହିଁ। ଏଠାରେ ଦଳର କିଏ ନେତୃତ୍ୱ ନେବ ଓ କିଏ ପ୍ରାର୍ଥୀ ହେବ ସେନେଇ କର୍ମୀମାନେ ବି ଏକପ୍ରକାର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଗୋଟିଏ ପଟେ ବିଜେପି ନେତା ନୟନ କିଶୋର ମହାନ୍ତି ବିଧାୟକ ପ୍ରାର୍ଥୀ ହୋଇ ଗତ ୩ ନିର୍ବାଚନରେ ପରାଜିତ ହୋଇଛନ୍ତି। ୨୦୦୯ରେ ବିଧାନସଭା ନିର୍ବଚନମଣ୍ଡଳୀ ପୁନର୍ଗଠନ ପରେ ମହାନ୍ତି ବିଜେପି ପ୍ରାର୍ଥୀ ହୋଇ ତୃତୀୟ ସ୍ଥାନରେ ରହିଥିଲେ। ପୁଣି ୨୦୧୪ ଓ ୨୦୧୯ ନିର୍ବାଚନରେ ବି ପ୍ରାର୍ଥୀ ହୋଇ ଲଗାତର ପରାଜିତ ହୋଇଥିଲେ। ତଥାପି ୨୦୨୪ରେ ସେ ପ୍ରାର୍ଥୀ ହେବା ନେଇ ତାଙ୍କର ସମର୍ଥକ ଆଶା ବାନ୍ଧିଛନ୍ତି। ହେଲେ ଆଉ ଜଣେ ଦୁଇ ଜଣ ନେତା ବି ସଂଗଠନ କାର୍ଯ୍ୟ ଜାରି ରଖିଛନ୍ତି। ଆଇନଜୀବୀ ପ୍ରମୋଦ ସାହୁ ଏବେ ଏହି ନିର୍ବାଚନ ମଣ୍ଡଳୀରେ ବେଶ୍ ସକ୍ରିୟ ଅଛନ୍ତି।

୨୦୦୯ ଓ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପ୍ରଭାତ ରଞ୍ଜନ ବିଶ୍ୱାଳ ଏଠାରୁ ବିଜୟୀ ହୋଇଥିଲେ। ୨୦୧୯ରେ ବିଜେଡି ପ୍ରାର୍ଥୀ ସୌଭିକ ବିଶ୍ୱାଳ ବାଜି ମାରିଥିଲେ। ଯଦି ବିଗତ ୩ ବିଧାନସଭା ନିର୍ବାଚନକୁ ଦେଖାଯାଏ, ତେବେ ପ୍ରତି ଥର ଏଠାରେ କଂଗ୍ରେସ ପ୍ରାର୍ଥୀ ବଦଳାଇ ଚାଲିଛି। ୨୦୦୯ରେ ସାବିତ୍ରୀ ଚୌଧୁରୀ ପ୍ରାର୍ଥୀ ହୋଇ ଅମାନତ ହରାଇ ଚତୁର୍ଥ ସ୍ଥାନରେ ଥିଲେ। ୨୦୧୪ରେ ସୁରେଶ ମହାପାତ୍ରଙ୍କୁ କଂଗ୍ରେସ ପ୍ରାର୍ଥୀ କରିଥିବା ବେଳେ ୨୦୧୯ରେ ଜଗଦୀଶ ଚନ୍ଦ୍ର ମହାନ୍ତି ପ୍ରାର୍ଥୀ ହୋଇଥିଲେ। ଏବେ ନଗର କଂଗ୍ରେସ ସଭାପତି ପଦ ପାଇ ସୁରେଶ ପୁଣି ସକ୍ରିୟ ଥିବା ବେଳେ ଜିଲ୍ଲା ସଭାପତି ମାନସ ଚୌଧୁରୀ ବି ସଂଗଠନ ଚଳାଇ ଆସିଛନ୍ତି। କଂଗ୍ରେସ ଓ ବିଜେପି କର୍ମୀମାନେ ଏହି ନିର୍ବାଚନ ମଣ୍ଡଳୀରେ ଦଳର ନେତୃତ୍ୱକୁ ନେଇ ଏବେ ବି ସନ୍ଦିହାନ ରହିଛନ୍ତି।

ଅନ୍ୟପଟରେ ସ୍ୱାଧୀନ ପ୍ରାର୍ଥୀ ଭାବେ ୨୦୦୯ ଓ ୨୦୧୯ରେ ଦୀପକ ବାରିକ ଅବତୀର୍ଣ୍ଣ ହୋଇ କଂଗ୍ରେସ ଓ ବିଜେପିକୁ ପଛରେ ପକାଇଥିବାର ନଜିର ରହିଛି। ୨୦୦୯ରେ ଯେଉଁଠି ଦୀପକ ୨୫୭୦୦ରୁ ଅଧିକ ଭୋଟ ପାଇଥିଲେ ସେଠାରେ ଉଭୟ ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ଭୋଟ ମିଶି କରି ମାତ୍ର ୧୭ ହଜାର ଥିଲା। ଏବେ ବି ସେ ଓଟିଏମ ବଞ୍ଚାଅ ଆନ୍ଦୋଳନ ନାମରେ ନିଜର ସଂଗଠନ ଜାରି ରଖିଛନ୍ତି। ଗୋଟିଏପଟରେ ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଓ ବିଜେପିରେ ଥିବା କନ୍ଦଳ କାହାକୁ ଅଛପା ନଥିବା ବେଳେ କେଉଁ ଦଳ କେଉଁ ନେତାଙ୍କ ଉପରେ ଭରସା କରୁଛନ୍ତି ତାହା ଦେଖିବାକୁ ବାକି ରହିଛି।

## ଡ୍ରିମ୍‌ସ ମେଡିକାଲ କଲେଜ

# ନୂତନ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ

କଟକ,୩।୧୦(ସମିସ): ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇନ୍ସ ଆଣ୍ଡ ହସ୍ପିଟାଲରେ ୨୦୨୩-୨୪ ପ୍ରଥମ ବର୍ଷ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଜୟଶ୍ରୀ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥ ଓ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କ ବାର୍ତ୍ତାରେ ଶୁଭାରମ୍ଭ ହେଉଥିବା ନୂତନ ମେଡିକାଲ କଲେଜର ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ଭବିଷ୍ୟତରେ ସେମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରି ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି 'ସମାଜ' ସମ୍ପାଦକ ଡ. ପ୍ରମୋଦ କୁମାର ମହାପାତ୍ର ପରିବର୍ତ୍ତନଶୀଳ ବିଶ୍ୱରେ ଦେଖାଦେଉଥିବା ପ୍ରକୃତି ଓ ପରିବେଶଜନିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରି କହିଲେ, ଆମେ ଆମ ଶରୀର ଲାଗି ଯେତିକି ଯତ୍ନଶୀଳ, ପକୃତିର ସୁରକ୍ଷା ଲାଗି ଅନୁରୂପ ଧ୍ୟାନ ଦେବା ଆବଶ୍ୟକ। ଡାକ୍ତରୀ ଭଳି ମହନୀୟ ବିଦ୍ୟାକୁ ବୃତ୍ତି ଭାବରେ ଗ୍ରହଣ କରିବାଲାଗି ସ୍ୱପ୍ନ ଦେଖିଥିବା ଛାତ୍ରଛାତ୍ରୀ ନିଜ ସାଧନାରେ ଅବିଚଳିତ ରହିଲେ ଜନସାଧାରଣ ଉପକୃତ ହେବେବୋଲି ସେ କହିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ନିମନ୍ତ୍ରିତ ଅତିଥି ଓ ବିଭିନ୍ନ ବିଭାଗର ଡାକ୍ତର ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଡା. ରଞ୍ଜନ କୁମାର ଦାସ, ଅଧୀକ୍ଷକ ପ୍ରଫେସର ଡା. ଧୀରେନ୍ଦ୍ର ନାଥ ମହାରଣା, ପ୍ରଫେସର ଡା. ସଂଧ୍ୟାରାଣୀ ମହାରଣା, ପ୍ରଫେସର ଡା. ଶୁଭରାମ ପାଣି, ପ୍ରଫେସର ଡା. ନିରୂପମା ଚୟନୀ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା. ଚିତ୍ତରଞ୍ଜନ ଦାସ, ପଦ୍ମିନୀ କେୟାରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଡା ପ୍ରମୁଖ ଛାତ୍ରଛାତ୍ରୀ ଡାକ୍ତରୀ ଶିକ୍ଷା ଓ ବୃତ୍ତି ପ୍ରତି ଦାୟିତ୍ୱବାନ୍ ହୋଇ ମାନବ ସମାଜର ସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ରଙ୍କ ସମେତ ଶିକ୍ଷାନୁଷ୍ଠାନର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗଦେଇଥିଲେ।



# ସାରା ଓଡ଼ିଶା କମ୍ପ୍ୟୁଟର ସେଣ୍ଟର ଆସୋସିଏସନ୍‌ର ବାର୍ଷିକ ସମ୍ମିଳନୀ



କଟକ,୩।୧୦(ସମିସ): ବକ୍ସିବଜାରସ୍ଥିତ ପେନ୍‌ସନ୍ ଲେନ୍‌ରେ ସାରା ଓଡ଼ିଶା କମ୍ପ୍ୟୁଟର ଟ୍ରେନିଂ ସେଣ୍ଟର ଆସୋସିଏସନ୍‌ର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଆଡଭୋକେଟ ମନୋରଞ୍ଜନ ପଟ୍ଟନାୟକ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାରେ ଥିବା କମ୍ପ୍ୟୁଟର ଟ୍ରେନିଂ ସେଣ୍ଟରଗୁଡ଼ିକ ସୂଚାରୁ ରୂପେ ନିଜ କର୍ତ୍ତବ୍ୟ ପାଳନ କରିବା ସହ ଗରିବ ଛାତ୍ରଛାତ୍ରୀଙ୍କୁ କମ୍ ଖର୍ଚ୍ଚରେ କିମ୍ବା ମାଗଣାରେ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ଆଗାମୀ ବର୍ଷ ପାଇଁ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ସୟଦ ସଫିର ଅଲି ସଭାପତି, ଅମୀୟ କୁମାର ସାହୁ ଉପସଭାପତି, ଇଂ ଅବିନାଶ ଦାସ ସମ୍ପାଦକ, ମୁସ୍ତାକ ଅଲି ସହ ସମ୍ପାଦକ, ରାଜେନ୍ଦ୍ର କୁମାର ନାୟକ କୋଷାଧ୍ୟକ୍ଷ ଏବଂ ଦୀପ୍ତିକାନ୍ତ ମହାଖୁଡ଼, ସୁରେନ୍ଦ୍ର ନାୟକ, ପ୍ରଭାତ ଦେହୁରୀ ଓ ସନ୍ତୋଷ ତାକୁଆ କାର୍ଯ୍ୟକାରୀ ସଭ୍ୟ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଆଡଭୋକେଟ୍ ପଟ୍ଟାନାୟକ ଉପଦେଷ୍ଟା ଭାବରେ ରହିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ସାରା ରାଜ୍ୟରୁ ଶତାଧିକ ସଦସ୍ୟ ଯୋଗଦେଇଥିଲେ।

# ଖ୍ରୀଷ୍ଟ କଲେଜ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

କଟକ,୩।୧୦(ସମିସ): ଖ୍ରୀଷ୍ଟ କଲେଜ ରାଜନୀତି ବିଜ୍ଞାନ ବିଭାଗ ଓ ଆଇକ୍ୱାକ୍ ର ମିଳିତ ସହଯୋଗରେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ରାଜନୀତି ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ. କୈଳାଶ ଚନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣତନ୍ତ୍ରର ସଫଳତା ନିମନ୍ତେ ଗୋଟିଏ ଦେଶରେ ଗୋଟିଏ ନିର୍ବାଚନ ହେବା ସଂକ୍ରାନ୍ତୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆଇକ୍ୱାକ୍‌ର ସଂଯୋଜକ ପ୍ରାଧ୍ୟାପକ ଶୋଭନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସ୍ୱାତୀ ଦାଶ ବିଷୟବସ୍ତୁ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଡ. ଦୀପକ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ରିଙ୍କୁ ମହାପାତ୍ର ଓ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳୀ ପଟ୍ଟନାୟକ ଆଲୋଚନା ଚକ୍ରକୁ ପରିଚାଳନା କରିଥିଲେ।

## ବୁଲୁଛି ସାଇବର ସୁରକ୍ଷା ରଥ / ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା

କଟକ,୩।୧୦(ସମିସ): ଆଜି ଦ୍ୱିତୀୟ ଦିନରେ ସାଇବର ସୁରକ୍ଷା ରଥ ରାଜ୍ୟର ସମସ୍ତ ଜିଲ୍ଲାରେ ଗାଁ ଠାରୁ ଆରମ୍ଭ କରି ସହର, ବଜାର, ହାଟ, କଲେଜ ତଥା ଶିକ୍ଷାନୁଷ୍ଠାନଗୁଡ଼ିକରେ ସାଇବର ଠକେଇ ସମ୍ପର୍କରେ ସଚେତନତାର ବାର୍ତ୍ତା ବାଣ୍ଟିଛି। ବିଭିନ୍ନ କଲେଜ ତଥା ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ କୁଇଜ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିଛନ୍ତି। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ମଧ୍ୟ କରାଯାଉଛି।

ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗୀତା ମଧ୍ୟ ଅନଲାଇନ ମାଧ୍ୟମରେ ଅନୁଷ୍ଠିତ ହେଉଛି। ଏଥିରେ ଅଂଶଗ୍ରହଣ କରି






ପୁରସ୍କାର ଜିତିବା ସହ ସାଇବର ସଚେତନ ହେବା ପାଇଁ ଓଡ଼ିଶା ପୁଲିସ ତରଫରୁ ଅଭିନବ ପ୍ରୟାସ କରାଯାଇଛି। ଏହା ସହ ବିଭିନ୍ନ ସ୍ଥାନରେ ଜନସଚେତନତା ମୂଳକ ନାଟକ, ଲୋକନୃତ୍ୟ ପରିବେଷଣ ସହ କୁନିକୁନି ପିଲାଙ୍କ ଦ୍ୱାରା ସଙ୍ଗୀତ ପରିବେଷଣର କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ସଚେତନତା କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ସାଜିଛି ମାସ୍କଟ 'ସାଇରା'। ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ 'ସାଇରା' ସହ ସେଲଫି ନେଉଥିବା ଦେଖିବାକୁ ମିଳିଛି। 'ସାଇରା' ସଚେତନତାଧର୍ମୀ ଲିଫଲେଟ ଲୋକମାନଙ୍କୁ ବାଣ୍ଟି ସଚେତନ କରିବା ଦୃଶ୍ୟ ସମସ୍ତଙ୍କୁ ଆକର୍ଷିତ କରିଛି।

ଜିଲ୍ଲାର ଏସପିଙ୍କ ତତ୍ତ୍ୱାବଧାନରେ ଏହି ସାଇବର ରଥ ସଫଳତାର ସହ ସଚେତନତା କାର୍ଯ୍ୟକ୍ରମ ସମାପନ ହେଉଛି। ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ସବୁ ଜିଲ୍ଲାରେ ୩୪ଟି ସାଇବର ସୁରକ୍ଷା ରଥ ବୁଲି ଲୋକଙ୍କୁ ସଚେତନ କରିବ।





# ବିଶ୍ୱ ସଂସ୍କୃତି ମହୋତ୍ସବ-୨୦୨୩

କଟକ,୩।୧୦(ସମିସ):

ବିଶ୍ୱ ସଂସ୍କୃତି ମହୋତ୍ସବ-୨୦୨୩ ଉଦ୍‌ଯାପିତ ହୋଇଯାଇଛି। ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏକ ବିଶେଷ ଓଡ଼ିଶୀ ପ୍ରଦର୍ଶନ କରାଯାଇଥିଲା। ବିଶ୍ୱ ସଂସ୍କୃତି ମହୋତ୍ସବରେ ୧ ମିଲିୟନରୁ ଅଧିକ ଲୋକଙ୍କର ପ୍ରଶଂସା ଲାଭ କରିଥିଲା। ୩ ଦିନ ମଧ୍ୟରେ୧୮୦ ଟି ଦେଶରୁ ଏକ ମିଲିୟନରୁ ଅଧିକ ଲୋକ ୱାଶିଂଟନ୍ ଡିସିର ଆଇକନିକ୍ ନ୍ୟାସନାଲ୍ ମଲ୍ଲ ମାନବିକତାର ଏହି ଐତିହାସିକ ସମାବେଶରେ ଯୋଗ ଦେଇଥିଲେ। ନୃତ୍ୟ, ସଙ୍ଗୀତ, ଧ୍ୟାନ ଏବଂ ସଂସ୍କୃତି ମାଧ୍ୟମରେ ମାନବ ବିବିଧତାକୁ ପାଳନ କରି ଭାଇଚାରା ବିଷୟରେ ଏକ ବାର୍ତ୍ତା ପଠାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସମଗ୍ର ବିଶ୍ୱରୁ ୧୮୦ ଅଂଶଗ୍ରହଣକାରୀ ଦେଶ ୧୭ ହଜାରରୁ ଊର୍ଦ୍ଧ୍ୱ କଳାକାରଙ୍କ ଦ୍ୱାରା ୫୧ ଟି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ୧୦ ହଜାର ନୃତ୍ୟଶିଳ୍ପୀ ଏକତା ପାଇଁ ଗର୍ଭା ନୃତ୍ୟ ପରିବେଷଣ କରିଥିଲେ। ଯାହାକି ସମସ୍ତଙ୍କୁ ମନମୁଗ୍ଧ କରିଥିଲା। ଏଥିରେ ୨ଶହରୁ ଅଧିକ ନୃତ୍ୟତ୍ୟାଙ୍ଗନା ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ୪୭ ଜଣ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଲିଙ୍କନ୍ ମେମୋରିଆଲରେ ଗୁରୁଦେବଙ୍କ ସହ ଯୋଗ, ନିଶ୍ୱାସ ଏବଂ ଧ୍ୟାନ ଅଧିବେଶନ ପାଇଁ ଏକତ୍ରିତ ୧୦୦୦ ଯୋଗ ଉତ୍ସାହୀ ଯୋଗ କରିଥିଲେ। ଭାରତର ସଂସ୍କୃତିକୁ ଆଧାର କରି ଏହି ଉତ୍ସବରେ ଓଡ଼ିଶୀ, ଭାରତନାଟ୍ୟମ୍, କଥକ, ଓଡ଼ିଶୀ, କୁଚିପୁଡି, ଏବଂ ମୋହିନୀଆଟ୍ଟମ୍, ଏବଂ ସୀତାର, ବୀଣା, ତବଲା, ମରିଦଙ୍ଗମ୍, ବଂଶୀ ପରିବେଷଣ କରାଯାଇଥିଲା। ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଭାରତରବୈଦେଶିକ ବ୍ୟାପାର ମନ୍ତ୍ରୀ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର, ଲୋକସଭାର ପୂର୍ବତନ ବାଚସ୍ପତି ସୁମିତ୍ରା ମହାଜନ, ଆମେରିକାର ସର୍ଜନ ଜେନେରାଲ୍ ଡକ୍ଟର ବିବେକ ମୂର୍ତ୍ତୀ, ଡି.ସି ମେୟର ମୁରିଏଲ ବୋଉସର୍, ହାକୁବୁନ୍ ଶିମୋମୁରା, ଜାତିସଂଘର ପୂର୍ବତନ ଡେପୁଟି ସେକ୍ରେଟେରୀ ଜେନେରାଲ୍ ତଥା ୟୁଏନପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଅନ୍ୟାନ୍ୟ ରାଜ୍ୟର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ନିବନ୍ଧନ କାର୍ଯ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା



କଟକ,୩।୧୦(ସମିସ): ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦଶନ୍ଧି ଧରି ଏହି କାର୍ଯ୍ୟାଳୟରୁ ଅବସର ନେଇଥିବା କର୍ମଚାରୀମାନେ ଉପସ୍ଥିତ ରହି ବିଗତ ଦିନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ ସୀତାରାମ କାନୁନଗୋ, ଉପ ସଭାପତି କୁମୁଦ ବଲ୍ଲଭ ମିଶ୍ର, ସମ୍ପାଦକ ଦେବେନ୍ଦ୍ରନାଥ ମହାପାତ୍ର, ଯୁଗ୍ମ ସମ୍ପାଦକ ବରେନ୍ଦ୍ର ନାଥ ପାତ୍ର ମନୋନୀତ ହୋଇଥିଲା ବେଳେ ଚିତ୍ତରଞ୍ଜନ ସ୍ୱାଇଁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।

## ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀଙ୍କ ଶିଶୁସଦନ ପରିଦର୍ଶନ



**ଚୌଦ୍ୱାର,୩।୧୦(ସମିସ):** ଓଲିଉଡ୍ ଅଭିନେତ୍ରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ମାନିତା'ର ମୁଖ୍ୟ ବର୍ଷା ପ୍ରିୟଦର୍ଶିନୀ ଚୌଦ୍ୱାରସ୍ଥିତ ଶିଶୁସଦନକୁ ଆସି ପିଲାମାନଙ୍କ ସହିତ ଭାବ ଆଦାନପ୍ରଦାନ କରିଥିଲେ। ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଶିଶୁସଦନ ମୁଖ୍ୟ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କିଶୋରୀ ଅବସ୍ଥାରେ ଋତୁସ୍ରାବ ସମୟର ସ୍ୱଚ୍ଛତା ସମ୍ପର୍କରେ ସେ ଶିଶୁ ସଦନ ବାଳିକାମାନଙ୍କୁ ବୁଝାଇଥିଲେ। 'ସମ୍ମାନିତା' ତରଫରୁ ବାଳିକାମାନଙ୍କୁ ସାନିଟାରି ନାପକିନ୍ ବଣ୍ଟନ କରାଯିବା ସହ ସମସ୍ତ ଅନ୍ତେବାସୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ବନ୍ଦନା ମହାନ୍ତି, ଦେବୀଦତ୍ତା ସାହୁ, ଅମିତା ବଳସାମନ୍ତ, ପ୍ରଦୀପ କୁମାର ଦାସ, ଅମୀୟ କୁମାର ସେଠୀ, ପରେଶ ରଞ୍ଜନ ଓଝା, ଦୁର୍ଗେଶ ନାୟକ, ଗୌତମ ବାରିକ, ପିଙ୍କି ବେହେରା, ରୋମିନା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରାଚୀପ୍ରଜ୍ଞା ପରିଷଦ ପକ୍ଷରୁ ରକ୍ତଦାନ ଶିବିର
## ୭୬ ୟୁନିଟ୍ ରକ୍ତ ସଂଗ୍ରହ



**ଫୁଲନଖରା,୩।୧୦(ସମିସ):** କୁରାଙ୍ଗଶାସନସ୍ଥିତ ଆମ୍ରପଲ୍ଲୀ ରିସର୍ଟ ପରିସରରେ ସାମାଜିକ ଅନୁଷ୍ଠାନ ପ୍ରାଚୀପ୍ରଜ୍ଞା ପରିଷଦ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ପରିଷଦ ସଭାପତି ହଂସନାଥ ସାହୁ, ଟ୍ରଷ୍ଟି ଅଶ୍ୱିନୀ ମହାପାତ୍ର ଓ ଗାୟକ ଆହ୍ଲାଦ ସୁରେନ୍ଦ୍ର ଛୋଟରାୟ ପ୍ରମୁଖ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅନୁପ ସାସମଲ, ଉମାକାନ୍ତ କର, ଭିକାରୀ ଚରଣ ସାହୁ, କୈଳାସ ଚନ୍ଦ୍ର ପାତ୍ର, ରାଜୀବ ପଟ୍ଟନାୟକ, କଳ୍ପତରୁ ଖୁଣ୍ଟିଆ, ମନୋରଞ୍ଜନ ଦାଶ, ପଣ୍ଡିତ ଅଜୟ କୁମାର ପତି, ଅରୁଣ କୁମାର ସାହୁ, ଦିଲୀପ କୁମାର ବେହେରା, ରମେଶ ଚନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କୈଳାସ ଚନ୍ଦ୍ର ସାହୁ ଓ ସୁମିତ୍ରା ଦାସ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କଟକସ୍ଥିତ କେନ୍ଦ୍ରୀୟ ରକ୍ତ ଭଣ୍ଡାର ପକ୍ଷରୁ ବିଶେଷଜ୍ଞମାନେ ୭୬ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ପ୍ରାଚୀପ୍ରଜ୍ଞା ପରିଷଦ ଦୀର୍ଘ ୧୭ବର୍ଷ ଧରି ରକ୍ତଦାନ ଶିବିର କରିଆସୁଛି ବୋଲି ପରିଷଦ ଟ୍ରଷ୍ଟି ମହାପାତ୍ର ପ୍ରକାଶ କରିଛନ୍ତି।

## ମାତୃକେନ୍ଦ୍ର ମହିଳା ପାଠଚକ୍ରର ୩୫ତମ ବାର୍ଷିକ ଉତ୍ସବ



**ଫୁଲନଖରା,୩।୧୦(ସମିସ):** ଫୁଲନଖରାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ମାତୃକେନ୍ଦ୍ର ମହିଳା ପାଠଚକ୍ରର ୩୫ତମ ବାର୍ଷିକ ଉତ୍ସବ ଶିକ୍ଷାକେନ୍ଦ୍ର ସମ୍ପାଦକ ଠାକୁର ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ 'ନୂତନ ଶୈଶବ' ଶୀର୍ଷକ ଆଲୋଚନାରେ ପ୍ରସାଦ ତ୍ରିପାଠୀ, ଡ. ସଂଘମିତ୍ରା ପଣ୍ଡା ଓ କୈବଲ୍ୟ ପ୍ରସାଦ ଜେନା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଶିଶୁଟିଏ ସଂସାରର ଆଲୋକ ଦେଖିବାରେ ପିତାମାତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାବିକା ମା'ମାନେ ବହୁ ସଂଖ୍ୟାରେ ଯୋଗଦେଇ ସମବେତ ଧ୍ୟାନ କରିବା ସହ ଶିଶୁଟିଏ ପ୍ରତି ମା'ମାନଙ୍କ କର୍ତ୍ତବ୍ୟବୋଧ ଓ ଗୁରୁଦାୟିତ୍ୱ କ'ଣ ହେବା ଦରକାର ତାହା ଆଲୋଚନା ମାଧ୍ୟମରେ ମାତୃଭକ୍ତ ସାଧକ/ସାଧିକାମାନଙ୍କଠାରୁ ଶ୍ରବଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀଧର ଦଳାଇ, ପର୍ଶୁରାମ ପାତ୍ର, ନର୍ମଦା ଜେନା, ସୌଦାମିନୀ ଷଡ଼ଙ୍ଗୀ, ସୂଚୀସ୍ମିତା ତ୍ରିପାଠୀ, ଆରତୀ ଦଳାଇ, ସିଲାରାଣୀ ପାଣି, କୃଷ୍ଣପ୍ରିୟା ରାଉତରାୟ, ମମତା ମହାନ୍ତି, ରମେଶ ସାହୁ, କାବେରୀ ପଟ୍ଟନାୟକ ଓ ରୋଜାଲିନ୍ ଶତପଥୀ ପ୍ରମୁଖ ପରିଚାଳନା କରିଥିବା ବେଳେ ସୁକାନ୍ତି ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଶାରଦୀୟ ପୂଜା ଓ ଭସାଣି ପାଇଁ ପ୍ରସ୍ତୁତି ବୈଠକ

# ୨୭ରେ ଭସାଣି; ଡିଜେ ସମ୍ପୂର୍ଣ୍ଣ ନିଷେଧ

**ନିଶ୍ଚିନ୍ତକୋଇଲି,୩।୧୦(ସମିସ)**




ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଶୃଙ୍ଖଳିତ ଶାରଦୀୟ ପୂଜା ଉତ୍ସବ ଓ ଭସାଣି ପାଇଁ ପ୍ରଶାସନିକ ସ୍ତରରେ ଏକ ପ୍ରସ୍ତୁତି ବୈଠକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ତହସିଲଦାର ଦିଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଥମେ ବଜାର କମିଟି ସମ୍ପାଦକ ଜୀବନାନନ୍ଦ ଦାଶ ପୂର୍ବବର୍ଷ ଦଶହରା ଉତ୍ସବ ପାଳନର ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶ କରିଥିଲେ। ସଂଘ ସଭାପତି ପ୍ରମୋଦ ପଣ୍ଡା ଚଳିତବର୍ଷ ଶାରଦୀୟ ପୂଜା ଉତ୍ସବରେ ଗୋଟିଏ ଦୁର୍ଗା ମେଢ଼ ସହ ଅନ୍ୟାନ୍ୟ ଦେବଦେବୀଙ୍କ ୧୫ଟି ମେଢ଼ କରାଯାଇ ମୋଟ୍ ୧୬ଟି ପୂଜା ମଣ୍ଡପରେ ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରାଯିବ ବୋଲି କହିଥିଲେ। ଶାରଦୀୟ ପୂଜା ଓ ଭସାଣି ଉତ୍ସବରେ କିଭଳି ଶୃଙ୍ଖଳା ରକ୍ଷା କରାଯିବ ଏବଂ ଏଥିରେ ପ୍ରଶାସନର କି କି ସହଯୋଗ ରହିବ ସେ ନେଇ ଆଲୋଚନା କରିଥିଲେ। ପ୍ରଶାସନର ନୀତିନିୟମ ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ଗ୍ରହଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବିଶେଷ କରି ଚଳିତ ବର୍ଷ ଭସାଣି ଉତ୍ସବ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ ଓ ଏଥିରେ ସାଧାରଣ ବାଜା ଓ ବିଭିନ୍ନ ପାରମ୍ପରିକ ନୃତ୍ୟ ପରିବେଷଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏହା ଛଡ଼ା ଜନଗହଳିର ବହୁ ଦୂରରେ ବାଣ ଫୁଟିବା ପାଇଁ ସ୍ଥିର ହୋଇଛି। ଚଳିତ ବର୍ଷ ଆଲୋକ ସଜ୍ଜା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଡାକବାଜି ଯନ୍ତ୍ର ବାଜିବା ପାଇଁ ବୈଠକରେ ସ୍ଥିର ହୋଇଛି। ଦଶହରା ପୂର୍ବରୁ ଡେଲି ମାର୍କେଟ ମଧ୍ୟକୁ ଯାଇଥିବା ରାସ୍ତାକୁ ମରାମତି କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଗାହାଣଙ୍କୁ ଅନୁରୋଧ କରାଯାଇଛି। ପାନୀୟ ଜଳ ଓ ସ୍ୱଚ୍ଛତା ପାଇଁ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ସତ୍ୟରଞ୍ଜନ ଭୋଇଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ କି କି ପଦକ୍ଷେପ ନିଆଯିବ ଡାକ୍ତର ଗଜେନ୍ଦ୍ର କୁମାର ଦାସ ପ୍ରକାଶ କରିଥିଲେ। ଭସାଣିରେ ଦମକଳ ବାହିନୀ ପକ୍ଷରୁ ବିଭିନ୍ନ ବିପଜ୍ଜନକ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଫାୟାର ଅଫିସର ପ୍ରଶାନ୍ତ ପରିଡ଼ା କହିଛନ୍ତି। ଭସାଣିରେ ଯେଭଳି କୌଣସି ଗଣ୍ଡଗୋଳ ନ ହୋଇ ଶୃଙ୍ଖଳିତ ଭାବେ କରାଯିବ ସେଥିପାଇଁ ଥାନା ଆଇଆଇସି ଯୁଗଳ କିଶୋର ଦାସ ଫୋର୍ସ ମୁତୟନ କରିବେ ବୋଲି ପ୍ରକାଶ କରିଛନ୍ତି। ଦଶହରା ସମୟରେ ବିଦ୍ୟୁତ ସମସ୍ୟା ସମାଧାନ ଓ ଲୋ ଭୋଲଟେଜ ଦୂର କରିବା ପାଇଁ ପଦକ୍ଷେପ ନେବାକୁ ଲାଇନମ୍ୟାନ୍ ମୁକେଶ ରାଉତ ସମସ୍ତ ବ୍ୟବସ୍ଥା କରିବାକୁ ପ୍ରକାଶ କରିଛନ୍ତି। ବୈଠକରେ ସଂଘ ଉପସଭାପତି ବଳରାମ ସାହୁ, ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, କୋଷାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ସହସମ୍ପାଦକ ଗୁରୁଚରଣ ନାୟକ, ଅଜୟ କୁମାର ସ୍ୱାଇଁ, ମନମୋହନ ଓଝା, ବଂଶୀଧର ସାମଲ, କୈଳାସ ସାହୁଙ୍କ ସମେତ ୧୬ଟି ମେଢ଼ର କର୍ମକର୍ତ୍ତା ଏବଂ ବହୁ ବ୍ୟବସାୟୀ ଉପସ୍ଥିତ ଥିଲେ।

## ଧଳପଡ଼ା କ୍ଲଷ୍ଟରରେ ଶିଶୁ ମହୋତ୍ସବ 'ସୁରଭି'



**ନିଶ୍ଚିନ୍ତକୋଇଲି,୩।୧୦(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଧଳପଡ଼ା କ୍ଲଷ୍ଟର ଅନ୍ତର୍ଗତ ବାବା ମୁକୁନ୍ଦ ଦାସ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମିଲେଟ୍ସ ପ୍ରତିଯୋଗିତା ଓ ଶିଶୁ ମହୋତ୍ସବ ସୁରଭି-୨୦୨୩ ଅନୁଷ୍ଠିତ ହୋଇଛି। ସିଆରସିସି ନରେନ୍ଦ୍ରନାଥ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୧ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ମୋଟ ୧୧ଟି ବିଭାଗରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩୩ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୧୭ ଜଣଙ୍କୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ବିବେଚିତ କରାଯାଇଛି। ଭେନୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଆରସିସି ଲକ୍ଷ୍ମୀନାରାୟଣ ରାଉତ, ମୁଖ୍ୟବକ୍ତା ଭାବେ ମହନ୍ତ ଅନନ୍ତରାମ ଦାସ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ଲକ୍ଷ୍ମଣ କୁମାର ଲେଙ୍କା, ଅବସରପ୍ରାପ୍ତ ଏବିଇଓ ନାରାୟଣ ରାଉତ, ପ୍ରସନ୍ନ କୁମାର ଦାସ, ପୂର୍ବତନ ସିଆରସିସି ନିମାଇଁ ଚରଣ ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ତ୍ରିବିକ୍ରମ ସ୍ୱାଇଁ, ପ୍ରଧାନଶିକ୍ଷକ ହରେକୃଷ୍ଣ ବେହେରା, ଲକ୍ଷ୍ମୀଧର ଶୁକ୍ଳା ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସ୍ତରରୁ ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ଶିକ୍ଷା ବିଭାଗ ପକ୍ଷରୁ କରାଯାଉଥିବା ସୁରଭି କାର୍ଯ୍ୟକ୍ରମ ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ ବୋଲି ମତପ୍ରକାଶ କରିଥିଲେ। ଶିକ୍ଷକ ଶିବପ୍ରସାଦ ପରିଡ଼ା, ଶର୍ମିଷ୍ଠା ବାରିକ, ସାଇପ୍ରଜ୍ଞା ପ୍ରିୟଦର୍ଶିନୀ, ସସ୍ମିତା ସ୍ୱାଇଁ, ସ୍ୱର୍ଣ୍ଣ ପାରିଜାତ ସାହୁ, ମୀନତି ସାହୁ, ଗୀତାଞ୍ଜଳି ନାୟକ, ବିକାଶ ରାଉତରାୟ, ସଙ୍ଗୀତା ନାୟକ, ଦେବୀପ୍ରସାଦ ଷଡ଼ଙ୍ଗୀ, ସୁଷମା ସାମଲ, ଅନ୍ନପୂର୍ଣ୍ଣା ସାମଲ, ଅଜୟ ରଥ, ମନୋଜ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କ୍ଲଷ୍ଟରସ୍ତରୀୟ 'ସୁରଭି', ଓଡ଼ିଶା ମିଲେଟ ପ୍ରତିଯୋଗିତା

**ଟାଙ୍ଗୀ,୩।୧୦(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ୫ ପଞ୍ଚାୟତର ୧୪ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କାନପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଭାବେ ଗରୁଡ଼ଗାଁ ସରପଞ୍ଚ ଦୀପ୍ତିମୟୀ ବେହେରା, ସିଆରସିସି ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ହସ୍ତାକ୍ଷର, ଚିତ୍ରାଙ୍କନ, ନୃତ୍ୟ, ତର୍କ, ବକ୍ତୃତା, ସଙ୍ଗୀତ ଓ ପ୍ରବନ୍ଧ ଆଦି ଜୁନିଅର, ସବଜୁନିଅର ଓ ସିନିଅର ବର୍ଗରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।



ପରିଚାଳନା କମିଟି ସଭାପତି ଶରତ କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ପୂର୍ବତନ ସରପଞ୍ଚ ସୁବୋଧ କୁମାର ସାମଲ, ମୁଖ୍ୟବକ୍ତା ଭାବେ ସଫା ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ ଓ ସମ୍ମାନିତ ଅତିଥି ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁନାକର ମୁଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷକ ପ୍ରମୋଦ କୁମାର ବେହେରା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ମାତୃସେବା କ୍ଲଷ୍ଟରରେ ଶିଶୁ ମହୋତ୍ସବ 'ସୁରଭି'



**ଚୌଦ୍ୱାର,୩।୧୦(ସମିସ):** କଖଡ଼ି ଓ କୟଳପଡ଼ା ପଞ୍ଚାୟତ ଅନ୍ତର୍ଗତ ମାତୃସେବା କ୍ଲଷ୍ଟର ଆନୁକୂଲ୍ୟରେ ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମାତୃସେବା ବିଦ୍ୟାଳୟ ପ୍ରଧାନଶିକ୍ଷକ ଭରତ ସୋରେନଙ୍କ ଅଧ୍ୟକ୍ଷତା ତଥା ସିଆରସିସି ଜ୍ଞାନ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏବିଇଓ ଅରୁନ୍ଧତୀ ମିଶ୍ର, କୟଳପଡ଼ା ସରପଞ୍ଚ ଶୈଳବାଳା ନାୟକ, ଶିକ୍ଷାବିତ୍ ଶିବପ୍ରସାଦ ପତି, ଅମଲା ସିଂ, ବିମ୍ବାଧର ବେହେରା, ଗଙ୍ଗାଧର ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୪ର୍ଥରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ମଧ୍ୟରେ ଆୟୋଜିତ ବିତର୍କ, ଚିତ୍ରାଙ୍କନ, ସଙ୍ଗୀତ, ବକ୍ତୃତା, ହସ୍ତାକ୍ଷର, ଶିଳ୍ପକଳା ଆଦି ବିଭିନ୍ନ ପ୍ରତିଯୋଗିତାରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ଲଷ୍ଟର ସ୍ତରର ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କିଶନନଗର ତହସିଲରେ ଜନଶୁଣାଣି



**କିଶନନଗର,୩।୧୦(ସମିସ):** କିଶନନଗର ତହସିଲରେ ମଙ୍ଗଳବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଉମାକାନ୍ତ ରାଜ ୪୯ ଅଭିଯୋଗର ଶୁଣାଣିକରି ଏଗୁଡିକର ଯଥାଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲା ଗ୍ରାମ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା, ଏଏସ୍‌ପି କୃଷ୍ଣପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୧୫ ପଞ୍ଚାୟତର ଲକ୍ଷାଧିକ ଲୋକ ନିର୍ଭର କରୁଥିବା କିଶନନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅବଶ୍ୟକତା ଦୃଷ୍ଟିରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୂପାନ୍ତରିତ କରିବା, ଗଡ଼ମା-କିଶନନଗର ଆରଡି ରାସ୍ତାରେ ଦିନରାତି ଭାରୀଯାନ ଚଳାଚଳ କରୁଥିବାରୁ ଜନସାଧାରଣ ନିଜକୁ ସୁରକ୍ଷିତ ମଣୁ ନ ଥିବା ଓ ବିଭିନ୍ନ ପଞ୍ଚାୟତରେ ଅଭିଯୋଗ ପତ୍ରକୁ ଭିତ୍ତିକରି ଏଡିଏମ ରାଜ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନଦେବେ ବୋଲି କହିଛନ୍ତି। ତହସିଲଦାର ମଧୁସୂଦନ ନାୟକ ସମେତ ତହସିଲର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ତେବେ ପ୍ରଚାରପ୍ରସାର ଅଭାବ ଯୋଗୁ ବହୁ ଅଭିଯୋଗକାରୀ ଅଭିଯୋଗ କରିବାକୁ ଆସିପାରି ନ ଥିବା ଅଭିଯୋଗ ହେଉଛି।

## ଓଏଭିରେ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ



**ନିଶ୍ଚିନ୍ତକୋଇଲି,୩।୧୦(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ କୂଳଗାଁଇଶାଳୋ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅସ୍ଥାୟୀ ଭାବେ ଚାଲିଥିବା ଅସୁରେଶ୍ୱର ହାଇସ୍କୁଲ ପରିସରରେ ବାର୍ଷିକ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ପ୍ରଦର୍ଶନୀକୁ ବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ ଉଦଘାଟନ କରିଥିଲେ। ଚଳିତ ବର୍ଷ ଏହି ୩ ବିଭାଗରେ ମୋଟ୍ ୩୭ ଟି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ବିଚାରକ ଭାବେ ସୁଭଦ୍ରା ମହତାବ କଲେଜ ଅଧ୍ୟାପକ ନିରଞ୍ଜନ ପଣ୍ଡା ଓ ବିଜୟ କୁମାର ପରିଡ଼ା ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ପ୍ରଦର୍ଶନୀରେ ଲାମିଶ ଆଲେଜା, ସ୍ୱୟଂସିଦ୍ଧା ମିଶ୍ର, ଶକ୍ତି ପ୍ରଦାୟିନୀ ମାଦେଲୀ ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ତନୁଶ୍ରୀ ଶୁଭଦର୍ଶିନୀ ପଣ୍ଡା ଦ୍ୱିତୀୟ ଏବଂ ରୋହନ ରାଉତରାୟ ଓ ସତ୍ୟବ୍ରତ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷକ ହେମନ୍ତ କୁମାର ସାହୁ, ଶିକ୍ଷୟିତ୍ରୀ ବନ୍ଦନା ପ୍ରିୟଦର୍ଶିନୀ ସାହୁ, ଲକ୍ଷ୍ମୀଧର ସାହୁ, ସୋନାଲି ମଲିକ, ସାଗର ଦଳାଇ, ହେମାଙ୍ଗିନୀ ନାୟକ, ସଚ୍ଚିଦାନନ୍ଦ ବେହେରା, ବିଜୟୀ ପ୍ରିୟଦର୍ଶିନୀ, ଗଗନବିହାରୀ ବଳ, ଭକ୍ତହରି ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁ ମନ୍ଦିର ରାସ୍ତା ଅବସ୍ଥା ଶୋଚନୀୟ

**ନିଶ୍ଚିନ୍ତକୋଇଲି,୩।୧୦(ସମିସ)**

ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖ କେନାଲ ବନ୍ଧ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଟିକିଏ ବର୍ଷା ହେଲେ ରାସ୍ତାରେ ହୋଇଥିବା ଖାଲଖମାଗୁଡ଼ିକରେ ପାଣି ଭର୍ତ୍ତି ହୋଇ ରହୁଥିବା ବେଳେ କର୍ଦ୍ଦମାକ୍ତ ହେଉଛି। ଫଳରେ ଛାତ୍ରଛାତ୍ରୀ ଯାତାୟତ ପାଇଁ ବହୁ ହୀନସ୍ତା ହେଉଛନ୍ତି।

### ଯାତାୟାତ ଉପଯୋଗୀ ପାଇଁ ପଦକ୍ଷେପ ନିଆଯାଉ

ଚାରି ଚକିଆ ସ୍କୁଲ ଗାଡ଼ିଗୁଡ଼ିକ ଏହି ରାସ୍ତା ଦେଇ ଯିବାବେଳେ ଏଭଳି ବିପଦସଂକୁଳ ପରିସ୍ଥିତି ସୃଷ୍ଟି ହେଉଛି ଯେ ଛାତ୍ରଛାତ୍ରୀମାନେ ଭୟଭୀତ ହେଉଛନ୍ତି। କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାରୁ ନତକାଇ-ଖଣ୍ଡସାହି ପ୍ରଧାନମନ୍ତ୍ରୀ ସଡ଼କ ପର୍ଯ୍ୟନ୍ତ ୮-ଡି (୧) କେନାଲ ବନ୍ଧ ମାତ୍ର ୪ଶହ ମିଟର ଦୂର ଅଟେ। ଏହି କେନାଲ ବନ୍ଧ ପାର୍ଶ୍ୱରେ ଦୀର୍ଘ ବର୍ଷ ହେବ ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରତିଷ୍ଠା ହୋଇଛି। ବର୍ତ୍ତମାନ ଏହି ଶିକ୍ଷାନୁଷ୍ଠାନରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୭ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ କର୍ମଚାରୀ ରହିଛନ୍ତି। ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯାତାୟାତରେ ବହୁ କଷ୍ଟ ପାଉଛନ୍ତି। ଦୁଇଚକିଆ ହେଉ କିମ୍ବା ଚାରି ଚକିଆ ଯାନବାହନ, ସାଇକଲ ଏପରିକି ପାଦରେ ଚାଲି ଯିବା ମଧ୍ୟ କଷ୍ଟକର ବ୍ୟାପାର ହୋଇପଡ଼ିଛି। ଉକ୍ତ ରାସ୍ତା ଦୀର୍ଘଦିନ ହେବ ମରାମତି ହୋଇ ନ ଥିବାରୁ ଏଭଳି ଅବସ୍ଥା ଉପୁଜିଛି। ଅପରପକ୍ଷରେ ଏହି ପଞ୍ଚାୟତରେ ଆବଶ୍ୟକ ନ ଥିବା ସ୍ଥଳେ କେତେକ ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରାଯାଇଥିବା ବେଳେ ଅତ୍ୟନ୍ତ ଆବଶ୍ୟକ ଥିବା ଉକ୍ତ ରାସ୍ତା ପ୍ରତି ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜଳସେଚନ ବିଭାଗ କ'ଣ ପାଇଁ ଦୃଷ୍ଟି ଦେଉନାହାନ୍ତି ସେ ନେଇ ପ୍ରଶ୍ନ ଉଠିଛି। ବାରମ୍ବାର ଉକ୍ତ ରାସ୍ତାକୁ ପିଚୁ କିମ୍ବା ଢଳେଇ କରିବା ନିମନ୍ତେ ଶିଶୁମନ୍ଦିର ପରିଚାଳନା କମିଟି, ଅଭିଭାବକଙ୍କ ପକ୍ଷରୁ ଦାବି କରାଯାଉଥିଲା ବେଳେ ଏଥିପାଇଁ କେହି ଗୁରୁତ୍ୱ ଦେଉନାହାନ୍ତି। ପ୍ରଥମେ ଉକ୍ତ ରାସ୍ତାକୁ ମରାମତି କରି ଯାତାୟାତ ଉପଯୋଗୀ କରିବା ଓ ପରେ ଏହାକୁ ଢଳେଇ ରାସ୍ତାରେ ପରିଣତ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି ହୋଇଛି।



## ଅବସରକାଳୀନ ସମ୍ବର୍ଦ୍ଧନା



**ଚୌଦ୍ୱାର,୩।୧୦(ସମିସ):** ଚୌଦ୍ୱାର ପୌରପାଳିକା ମୁଣ୍ଡମାଳସ୍ଥିତ ଝୋଟେଶ୍ୱର ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ପଣ୍ଡାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ଦାସଙ୍କ ପୌରୋହିତ୍ୟରେ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମରେନ୍ଦ୍ର ଷଡ଼ଙ୍ଗୀ, ପଞ୍ଚାନନ ସେଠୀ, ଶିବାନନ୍ଦ ମଲ୍ଲିକ, ଶିକ୍ଷୟିତ୍ରୀ ଢେବାଲିନୀ ପଣ୍ଡା, ସୋନାଲିକା ନାୟକ, କବିତା ବାରିକ, ସ୍ନେହସ୍ମିତା ମଲ୍ଲିକ, ଦେବପ୍ରିୟା ଦାସ, ତୃପ୍ତିମୟୀ ଜେନା, ସଞ୍ଜୁକ୍ତା ଭୋଇ, ସୁମିତ୍ରା ଚୁଲି, ପ୍ରଣତି ପାତ୍ର, ମାନସୀ କର, ଯଶୋଦା ସାହୁ, ଅଭିରାମ ମଲ୍ଲିକ ପ୍ରମୁଖ ଶିକ୍ଷୟିତ୍ରୀ ପଣ୍ଡାଙ୍କ କର୍ମମୟ ଜୀବନର ବିଭିନ୍ନ କାର୍ଯ୍ୟଶୈଳୀ ଉପରେ ଆଲୋଚନା କରି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**ଆଜିର ଦିନରେ**

- ୧୮୩୦- ନେଦରଲ୍ୟାଣ୍ଡରୁ ଅଲଗା ହୋଇ ବେଲଜିୟମ୍ ଏକ ଦେଶ ହେଲା।
- ୧୯୪୩-ଆମେରିକା ସୋଲୋମନ ଦ୍ୱୀପ ଉପରେ କବ୍‌ଜା କଲା।
- ୧୯୬୩- କ୍ୟୁବା ଓ ହାଇତିରେ ଆସିଥିବା 'ଫ୍ଲୋରା' ତୋଫାନରେ ୬୦୦୦ ଲୋକଙ୍କ ମୃତ୍ୟୁ।
- ୨୦୦୬- ଜୁଲିଅନ୍ ଅସାଞ୍ଜ ୱିକିଲିକ୍ସର ପ୍ରତିଷ୍ଠା କଲେ।
- ୨୦୧୨- ମାଇକଲ୍ ସୁମାକର ଫର୍ମୁଲା ୱାନ୍‌ରୁ ସନ୍ନ୍ୟାସ ନେଲେ।

# ୧୭୧ ଫୁଟର ରାବଣ ପ୍ରତିକୃତି

## ରିମୋଟ୍‌ରେ କରାଯିବ ଦହନ



ଆରମ୍ଭ ହୋଇଛି ପାର୍ବଣ ଋତୁ । ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠି ଉତ୍ସବର ପରିବେଶ। ରାବଣ ପୋଡ଼ି ପାଇଁ ଦେଶର ସବୁଠୁ ବଡ଼ ରାବଣ ପ୍ରତିକୃତି ହରିୟାନାର ପଞ୍ଚକୁଲାସ୍ଥିତ ସେକ୍ଟର ୫ ଗ୍ରାଉଣ୍ଡରେ ନିର୍ମାଣ କରଯାଇଛି। ୧୭୧ ଫୁଟ ଉଚ୍ଚତାର ରାବଣ ପ୍ରତିକୃତିକୁ ତିଆରି କରିବା ପାଇଁ ତିନି ମାସ ସମୟ ଲାଗିଛି। ବରାଡ଼ା ଗାଁର ମୂର୍ତ୍ତି କାରିଗର ତେଜିନ୍ଦର ସିଂହ ରାଣା ଏହି ରାବଣ ପ୍ରତିକୃତିକୁ ତିଆରି କରିଛନ୍ତି। ତେଜିନ୍ଦର୍‌ଙ୍କ ସହ ୨୫ କାରିଗର ଏହି ରାବଣ ପ୍ରତିକୃତିକୁ ନିର୍ମାଣ କରିଛନ୍ତି। ଏହାକୁ ନିର୍ମାଣ କରିବା ପାଇଁ ୧୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏଥିପାଇଁ ୨୫ କ୍ୱିଣ୍ଟାଲ ଲୁହା, ୫୦୦ ବାଉଁଶ ଖଣ୍ଡ, ୩୦୦୦ ମିଟର ଲମ୍ବା ମ୍ୟାଟ୍, ୩୫୦୦ ମିଟରର କପଡ଼ା ଓ ଏକ କୁଇଣ୍ଟାଲ ଫାଇବରର ବ୍ୟବହାର କରାଯାଇଛି। ରାବଣ ପ୍ରତିକୃତି ମଧ୍ୟରେ ପରିବେଶ ଅନୁକୂଳ ଫଟକା ଲଗାଯାଇଛି। ଏହି ଫଟକାଗୁଡ଼ିକୁ ସ୍ୱତନ୍ତ୍ର ଭାବେ ତାମିଲନାଡୁରେ ନିର୍ମାଣ କରାଯାଇଛି। ଏହି ରାବଣ ପ୍ରତିକୃତି ପରିବେଶ ଅନୁକୂଳ । ସବୁଠୁ ଖାସ୍ କଥା ହେଉଛି, ଏହି ରାବଣ ପ୍ରତିକୃତିକୁ ରିମୋଟ୍‌ରେ ଦହନ କରାଯିବ। ତେଜିନ୍ଦର ଦୀର୍ଘ ୩୫ ବର୍ଷ ହେଲାଣି ରାବଣ ପୋଡ଼ି ପାଇଁ ପ୍ରତିକୃତି ତିଆରି କରି ଆସୁଛନ୍ତି। ଏହାପୂର୍ବରୁ ସେ ୨୦୧୯ରେ ଚଣ୍ଡିଗଡ଼ର ଧନାସ ଗାଁରେ ବିଶ୍ୱର ସବୁଠୁ ଉଚ୍ଚ ରାବଣ ମୂର୍ତ୍ତି(୨୨୧ ଫୁଟ) ନିର୍ମାଣ କରିଥିଲେ। ଏହାକୁ ଦେଖିବା ପାଇଁ ଦୁଇ ଲକ୍ଷ ଲୋକ ପହଞ୍ଚିଥିଲେ। ୫୬ ବର୍ଷୀୟ ତେଜିନ୍ଦର୍ ପ୍ରଥମେ ୨୫ ଫୁଟ ଉଚ୍ଚତାର ଏକ ରାବଣ ପ୍ରତିକୃତି ତିଆରି କରିଥିଲେ। ଏହାପରେ ସେ ପ୍ରତିବର୍ଷ ଏଭଳି ରାବଣ ପ୍ରତିକୃତି ତିଆରି କରିବାକୁ ଲାଗିଲେ।



# 'ତେଜସ୍'ର

## ଦମଦାର୍ ଟିଜର୍ ରିଲିଜ୍



ବଲିଉଡ୍‌ର ଜଣେ ପ୍ରତିଭାବାନ୍ ଅଭିନେତ୍ରୀ ଭାବେ ପରିଗଣିତ ହୁଅନ୍ତି କଙ୍ଗନା ରାନାୱତ୍। ନିକଟରେ କଙ୍ଗନାଙ୍କ ଅଭିନୀତ ଫିଲ୍ମ 'ଚନ୍ଦ୍ରମୁଖୀ-୨' ରିଲିଜ୍ ହୋଇଛି। ଫିଲ୍ମରେ କଙ୍ଗନାଙ୍କ ଅଭିନୟକୁ ଦର୍ଶକେ ପସନ୍ଦ କରିଛନ୍ତି। ଇତିମଧ୍ୟରେ କଙ୍ଗନାଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ତେଜସ୍'ର ଟିଜର୍‌କୁ ଗାନ୍ଧୀ ଜୟନ୍ତୀ ଅବସରରେ ରିଲିଜ୍ କରାଯାଇଛି। ଟିଜର୍‌ର ଆରମ୍ଭରେ କଙ୍ଗନା ଏୟାରଫୋର୍ସ ପାଇଲଟ୍ ଭୂମିକାରେ ଦେଖାଯାଇଛନ୍ତି। ପ୍ରଚ୍ଛଦପଟରେ ତାଙ୍କ ସ୍ୱର ଶୁଣାଯାଉଛି। 'ତେଜସ୍'ର ଟ୍ରେଲର୍ ଅକ୍ଟୋବର ୮ରେ ରିଲିଜ୍ ହେବାକୁ ଥିବାବେଳେ ଏହା ୨୭ ଅକ୍ଟୋବରରେ ରିଲିଜ୍ ହେବ। 'ତେଜସ୍' ବାୟୁସେନାର ପାଇଲଟ୍ ତେଜସ୍ ଗିଲ୍‌ଙ୍କ ଉପରେ ଆଧାରିତ। ଏଥିରେ କଙ୍ଗନା ଜବରଦସ୍ତ ଆକ୍ସନ୍ କରୁଥିବାର ଦେଖାଯିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ରୋନି ସ୍କ୍ରୁୱାଲା ଥିବାବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ସର୍ବେଶ ମେୱରା।

କଙ୍ଗନାଙ୍କ କାମ କଥା କହିବାକୁ ଗଲେ, ବହୁତ ଜଲ୍‌ଦି ସେ 'ଇମରଜେନ୍ସି' ଫିଲ୍ମରେ ନଜର ଆସିବେ। ଏଥିରେ କଙ୍ଗନା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଦେଖାଯିବେ। ଫିଲ୍ମରେ କଙ୍ଗନାଙ୍କ ବ୍ୟତୀତ ଶ୍ରେୟସ୍ ତଲପଡ୍ରେ, ଅନୁପମ୍ ଖେର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।

# ମୟୂର ଚନ୍ଦ୍ରିକା ବିସର୍ଜନ କଲେ ବୈବାହିକ ଜୀବନ ହୋଇଥାଏ ସୁଖମୟ



ଭାରତ ହେଉଛି ପରମ୍ପରା ଓ ସଂସ୍କୃତିର ଦେଶ। ବିଭିନ୍ନ ରାଜ୍ୟ, ବିଭିନ୍ନ ଜିଲ୍ଲା ଏବଂ ବିଭିନ୍ନ ସମ୍ପ୍ରଦାୟଙ୍କ ମଧ୍ୟରେ ଅନେକ ନିଆରା ପରମ୍ପରା ଦେଖିବାକୁ ମିଳେ। ଏହି ଧାରାରେ ମଧ୍ୟପ୍ରଦେଶର ଭିଣ୍ଡ ଜିଲ୍ଲାରେ ଏକ ନିଆରା ପରମ୍ପରା ରହିଛି। ଏହି ପରମ୍ପରା ଅନୁଯାୟୀ, ବିବାହର ଏକ ବର୍ଷ ପରେ ସ୍ୱାମୀ-ସ୍ତ୍ରୀ ନଦୀ କିମ୍ବା ପୋଖରୀରେ ମୟୂର ଚନ୍ଦ୍ରିକା(ବିବାହ ସମୟରେ ପିନ୍ଧିଥିବା ମୁକୁଟରେ ଥିବା ମୟୂର ଚନ୍ଦ୍ରିକା) ବିସର୍ଜନ କଲେ ବୈବାହିକ ଜୀବନ ସୁଖପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ପରମ୍ପରାକୁ 'ମୋର୍ ଛଟ୍' ମଧ୍ୟ କୁହାଯାଏ। ଏହି ପରମ୍ପରା ପାଳନ କରିବା ପାଇଁ ଦୂର ଦୂରାନ୍ତରୁ ନବବିବାହିତ ଦମ୍ପତି ଭିଣ୍ଡଠାରେ ଥିବା ବୋରେଶ୍ୱର ଧାମ ଶିବ ମନ୍ଦିର ମନ୍ଦିରକୁ ଆସିଥାନ୍ତି। ବୋରେଶ୍ୱର ଧାମକୁ ଉଭୟ ପତିପତ୍ନୀ ମୁଣ୍ଡରେ ମୟୂର ଚନ୍ଦ୍ରିକା ଲଗାଇ ପହଞ୍ଚିଥାନ୍ତି। ଭଗବାନଙ୍କ ଦର୍ଶନ କରିବା ପରେ ମନ୍ଦିର ପାଖରେ ଥିବା ପୋଖରୀଗୁଡ଼ିକରେ ମୟୂର ଚନ୍ଦ୍ରିକା ବିସର୍ଜନ କରାଯାଏ। ଏହି ଅବସରରେ ସଧବା ମହିଳାମାନେ ମଙ୍ଗଳ ଗୀତ ଗାଇ ବରବଧୂଙ୍କୁ ଆଶୀର୍ବାଦ ଦେଇଥାନ୍ତି। ମୋର୍ ଛଟ୍ ଦିନ ଏଠାରେ ଏକ ବଡ଼ ମେଳାର ଆୟୋଜନ କରାଯାଏ। ମୋର୍ ଛଟ୍ ଦିନ ବରବଧୂ ବଡ଼ିଭୋରରୁ ଉଠି ସ୍ନାନାଦି କାମ ସାରି ଲାଲ୍ ଚନ୍ଦନ ଓ କେସର ଦ୍ୱାରା ସୂର୍ଯ୍ୟଦେବଙ୍କ ପ୍ରତିମା ପ୍ରସ୍ତୁତ କରିଥାନ୍ତି। ଏହି ପ୍ରତିମା ଉପରେ ସୂର୍ଯ୍ୟଦେବଙ୍କ ପ୍ରିୟ ବସ୍ତୁ ଲାଲ୍ ଚନ୍ଦନ, ଲାଲ୍ ଫଳ, ଲାଲ୍ ରଙ୍ଗର ବସ୍ତ୍ର ଆଦି ଅର୍ପଣ କରି ଘିଅ ଦୀପ ଜଳାନ୍ତି। ଏହାପରେ ସୂର୍ଯ୍ୟଦେବଙ୍କ ନାମସ୍ମରଣ ଏବଂ ମନ୍ତ୍ରପାଠ କରାଯାଏ। ଏହାପରେ ସୂର୍ଯ୍ୟଦେବଙ୍କୁ ତମ୍ବାପାତ୍ରରେ ଜଳ ଭର୍ତ୍ତି କରି ସେଥିରେ ଲାଲ୍ ଫୁଲ ଓ ଲାଲ୍ କୁଙ୍କୁମ ପକାଇ ଅର୍ଘ୍ୟ ଦିଆଯାଏ। ପୂଜା ପରେ ସନ୍ଧ୍ୟା ସମୟରେ ଚିନି, ଘିଅ, ଫଳ, ଦକ୍ଷିଣା ଓ ବସ୍ତ୍ର ବ୍ରାହ୍ମଣଙ୍କୁ ଦାନ କରାଯାଏ। ଜ୍ୟୋତିଷଙ୍କ ମତରେ, ବରକନ୍ୟାଙ୍କ ମୁଣ୍ଡ ଉପରେ ମୟୂର ଚନ୍ଦ୍ରିକା ରଖିଲେ ତାଙ୍କ ଭିତରେ ମନୋମାଳିନ୍ୟ ହୁଏ ନାହିଁ। ନକାରାତ୍ମକ ଶକ୍ତିର ପ୍ରଭାବ ମଧ୍ୟ ଦୂର ହୁଏ। ବିବାହର ବର୍ଷେ ପରେ ମନ୍ଦିର ନିକଟସ୍ଥ ନଦୀ କିମ୍ବା ପୋଖରୀରେ ଏହି ପରକୁ ବିସର୍ଜନ କରାଯାଏ। ଏହି ପରମ୍ପରା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଜ୍ୟୋତିର୍ବିଦ୍ ଓମ୍‌ପ୍ରକାଶ କହନ୍ତି ଯେ, ବିବାହ ସମୟରେ ସାତଫେରା ନେବା ସମୟରେ ବରକନ୍ୟାଙ୍କ ମୁଣ୍ଡରେ ଥିବା ମୁକୁଟ ଉପରେ ମୟୂର ଚନ୍ଦ୍ରିକା ଲଗାଯାଇଥାଏ। ମାନ୍ୟତା ରହିଛି ଯେ, ମୟୂର ଚନ୍ଦ୍ରିକା ଶ୍ରୀବିଷ୍ଣୁଙ୍କ ପ୍ରିୟ ହୋଇଥିବାରୁ ଏହା ଅତି ପବିତ୍ର। ଏହା ଧାରଣ କରିବା ଦ୍ୱାରା ଦମ୍ପତିଙ୍କ ଉପରେ ନକାରାତ୍ମକ ଶକ୍ତିର ପ୍ରଭାବ ପଡ଼େ ନାହିଁ।

# କାଠି ଭାଙ୍ଗି ବିବାଦର ହୁଏ ସମାଧାନ



ଗ୍ରାମାଞ୍ଚଳରେ ଜମିଜମା ବିବାଦ ହେଉ କି ପାରିବାରିକ, ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ଲୋକେ ପଞ୍ଚାୟତ ବସାନ୍ତି। ପଞ୍ଚାୟତରେ ଯଦି ଏହି ସମସ୍ୟାର କୌଣସି ସମାଧାନ ନ ହୁଏ, ତେବେ ଲୋକ ଥାନାର ଦ୍ୱାରସ୍ଥ ହୋଇଥାନ୍ତି। ଆମ ଦେଶରେ ଏମିତି ଏକ ସ୍ଥାନ ରହିଛି, ଯେଉଁଠି ବଡ଼ ବଡ଼ ବିବାଦକୁ ମେଣ୍ଟାଇବା ପାଇଁ ଲୋକେ କେବଳ ଛୋଟିଆ କାଠିକୁ ଭାଙ୍ଗିଥାନ୍ତି। ଆଶ୍ଚର୍ଯ୍ୟ ଲାଗିଲେ ବି ସତ। ମଧ୍ୟପ୍ରଦେଶର ବୁରହାନପୁର ଜିଲ୍ଲାର ଆଦିବାସୀ ବହୁଳ ଧୁଲକୋଟର ବାରେଲା ସମାଜରେ ଆଜି ବି ଲୋକେ ବଡ଼ ବଡ଼ ବିବାଦକୁ ସମାଧାନ କରିବାକୁ ଛୋଟ ଛୋଟ କାଠି ଭାଙ୍ଗିଥାନ୍ତି। ୧୦୦ ବର୍ଷ ଧରି ଏଠାରେ ଏହି ପରମ୍ପରା ଚଳିଆସୁଛି। ଯଦି କିଛି ବିବାଦ ପଞ୍ଚାୟତକୁ ଆସେ ତେବେ ପଟେଲମାନେ ଦୁଇ ଗୋଷ୍ଠୀଙ୍କୁ କାଠି ଭଙ୍ଗାଇ ବିବାଦର ସମାଧାନ କରିଥାନ୍ତି। ଏହାଦ୍ୱାରା ସମାଜରେ ଏକତା ବଜାୟ ରହୁଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ପାରିବାରିକ ବିବାଦ, ବିବାହ ସମ୍ପର୍କୀୟ ବିବାଦ, ଜମିଜମା ବିବାଦ ଆଦି ପ୍ରତ୍ୟେକ ବିବାଦ ପାଇଁ ପଞ୍ଚାୟତ ବସେ। ଯେକୌଣସି ବିବାଦ ହୋଇଥାଉନା କାହିଁକି ଦୁଇ ଗୋଷ୍ଠୀ କାଠି ଭାଙ୍ଗିବା ସହ ପରସ୍ପରକୁ ଆଲିଙ୍ଗନ କରି ପରସ୍ପରକୁ ହାତ ଯୋଡ଼ି ପ୍ରଣାମ ଜଣାନ୍ତି, ଏହାଦ୍ୱାରା ବିବାଦର ସମାଧାନ ହୋଇଥାଏ।

# ୩୨ ଫୁଟିଆ ନିଶ

## ମୁଲତାନି ମାଟି ଓ ସୋରିଷ ତେଲରେ ନିଅନ୍ତି ଯତ୍ନ



ବଲିଉଡ୍‌ର ମହାନାୟକ ଅମିତାଭ ବଚ୍ଚନଙ୍କ ଅଭିନୀତ ଲୋକପ୍ରିୟ ଫିଲ୍ମ 'ସରାବି'ର ଏକ ମନଛୁଆଁ ସଂଳାପ ଥିଲା 'ମୁଛେ ହୋ ତୋ ନଥୁଲାଲ୍ ଜୀ ଜୈସି ହୋ, ବରନା ନା ହୋ' କୁ ଏବେ ବି ଦର୍ଶକେ ମନେ ରଖିଛନ୍ତି। ରାଜସ୍ଥାନ ବିକାନେର୍‌ରେ ରହୁଥିବା ଗିରିଧର ବ୍ୟାସ ତାଙ୍କ ନିଶ ପାଇଁ ପରିଚିତ। ତାଙ୍କ ନିଶ ଦୁଇ ମହଲା କୋଠାଠାରୁ ମଧ୍ୟ ଲମ୍ବା। ଗିରିଧାରୀଙ୍କ ଦୁଇପଟ ନିଶର ଲମ୍ବ ୧୬ ଫୁଟ ଲେଖାଏଁ। ତେଣୁ ସେ ଦାବି କରୁଛନ୍ତି ଯେ, ବିଶ୍ୱରେ ତାଙ୍କଠାରୁ ଲମ୍ବା ନିଶ ଆଉ କାହାର ନାହିଁ। ଭାରତ ଭ୍ରମଣରେ ଆସୁଥିବା ବିଦେଶୀ ପର୍ଯ୍ୟଟକ ମଧ୍ୟ ଗିରିଧରଙ୍କ ନିଶକୁ ନିଜ ହାତରେ ଧରି ଫଟୋ ଉଠାଇବା ପାଇଁ ତାଙ୍କ ପାଖକୁ ଆସନ୍ତି। ଗିରିଧର ଅନେକ ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରର ଲମ୍ବା ନିଶ ପ୍ରତିଯୋଗିତାରେ ବିଜୟୀ ହୋଇ ବିକାନେର୍‌ର ନାମ ଉଜ୍ଜ୍ୱଳ କରିଛନ୍ତି। ଏ ସମ୍ପର୍କରେ ଗିରିଧର କହିଛନ୍ତି ଯେ, ୧୯୭୦ରୁ ୭୫ ମଧ୍ୟରେ ସେ ରାମଦେୱରା ନାମକ ସ୍ଥାନକୁ ପାଦରେ ଚାଲି ଚାଲି ଯାଉଥିଲେ ଏବଂ ସେଠାରେ କର୍ଣ୍ଣ ଜି ଭିଲ୍‌ଙ୍କୁ ଦେଖି ନିଶ ରଖିବା ଆରମ୍ଭ କଲେ। ୧୯୮୫ରୁ ସେ ନିଶ ବଢ଼ାଇବା ଆରମ୍ଭ କଲେ। ୩୮ ବର୍ଷ ଧରି ସେ ନିଶ କାଟିନାହାନ୍ତି। ନିଶକୁ ପ୍ରତିଦିନ ସାଇଜ୍ କରିବା ପାଇଁ ତାଙ୍କୁ ୩ ଘଣ୍ଟା ସମୟ ଲାଗିଥାଏ। ସବୁଠାରୁ ବଡ଼ କଥା ହେଲା, ସେ ଆଜି ପର୍ଯ୍ୟନ୍ତ କୌଣସି ସାବୁନ୍ କିମ୍ବା ସାମ୍ପୁ ବ୍ୟବହାର କରିନାହାନ୍ତି। ସେ ନିଶକୁ ମୁଲତାନି ମାଟିରେ ସଫା କରନ୍ତି ଏବଂ ସୋରିଷ ତେଲ ଲଗାନ୍ତି। ସେ ବାହାର ଖାଦ୍ୟ ଖାଆନ୍ତି ନାହିଁ ଏବଂ ପ୍ରତିଦିନ କ୍ଷୀର, ଦଲିଆ ଓ ରୁଟି ଖାଇଥାନ୍ତି। ଫାଷ୍ଟଫୁଡ୍ ପରିବର୍ତ୍ତେ ସେ ଘରୋଇ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। ସେ ବନ ବିଭାଗରୁ ଅବସର ନେଇଛନ୍ତି। ତାଙ୍କ ନିଶକୁ ଦେଖିବା ପରେ ଏବେ ଲୋକମାନେ କହୁଛନ୍ତି 'ମୁଛେ ହୋ ତୋ ଗିରିଧର ଜୈସି'।

# ସମାଜ ପାଇଁ ପ୍ରେରଣା ସଲିମା

## ୯୨ ବର୍ଷ ବୟସରେ ପଢ଼ିଲେ ପାଠ

ଆଜିକାଲି ୭୦,୮୦ ବର୍ଷ ବୟସରେ ଉପନୀତ ହେବା ପରେ ଅନେକ ଲୋକଙ୍କ ମନୋବଳ ଭାଙ୍ଗି ଯାଉଥିବାବେଳେ ଜଣେ ୯୨ ବର୍ଷୀୟା ବୃଦ୍ଧା ଏକ୍ଷେତ୍ରରେ ପୂରାପୂରି ଅଲଗା। ଉତ୍ତରପ୍ରଦେଶ ବୁଲନ୍ଦ ସହରରେ ରହୁଥିବା ସଲିମା ଖାନ୍ ଜୀବନର ଶେଷ ସମୟରେ ଶିକ୍ଷିତ ହେବାର ଇଚ୍ଛାକୁ ଏବେ ପୂରଣ କରିଛନ୍ତି। ୯୨ ବର୍ଷ ବୟସରେ ସଲିମା ପ୍ରଥମଥର ପାଇଁ ସ୍କୁଲରେ ପାଦ ଥାପିଛନ୍ତି। ୬ ମାସ ତଳେ ସେ ଚାବଲି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାରମ୍ଭ କରିଥିଲେ। ଅବଶ୍ୟ ତାଙ୍କୁ ବିଦ୍ୟାଳୟର ଶ୍ରେଣୀଗୃହରେ ନିଜ ନାତିନାତୁଣୀ ବୟସର ପିଲାଙ୍କ ସହ ପାଠ ପଢ଼ିବାକୁ ପଡ଼ିଛି। ଏବେ ସେ ଲେଖିପଢ଼ି ପାରୁଛନ୍ତି। ୧୯୩୧ରେ ଜନ୍ମଗ୍ରହଣ କରିଥିବା ସଲିମାଙ୍କ ଗାଁରେ ପଢ଼ିବା ପାଇଁ କୌଣସି ସ୍କୁଲ ନ ଥିଲା। ୧୪ ବର୍ଷ ବୟସରେ ତାଙ୍କର ବିବାହ ହୋଇ ଯିବାରୁ ସେ ପାଠ ପଢ଼ିବାରୁ ବଞ୍ଚିତ ହେଲେ। ତେବେ ସେ ନିରକ୍ଷର ହୋଇଥିବାରୁ ଟଙ୍କା ମଧ୍ୟ ଗଣିପାରନ୍ତି ନାହିଁ। ଯେଉଁଥିପାଇଁ ତାଙ୍କ ନାତିନାତୁଣୀମାନେ ତାଙ୍କ ଠାରୁ ଅଧିକ ଟଙ୍କା ନେଇଯାଉଥିଲେ। ଏହାପରେ ସେ ପାଠ ପଢ଼ିବାକୁ ଚାହିଁଲେ। ଏବେ ପାଠପଢ଼ା ଯୋଗୁଁ ସେ ଟଙ୍କା ଗଣିପାରୁଛନ୍ତି। ତାଙ୍କୁ ଆଉ କେହି ଭୂତେଇ ପାରୁ ନାହାନ୍ତି। ସଲିମା ସ୍କୁଲରେ ପଢ଼ିବା ପାଇଁ ଆଠ ମାସ ତଳେ ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର ପ୍ରତିଭା ଶର୍ମାଙ୍କୁ ଅନୁରୋଧ କରିଥିଲେ। ତେବେ ବୃଦ୍ଧାଙ୍କୁ ପାଠ ପଢ଼ାଇବା ସହଜ କଥା ନୁହେଁ ବୋଲି ଭାବି ଏନେଇ ସେ ଆଗ୍ରହ ପ୍ରକାଶ କରି ନ ଥିଲେ। ତେବେ ସଲିମାଙ୍କ ଶିକ୍ଷା ପ୍ରତି ଥିବା ଆଗ୍ରହ ଯୋଗୁଁ ଶେଷରେ ତାଙ୍କୁ ମୁଣ୍ଡ ନୁଆଁଇବାକୁ ପଡ଼ିଥିଲା। ସଲିମାଙ୍କୁ ସେ ସ୍କୁଲରେ ପଢ଼ାଇବା ପାଇଁ ବାଧ୍ୟ ହୋଇଥିଲେ। ସଲିମାଙ୍କ କାହାଣୀ ଗୋଟିଏ କଥା ପ୍ରମାଣିତ କରିଛି, ଜ୍ଞାନ ଆହରଣ ପାଇଁ କୌଣସି ବୟସ ସୀମା ନାହିଁ। ସଲିମା ଏବେ ସମାଜ ପାଇଁ ଉଦାହରଣ ପାଲଟିଛନ୍ତି। ସଲିମାଙ୍କର ଏବୟସରେ ପାଠପଢ଼ା ପ୍ରତି ଥିବା ଉତ୍ସାହକୁ ଦେଖି ତାଙ୍କର ଦୁଇ ବୋହୂ ସମେତ ଗାଁର ୨୫ ମହିଳା ସାକ୍ଷର ହେବା ଆଶାରେ ଏବେ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ସଲିମାଙ୍କର ଏକ ଭିଡିଓ ମଧ୍ୟ ଭାଇରାଲ୍ ହେଉଛି। ଯେଉଁଥିରେ ସଲିମା ସଂଖ୍ୟା ଗଣି ପାରୁଥିବା ଦେଖାଯାଇଛି ଏବଂ ଏହି ଭିଡିଓଟିକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି।



# କନିଆଙ୍କ ଇଚ୍ଛାରେ ସମସ୍ତଙ୍କ ଆଖିରେ କଳାପଟି

ପ୍ରତ୍ୟେକ ବ୍ୟକ୍ତି ନିଜ ବିବାହକୁ ସବୁଠୁ ଖାସ୍ ଓ ସ୍ୱତନ୍ତ୍ର କରିବାକୁ ଚାହିଁଥାନ୍ତି। ଏହି କ୍ରମରେ ଇଂଲଣ୍ଡର ବର୍ମିହାମର ଜଣେ ମହିଳା ନିଜ ବିବାହ ସମୟରେ ଏମିତି କିଛି କରିଥିଲେ, ଯାହା ସମସ୍ତଙ୍କୁ ଭାବବିହ୍ୱଳ କରି ଦେଇଥିଲା। ବିବାହ କରିବାକୁ ଯାଉଥିବା ଯୁବତୀ ଲୁସି ଜଣେ ଦୃଷ୍ଟିବାଧିତ। ସେ ନିଜ ବାହାଘର ଦିନ କିପରି ଅନୁଭବ କରୁଛନ୍ତି ତାହା ତାଙ୍କର ଭାବୀସ୍ୱାମୀ ଓ ଅତିଥିଙ୍କୁ ଜଣାଇବା ପାଇଁ ବିବାହ ଦିନ ସମସ୍ତଙ୍କ ଆଖିରେ କଳାପଟି ବାନ୍ଧିବା ବ୍ୟବସ୍ଥା କରିଥିଲେ। ଲୁସି ଏଡୱାର୍ଡ ଓ ଓଲି କେଭଙ୍କ ବିବାହର ଏହି ଘଟଣାଟି ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଭିଡିଓରେ ଦେଖାଯାଇଛି ଯେ, ଲୁସି ବିବାହସ୍ଥଳକୁ ତାଙ୍କ ପିତା ଓ ପୋଷା କୁକୁର ସହ ଆସୁଛନ୍ତି। ଲୁସିଙ୍କ ପିତାଙ୍କୁ ଛାଡ଼ି ଅନ୍ୟ ସମସ୍ତ ଅତିଥିଙ୍କ ଆଖିରେ କଳା ପଟି ବାନ୍ଧି ଦିଆଯାଇଥିଲା। ଲୁସିଙ୍କ ପିତା ନିଜ ଝିଅର ହାତକୁ ତାଙ୍କ ଭାବୀ ସ୍ୱାମୀଙ୍କ ହାତରେ ଦେଇଥିଲେ। ଏହାପରେ ଓଲି, ଲୁସିଙ୍କ ପୋଷାକ ଓ ତାଙ୍କ କେଶକୁ ଛୁଇଁ ତାଙ୍କର ଉପସ୍ଥିତିକୁ ଜାଣିବାକୁ ଚେଷ୍ଟା କରିଥିଲେ। ସାମାଜିକ ଗଣମାଧ୍ୟମରେ ଏପରି ଏକ ହୃଦୟସ୍ପର୍ଶୀ ଭିଡିଓ ସେୟାର୍ ହେବା ପରେ ଏହା ଅନେକଙ୍କୁ ଭାବପ୍ରବଣ କରିଛି। କେହି କେହି ଏହି ବିବାହକୁ ସବୁଠୁ ସୁନ୍ଦର ମୁହୂର୍ତ୍ତ ବୋଲି କହୁଥିବାବେଳେ କେହି କେହି ଘଟଣା ସ୍ଥଳରେ ବରର ପ୍ରତିକ୍ରିୟା ଦେଖିବାକୁ ଚାହିଁଥିଲେ।



## ଆଜିର ରାଶିଫଳ

**ମେଷ:** କଳା, ବିଜ୍ଞାନ ଓ ବାଣିଜ୍ୟରେ ଆଶାନୁରୂପ ଫଳ ପାଇବେ। ପାରିବାରିକ ସୁଖଶାନ୍ତି ବୃଦ୍ଧି ପାଇବ। ମହିଳାମାନଙ୍କର ବିଳାସ ବ୍ୟସନରେ ଦିନଟି କଟିବ। ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ।

**ବୃଷ:** ଗୁରୁଜନଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ଦେଖାଦେବ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ନୂତନ ନିବେଶ କରି ଦ୍ୱନ୍ଦ୍ୱରେ ପଡ଼ିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷା ପାଇଁ ଯୋଜନା କରିବେ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଉତ୍ତମ ସମୟ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭ ପାଇବେ। ବରିଷ୍ଠଙ୍କ ପରାମର୍ଶ କ୍ରମେ ନୂତନ କାର୍ଯ୍ୟରେ ଯୋଗ ଦେବେ।

**କର୍କଟ:** ଦୀର୍ଘ ଦିନରୁ ଅଟକିଥିବା କାର୍ଯ୍ୟ ପୂରା ହେବ। ମହିଳାଙ୍କ ଦୃଷ୍ଟିକୋଣ ସକାରାତ୍ମକ ରହିବ। ପାରିବାରିକ ସହଯୋଗ ପାଇ ମନ ପ୍ରସନ୍ନ ରହିବ। ସମାଜରେ ମାନ ସମ୍ମାନ ବଢ଼ିବ। ଅଯଥା ଯୁକ୍ତି କରନ୍ତୁନି।

**ସିଂହ:** ବ୍ୟବସାୟରେ କ୍ଷତି ସହିପାରନ୍ତି । ପୂର୍ବ କଥାକୁ ନେଇ ମନସ୍ତାପରେ ରହିବେ। ବନ୍ଧୁବାନ୍ଧବଙ୍କ ଆଗମନ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନ ଯାତ୍ରା କରିପାରନ୍ତି। ମହିଳାଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**କନ୍ୟା :** ଆଶା କରିଥିବା ଦିଗରୁ ଅର୍ଥ ମିଳିବନି। ଛାତ୍ରଛାତ୍ରୀମାନେ ଚେଷ୍ଟା ଜାରି ରଖି ସଫଳତା ପାଇବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। କର୍ତ୍ତୃପକ୍ଷଙ୍କ କଥା ଭଲଭାବେ ଶୁଣି ନିଜର ମତାମତ ରଖନ୍ତୁ।

**ତୁଳା:** ନିଜର କ୍ୟାରିୟରକୁ ନେଇ ଚିନ୍ତିତ ରହିବେ। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଉତ୍ତମ ରହିବ । ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ମହିଳାମାନେ ଆତ୍ମନିର୍ଭରଶୀଳା ହେବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ।

**ବିଛା:** ଦୀର୍ଘ ଦିନର କାମ ସଂପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କ ସାହାଯ୍ୟ ପାଇବେ। ସହକର୍ମୀଙ୍କଠାରୁ ସହଯୋଗ ପାଇବେ। ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ମନୋଯୋଗ ଦିଅନ୍ତୁ। ଆୟ ଅନୁସାରେ ବ୍ୟୟ ଅଧିକ ହେବ।

**ଧନୁ:** ପାରିବାରିକ ସୁଖସମୃଦ୍ଧି ବୃଦ୍ଧି ହେବ। ପଡ଼ୋଶୀଙ୍କ ସହ ମନାନ୍ତର ହୋଇପାରେ । ଅଜଣା ବ୍ୟକ୍ତି ବନ୍ଧୁତାର ହାତ ବଢ଼ାଇବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଲେଖାପଢ଼ାରେ ଛାତ୍ରଛାତ୍ରୀମାନଙ୍କ ଏକାଗ୍ରତା ବଢ଼ିବ।

**ମକର:** ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ନିଜ ପ୍ରତିଭା ବିସ୍ତାର କରିବେ। ପରିବାରରେ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ହେବେ।

**କୁମ୍ଭ:** ନିଜ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବାକୁ ଚେଷ୍ଟା କରନ୍ତୁ। ଧର୍ମକାର୍ଯ୍ୟ ପ୍ରତି ଆସ୍ଥା ବଢ଼ିବ। ଆପଣଙ୍କ ବ୍ୟବହାରରେ ପ୍ରତ୍ୟେକ ବ୍ୟକ୍ତି ପ୍ରଭାବିତ ହେବେ। ରାଜନୀତିରେ ସକ୍ରିୟ ହୋଇପାରନ୍ତି।

**ମୀନ:** ଆର୍ଥିକ ଲାଭ ମିଳିବ। ସୁସ୍ଥ ଅନୁଭବ କରିବେ। ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନୂଆ ପଦକ୍ଷେପ ନେବେ। କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଶୁଭ ଖବର ପାଇବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ବିତାଇବେ।

# ଭାରତକୁ ୨ ସ୍ୱର୍ଣ୍ଣ ସହ ୯ ପଦକ

ହାଙ୍ଗଝୋଉ,୩।୧୦(ଏଜେନ୍ସି): ଏସୀୟ କ୍ରୀଡ଼ାର ଚଳିତ ଊନବିଂଶତମ ସଂସ୍କରଣରେ ଭାରତୀୟ ଖେଳାଳିଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି। ମଙ୍ଗଳବାର ୧୦ମ ଦିବସରେ ଭାରତ ଦୁଇଟି ସ୍ୱର୍ଣ୍ଣ ସହ ୯ ପଦକ ହାସଲ କରିଛି। ଏଥିସହ ଭାରତ ଏସୀୟ କ୍ରୀଡ଼ାରେ ଏପର୍ଯ୍ୟନ୍ତ ୧୫ତମ ସ୍ୱର୍ଣ୍ଣ ବିଜୟୀ ହୋଇଛି। ମହିଳା ଜାଭେଲିନ୍ ଥ୍ରୋ'ରେ ଭାରତର ଅନୁରାଣୀ ସିଜନର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ୬୨. ୯୨ ମି ଫିଙ୍ଗି ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ସେହିପରି ମଧ୍ୟମ ଦୂରତା ଧାବିକା ପାରୁଲ ଚୌଧୁରୀ ୧୫ ମିନିଟ୍ ୧୪.୭୫ ସେକେଣ୍ଡ ସମୟ ସହ ମହିଳା ୫,୦୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ଡେକାଥଲନ୍‌ରେ ତେଜସ୍ୱୀନ ଶଙ୍କର ଓ ୮୦୦ମି ଦୌଡ଼ରେ ମହମ୍ମଦ ଆଫଜଲ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଛନ୍ତି। ଦଶମ ଦିବସରେ ଭାରତୀୟ ଖେଳାଳିମାନେ ୨ ସ୍ୱର୍ଣ୍ଣ, ଦୁଇ ରୌପ୍ୟ ଓ ୫ କାଂସ୍ୟ ସହ ମୋଟ୍ ୯ଟି ପଦକ ହାସଲ କରିଛନ୍ତି। ମୋଟ ଉପରେ ଭାରତ ୧୫ ସ୍ୱର୍ଣ୍ଣ, ୨୬ ରୌପ୍ୟ ଓ ୨୮ କାଂସ୍ୟ ସହ ୬୯ ପଦକ ହାସଲ କରିଛି। ଭାରତ ମଙ୍ଗଳବାର ଦୌଡ଼କୁଦରେ ମୋଟ୍ ୬ ପଦକ ଜିତିଛି।

ପୁରୁଷ କାନୋଇଂ ଯୁଗଳ ୧,୦୦୦ ମିଟର ରେସ୍‌ରେ ଅର୍ଜୁନ ସିଂ ଓ ସୁନୀଲ ସିଂ ସଲାମଙ୍କୁ ନେଇ ଗଠିତ ଭାରତୀୟ ଯୋଡି ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଛନ୍ତି। ଏହାପରେ ବକ୍ସିଂରେ ମହିଳା ୫୦- ୫୪ କେଜି ବର୍ଗରେ ଭାରତର ପ୍ରୀତି ପାୱାର କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ତାରକା ମହିଳା ବକ୍ସର ତଥା ବିଶ୍ୱ ଚାମ୍ପିଅନ ଲଭଲିନା ବୋର୍ଗୋହେନ୍ ୭୫ କେଜି ବର୍ଗର ଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ପୁରୁଷ ବକ୍ସିଂରେ ନରେନ୍ଦର ବେରେୱାଲ କାଂସ୍ୟ ଜିତିଛନ୍ତି। ସ୍ୱର୍ଣ୍ଣ ପଦକ ପାଇଁ ମ୍ୟାଚ୍ ବୁଧବାର ଆୟୋଜନ ହେବ। ସେହିପରି ତୀରନ୍ଦାଜୀରେ ଭାରତୀୟ ପ୍ରତିଯୋଗୀମାନେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇ ରୌପ୍ୟ ପଦକ ପକ୍କା କରିଛନ୍ତି। ପୁରୁଷ କମ୍ପାଉଣ୍ଡ ଫାଇନାଲରେ ଦୁଇ ଭାରତୀୟ ପ୍ରତିଦ୍ୱନ୍ଦ୍ୱୀ ପରସ୍ପରକୁ ଭେଟିବେ। ସେହିପରି ମହିଳା କମ୍ପାଉଣ୍ଡ ଫାଇନାଲରେ ମଧ୍ୟ ଜଣେ ଭାରତୀୟ ଫାଇନାଲକୁ ଉଠିଛନ୍ତି।



### ଜାଭେଲିନ୍‌ରେ ଅନୁଙ୍କ ଐତିହାସିକ ସ୍ୱର୍ଣ୍ଣ

ଭାରତୀୟ ମହିଳା ଜାଭେଲିନ୍ ଫିଙ୍ଗାଳୀ ଅନୁରାଣୀ ଇତିହାସ ସୃଷ୍ଟି କରିଛନ୍ତି। ଏସୀୟ କ୍ରୀଡ଼ାରେ ସେ ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବେ ଜାଭେଲିନ୍‌ରେ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚଳିତ ସିଜନରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ୬୨.୯୨ ମିଟର ଜାଭେଲିନ ଫିଙ୍ଗି ଏହି ସଫଳତା ପାଇଛନ୍ତି। ୩୧ ବର୍ଷୀୟା ଅନୁ ଚତୁର୍ଥ ପ୍ରୟାସରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏହି ଇଭେଣ୍ଟରେ ଶ୍ରୀଲଙ୍କାର ନଦିସା ଦିଲହାନ ୬୧.୫୭ ମିଟର ସହ ରୌପ୍ୟ ଓ ଚୀନ ପ୍ରତିଯୋଗୀ କାଂସ୍ୟ ଜିତିଥିଲେ। ଅନୁ ୨୦୧୪ ଇଞ୍ଚିଅନ ଏସୀୟ କ୍ରୀଡ଼ାରେ କାଂସ୍ୟ ଜିତିଥିଲେ। ସେହିପରି ସେ ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ରେ ମଧ୍ୟ କାଂସ୍ୟ ଜିତିଥିଲେ। ୨୦୧୯ ଦୋହା ଏସିଆନ ଆଥଲେଟିକ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ଉତ୍ତର ପ୍ରଦେଶର ମିରଟରୁ ଆସିଥିବା ଅନୁ ଆଗକୁ ଆହୁରି ଉନ୍ନତ ପ୍ରଦର୍ଶନ କରି ଦେଶ ପାଇଁ ଅଧିକରୁ ଅଧିକ ପଦକ ହାସଲ କରିବେ ବୋଲି ଆଶା କରାଯାଉଛି।

### ୫୦୦୦ମିରେ ପାରୁଲଙ୍କୁ ଐତିହାସିକ ସ୍ୱର୍ଣ୍ଣ

ଭାରତର ମଧ୍ୟମଦୂର ମହିଳା ଧାବିକା ପାରୁଲ ଚୌଧୁରୀ ସ୍ୱର୍ଣ୍ଣ ପଦକ ଜିତି ଐତିହାସିକ ସଫଳତା ଅର୍ଜନ କରିଛନ୍ତି। ଏସୀୟ କ୍ରୀଡ଼ାରେ ପ୍ରଥମ ଭାରତୀୟ ମହିଳା ଭାବେ ୫,୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୧୫ ମିନିଟ୍ ୧୪.୭୫ ସେକେଣ୍ଡ ସମୟ ନେଇ ଇଭେଣ୍ଟର ପ୍ରଥମ ସ୍ଥାନରେ ରହିଥିଲେ। ଜାପାନର ରିରିକା ହିରୋନାକା ୧୫ ମିନିଟ୍ ୧୫.୩୪ ସେକେଣ୍ଡ ସମୟ ନେଇ ରୌପ୍ୟ ଓ କାଜାଖସ୍ଥାନର କରୋଲିନ୍ ୧୫ ମିନିଟ୍ ୨୩.୧୨ ସେକେଣ୍ଡ ସମୟନେଇ କାଂସ୍ୟ ପଦକ ହାସଲ କରିଛନ୍ତି। ୨୮ ବର୍ଷୀୟା ପାରୁଲ ଏହାପୂର୍ବରୁ ୩,୦୦୦ ମିଟର ଷ୍ଟିପଲଚେଜ୍‌ରେ ମଧ୍ୟ ରୌପ୍ୟ ପଦକ ହାସଲ କରିଥିଲେ। ଏଥସହ ଚଳିତ ଏସୀୟ କ୍ରୀଡ଼ାରେ ସେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ହାସଲ କରିଛନ୍ତି। ପାରୁଲ ପୂର୍ବରୁ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ।

### କାନୋଇଂରେ ଅର୍ଜୁନ- ସୁନୀଲଙ୍କୁ କାଂସ୍ୟ

ପୁରୁଷ କାନୋଇଂ ଯୁଗଳ ୧,୦୦୦ ରେସ୍‌ରେ ଭାରତୀୟ ଯୋଡି ଅର୍ଜୁନ ଓ ସୁନୀଲ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ଯୋଡି ୩ ମିନିଟ୍ ୫୩. ୩୨୯ ସେକେଣ୍ଡରେ ରେସ୍ ଫିନିଶ କରି ତୃତୀୟ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ଉଜ୍‌ବେକିସ୍ତାନ ଯୋଡି ଶୋଖୋମୁରୋଦ ଖୋଲମୁରାଦୋଭ ଓ ନୁରିସ୍ଲୋମ ତୁଖତାସିନ ୩ ମିନିଟ୍ ୪୩.୭୯୬ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି କାଜାଖସ୍ତାନ ଯୋଡି ତିମୋଫେ ସର୍ଗି ୟେମେଲୟାନୋଭା ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲେ। ଏଥିସହ କାନୋଇଂରେ ଭାରତ ଦ୍ୱିତୀୟ ପଦକ ହାସଲ କରିଛି। ପୂର୍ବରୁ ୧୯୯୪ ହିରୋସୀମା ଏସୀୟ କ୍ରୀଡ଼ାରେ ଜନୀ ରୋମୋଲ ଓ ସୁଜିତ କୁମାର ସଦାନନ୍ଦ କାଂସ୍ୟ ଜିତି ଭାରତ ପାଇଁ କାନୋଇଂରେ ପ୍ରଥମ ପଦକ ହାସଲ କରିଥିଲେ।



ଅର୍ଜୁନ ସିଂ ଓ ସୁନୀଲ ସିଂ ସଲାମ

### ବକ୍ସିଂ: କାଂସ୍ୟରେ ସନ୍ତୁଷ୍ଟ ପ୍ରୀତି, ଫାଇନାଲରେ ଲଭଲିନା

ବକ୍ସିଂରେ ମଙ୍ଗଳବାର ଭାରତକୁ ଗୋଟିଏ କାଂସ୍ୟ ମିଳିଥିବା ବେଳେ ଆଉ ଏକ ପଦକ (ଅତିକମ୍‌ରେ ରୌପ୍ୟ) ନିଶ୍ଚିତ ହୋଇଛି। ମହିଳା ୫୦- ୫୪ କେଜି ବକ୍ସିଂ ଇଭେଣ୍ଟରେ ପ୍ରୀତି ସେମିରେ ୦-୫ରେ ଚୀନ୍‌ର ୟୁଆନ ଚେଙ୍ଗଠାରୁ ପରାସ୍ତ ହେବା ଫଳରେ କାଂସ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ଟୋକିଓ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜୟିନୀ ଲଭଲିନା ୬୬-୭୫ କେଜି ବର୍ଗ ପ୍ରତିଯୋଗିତାରେ ଫାଇନାଲରେ ପ୍ରବେଶ କରି ଅତିକମ୍‌ରେ ରୌପ୍ୟ ପଦକ ହାସଲ କରିବା ସ୍ପଷ୍ଟ ହୋଇଛି। ଏଥିସହ ସେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ କୋଟ ଅର୍ଥାତ ଯୋଗ୍ୟତା ହାସଲ କରିଛନ୍ତି। ସେ ସେମିରେ ଏସିଆ ଚାମ୍ପିଅନସିପ୍ ରୌପ୍ୟ ପଦକ ବିଜୟିନୀ ବାଇସନ ମାନିକନଙ୍କୁ ୟୁନାନିମୋସ ଡିସିସନରେ ପରାସ୍ତ କରି ଅଗ୍ରଗତି କରିଛନ୍ତି।



### କିଶୋରଙ୍କ ଭାଗ୍ୟ ପରୀକ୍ଷା ଆଜି

ଚଳିତ ଏସୀୟ କ୍ରୀଡ଼ରେ ବୁଧବାର ପୁରୁଷ ଜାଭେଲିନ ଥ୍ରୋ ଇଭେଣ୍ଟ ଆୟୋଜନ ହେବ। ଏହି ଇଭେଣ୍ଟରେ ଓଡ଼ିଆ ତାରକା ଜାଭେଲିନ୍ ଫିଙ୍ଗାଳି କିଶୋର ଜେନାଙ୍କ ଭାଗ୍ୟ ପରୀକ୍ଷା ହେବ। ଭାରତୀୟ ଆଥଲେଟିକ୍ ସୁପରଷ୍ଟାର ତଥା ଅଲିମ୍ପିକ୍ସ, ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ ବିଜେତା ନୀରଜ ଚୋପ୍ରା ମଧ୍ୟ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ପାକିସ୍ତାନର ଅର୍ସାଦ ନଦୀମ ଆଘାତ ସମସ୍ୟା କାରଣରୁ ଏସୀୟ କ୍ରୀଡ଼ାରୁ ଓହରିଯାଇଛନ୍ତି। ଫଳରେ କିଶୋରଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି କହିଲେ ଭୁଲ ହେବନି। ସେହିପରି ନୀରଜ ଓ ନଦିମଙ୍କ ମଧ୍ୟରେ ବହୁ ଚର୍ଚ୍ଚିତ ପ୍ରତିଦ୍ୱନ୍ଦ୍ୱୀତା ଦେଖିବାକୁ ମିଳିବ ନାହିଁ। କିଛିଦିନ ତଳେ ହଙ୍ଗେରୀର ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥଲେଟିକ ଚାମ୍ପିଅନସିପ୍‌ରେ ୮୪. ୭୭ ମିଟର ଫିଙ୍ଗି କିଶୋର ୫ମ ଓ ଡିପି ମନୁ ଷଷ୍ଠ ସ୍ଥାନରେ ରହିଥିଲେ। କିନ୍ତୁ ମନୁ ଏଥର ଏହି ଇଭେଣ୍ଟରେ ଭାଗ ନେବେନି। ୨୦୧୮ ରେ ଜାକର୍ତ୍ତାରେ ଅନୁଷ୍ଠିତ ଗତ ସଂସ୍କରଣର ନୀରଜ ସ୍ୱର୍ଣ୍ଣ ଜିତିଥିଲେ ଓ ଏଥର ଏହି ସଫଳତା ବଜାୟ ରଖିବେ ବୋଲି ଆଶା କରାଯାଉଛି।



### ଅନୁରାଣୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୩।୧୦(ସମିସ): ଏସୀୟ କ୍ରୀଡ଼ାର ମହିଳା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣପଦକ ଜିତିଥିବା ଅନୁରାଣୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ସେ ତାଙ୍କ ଅଭିନନ୍ଦନରେ ଅନୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଅଧିକରୁ ଅଧିକ ପଦକ ଜିତି ଦେଶର ଗୌରବ ବଢ଼ାଇବାକୁ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ ଅନୁ କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଜାଭେଲିନ୍ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଶିବିରର ସମସ୍ତ ଖର୍ଚ୍ଚ ବହନ କରାଯାଇଥିଲା।

**କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ଦ୍ୱିତୀୟ ପଦକ:** ଏସୀୟ କ୍ରୀଡ଼ାରେ ଭାଗନେଇଥିବା କିଟ୍‌ର ୧୪ ଜଣ ଛାତ୍ରଙ୍କ ମଧ୍ୟରୁ ତେଜସ୍ୱିନ ଶଙ୍କର ଦ୍ୱିତୀୟ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ଡେକାଥଲନରେ ଦ୍ୱିତୀୟ ସ୍ଥାନ ଅଧିକାର କରି ତେଜସ୍ୱିନ ଏହି ସଫଳତା ପାଇଛନ୍ତି। ପୂର୍ବରୁ ତାଜିନ୍ଦରପାଲ ସିଂ ତୁର ପୁରୁଷ ସଟ୍‌ପୁଟରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଉଭୟ ପଦକ ବିଜେତାଙ୍କୁ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବ ଘୋଷଣା ଅନୁଯାୟୀ କିଟ୍ ପକ୍ଷରୁ ତାଜିନ୍ଦରଙ୍କୁ ୫ ଓ ତେଜସ୍ୱିନଙ୍କୁ ୩ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।

### ୪୦୦ମି ବାଧାଦୌଡ଼ରେ ରାମରାଜଙ୍କୁ କାଂସ୍ୟ

ମହିଳା ୪୦୦ମିଟର ବାଧାଦୌଡ଼ରେ ଭାରତର ବିଦ୍ୟା ରାମରାଜ କାଂସ୍ୟ ପଦକ ହାସଲ କରିଛନ୍ତି। ସେ ୫୫.୬୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ବାହାରିନର ମୁଜିଦାତ ଏଡେକୋୟୋ ସ୍ୱର୍ଣ୍ଣ ଓ ଚୀନ୍‌ର ମୋ ଜିୟାଡି ରୌପ୍ୟ ହାସଲ କରିଥିଲେ।

### ଏସୀୟ କ୍ରୀଡ଼ା ପଦକ ତାଲିକା

| ର୍ୟାଙ୍କ | ଦେଶ | ସ୍ୱର୍ଣ୍ଣ | ରୌପ୍ୟ | କାଂସ୍ୟ | ମୋଟ୍ |
|---|---|---|---|---|---|
| ୧ | ଚୀନ | ୧୬୧ | ୯୦ | ୪୬ | ୨୯୭ |
| ୨ | ଜାପାନ | ୩୩ | ୪୭ | ୫୦ | ୧୩୦ |
| ୩ | ଦ.କୋରିଆ | ୩୨ | ୪୨ | ୬୪ | ୧୩୯ |
| ୪ | ଭାରତ | ୧୪ | ୨୬ | ୨୮ | ୬୯ |
| ୫ | ଉଜବେକିସ୍ତାନ | ୧୪ | ୧୫ | ୨୧ | ୫୦ |
| ୬ | ଚାଇନିଜ ତାଇପେଇ | ୧୨ | ୧୦ | ୧୮ | ୪୦ |
| ୭ | ଥାଇଲାଣ୍ଡ | ୧୦ | ୧୧ | ୧୯ | ୪୦ |
| ୮ | ଉ.କୋରିଆ | ୭ | ୧୦ | ୬ | ୨୩ |
| ୯ | ବାହାରିନ୍ | ୭ | ୧ | ୪ | ୧୨ |
| ୧୦ | ହଂକଂ | ୬ | ୧୫ | ୨୪ | ୪୫ |
| ୧୧ | ଇରାନ | ୬ | ୧୪ | ୧୬ | ୩୬ |
| ୧୨ | ଇଣ୍ଡୋନେସିଆ | ୬ | ୩ | ୧୩ | ୨୨ |
| ୧୩ | କାଜାଖସ୍ତାନ | ୫ | ୧୦ | ୩୨ | ୪୭ |
| ୧୪ | ସିଙ୍ଗାପୁର | ୩ | ୬ | ୪ | ୧୩ |
| ୧୫ | ମାଲେସିଆ | ୩ | ୪ | ୧୬ | ୨୩ |
| ୧୬ | କାତାର | ୩ | ୪ | ୨ | ୯ |
| ୧୭ | କୁଏତ | ୨ | ୩ | ୧ | ୬ |
| ୧୮ | ସାଉଦିଆରବ | ୨ | ୨ | ୧ | ୫ |
| ୧୯ | ତାଜିକିସ୍ତାନ | ୨ | ୧ | ୩ | ୬ |
| ୨୦ | ଭିଏତନାମ | ୧ | ୩ | ୧୪ | ୧୮ |
| ୨୧ | ଫିଲିପାଇନ୍ସ | ୧ | ୧ | ୯ | ୧୧ |
| ୨୨ | ୟୁଏଇ | ୧ | ୧ | ୪ | ୬ |
| ୨୩ | ମାକାଉ | ୧ | ୧ | ୨ | ୪ |
| ୨୪ | କିର୍ଗିଜସ୍ତାନ | ୧ | ୦ | ୨ | ୩ |

### ୮୦୦ ମିଟରରେ ଅଫଜଲଙ୍କୁ ରୌପ୍ୟ

୮୦୦ ମିଟର ପୁରୁଷ ଦୌଡ଼ରେ ଭାରତର ମହମ୍ମଦ ଅଫଜଲ ପୁଲିକାଲକାଥ ୧ ମିନିଟ୍ ୪୮. ୪୩ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ହାସଲ କରିଥିଲେ। କେରଳର ଏହି ଆଥଲେଟ୍ ୧ ମିନିଟ୍ ୪୬.୭୯ ସେକେଣ୍ଡ ସମୟ ନେଇ ହିଟ୍‌ର ଶୀର୍ଷ ସ୍ଥାନରେ ରହିଥିଲେ।

### ଟ୍ରିପଲ ଜମ୍ପରେ ପ୍ରବୀଣଙ୍କୁ କାଂସ୍ୟ

ପୁରୁଷ ଟ୍ରିପଲ ଜମ୍ପରେ ଭାରତର ପ୍ରବୀଣ ଚିତ୍ରବେଲ କାଂସ୍ୟ ପଦକ ଜିତିଛନ୍ତି। ସେ ପ୍ରଥମ ପ୍ରୟାସରେ ୧୬.୬୮ ମିଟର ଡେଇଁ ତୃତୀୟ ସ୍ଥାନରେ ରହିଥିଲେ। ଚୀନର ୟାମିଙ୍ଗ ଓ ଆ ଓକିଙ୍ଗ୍ ୧୭.୧୩ ଓ ୧୬.୯୩ ମିଟର ଡେଇଁ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ।

### ପୁରୁଷ ଡେକାଥଲନରେ ୪୭ ବର୍ଷ ପରେ ପଦକ

ପୁରୁଷ ଡେକାଥଲନ୍‌ରେ ଭାରତର ତେଜସ୍ୱୀନ ଶଙ୍କର ରୌପ୍ୟ ପଦକ ହାସଲ କରି ଦେଶ ପାଇଁ ୪୭ ବର୍ଷପରେ ପ୍ରଥମ ପଦକ ଜିତିଛନ୍ତି। ଶଙ୍କର ୭୬୬୬ ପଏଣ୍ଟ ସହ ଜାତୀୟ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି। ଏହି ଇଭେଣ୍ଟରେ ୧୯୭୪ରେ ବିଜୟ ସିଂ ଚୌହାନ ପଦକ ହାସଲ କରିଥିଲେ।

### ପୁରୁଷ ବକ୍ସିଂରେ ପ୍ରଥମ ପଦକ ଜିତିଲେ ନରେନ୍ଦର

ପୁରୁଷ ବକ୍ସିଂ ଇଭେଣ୍ଟରେ ନରେନ୍ଦ୍ର ବେରେୱାଲ କାଂସ୍ୟ ପଦକ ଜିତିବା ସହ ଭାରତ ପାଇଁ ପ୍ରଥମ ପଦକ ହାସଲ କରିଛନ୍ତି। +୯୨ କେଜି ବର୍ଗରେ ସେମିଫାଇନାଲରେ ସେ ୦-୫ରେ ଟୋକିଓ ଅଲିମ୍ପିକ୍ସ ପଦକ ବିଜେତା କାମ୍‌ସିବେକ୍ କୁନ୍‌କାବାୟେଭଙ୍କଠାରୁ ପରାସ୍ତ ହୋଇ କାଂସ୍ୟରେ ସନ୍ତୁଷ୍ଟ ହୋଇଛନ୍ତି।

---

**ଯୁବ ଖେଳାଳି ଜୟସ୍ୱାଲଙ୍କ ଶତକ, ବିଷ୍ଣୋଇଙ୍କୁ ୩ ୱିକେଟ**

# ପୁରୁଷ କ୍ରିକେଟ ସେମିରେ ଭାରତ

ହାଙ୍ଗଝୋଉ, ୩।୧୦(ଏଜେନ୍ସି): ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲଙ୍କ ଦ୍ରୁତ ଶତକ ଓ ରବି ବିଷ୍ଣୋଇଙ୍କ ଚତୁର ବୋଲିଂ ବଳରେ ଭାରତ ଏସୀୟ କ୍ରୀଡ଼ା ପୁରୁଷ କ୍ରିକେଟ ସେମିଫାଇନାଲରେ ପ୍ରବେଶ କରିଛି। ବାଂଲାଦେଶ ଓ ମାଲେସିଆ ମଧ୍ୟରେ ଖେଳାଯିବାକୁ ଥିବା ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ବିଜେତା ସହ ଭାରତ ଶୁକ୍ରବାର ପ୍ରଥମ ସେମିଫାଇନାଲରେ ମୁକାବିଲା କରିବ। ଏହି ଦିନ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ପାକିସ୍ତାନ ସହ ଶ୍ରୀଲଙ୍କା କିମ୍ବା ଆଫଗାନିସ୍ତାନର ମୁକାବିଲା ହେବ। ଏଠାରେ ଉଭୟ ଭାରତ ଓ ପାକିସ୍ତାନ ପୁରୁଷ କ୍ରିକେଟ ଦଳ ପ୍ରଥମଥର ଏସୀୟ କ୍ରୀଡ଼ାରେ ଖେଳିଛନ୍ତି। ପ୍ରଥମେ ଭାରତ ୨୩ ରନ୍‌ରେ ନେପାଳକୁ ଓ ପରେ ପାକିସ୍ତାନ ୬୮ ରନ୍‌ରେ ହଂକଂକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।



### ଟି-୨୦ରେ ସର୍ବକନିଷ୍ଠ ଶତକଧାରୀ

ନେପାଳ ବିପକ୍ଷ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଯଶସ୍ୱୀ ଜୟସ୍ୱାଲ ମାତ୍ର ୪୮ ବଲ୍‌ରେ ୧୦୦ ରନ୍ କରି ଟି-୨୦ କ୍ରିକେଟରେ ଭାରତର ସର୍ବକନିଷ୍ଠ ଶତକ ହାସଲକାରୀ ଭାବେ ବିବେଚିତ ହୋଇଛନ୍ତି। ଜୟସ୍ୱାଲ ୪୯ ବଲ୍‌ରେ ୮ ଚୌକା ଓ ୭ ଛକା ସହ ଠିକ୍ ୧୦୦ ରନ୍ କରି ଆଉଟ ହୋଇଥିଲେ। ଏହି ମ୍ୟାଚ୍‌ରେ ରନ୍ କରିବାକୁ ଭାରତୀୟ ବ୍ୟାଟର ସଂଘର୍ଷ କରୁଥିଲାବେଳେ ଋତୁରାଜ ଗାଏକ୍ୱାଡ ଓ ଶିବମ ଦୁବେ ୨୫ ରନ୍ ଲେଖାଏଁ କରିଥିଲେ। କିନ୍ତୁ ଶେଷ ଭାଗରେ ରିଙ୍କୁ ସିଂ ଫିନିସର ଭୂମିକା ନେଇ ୧୫ ବଲ୍‌ରେ ୨ ଚୌକା ଓ ୪ ଛକା ସହ ଅପରାଜିତ ୩୭ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪ ୱିକେଟ ବିନିମୟରେ ୨୦୨ ରନ୍ କରିଥିଲା। ଜବାବରେ ୨୦୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନେପାଳର ବ୍ୟାଟରମାନେ ସାହସିକ ବ୍ୟାଟିଂ ପ୍ରଦର୍ଶନ କରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଭାରତର ସମସ୍ତ ବୋଲରଙ୍କୁ ନେପାଳ ବ୍ୟାଟର ବାଉଣ୍ଡାରୀ ମାରିବାରେ ସମର୍ଥ ହୋଇଥିଲେ। ଏପରିକି ଶିବମ ଦୁବେଙ୍କ ଗୋଟିଏ ଓଭରରେ ଦୀପେନ୍ଦ୍ର ସିଂ ଆଇରୀ ୩ଟି ଛକା ମାରି ଭାରତୀୟ ଶିବିରରେ ଭୟ ସଞ୍ଚାର କରିଥିଲେ। ସେ ୧୫ ବଲ୍‌ରେ ୪ଛକା ସହ ସେ ୩୨ ରନ୍ କରିଥିଲାବେଳେ ରବି ବିଷ୍ଣୋଇ ତାଙ୍କୁ ଆଉଟ କରି ଦଳକୁ ଆଶ୍ୱସ୍ତ କରିଥିଲେ। ଏହାପରେ ସନ୍ଦୀପ ଜୋରା ଆକ୍ରମଣାତ୍ମକ ଖେଳିଥିଲେ। କିନ୍ତୁ ଅଭିଜ୍ଞତା ଅଭାବରୁ କେହି ଜଣେ ବଡ଼ ସ୍କୋର କରିପାରି ନଥିଲେ କିମ୍ବା ପାର୍ଟନରସିପ୍ ହୋଇନଥିଲା। ଦଳ ୯ ୱିକେଟରେ ୧୭୯ ରନ୍ କରିଥିଲା। ଭାରତ ପକ୍ଷରୁ ବିଷ୍ଣୋଇ ଓ ଖାନ୍ ୩ଟି ଲେଖାଏଁ ୱିକେଟ ନେଇଥିଲେ। ଅର୍ଶଦୀପ ସିଂ ୨ଟି ଓ ଏହି ମ୍ୟାଚ୍‌ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ସାଇ କିଶୋର ଗୋଟିଏ ୱିକେଟ ନେଇଥିଲେ।

### ପାକିସ୍ତାନ ମଧ୍ୟ ନାକେଦମ

ହଂକଂ ବିପକ୍ଷ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ପାକିସ୍ତାନ ନାକେଦମ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୧୩ ଓଭରରେ ୭୩ ରନ୍‌ରେ ୬ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ନଂ-୯ ବ୍ୟାଟର ଅମୀର ଜମାଲ ୧୬ ବଲ୍‌ରେ ୪୧, ଆରାଫତ ମିନାସ ୧୬ ବଲ୍‌ରେ ୨୫ ଓ ଆସିଫ ଅଲୀ ୨୧ ବଲ୍‌ରେ ୨୫ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତା ୧୬୦ ରନ୍ କରିଥିଲା। ହଂକଂର ଭାରତୀୟ ବଂଶୋଦ୍ଭବ ପେସ ବୋଲର ଆୟୁଷ ଶୁକ୍ଲା ୪ଟି, ମହମ୍ମଦ୍ ଘଜନଫର ୩ଟି ୱିକେଟ ନେଇଥିଲେ। ଜବାବରେ ପାକିସ୍ତାନ ବୋଲିଂର ଉଚିତ ମୁକାବିଲା କରି ନପାରି ହଂକଂ ମାତ୍ର ୯୨ ରନ୍‌ରେ ଅଲଆଉଟ ହୋଇଯାଇଥିଲା।

---

**ମହିଳା ହକି**

# ଭାରତ-ଚୀନ ସେମି ଲଢ଼େଇ

ହାଙ୍ଗଝୋଉ, ୩।୧୦ (ଏଜେନ୍ସି): ପୁରୁଷଙ୍କ ଭଳି ଭାରତୀୟ ମହିଳା ହକି ଦଳ ଚଳିତ ଏସୀୟ କ୍ରୀଡ଼ାରେ ଅପରାଜେୟ ରହି ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ମହିଳା ହକି ପୁଲ-ଏ'ର ଏକ ମ୍ୟାଚରେ ଭାରତୀୟ ଦଳ ୧୩-୦ ଗୋଲରେ ହଂକଂକୁ ପରାସ୍ତ କରିଥିଲା। ଏହି ବିଜୟ ସହ ଭାରତ ୪ ମ୍ୟାଚରୁ ୩ ବିଜୟ ଓ ୧ ଡ୍ର' ସହ ୧୦ ପଏଣ୍ଟ ପାଇ ଟେବଲ୍‌ର ସର୍ବାଗ୍ରେ ରହି ସେମିଫାଇନାଲ ଟିକଟ୍ ହାସଲ କରିଛି। ଗୁରୁବାର ସେମିଫାଇନାଲରେ ଭାରତର ମୁକାବିଲା ଚୀନ ସହ ହେବ। ପୁଲ୍-ବି'ରେ ସ୍ଥାନ ପାଇଥିବା ଚୀନ ୬ ପଏଣ୍ଟ ସହ ୨ୟ ସ୍ଥାନରେ ରହି ସେମିଫାଇନାଲରେ ପହଞ୍ଚିଛି।



ସବିତା ପୁନିଆଙ୍କ ନେତୃତ୍ୱାଧିନ ଭାରତୀୟ ଦଳ ଏହାର ଅନ୍ତିମ ତଥା ୪ର୍ଥ ପୁଲ୍ ମ୍ୟାଚରେ ମଙ୍ଗଳବାର ହଂକଂ ସହ ଖେଳିଥିଲା। ବନ୍ଦନା କାଟାରିୟା ଓ ଦୀପିକାଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ ଭାରତ ୧୩-୦ ଗୋଲରେ ଏକପାଖିଆ ବଡ଼ ବିଜୟ ହାସଲ କରିଥିଲା। ସେହିଭଳି ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଅଂଶଗ୍ରହଣ କରୁଥିବା ଦୀପଗ୍ରେସ ଏକ୍କା ଦୁଇଟି ଗୋଲ୍ ଦେଇଥିଲେ। ମ୍ୟାଚର ୧୧ତମ ଓ ୪୨ତମ ମିନିଟ୍‌ରେ ଦୀପଗ୍ରେସ୍‌ଙ୍କ ଷ୍ଟିକରୁ ଏହି ଦୁଇଟି ଗୋଲ୍ ବାହାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତା କୁମାରୀ ୨ଟି ଏବଂ ନବନୀତ୍ କୌର, ବୈଷ୍ଣବୀ ଫାଲକେ ଓ ମୋନିକା ଗୋଟିଏ ଲେଖାଏ ଗୋଲ୍‌ସ୍କୋର କରିଥିଲେ।

**ଚାରିଥରର ଚାମ୍ପିଅନ କୋରିଆକୁ ଆଜି ଭେଟିବ ଭାରତ:** ଅପରପକ୍ଷରେ ପୁରୁଷ ହକିର ଦୁଇଟିଯାକ ସେମିଫାଇନାଲ ବୁଧବାର ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ଲିଗ୍ ପର୍ଯ୍ୟାୟର ଅପରାଜେୟ ଦଳ ଭାରତ ୪ଥରର ଏସୀୟ କ୍ରୀଡ଼ା ଚାମ୍ପିଅନ କୋରିଆକୁ ଭେଟିବ। ସେହିଭଳି ଚୀନ ଓ ଜାପାନ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ।

ହର୍‌ମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧିନ ଭାରତ ପୁଲ୍ ପର୍ଯ୍ୟାୟରେ ୫ ମ୍ୟାଚରୁ ୫ ବିଜୟ ସହ ୧୫ ପଏଣ୍ଟ ପାଇ ସବୁଠୁ ଶ୍ରେଷ୍ଠ ଦଳ ରହିଥିଲା। ଏହି ୫ଟି ମ୍ୟାଚରେ ଭାରତ ୫୮ଟି ଗୋଲ୍ ଦେଇଥିବାବେଳେ ମାତ୍ର ୫ଟି ବରଣ କରିଥିଲା। କିନ୍ତୁ କୋରିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ଭାରତ ପାଇଁ ପ୍ରତିଯୋଗିତାରେ ସବୁଠାରୁ କଠିନ ମ୍ୟାଚ୍ ହେବ। କୋରିଆ ପୁଲ୍ ପର୍ଯ୍ୟାୟରେ ୪ ବିଜୟ ଓ ଗୋଟିଏ ପରାଜୟ ସହ ସେମିଫାଇନାଲରେ ସ୍ଥାନ ହାସଲ କରିଛି। ତେଣୁ ଏହି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

## ୩୪୦୦ କିଲୋମିଟର ଯାତ୍ରା ବେକାର

# ବିନା ଅଭ୍ୟାସରେ ବିଶ୍ୱକପ୍ ଖେଳିବ ଭାରତ

ଥିରୁଅନନ୍ତପୁରମ, ୩ା୧୦(ଏଜେନ୍ସି): ପ୍ରବଳରୁ ଅତିପ୍ରବଳ କ୍ରମାଗତ ବର୍ଷା ହେବା ଫଳରେ ଏଠାରେ ଭାରତ ଓ ନେଦରଲାଣ୍ଡସ ମଧ୍ୟରେ ମଙ୍ଗଳବାର ଖେଳାଯିବାକୁ ଥିବା ବିଶ୍ୱକପ୍ ଅଭ୍ୟାସ ମ୍ୟାଚ୍ ବାତିଲ ହୋଇଛି। ଏହା ପୂର୍ବରୁ ଗୁଆହାଟୀରେ ଇଂଲଣ୍ଡ ସହ ଖେଳାଯିବାକୁ ଥିବା ମ୍ୟାଚ୍ ମଧ୍ୟ ସମାନ କାରଣରୁ ବାତିଲ ହୋଇଥିଲା। ଗୁଆହାଟୀରୁ ୩୪୦୦ କିଲୋମିଟର ଯାତ୍ରା କରି ଭାରତୀୟ ଦଳ ଅଭ୍ୟାସ ମ୍ୟାଚ୍ ଖେଳିବାକୁ ଥିରୁଅନନ୍ତପୁରମ ଆସିଥିଲାବେଳେ ଏହା ବେକାର ହୋଇଯାଇଛି। ଏହା ଫଳରେ ଭାରତ ବିନା ଅଭ୍ୟାସରେ ଚଳିତ ବିଶ୍ୱକପ୍ ମ୍ୟାଚ୍ ଖେଳିବ। ଏବେ ଭାରତ ତାହାର ପ୍ରଥମ ମ୍ୟାଚ୍ ଖେଳିବାକୁ ଚେନ୍ନାଇ ଯାତ୍ରା କରିବ। ଅକ୍ଟୋବର ୮ ତାରିଖରେ ଅଷ୍ଟ୍ରେଲିଆ ସହ ଭାରତ ତାହାର ପ୍ରଥମ ବିଶ୍ୱକପ୍ ମ୍ୟାଚ୍ ଖେଳିବ। ଅନ୍ୟପକ୍ଷରେ ପାକିସ୍ତାନ ସହ ପ୍ରଥମ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ନେଦରଲାଣ୍ଡସ ହାଇଦରାବାଦ ଯିବ। ଅକ୍ଟୋବର ୬ରେ ଏହି ମ୍ୟାଚ୍ ଖେଳାଯିବ। ଅକ୍ଟୋବର ୫ ତାରିଖ ବା ଗୁରୁବାର ବିଶ୍ୱକପ୍ ଅହମ୍ମଦାବାଦ୍‌ରେ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିଅନ୍ ଇଂଲଣ୍ଡ ଓ ରନର୍ସ ଅପ୍ ନ୍ୟୁଜିଲାଣ୍ଡ ମଧ୍ୟରେ ଏହିଦିନ ଉଦ୍‌ଘାଟନୀ ମୁକାବିଲା ହେବ। ଏହା ପୂର୍ବରୁ ଅର୍ଥାତ ବୁଧବାର ଅହମ୍ମଦାବାଦ୍‌ରେ ସବୁ ଦଳର ଅଧିନାୟକ ମିଳିତ ହୋଇ ଫଟୋ ସୁଟ୍‌ଆଉଟରେ ଭାଗନେବେ। ଗୁରୁବାର କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିବା ପରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବିଶ୍ୱକପ୍‌ର ପ୍ରଥମ ମୁକାବିଲା ହେବ।



ଚେନ୍ନାଇ ଅଭିମୁଖେ ଭାରତୀୟ ଖେଳାଳି

### ବରିଷ୍ଠ ଖେଳାଳି ନିରାଶ

ଦୁଇଟିଯାକ ଅଭ୍ୟାସ ମ୍ୟାଚ୍ ବାତିଲ ହେବା ଫଳରେ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ ସିରିଜ୍‌ର ସମସ୍ତ କିମ୍ବା ଆଦୌ ଖେଳିପାରି ନଥିବା ବରିଷ୍ଠ ଖେଳାଳିମାନେ ନିରାଶ ହୋଇଛନ୍ତି। ଅଷ୍ଟ୍ରେଲିଆ ସହ ତୃତୀୟ ମ୍ୟାଚ୍ ଲାଗି ୬ଜଣ ଖେଳାଳି ପରିବର୍ତ୍ତନ କରାଯାଇଥିଲେ ମଧ୍ୟ ଦଳ ପରାଜୟ ବରଣ କରିଥିଲା। ଏଥିରେ ଖେଳାଳିମାନେ ଭଲ ଅଭ୍ୟାସ କରି ନଥିବାରୁ ଏହି ପରାଜୟ ବରଣ କଲେ ବୋଲି କୁହାଯାଇଥିଲା। ଇଂଲଣ୍ଡ ବିପକ୍ଷରେ ମ୍ୟାଚ୍ ବାତିଲ ହେବାରୁ ଏହି ଖେଳାଳିମାନେ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ନିକଟରେ ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି। ଏମାନଙ୍କ ବିପକ୍ଷରେ ଖେଳିଥିଲେ ଭାରତୀୟ ଖେଳାଳିଙ୍କ ଆତ୍ମବିଶ୍ୱାସ ବଢ଼ିଥାନ୍ତା। କିନ୍ତୁ ତାହା ସମ୍ଭବ ହୋଇ ନଥିଲା।

ପାଣିପାଗ ବିଭାଗ ଯାହା ପୂର୍ବାନୁମାନ କରିଥିଲା ତାହା ସତ୍ୟରେ ପରିଣତ ହୋଇଛି। କେରଳର ରାଜଧାନୀରେ ୧୬ ଘଣ୍ଟା ଧରି ଅନବରତ ବର୍ଷା ଲାଗି ରହିବା ଫଳରେ ଦୁଇ ଅମ୍ପାୟାର ଅପରାହ୍ଣ ୪ଟାରେ ଏହି ମ୍ୟାଚ୍‌କୁ ବାତିଲ ଘୋଷଣା କରିଥିଲେ। ବର୍ଷା ଯୋଗୁ ଉଭୟ ଦଳ ଅଭ୍ୟାସ ମଧ୍ୟ କରିପାରି ନଥିଲେ। ଏପରିକି ଖେଳାଳିମାନେ ଷ୍ଟାଡିୟମକୁ ଆସି ନଥିଲେ। ସୋମବାର ବର୍ଷା ହୋଇ ନଥିବାରୁ ଭାରତୀୟ ଖେଳାଳିମାନେ କିଛି ସମୟ ଅଭ୍ୟାସ କରିବାରେ ସମର୍ଥ ହୋଇଥିଲେ। ଅଧିନାୟକ ରୋହିତ ଶର୍ମା, ମୁମ୍ବଇରୁ ଫେରି ନଥିବା ବିରାଟ କୋହଲି, ଫାଷ୍ଟ ବୋଲର ମହମ୍ମଦ ସାମି ଓ ଶ୍ରେୟସ ଆୟର ଏହି ଅଭ୍ୟାସରେ ଅଂଶଗ୍ରହଣ କରି ନଥିଲେ।

### ଟିକଟ ଫେରସ୍ତ କରାଯିବ

ଏହି ମ୍ୟାଚ୍ ଲାଗି କେରଳ କ୍ରିକେଟ ସଂଘ ଟିକଟ ବିକ୍ରୟ କରାଯାଇଥିଲା। କିନ୍ତୁ ଗୋଟିଏ ବଲ ବୋଲିଂ ହେବା ପୂର୍ବରୁ ମ୍ୟାଚ୍ ବାତିଲ ହୋଇଥିବାରୁ ସମସ୍ତଙ୍କୁ ଟିକଟ ଅର୍ଥ ଫେରସ୍ତ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅନ୍‌ଲାଇନ୍‌ରେ ଟିକଟ କରିଥିବା ଦର୍ଶକମାନେ ୭ରୁ ୧୦ ଦିନ ମଧ୍ୟରେ ସେମାନଙ୍କ ଅର୍ଥ ଫେରସ୍ତ ପାଇବେ। ସେହିପରି ଅଫ୍ ଲାଇନ୍ ଟିକଟ ଦେଖାଇ ଟିକଟଧାରୀମାନେ ଷ୍ଟାଡିୟମ୍‌ରେ ଥିବା କାଉଣ୍ଟରରୁ ଅର୍ଥ ଫେରିପାଇବେ।

## ଏଥର ଆୟୋଜନ ହେବନି ଉଦ୍‌ଘାଟନୀ ଉତ୍ସବ


ବିଶ୍ୱକପ୍ ଆଉ ଦିନକ ପରେ

ନୂଆଦିଲ୍ଲୀ,୩ା୧୦(ଏଜେନ୍ସି): ଆଉ ଗୋଟିଏ ଦିନପରେ ଆରମ୍ଭ ହେବାକୁ ଯାଉଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଏଥର ଆୟୋଜନ ହେବନି। ଏନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଏ ନେଇ ସ୍ପଷ୍ଟ କରାଯାଇଛି। ତେବେ ବୁଧବାର ଅର୍ଥାତ ୪ ତାରିଖରେ 'କ୍ୟାପ୍‌ଟେନ୍ସ ଡେ' ଉତ୍ସବ ବା ପରେଡ ଆୟୋଜନ ହେବ ବୋଲି କୁହାଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଏହା ଆୟୋଜନ ହେବ। ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏହି ଉତ୍ସବର ଆୟୋଜନ ହେବ।

ପୂର୍ବରୁ ଉଦ୍‌ଘାଟନୀ ଉତ୍ସବରେ କୌଣସି ଯୋଜନା ନ ଥିଲା ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି। ତେଣୁ ଉଦ୍‌ଘାଟନୀ ଉତ୍ସବ ବାତିଲ କରାଯିବା ଖବରକୁ ବୋର୍ଡ ତରଫରୁ ଖଣ୍ଡନ କରାଯାଇଛି। ପୂର୍ବର ରିପୋର୍ଟ ଅନୁଯାୟୀ ଉଦ୍‌ଘାଟନୀ ଉତ୍ସବରେ ୪ ତାରିଖରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ଏହାପର ଦିନ ଅର୍ଥାତ ୫ରେ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବାର ଥିଲା। ଉଦ୍‌ଘାଟନୀ ଉତ୍ସବରେ ବଲିଉଡ ତାରକା ରଣବୀର ସିଂ, ଗାୟକ ଅରଜିତ ସିଂ, ଅଭିନେତ୍ରୀ ତମନ୍ନା ଭାଟିଆ, ଗାୟିକା ଶ୍ରେୟା ଘୋଷାଲ ଓ କିମ୍ବଦନ୍ତୀ ଗାୟିକା ଆଶା ଭୋସ୍‌ଲେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିବାର କାର୍ଯ୍ୟକ୍ରମ ଥିଲା। ତେବେ ବୁଧବାର ହେବାକୁ ଥିବା 'କ୍ୟାପ୍‌ଟେନ୍ସ ଡେ'ରେ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଥିବା ସବୁ ଦଳର ଅଧିନାୟକମାନେ ଯୋଗ ଦେବେ। ସବୁ ଅଧିନାୟକ ନିଜ ନିଜର ଜର୍ସି ପିନ୍ଧି ଏଥିରେ ଯୋଗ ଦେବେ। ଏହାପରେ ସବୁ ଅଧିନାୟକ ନିଜର ପ୍ରଥମ ମ୍ୟାଚ୍ ଖେଳିବାକୁ ଭାରତର ବିଭିନ୍ନ ସହରକୁ ଯାତ୍ରା କରିବେ।



## ଅଷ୍ଟ୍ରେଲିଆଠାରୁ ହାରିଲା ପାକିସ୍ତାନ

ହାଇଦରାବାଦ, ୩ା୧୦(ଏଜେନ୍ସି): ଏଠାରେ ଅନୁଷ୍ଠିତ ଅନ୍ୟଏକ ଅଭ୍ୟାସ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୪ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ଉଭୟ ଦଳ ଭଲ ଅଭ୍ୟାସର ସହ ବିଶ୍ୱକପ ଖେଳିବାକୁ ପ୍ରସ୍ତୁତ ହୋଇଛନ୍ତି। ଏହି ହାଇସ୍କୋରିଂ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୭ ୱିକେଟରେ ୩୫୧ ରନ୍ କରିଥିଲା। ଦଳ ପକ୍ଷରୁ ଗ୍ଲେନ୍ ମ୍ୟାକ୍ସୱେଲ ୭୭, କାମେରନ ଗ୍ରୀନ୍ ୫୦, ଜୋଶ ଇଂଲିଶ ଓ ଡେଭିଡ ୱାର୍ଣ୍ଣର ୪୮ ରନ୍ ଲେଖାଏଁ କରିଥିଲେ। ଦଳର ସମସ୍ତ ବ୍ୟାଟର ଭଲ ଆରମ୍ଭ ପାଇଥିଲେ। ପ୍ରତିପକ୍ଷ ଦଳର ବୋଲରଙ୍କ ମଧ୍ୟରୁ ଉସମାନ ମିର ୨ଟି ୱିକେଟ ପାଇଥିଲେ। ଜବାବରେ ପାକିସ୍ତାନ ୪୭.୪ ଓଭରରେ ୩୩୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ବାବର ଆଜମ ସର୍ବାଧିକ ୯୦ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଫତିକାର ଅହମ୍ମଦ ୮୩ ଓ ମହମ୍ମଦ ନୱାଜ ୫୦ ରନ୍ କରି ଭଲ ଅଭ୍ୟାସ କରିବାରେ ସମର୍ଥ ହୋଇଥିଲେ। ଅଷ୍ଟ୍ରେଲିଆର କାମଚଳା ଲେଗ୍‌ସ୍ପିନର ମାର୍ନସ ଲାବୁସେନ ସର୍ବାଧିକ ୩ଟି, ଅଧିନାୟକ ପ୍ୟାଟ କମିନ୍ସ ଓ ଅଲରାଉଣ୍ଡର ମିଚେଲ ମାର୍ଶଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।

## ଶ୍ରୀଲଙ୍କାକୁ ହରାଇଲା ଆଫଗାନିସ୍ତାନ

ଗୁଆହାଟୀ, ୩ା୧୦(ଏଜେନ୍ସି): ଏଠାରେ ଅନୁଷ୍ଠିତ ଅନ୍ୟ ଏକ ଅଭ୍ୟାସ ମ୍ୟାଚ୍‌ରେ ଆଫଗାନିସ୍ତାନ ୬ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୪୬.୨ ଓଭରରେ ୨୯୪ ରନ୍ କରିଥିଲା। କିନ୍ତୁ ଏହା ପରେ ବର୍ଷା ହେବାରୁ ୪୨ ଓଭରରେ ୨୫୭ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଆଫଗାନିସ୍ତାନ ୩୮.୧ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ରହମନୁଲ୍ଲା ଗୁରବାଜ ୧୧୯ ଓ ରହମତ ଶାହ ୯୩ ରନ୍ କରିବା ପରେ ରିଟାୟର୍ଡ ଆଉଟ ହୋଇଥିଲେ। ଶ୍ରୀଲଙ୍କା ପାଳିରେ କାମଚଳା ଅଧିନାୟକ କୁଶାଲ ମେଣ୍ଡିସ୍ ସର୍ବାଧିକ ୧୫୮, ସଦୀରା ସମରବିକ୍ରମ ୩୮ ଓ ପାଥୁମ ନିଶାଙ୍କା ୩୦ ରନ୍ କରିଥିଲେ। ଆଫଗାନିସ୍ତାନର ମହମ୍ମଦ ନବିଙ୍କୁ ସର୍ବାଧିକ ୪ଟି ୱିକେଟ ମିଳିଥିଲା। ସ୍ପିନରମାନଙ୍କ ଚମତ୍କାର ପ୍ରଦର୍ଶନ ସତ୍ତ୍ୱେ ମେଣ୍ଡିସ୍‌ଙ୍କୁ କେହି ଅଟକାଇବାରେ ସମର୍ଥ ହୋଇପାରି ନଥିଲେ।

## ନୂଆ ଲୁକ୍‌ରେ ଏମ୍‌ଏସ୍ ଧୋନି



ନୂଆଦିଲ୍ଲୀ, ୩ା୧୦ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ସବୁଠାରୁ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନି ନୂଆ ଲୁକ୍‌ରେ ସାମ୍ନାକୁ ଆସିଛନ୍ତି। ନିଜର ସ୍ୱତନ୍ତ୍ର ହେୟାର ଷ୍ଟାଇଲ୍ ଲାଗି ସର୍ବଦା ଚର୍ଚ୍ଚାରେ ରହିଥିବା ଧୋନିଙ୍କୁ ପୁଣିଥରେ ଲମ୍ବା କେଶରେ ଦେଖିବାକୁ ମିଳିଛି। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଧୋନିଙ୍କ ଏହି ନୂଆ ଲୁକ୍‌ର ଫଟୋ ଭାଇରାଲ ହେବାରେ ଲାଗିଛି। ଧୋନିଙ୍କ ଏହି ଲୁକ୍ ବଲିଉଡ୍‌ର ଅନେକ ନାମୀ ନାୟକଙ୍କୁ ପଛରେ ପକାଇଦେବ ବୋଲି ପ୍ରଶଂସକ ମତ ଦେଇଛନ୍ତି। ଜଣାଶୁଣା ହେୟାର ଷ୍ଟାଇଲିଷ୍ଟ ଆଲିମ ହକିମ ଧୋନିଙ୍କ ଏହି ନୂଆ ଡିଜାଇନ କରିଛନ୍ତି।

● ଅଷ୍ଟ୍ରେଲିଆ ପାରା ବ୍ୟାଡ୍‌ମିଣ୍ଟନ

## ଯୁଗଳ ସେମିରେ ଦୀପରଞ୍ଜନ

ଭୁବନେଶ୍ୱର, ୩ା୧୦ (ସମିସ): ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଆ ପ୍ରତିଯୋଗୀ ଦୀପରଞ୍ଜନ ବିଶୋଇ ପୁରୁଷ ଯୁଗଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମନୋଜ ସରକାରଙ୍କୁ ସାଥୀ କରି ଖେଳୁଥିବା ଦୀପରଞ୍ଜନ ଦିବସର ପ୍ରଥମ ମ୍ୟାଚରେ ୨୧-୬, ୨୧-୭ ସିଧାସଳଖ ଗେମ୍‌ରେ ପପୁଆ ନ୍ୟୁ ଗିନିର ବଙ୍ଗେ ଜେରୋମେ ଓ ମଇଆକା ଲାହୋ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହାପରେ ୨ୟ ମ୍ୟାଚରେ ନ୍ୟୁଜିଲାଣ୍ଡର ଲାଚଲାନ ବୋଉଲଟନ ଓ ଓଲିଭର କିରନ ଯୋଡ଼ିଙ୍କୁ ୭-୨୧, ୯-୨୧ ଗେମ୍‌ରେ ହରାଇ ଦୀପ୍-ମନୋଜ ଯୋଡ଼ି ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲେ। ସେହିଭଳି ପୁରୁଷ ଏକକ ବିଭାଗରେ ଦୀପରଞ୍ଜନ ୩ଟି ମ୍ୟାଚରୁ ୨ ବିଜୟ ଲାଭ କରି କ୍ୱାର୍ଟରଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। କ୍ୱାର୍ଟରରେ ସେ ନିଜ ଦେଶର ନବୀନ ଶିବକୁମାରଙ୍କୁ ଭେଟିବେ। ଦିଲେଶ୍ୱର ରାଓ ୩ୟ ଏକକ ମ୍ୟାଚରେ ୨୧-୧୧, ୨୧-୪ରେ ପପୁଆ ନ୍ୟୁ ଗିନିର ଟେନ ଡାନୀଙ୍କୁ ପରାସ୍ତ କରି ଅନ୍ତିମ-୮ ରାଉଣ୍ଡରେ ପହଞ୍ଚିଛନ୍ତି। ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଶୁଭ୍ରଜିତ ମହାରଣା ଉଭୟ ଏକକ ଓ ଯୁଗଳ ମ୍ୟାଚରେ ପରାଜୟବରଣ କରି ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି।

## ଗାନ୍ଧୀ-ଜିନ୍ନା ଟ୍ରଫି ପାଇଁ ପାକିସ୍ତାନର ପ୍ରସ୍ତାବ

ନୂଆଦିଲ୍ଲୀ, ୩ା୧୦ (ଏଜେନ୍ସି): ରାଜନୈତିକ ଅସ୍ଥିରତା ଲାଗି ଭାରତ ଓ ପାକିସ୍ତାନ ମଧ୍ୟରେ ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ଦ୍ୱିପାକ୍ଷିକ କ୍ରିକେଟ୍ ସିରିଜ ଆୟୋଜିତ ହୋଇପାରି ନାହିଁ। ଦୁଇ ଦେଶ ମଧ୍ୟରେ ଶେଷ ଦ୍ୱିପାକ୍ଷିକ ସିରିଜ ୨୦୧୨-୧୩ରେ ଆୟୋଜିତ ହୋଇଥିଲା। ଗତ ୧୦ ବର୍ଷ ହେବ ଉଭୟ ଭାରତ ଓ ପାକିସ୍ତାନ କେବଳ ଆଇସିସି ଓ ଅନ୍ୟ ବଡ଼ ଟୁର୍ଣ୍ଣାମେଣ୍ଟ ଗୁଡ଼ିକରେ ପରସ୍ପର ବିପକ୍ଷରେ ମ୍ୟାଚ୍ ଖେଳୁଛନ୍ତି। କିନ୍ତୁ ସଦ୍ୟତମ ରିପୋର୍ଟ ମୁତାବକ ଭାରତ ସହ ସମ୍ପର୍କରେ ସୁଧାର ଆଣିବା ଲାଗି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପ୍ରୟାସ ଆରମ୍ଭ କରିଛି। ପାକିସ୍ତାନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ 'ଗାନ୍ଧୀ-ଜିନ୍ନା ଟ୍ରଫି' ଆୟୋଜନ ଲାଗି ପିସିବି ଅଧ୍ୟକ୍ଷ ଜାକା ଅସ୍ରଫ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇକୁ ପ୍ରସ୍ତାବ ଦେଇଛି।

ଏକ ଗଣମାଧ୍ୟମ ପ୍ରୋଗ୍ରାମ 'ବାଉନ୍ସର'ରେ ସାକ୍ଷାତକାର ଅବସରରେ ଅସ୍ରଫ୍ କହିଛନ୍ତି, ' ଗାନ୍ଧୀ-ଜିନ୍ନା ଟ୍ରଫି ଆୟୋଜନ ପାଇଁ ମୁଁ ବିସିସିଆଇକୁ ପ୍ରସ୍ତାବ ଦେଇଛି। ଭାରତ-ପାକିସ୍ତାନ କ୍ରିକେଟ୍ ମ୍ୟାଚ୍ ବିଶ୍ୱର ସବୁଠାରୁ ରୋମାଞ୍ଚକ ମ୍ୟାଚ୍ ରହିଥାଏ।' ଉଲ୍ଲେଖଯୋଗ୍ୟ, ଭାରତ ଓ ପାକିସ୍ତାନ ଶେଷଥର ଲାଗି ନିକଟରେ ଶେଷ ହୋଇଥିବା ଏସିଆ କପ୍‌ରେ ସାମ୍ନାସାମ୍ନି ହୋଇଥିଲେ। ସେହିଭଳି ଆସନ୍ତା ୧୪ରେ ଦୁଇ ଦେଶ ମଧ୍ୟରେ ବିଶ୍ୱକପ୍‌ରେ ମଧ୍ୟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

## ସଚିନ୍ ଗ୍ଲୋବାଲ ଆମ୍ବାସଡର ନିଯୁକ୍ତ

ନୂଆଦିଲ୍ଲୀ,୩ା୧୦(ଏଜେନ୍ସି): ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଦିନିକିଆ ବିଶ୍ୱକପ୍ ଲାଗି କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କୁ ଗ୍ଲୋବାଲ ଆମ୍ବାସଡର ନିଯୁକ୍ତ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମଙ୍ଗଳବାର ସଚିନ୍‌ଙ୍କୁ ଏହି ଦାୟିତ୍ୱ ତଥା ସମ୍ମାନ ପ୍ରଦାନ କରିଛି। ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ସଚିନ ଟ୍ରଫି ନେଇ ପହଞ୍ଚିବା ପରେ ବିଶ୍ୱକପ୍ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍‌ରେ ଗତ ସଂସ୍କରଣର ଦୁଇ ଫାଇନାଲିଷ୍ଟ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ପୂର୍ବରୁ କିମ୍ବଦନ୍ତୀ କ୍ରିକେଟର ଭିଭିଆନ ରିଚାର୍ଡ୍ସ, ଏବି ଡିଭିଲର୍ସ, ଇଅନ ମୋର୍ଗାନ, ଆରୋନ ଫିଞ୍ଚ୍, ମୁଥିଆ ମୁରଲୀଧରନ, ରସ ଟେଲର, ସୁରେଶ ରାଇନା, ମିତାଲି ରାଜ ଓ ମହମ୍ମଦ ହାଫିଜଙ୍କୁ ବିଶ୍ୱକପ୍‌ର ବ୍ରାଣ୍ଡ ଆମ୍ବାସଡର ନିଯୁକ୍ତ କରାଯାଇଥିଲା। ସଚିନ କ୍ୟାରିୟରରେ ୬ଟି ବିଶ୍ୱକପ୍ ଖେଳିଛନ୍ତି। ସେ କ୍ୟାରିୟରର ଅନ୍ତିମ ବିଶ୍ୱକପ୍ ୨୦୧୧ରେ ଖେଳି ଦେଶ ପାଇଁ ଟାଇଟଲ ଜିତିଥିଲେ।

### ରାଜ୍ୟ ଉପ-କନିଷ୍ଠ ବାଳକ ହକି

## ମୟୂରଭଞ୍ଜ, କଳାହାଣ୍ଡି, ସେଲ୍ ବିଜୟୀ




ଭୁବନେଶ୍ୱର, ୩ା୧୦ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ଚାଲିଥିବା ୨ୟ ରାଜ୍ୟ ଉପ-କନିଷ୍ଠ ବାଳକ ହକି ପ୍ରତିଯୋଗିତାର ୨ୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହକି ଆସୋସିଏସନ ଅଫ୍ ଓଡ଼ିଶା (ଏଚ୍‌ଏଓ) ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ୨ୟ ଦିବସରେ କଳାହାଣ୍ଡି, ମୟୂରଭଞ୍ଜ, ଗଞ୍ଜାମ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି), ଖୋର୍ଦ୍ଧା ଏବଂ କିଟ୍ ଓ କିସ୍ ଦଳ ବିଜୟ ଲାଭ କରିଛି। ପ୍ରତିଯୋଗିତାର ୮ମ ମ୍ୟାଚରେ କଳାହାଣ୍ଡି ୨-୧ ଗୋଲରେ କୋରାପୁଟକୁ ପରାସ୍ତ କରିଥିଲା। ସେହିଭଳି ମୟୂରଭଞ୍ଜ ୪-୦ ଗୋଲରେ କନ୍ଧମାଳକୁ, କିଟ୍ ଓ କିସ୍ ୮-୦ ଗୋଲରେ ମାଲକାନଗିରିକୁ, ଗଞ୍ଜାମ ୭-୦ ଗୋଲରେ ବାଲେଶ୍ୱରକୁ, ସେଲ୍‌ଫ ୩-୧ ଗୋଲରେ ଅନୁଗୋଳକୁ, ଖୋର୍ଦ୍ଧା ୯-୦ ଗୋଲରେ ପୁରୀକୁ ପରାସ୍ତ କରିଛି। ଏହି ପ୍ରତିଯୋଗିତାରେ ୨୮ ଜିଲ୍ଲାରୁ ୫୬୦ ଖେଳାଳି ବିଭିନ୍ନ ଦଳରେ ଅଂଶଗ୍ରହଣ କରୁଛନ୍ତି।

## ନଗେଶ ଟ୍ରଫି: ଗ୍ରୁପ-ସି'ରେ ଓଡ଼ିଶା

କଟକ,୩ା୧୦(ସମିସ): ନଭେମ୍ବର ୨୫ରୁ ଆରମ୍ଭ ହେବ ଦୃଷ୍ଟିହୀନ ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନଗେଶ ଟ୍ରଫି। ଦି କ୍ରିକେଟ ଆସୋସିଏସନ ଫର ଦି ବ୍ଲାଇଣ୍ଡ ଇନ ଇଣ୍ଡିଆ(କାବି) ପକ୍ଷରୁ ମଙ୍ଗଳବାର ମ୍ୟାଚ୍ ସୂଚୀ ଘୋଷଣା କରାଯାଇଛି। ଟି-୨୦ ଫର୍ମାଟରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ଜାନୁୟାରୀ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମୋଟ ୨୮ଟି ଦଳକୁ ନେଇ ୭ଟି ଭେନ୍ୟୁରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ। ତେବେ ଗତ ସଂସ୍କରଣରେ ୩ୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିବା ଓଡ଼ିଶା ଗ୍ରୁପ-ସିରେ ସ୍ଥାନ ପାଇଛି। ଏହି ଗ୍ରୁପରେ ଝାଡଖଣ୍ଡ, କେରଳ, ଉତ୍ତରପ୍ରଦେଶ ଓ ବିହାର ରହିଛନ୍ତି। ଡିସେମ୍ବର ୧୮ରେ ଉତ୍ତରପ୍ରଦେଶ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

### ସୌରଭ କୁମାରଙ୍କୁ ୧୦ ୱିକେଟ

## ଅବଶିଷ୍ଟ ଭାରତ ଜିତିଲା ଇରାନୀ କପ୍

ରାଜକୋଟ, ୩ା୧୦(ଏଜେନ୍ସି): ବାମହାତୀ ସ୍ପିନର ସୌରଭ କୁମାରଙ୍କ ଯାଦୁକରୀ ବୋଲିଂ ବଳରେ ହନୁମା ବିହାରୀଙ୍କ ନେତୃତ୍ୱରେ ଗଠିତ ଅବଶିଷ୍ଟ ଭାରତ ଏକାଦଶ ଚଳିତବର୍ଷର ଇରାନୀ କପ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଅବଶିଷ୍ଟ ଭାରତ ୧୭୫ ରନ୍‌ରେ ରଣଜୀ ଚାମ୍ପିଅନ ତଥା ଆୟୋଜକ ସୌରାଷ୍ଟ୍ରକୁ ପରାସ୍ତ କରି ଏହି ଟାଇଟଲ ବିଜୟୀ ହୋଇଛି। ଉତ୍ତରପ୍ରଦେଶର ବାମହାତୀ ସ୍ପିନର ସୌରଭ କୁମାର ଏହି ମ୍ୟାଚ୍‌ରେ ମୋଟ ୧୦ଟି ୱିକେଟ ନେଇ ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅବଶିଷ୍ଟ ଭାରତ ୩୦୮ ରନ୍ କରିଥିଲା। ସାଇ ସୁଦର୍ଶନ ସର୍ବାଧିକ ୭୨ ରନ୍ କରିଥିଲାବେଳେ ଘରୋଇ ଦଳର ପାର୍ଥ ଭୂତ ୫ଟି ଓ ଧର୍ମେନ୍ଦ୍ର ସିଂ ଜାଡେଜା ୩ଟି ୱିକେଟ ପାଇଥିଲେ। ଜବାବରେ ସୌରାଷ୍ଟ୍ର ୨୧୪ ରନ୍ କରିଥିଲା। ପ୍ରଥମ ପାଳିରେ ୯୪ ରନ୍‌ରେ ଆଗୁଆ ରହିବା ପରେ ଅବଶିଷ୍ଟ ଭାରତ ଏକାଦଶ ଦ୍ୱିତୀୟ ପାଳିରେ ୧୬୦ ରନ୍ କରି ଅଲଆଉଟ ହୋଇଥିଲା। ମୟଙ୍କ ଅଗରୱାଲ ସର୍ବାଧିକ ୪୯ ଓ ସାଇ ସୁଦର୍ଶନ ୪୩ ରନ୍ କରିଥିଲେ। ସୌରାଷ୍ଟ୍ରର ଭୂତଙ୍କୁ ୭ଟି ଓ ଜାଡେଜାଙ୍କୁ ୩ଟି ୱିକେଟ ମିଳିଥିଲା।




ଏହା ଫଳରେ ସୌରାଷ୍ଟ୍ର ଆଗରେ ୨୫୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ପିଛା କରି ସୌରାଷ୍ଟ୍ର ୩୪.୩ ଓଭରରେ ମାତ୍ର ୭୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ପ୍ରଥମଶ୍ରେଣୀ କ୍ରିକେଟରେ ଏହା ସର୍ବନିମ୍ନ ସ୍କୋର। ଜାଡେଜା ଦଳ ପକ୍ଷରୁ ସର୍ବାଧିକ ୨୧ ରନ୍ କରିଥିଲେ। ଅବଶିଷ୍ଟ ଭାରତ ପକ୍ଷରୁ ସୌରଭ କୁମାର ୬ଟି ଓ ସାମ୍ସ ମୁଲାନୀ ୩ଟି ୱିକେଟ ପାଇଥିଲେ। ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ଅବଶିଷ୍ଟ ଭାରତର ସୌରଭଙ୍କୁ ୧୦ଟି ଓ ପାର୍ଥଙ୍କୁ ୧୧ଟି ୱିକେଟ ମିଳିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର